# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୯/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, December 19/2019 | ★★★★★★
୪୬ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



### ଟାଟା ସନ୍ସ ଅଧ୍ୟକ୍ଷ ପଦକୁ ଫେରିବେ ସାଇରସ୍

ଏନ୍‌ସିଏଲ୍‌ଏଟି ସାଇରସ୍ ମିସ୍ତ୍ରୀଙ୍କ ସପକ୍ଷରେ ରାୟ ଶୁଣାଇବା ସହ ତାଙ୍କୁ ପୁଣି ଥରେ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୧୭

୧୬

### ସଲମାନଙ୍କ ଅପୋଜିଟ୍‌ରେ ଦିଶା

ଦିଶା ପଟାନି ତାଙ୍କ ଆଗାମୀ ଫିଲ୍ମ 'ରାଧେ'ରେ ପ୍ରଥମ ଥର ପାଇଁ ସଲମାନଙ୍କ ଅପୋଜିଟ୍‌ରେ ଅଭିନୟ କରିବେ। ଏହି ଫିଲ୍ମର ଶୁଟିଂ ଜାନୁୟାରୀରୁ ଆରମ୍ଭ ହେବ।



# ସିଏଏ ନିଆଁରେ ଓଡ଼ିଆ ଯୁବକ

## ଇଣ୍ଡିଆ ଗେଟ୍‌ରେ କାର୍ତ୍ତିକ ମେହେରଙ୍କ ଆତ୍ମାହୁତି ଉଦ୍ୟମ

## ଶରୀରର ୯୦ ଭାଗ ଦଗ୍ଧ

ନୂଆଦିଲ୍ଲୀ,୧୮।୧୨

ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ଉଗ୍ରରୂପ ଧାରଣ କରିଛି। ଉତ୍ତର-ପୂର୍ବରେ ଆରମ୍ଭ ହୋଇଥିବା ଆନ୍ଦୋଳନର ନିଆଁ ପଶ୍ଚିମବଙ୍ଗ ଦେଇ ରାଜଧାନୀ ଦିଲ୍ଲୀକୁ ବ୍ୟାପିଥିବାବେଳେ ବୁଧବାର ଇଣ୍ଡିଆ ଗେଟ୍ ନିକଟରେ ଏହାର ଶିକାର ହୋଇଛନ୍ତି ଜଣେ ଓଡ଼ିଆ ଯୁବକ। ବିକ୍ଷୋଭ ପ୍ରଦର୍ଶନ ବେଳେ ୨୫ ବର୍ଷୀୟ କାର୍ତ୍ତିକ ମେହେର ନିଜ ଦେହରେ ନିଆଁ ଲଗାଇଦେଇଛନ୍ତି। ଏଥିରେ ତାଙ୍କ ଶରୀରର ୯୦ ଭାଗ ଜଳିଯାଇଛି। ପୋଲିସ କାର୍ତ୍ତିକଙ୍କୁ ଉଦ୍ଧାର କରି ଏକ ହସ୍ପିଟାଲରେ ଭର୍ତ୍ତି କରିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

କେନ୍ଦ୍ର ସରକାରଙ୍କ ବିବାଦୀୟ ନାଗରିକତ୍ୱ ଆଇନକୁ ନେଇ ସାରା ଦେଶରେ ଆନ୍ଦୋଳନର ନିଆଁ ଜଳୁଛି। ଦିଲ୍ଲୀରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ (ଜେଏମ୍‌ଆଇୟୁ) ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ ଜୁଲମକୁ ସବୁ ମହଲରେ ନିନ୍ଦା କରାଯାଉଛି। ଏହାସହ ସିଏଏକୁ ପ୍ରତ୍ୟାହାର କରିବା ପାଇଁ ମଧ୍ୟ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ବୁଧବାର ସନ୍ଧ୍ୟାରେ ଦିଲ୍ଲୀର



ଇଣ୍ଡିଆ ଗେଟ୍‌ରେ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏହି ସମୟରେ ରାଇସିନା ହିଲ୍‌ସ୍ଥିତ ରାଷ୍ଟ୍ରପତି ଭବନରୁ ଇଣ୍ଡିଆ ଗେଟ୍‌କୁ ସଂଯୋଗ କରୁଥିବା ରାଜପଥ ସଂଲଗ୍ନ ଲନ୍‌ରେ ବିକ୍ଷୋଭକାରୀମାନଙ୍କ ସହ କାର୍ତ୍ତିକ ମେହେର ଥିଲେ। ସେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ନିକଟରେ ଥିବା ଦିଲ୍ଲୀ ପୋଲିସର ପିସିଆର ଭ୍ୟାନ୍‌ରେ ତାଙ୍କୁ ରାମମନୋହର ଲୋହିଆ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କ ଶରୀରର ୯୦% ଜଳିଯାଇଥିବାରୁ ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରାଯାଇଛି। କାର୍ତ୍ତିକଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି ବୋଲି ରାମମନୋହର ହସ୍ପିଟାଲର ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମୀନାକ୍ଷୀ ଭରଦ୍ୱାଜ କହିଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକ ଏହି ବିକ୍ଷୋଭରେ ସାମିଲ ନ ଥିଲେ। କାର୍ତ୍ତିକଙ୍କ ମୁଣ୍ଡ ଠିକ୍ ନ ଥିବା ତାଙ୍କ ଭାଇ କହିଛନ୍ତି ବୋଲି ଡେପୁଟି ଡିସିପି ଐଶ୍ ସିଂହଲ ସଫେଇ ଦେଇଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ମୁଖପାତ୍ର ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି।

■ ଦେଶର ସ୍ଥିତିକୁ ନେଇ ଚିନ୍ତିତ

## ପଦ୍ମଶ୍ରୀ ଫେରାଇବେ ଉର୍ଦ୍ଦୁ ଲେଖକ ମୁଜ୍‌ତବା ହୁସେନ

ହାଇଦ୍ରାବାଦ,୧୮।୧୨



ପ୍ରଖ୍ୟାତ ଉର୍ଦ୍ଦୁ ଲେଖକ, ବ୍ୟଙ୍ଗକାର ତଥା ସିତାର ବାଦକ ମୁଜ୍‌ତବା ହୁସେନ ତାଙ୍କୁ ମିଳିଥିବା ପଦ୍ମଶ୍ରୀ ପୁରସ୍କାର ସରକାରଙ୍କୁ ଫେରାଇଦେବେ। ନୂଆ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ସେ ଏହି ନିଷ୍ପତ୍ତି ନେଇଥିବା ହାଇଦ୍ରାବାଦରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

୮୭ ବର୍ଷୀୟ ପଦ୍ମଶ୍ରୀ ମୁଜ୍‌ତବା କହିଛନ୍ତି, ସିଏଏ ପ୍ରଣୟନ ପରେ ଦେଶରେ ଉପୁଜିଥିବା ସ୍ଥିତିକୁ ନେଇ ସେ ଦୁଃଖିତ। ଏହି ଆଇନକୁ ନେଇ ଦେଶରେ ଅଶାନ୍ତି ସୃଷ୍ଟି ହୋଇଛି। ସବୁଠୁ ଭୟର ବାତାବରଣ ସୃଷ୍ଟି କରାଯାଉଛି। ଘୃଣାର ବହ୍ନିରେ ଘିଅ ଢଳାଯାଉଛି। ଏହା ତାଙ୍କୁ ବିଚଳିତ କରିଛି। ଯେଉଁ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ସେମାନେ ଅନେକ କଷ୍ଟ ସହ୍ୟକରି ଅକ୍ଳାନ୍ତ ଉଦ୍ୟମ ☞ପୃଷ୍ଠା-୪

ସୁପ୍ରିମକୋର୍ଟରେ ନିର୍ଭୟା ମାମଲା

## ରିଭ୍ୟୁ ପିଟିଶନ ଖାରଜ, ମୃତ୍ୟୁ ଦଣ୍ଡାଦେଶ କାଏମ

ନୂଆଦିଲ୍ଲୀ,୧୮।୧୨(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଅପରାଧୀଙ୍କ ମଧ୍ୟରୁ ଅନ୍ୟତମ ଅକ୍ଷୟ କୁମାର ସିଂ ମୃତ୍ୟୁଦଣ୍ଡାଦେଶର ପୁନର୍ବିଚାର ପାଇଁ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଏଥିସହିତ ମୃତ୍ୟୁଦଣ୍ଡାଦେଶ ପାଇଥିବା ସମସ୍ତ ୪ ଜଣଙ୍କ ରିଭ୍ୟୁ ପିଟିଶନ୍ ଖାରଜ ହୋଇଯାଇଛି। ଅନ୍ୟ ୩ ଅପରାଧୀ ମୁକେଶ, ପୱନ ଗୁପ୍ତା ଓ ବିନୟ ଶର୍ମାଙ୍କ ରିଭ୍ୟୁ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଗତବର୍ଷ ଜୁଲାଇ ୯ରେ ଖାରଜ କରିଦେଇଥିଲେ।

୨୦୧୭ ରାୟ ଉପରେ ସମୀକ୍ଷା କରିବାର କୌଣସି କାରଣ ନାହିଁ ବୋଲି ଜଷ୍ଟିସ୍ ଆର୍. ବାନୁମଥୀଙ୍କ ଅଧ୍ୟକ୍ଷତାରେ ☞ପୃଷ୍ଠା-୪



ବିଶାଖାପାଟଣାରେ ବୁଧବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଦ୍ୱିଶତକୀୟ ଭାଗୀଦାରି ଅବସରରେ ଭାରତର ରୋହିତ ଶର୍ମା ଓ ଲୋକେଶ ରାହୁଲ। ଭାରତ ଏହି ମ୍ୟାଚରେ ୧୦୭ ରନରେ ବିଜୟୀ ହୋଇଛି। **(ରିପୋର୍ଟ ଖେଳ ପୃଷ୍ଠାରେ)**

## ଲଟେରି ଉପରେ ୨୮% ଜିଏସ୍‌ଟି

ନୂଆଦିଲ୍ଲୀ,୧୮।୧୨

ପରୋକ୍ଷ ଟିକସ ବ୍ୟବସ୍ଥା ଜିଏସ୍‌ଟି ଲାଗି ନୀତିନିର୍ଦ୍ଧାରଣ କରୁଥିବା ଜିଏସ୍‌ଟି ପରିଷଦ ବୈଠକରେ ବୁଧବାର ପ୍ରଥମଥର ଲାଗି ଭୋଟିଂ ହୋଇଥିବା ସାମ୍ନାକୁ ଆସିଛି। ଲଟେରି ଉପରେ ଟିକସ ଲାଗୁ ନେଇ ରାଜ୍ୟଗୁଡ଼ିକ ମଧ୍ୟରେ ଭିନ୍ନମତ ପ୍ରକାଶ ପାଇବାରୁ ଏଭଳି ସ୍ଥିତି ଦେଖାଯାଇଥିବା ଜଣାପଡ଼ିଛି। ଆସନ୍ତା ମାର୍ଚ୍ଚ ପହିଲାରୁ ଉଭୟ ଘରୋଇ ଓ ସରକାରୀ ଲଟେରି ଉପରେ ଦ୍ୱୈତ ଜିଏସ୍‌ଟି ପରିବର୍ତ୍ତେ ଏକକ ୨୮% ଜିଏସ୍‌ଟି ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ପୂର୍ବର ୩୭ତମ ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତିକୁ ନେଇ କୌଣସି ବିରୋଧ ହୋଇ ନ ଥିବା ଦେଖାଯାଇଥିଲା। ଏମିତିକି ବିଭିନ୍ନ ସାମଗ୍ରୀ ଓ ସେବାରେ ଟିକସର ହାର ନିର୍ଦ୍ଧାରଣ ପ୍ରସଙ୍ଗରେ ମଧ୍ୟ ଏଭଳି ଭୋଟ କେବେ ☞ପୃଷ୍ଠା-୪

## ଗୁଳିକରି ବିଲେଇକୁ ମାରିଲେ

## ନିରୀହ ଜୀବ ପ୍ରତି ନୃଶଂସତା

■ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ହଜିଯାଉଛି ମାନବିକତା। ନିରୀହ ଜୀବଜନ୍ତୁଙ୍କ ଉପରେ ବଢ଼ୁଛି ମଣିଷର କ୍ରୂରତା। ଗତ ମାସରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ଓଲା



କାର୍ ଚାଳକ ୪ କୁକୁର ଛୁଆଙ୍କ ଉପରେ ଗାଡ଼ି ଚଢ଼ାଇ ଗିରଫ ହୋଇଥିଲେ। ବୁଧବାର ରାଜଧାନୀରେ ଆଉ ଏକ ନୃଶଂସ ଘଟଣା ଘଟିଛି। ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୪ ଅଞ୍ଚଳରେ ଏକ ପୋଷା ବିଲେଇକୁ ଗୁଳିକରି ମାରି ଦିଆଯାଇଛି। ଏନେଇ ବିଲେଇ ମାଲିକ ସୁଶାନ୍ତ ପଟ୍ଟନାୟକ ପଡୋଶୀ ସନ୍ତୋଷ ନାୟକଙ୍କ ପୁଅ ଆଶୁତୋଷ ଓରଫ ଆଶୁଙ୍କ ନାଁରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

ବୁଧବାର ପୂର୍ବାହ୍ନରେ ସୁଶାନ୍ତଙ୍କ ମା' ବିନୋଦିନୀ ପଟ୍ଟନାୟକ ଜୋର୍‌ରେ ଫୁଟିବା ଶବ୍ଦ ଶୁଣି ବାହାରକୁ ଦୌଡ଼ି ଆସିଥିଲେ। ତାଙ୍କ ପୋଷା ବିଲେଇଟି ରକ୍ତାକ୍ତ ଅବସ୍ଥାରେ ☞ପୃଷ୍ଠା-୪

# ଏନ୍‌ଆର୍‌ସିକୁ ନବୀନଙ୍କ ନା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ରାଜ୍ୟ ସରକାର ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି)କୁ ସମର୍ଥନ କରନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ୫ ଦିନିଆ ଦିଲ୍ଲୀ ଗସ୍ତର କେଇ ଘଣ୍ଟା ପୂର୍ବରୁ ଏନ୍‌ଆରସି ସମ୍ପର୍କରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି।



ନବୀନ କହିଛନ୍ତି ଯେ, ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଦ୍ୱାରା ଭାରତୀୟ ନାଗରିକମାନଙ୍କର କୌଣସି ଅସୁବିଧା ହେବ ନାହିଁ। ଏହା କେବଳ ବିଦେଶୀମାନଙ୍କ ପାଇଁ ଉଦ୍ଦିଷ୍ଟ। ବିଜୁ ଜନତା ଦଳ(ବିଜେଡି) ପାର୍ଲାମେଣ୍ଟର ଉଭୟ ସଦନ(ଲୋକ ସଭା ଏବଂ ରାଜ୍ୟ ସଭା)ରେ ସ୍ପଷ୍ଟ କରିସାରିଛି ଯେ, ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆରସି)କୁ ଦଳ ସମର୍ଥନ କରୁନାହିଁ। ତେଣୁ ରାଜ୍ୟର ନାଗରିକଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ଅନୁରୋଧ କରୁଛି। ସେହିପରି ଏ ସମ୍ବନ୍ଧୀୟ କୌଣସି ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏନ୍‌ଆରସିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ସବୁ ମହଲରେ ସ୍ୱାଗତ କରାଯାଇଛି। ପାର୍ଲାମେଣ୍ଟରେ ସିଏବି ଆଲୋଚନା ବେଳେ ମଧ୍ୟ ବିଜେଡି ପକ୍ଷରୁ ଏନ୍‌ଆରସିକୁ ସମର୍ଥନ କରାଯାଇ ନ ଥିଲା। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଏବଂ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ସିଏବି ସହ ଏନ୍‌ଆରସିକୁ ମିଶା ନ ଯାଉ ବୋଲି ମଧ୍ୟ ମନ୍ତବ୍ୟ ରଖିଥିଲେ। ଏଥିସହିତ ସିଏବିରେ ଶ୍ରୀଲଙ୍କାକୁ ବାଦ୍ ଦିଆଯାଇଥିବା ପ୍ରସଙ୍ଗକୁ ମଧ୍ୟ ବିଜେଡି ପକ୍ଷରୁ ଉଠାଯାଇଥିଲା। ମୁଖ୍ୟମନ୍ତ୍ରୀ ଏନ୍‌ଆରସି ସମ୍ପର୍କିତ ସ୍ପଷ୍ଟୀକରଣ ଦେବା ସମୟରେ ତାଙ୍କ ନିକଟରେ ଶର୍ମିଷ୍ଠା ସେଠୀ, ସସ୍ମିତ ପାତ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ତରୁଣକାନ୍ତିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

## ଶଶୀ ଥରୁର ବି ପାଇବେ

ଭୁବନେଶ୍ୱର,(ବ୍ୟୁରୋ)/ ନୂଆଦିଲ୍ଲୀ, ୧୮।୧୨(ପି.ଟି.)



ତରୁଣକାନ୍ତି ମିଶ୍ର

୨୦୧୯ ପାଇଁ ଓଡ଼ିଶାରୁ ସମ୍ମାନଜନକ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ପାଇବେ ଖ୍ୟାତନାମା ଲେଖକ ତରୁଣକାନ୍ତି ମିଶ୍ର। ସେ ତାଙ୍କ ରଚିତ କ୍ଷୁଦ୍ରଗଳ୍ପ ସଙ୍କଳନ 'ଭାସ୍ୱତୀ' ପାଇଁ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହାସହିତ କଂଗ୍ରେସ ଏମ୍‌ପି ଶଶୀ ଥରୁର୍ ଓ ନାଟ୍ୟକାର ନନ୍ଦକିଶୋର ଆଚାର୍ଯ୍ୟଙ୍କ ସମେତ ୨୩ ଜଣ ଲେଖକ ☞ପୃଷ୍ଠା-୪

# ସ୍ତ୍ରୀ ଅଧିକାର ନ ମିଳିବାରୁ ହତ୍ୟା

■ ରକ୍ତାକ୍ତ କଟୁରି ସହ ବାଲେଶ୍ୱରରୁ ଯାଇ ବାରିପଦା ଥାନାରେ ଆତ୍ମସମର୍ପଣ କଲେ ମହିଳା

■ ମୃତଦେହ ଜବତ କରି ପୋଲିସର ତନାଘନା

ବାଲେଶ୍ୱର ଅଫିସ,୧୮।୧୨

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଗୁଡ଼ିପଦା ଅଞ୍ଚଳରେ ବୁଧବାର ଭୋର୍ ସମୟରେ ଏକ ହତ୍ୟାକାଣ୍ଡ ଘଟିଛି। ଭାରତୀୟ ଖାଦ୍ୟ ନିଗମ ବାଲେଶ୍ୱର ଶାଖା ଅଫିସ୍‌ରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ବଡ଼ା ମାରାଣ୍ଡି (୪୮)ଙ୍କ ମୃତଦେହ ତାଙ୍କ ଘରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ଆସି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତାଙ୍କ ଘରେ ରହୁଥିବା ଜଣେ ମହିଳା ନ ଥିବାରୁ ଏ ନେଇ ସନ୍ଦେହ ଘନୀଭୂତ ହୋଇଥିଲା। ଏହି ମହିଳା ଜଣଙ୍କ ଏଠାରୁ ପଳାଇ ଯାଇ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନାରେ ରକ୍ତଭିଜା ଧାରୁଆ କଟୁରି ସହ ଆତ୍ମସମର୍ପଣ କରିବାରୁ ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ସ୍ତ୍ରୀର ଅଧିକାର ପାଇବାକୁ ଦାବି କରି ନିରାଶ ହେବାରୁ ସେ ବଡାଙ୍କୁ କଟୁରିରେ ହାଣି ହତ୍ୟା କରିଥିବା ପୋଲିସକୁ ବୟାନ ଦେଇ କହିଛନ୍ତି। ସହଦେବଖୁଣ୍ଟା ପୋଲିସ ବାରିପଦା ଯାଇ ଅଭିଯୁକ୍ତ ମହିଳାଙ୍କୁ ଆଣି ପଚରାଉଚୁରା ଚଳାଇଛି। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି। ତଦନ୍ତକାରୀ ଅଧିକାରୀ ସହଦେବଖୁଣ୍ଟା ଥାନା ଇନ୍ସପେକ୍ଟର ବିରଞ୍ଚି ସାହୁ ଏହି ସୂଚନା ଦେଇ କହିଛନ୍ତି ଯେ, ବଡ଼ା ବିବାହିତ ଥିଲେ। ତାଙ୍କର ୨ଟି ସନ୍ତାନ ରହିଛନ୍ତି। ତାଙ୍କ ଘର ମୟୂରଭଞ୍ଜ ଜିଲା ସିରିସବଣି ଗ୍ରାମରେ। ସେ ପ୍ରାୟ ୨୦ବର୍ଷ ଧରି ନିଜ ଅଞ୍ଚଳର ଜଣେ ମହିଳାଙ୍କୁ ଆଣି ବାଲେଶ୍ୱର ଗୁଡ଼ିପଦାର ଏକ ଭଡା ଘରେ ରହି ଆସୁଥିଲେ। ବିଭିନ୍ନ ସମୟରେ ସାମାଜିକ ସମ୍ମାନ କ୍ଷୁଣ୍ଣ ହେବାରୁ ଏହି ମହିଳା ଜଣକ ବିବାହ କରିବା ଲାଗି ଜିଦ୍ ଧରିଥିଲେ। ବଡା ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ବାରମ୍ବାର କଳିଝଗଡ଼ା ହେଉଥିଲା। ମଙ୍ଗଳବାର ରାତିରେ ଉଭୟ ନିଶା ଖାଇ କଳିଝଗଡ଼ା କରି ଶୋଇ ପଡିଥିଲେ। ଭୋର୍ ସମୟରେ ବଡା ଶୋଇଥିବା ବେଳେ ମହିଳା ଜଣଙ୍କ ଏକ ଧାରୁଆ କଟୁରିରେ ତାଙ୍କ ମୁଣ୍ଡ ଓ ବେକକୁ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସେ ଘର ଛାଡ଼ି ବାରିପଦାକୁ ପଳାଇଯାଇଥିଲେ। ଏହି ହତ୍ୟା ଘଟଣା ନେଇ ପୋଲିସ ଏକ ମାମଲା (ନଂ. ୩୯୧/୧୯) ରୁଜୁ କରି ଅଧିକ ତଦନ୍ତ କରୁଥିବା କହିଛି।

Vencobb FRESH CHICKEN — Taste the difference!

18.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 88 | 142 | 152 |
| DKL | 91 | 146 | 156 |
| BDK | 85 | 139 | 149 |
| BLS | 85 | 139 | 149 |
| ANG | 92 | 148 | 158 |
| BHM | 92 | 148 | 158 |

*Conditions Apply
Issued in the Interest of Consumers

### ଆଜିର ସମ୍ପାଦକୀୟ

ଶାକାହାରବାଦ ପ୍ରତିବଦ୍ଧତା

### କିଛି ତଥ୍ୟ

ଚଳିତ ମାର୍କେଟିଂ ବର୍ଷ ଡିସେମ୍ବର ୧୫ ସୁଦ୍ଧା ଦେଶରେ ଚିନି ଉତ୍ପାଦନ ୩୫% ହ୍ରାସ ଘଟି ୪.୫୮ ନିୟୁତ ଟନ୍ ରହିଛି।

– ଆଇଏସ୍‌ଏମ୍‌ଏ

### ଆଜିର ମନ୍ତବ୍ୟ

" ନାଗରିକତ୍ୱ ସଂଶୋଧନ ଆଇନ କାହାର ନାଗରିକତ୍ୱ ଛଡ଼ାଇନେବ ନାହିଁ।

-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ




ସିଏଏ-ଏନ୍ଆର୍ସି ବିରୋଧରେ ଆଲିଗଡ଼ର ସରାଇ ହାକିମ୍‌ରେ ବିକ୍ଷୋଭ ବେଳେ ସ୍ଥାନୀୟ ଲୋକଙ୍କୁ ଅଟକାଉଛି ପୋଲିସ।


ଗୁଆହାଟୀରେ ମୂକ ଓ ବଧିର ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

# ସିଏଏର ବୈଧତା ପରଖିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୧୨ (ପି.ଟି./ଆଇଏଏନ୍ଏସ୍)

- ସ୍ଥଗିତାଦେଶ ଦେବାକୁ ମନାକଲେ
- ଦାଏର ହୋଇଛି ୬୦ରୁ ଊର୍ଦ୍ଧ୍ୱ ପିଟିଶନ
- ଜବାବ ଦାଖଲ ପାଇଁ କେନ୍ଦ୍ରକୁ ନୋଟିସ
- ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୨ରେ



ଦେଶବ୍ୟାପୀ ହିଂସାତ୍ମକ ବିକ୍ଷୋଭର କାରଣ ପାଲଟିଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଉପରେ ସ୍ଥଗିତାଦେଶ ଜାରି କରିବାକୁ ବୁଧବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ତେବେ ଏହି ନବପ୍ରଣୀତ ଆଇନର ସାମ୍ବିଧାନିକ ବୈଧତା ଯାଞ୍ଚ କରିବା ଲାଗି ଅଦାଲତ ରାଜି ହେବା ସହ ଏହାକୁ ନେଇ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ସିଏଏକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ପିଟିଶନଗୁଡ଼ିକର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୨ରେ କରାଯିବ ବୋଲି ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

ନୂଆ ନାଗରିକତ୍ୱ ଆଇନ ଅନୁସାରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତକୁ ଆସିଥିବା ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ଅଣମୁସ୍‌ଲିମ ଶରଣାର୍ଥୀମାନେ ଏଠାକାର ନାଗରିକତ୍ୱ ପାଇବେ। ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ୍ ପାସ୍ ହେବା ପରେ ଡିସେମ୍ବର ୧୨ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଛି। ଏହି ବିବାଦୀୟ ଆଇନ ବିରୋଧରେ ଇଣ୍ଡିଆନ୍ ୟୁନିୟନ୍ ମୁସ୍‌ଲିମ୍ ଲିଗ୍ ଏବଂ କଂଗ୍ରେସ ନେତା ଜୟରାମ ରମେଶଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଛି। ସିଜେଆଇଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ବି.ଆର. ଗଭାଲି ଓ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଗୁଡ଼ିକର ଶୁଣାଣି କରି ସିଏଏ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନାକରିଦେଇଛନ୍ତି। ସଂଶୋଧିତ ଆଇନ ସମ୍ପର୍କରେ ଲୋକେ ଅବଗତ ନ ଥିବାରୁ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାର୍ବଜନୀନ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ନାଗରିକମାନଙ୍କୁ ସଚେତନ କରିବା ପାଇଁ ଶ୍ରାବ୍ୟ-ଦୃଶ୍ୟ (ଅଡିଓ-ଭିଜୁଆଲ) ମାଧ୍ୟମରେ ଆଇନ ସମ୍ପର୍କରେ ବିବରଣୀ ପ୍ରକାଶ କରିବାକୁ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଅନୁରୋଧ କରିଥିଲେ। ତେବେ ଆମେ ଏ ସମ୍ପର୍କରେ ପ୍ରକାଶ କରିବା ପାଇଁ ଖୁସି ବୋଲି ବେଣୁଗୋପାଳ ଅଦାଲତଙ୍କୁ କହିଥିଲେ। ଶୁଣାଣି ବେଳେ ଜଣେ ଆବେଦନକାରୀଙ୍କ ଓକିଲ ରାଜୀବ ଧୱନ କହିଥିଲେ, ଏହି ଆଇନର ନିୟମଗୁଡ଼ିକ ପ୍ରସ୍ତୁତ କରାଯାଇନାହିଁ। ତେଣୁ ଏହା ଉପରେ ସ୍ଥଗିତାଦେଶ ଜାରି କରାଯାଉ। ଆଟର୍ନି ଜେନେରାଲ ବେଣୁଗୋପାଳ ଏହାକୁ ବିରୋଧ କରି କହିଥିଲେ, କୌଣସି ଆଇନକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଲେ ତା' ଉପରେ ସ୍ଥଗିତାଦେଶ ଜାରି କରାଯାଇ ପାରିବ ନାହିଁ ବୋଲି ପୂର୍ବରୁ ସୁପ୍ରିମକୋର୍ଟ ୪ ଥର ରାୟ ଦେଇସାରିଛନ୍ତି। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ସିଏଏ ଉପରେ ଆମେ ସ୍ଥଗିତାଦେଶ ଜାରି କରିବାକୁ ଯାଉନାହୁଁ। ଜାନୁୟାରୀ ୨୨ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

# ଦେଶକୁ ନୁହେଁ, ଆଇନକୁ ବିରୋଧ

ନୂଆଦିଲ୍ଲୀ,୧୮।୧୨(ପି.ଟି.)




## ସିଏଏ ପ୍ରତ୍ୟାହାର ଦାବିରେ ଜାମିଆରେ ବିକ୍ଷୋଭ ଜାରି

ବିବାଦୀୟ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି) ବିରୋଧୀ ବିକ୍ଷୋଭ ଥମିବାର ନାଁ ନେଉନାହିଁ। ଦିଲ୍ଲୀ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ (ଜେଏମ୍ଆଇୟୁ) ଛାତ୍ରୀଛାତ୍ର ବୁଧବାର କ୍ୟାମ୍ପସ୍‌ର ଗେଟ୍ ନମ୍ବର ୭ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ସହ ସ୍ଥାନୀୟ ଲୋକେ ମଧ୍ୟ ସାମିଲ ହୋଇଛନ୍ତି। ବିକ୍ଷୋଭକାରୀମାନେ ହାତରେ ଭାରତର ଏକ ବିଶାଳ ମାନଚିତ୍ର ଧରି ରାସ୍ତାକୁ ଓହ୍ଲାଇଥିଲେ। ସିଏଏ ପ୍ରତ୍ୟାହାର ଦାବିରେ ସେମାନେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ସରକାର ଓ ଦିଲ୍ଲୀ ପୋଲିସ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆମେ ଜିତିବୁ କି ହାରିବୁ ତାହା ଆମକୁ ଜଣାନାହିଁ। କିନ୍ତୁ ଲଢ଼େଇ ଜାରି ରହିବ ବୋଲି ଜଣେ ଛାତ୍ର ଉଦ୍‌ବୋଧନ ଦେଇଥିଲେ। ଅପରାହ୍ନ ଗୋଟାଏରେ ଆଖପାଖର ସ୍କୁଲ ଛାତ୍ରୀଛାତ୍ର ଓ ଅନ୍ୟ ବର୍ଗର ଲୋକେ ଏଥିରେ ସାମିଲ ହେବା ପରେ ବିକ୍ଷୋଭ ଜୋର୍ ଧରିଥିଲା। ବିକ୍ଷୋଭକାରୀଙ୍କ ମଧ୍ୟରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍ୟୁ) ଛାତ୍ର ସଂସଦର ପୂର୍ବତନ ଅଧ୍ୟକ୍ଷ କନ୍ହେୟା କୁମାର ଏବଂ ସାମାଜିକ କର୍ମୀ ମେଧା ପାଟକର ଥିଲେ। ଜାମିଆ ଶିକ୍ଷକ ସଂଘ ମଧ୍ୟ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲା। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷାନୁଷ୍ଠାନର ୫୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଗବେଷଣା ଛାତ୍ର ପ୍ଲାକାର୍ଡ ଧରି ସ୍ଲୋଗାନ ଦେଉଥିଲେ, 'ଆମେ ସିଏଏ ବିରୋଧୀ କିନ୍ତୁ ଦେଶ ବିରୋଧୀ ନୋହୁଁ।'

## ବାମପନ୍ଥୀଙ୍କ ଆନ୍ଦୋଳନ ଆଜି

**ନୂଆଦିଲ୍ଲୀ,୧୮।୧୨:** ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି)କୁ ବିରୋଧ କରି ବାମପନ୍ଥୀ ଦଳଗୁଡ଼ିକ ଗୁରୁବାର ଦେଶବ୍ୟାପୀ ବିକ୍ଷୋଭ କରିବେ। ସିପିଆଇ, ସିପିଆଇ(ଏମ୍ଏଲ୍) ଲିବରେଶନ୍, ଏଆଇବିଏଫ୍ ଏବଂ ଆର୍ଏସ୍‌ପି ଏହି ଆନ୍ଦୋଳନରେ ସାମିଲ ହେବେ। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏନେଇ ବୁଧବାର ବାମଦଳଗୁଡ଼ିକ ପକ୍ଷରୁ ଏକ ବିବୃତି ଜାରି କରିଛନ୍ତି। ସମ୍ବିଧାନରେ ନାଗରିକତ୍ୱ କୌଣସି ଧର୍ମ ସହିତ ସମ୍ପୃକ୍ତ ନୁହେଁ। ନାଗରିକତ୍ୱକୁ ଧର୍ମ ସହିତ ଯୋଡ଼ି ସରକାର ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ବିଷକୁ ବିସ୍ତାର କରୁଛନ୍ତି। ଏଥିଯୋଗୁ ଦେଶରେ ହିଂସା ଓ ଘୃଣା ବଢ଼ିବାରେ ଲାଗିଛି ବୋଲି ୟେଚୁରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ସରକାରଙ୍କ ଅସାମ୍ବିଧାନିକ ପଦକ୍ଷେପ ବିରୋଧରେ ହେବାକୁ ଥିବା ବିକ୍ଷୋଭରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଜିଲା କମିଟିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।


ସୀତାରାମ ୟେଚୁରୀ

# ରାତି ସାରା ବିକ୍ଷୋଭ



ଚେନ୍ନାଇ,୧୮।୧୨(ଆଇଏଏନ୍ଏସ୍)

## ମାଡ୍ରାସ୍ ୟୁନିଭର୍ସିଟି ଛାତ୍ରୀଛାତ୍ରଙ୍କୁ ଭେଟିଲେ କମଲ ହାସନ

ମାଡ୍ରାସ ୟୁନିଭର୍ସିଟି ଛାତ୍ରୀଛାତ୍ରଙ୍କ ସିଏଏ ବିରୋଧୀ ଆନ୍ଦୋଳନ ବୁଧବାର ତୃତୀୟ ଦିନରେ ପହଞ୍ଚିବାବେଳେ ସେମାନେ ରାତିସାରା ବିକ୍ଷୋଭ କରିଛନ୍ତି। ଅଭିନେତାରୁ ରାଜନେତା ସାଜିଥିବା ମକ୍କଲ ନିଧି ମୈୟମ୍ ପ୍ରତିଷ୍ଠାତା କମଲ ହାସନ ବିଶ୍ୱବିଦ୍ୟାଳୟର ତେରାମଣି କ୍ୟାମ୍ପସ୍‌କୁ ଯାଇ ଛାତ୍ରୀଛାତ୍ରଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି।

# ହିଂସାକୁ ନେଇ ଜାତିସଂଘର ଉଦ୍‌ବେଗ

ଜାତିସଂଘ,୧୮।୧୨(ପି.ଟି)

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ବିରୋଧ କରି ଭାରତରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିବାରୁ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏହାକୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଚିନ୍ତା ପ୍ରକଟ କରିବା ସହ ମତାମତ ଦେବାର ଅଧିକାରକୁ ସମ୍ମାନ ଜଣାଇବା ଲାଗି ଆହ୍ୱାନ ଦେଇଛନ୍ତି। ସିଏଏ ଅନୁଯାୟୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ୨୦୧୪ ଡିସେମ୍ବର ପୂର୍ବରୁ ଭାରତରେ ଆସି ରହିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିୟାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ଏହାକୁ ଦେଶର ବିଭିନ୍ନ ଭାଗରେ ଜୋରଦାର ବିରୋଧ କରାଯାଉଛି। ଏଭଳି ଆଇନ ଅସାମ୍ବିଧାନିକ ଓ ପକ୍ଷପାତମୂଳକ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରୁଛନ୍ତି। ଆନ୍ଦୋଳନକୁ ଦମନ କରିବା ଲାଗି ପୋଲିସର ବଳପ୍ରୟୋଗ ଅଭିଯୋଗ ହୋଇଛି। ସଂଯମତା ଅବଲମ୍ବନ କରିବା ସହ ଅଭିବ୍ୟକ୍ତି ଓ ମତାମତ ପ୍ରଦାନର ଅଧିକାରକୁ ସମ୍ମାନ ଜଣାଇବା ଲାଗି ଆମେ ଆହ୍ୱାନ ଦେଉଛୁ ବୋଲି ଗୁଟେରେସ୍‌ଙ୍କ ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ ଗଣମାଧ୍ୟମକୁ କହିଛନ୍ତି। ପୂର୍ବରୁ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତଙ୍କ ମୁଖପାତ୍ର ମଧ୍ୟ ସିଏଏରେ ପକ୍ଷପାତମୂଳକ ନୀତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।



> ଅଭିବ୍ୟକ୍ତି ଓ ମତାମତ ପ୍ରଦାନର ଅଧିକାରକୁ ସମ୍ମାନ ଦେଉ ଭାରତ।
> -ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ


ଲକ୍ଷ୍ନୌସ୍ଥିତ ୟୁପି ବିଧାନସଭା ନିକଟରେ ସିଏଏ ବିରୋଧୀ ବିକ୍ଷୋଭ କରୁଥିବା ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) କର୍ମୀଙ୍କୁ ପୋଲିସ ଅଟକାଉଛି।


ଅହମଦାବାଦରେ ବିକ୍ଷୋଭରତ ଏନ୍ଏସ୍‌ୟୁଆଇ ସମର୍ଥକଙ୍କୁ ଅଟକ ରଖିଛି ପୋଲିସ।



କେରଳର କୋଚିସ୍ଥିତ ଆର୍‌ବିଆଇ ଅଫିସ ବାହାରେ ବିକ୍ଷୋଭରତ ଛାତ୍ରୀଛାତ୍ର।

## ଶାହାଙ୍କ ଉପରେ ବର୍ଷିଲେ ମମତା

# ଦେଶରେ ନିଆଁ ଲଗାଅନି

**କୋଲକାତା,୧୮।୧୨:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନାଗରିକତ୍ୱ ଆଇନକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ ବର୍ଷିଛନ୍ତି। ଶାହା ସିଏଏକୁ ନେଇ ଦେଶରେ ସୃଷ୍ଟି ହୋଇଥିବା ସ୍ଥିତି ସୁଧାରିବା ବଦଳରେ ନିଆଁକୁ ଲିଭାନ୍ତୁ। ଯଦି ଆଧାର ନାଗରିକତ୍ୱର ପ୍ରମାଣ ନୁହେଁ ତେବେ ଏହାକୁ ବ୍ୟାଙ୍କ ଆକାଉଣ୍ଟ, ଭୋଟର ଆଇଡି ଏବଂ ମୋବାଇଲ ଫୋନ୍ ସହ କାହିଁକି ସଂଯୋଗ କରାଯାଇଛି ବୋଲି ମମତା ପ୍ରଶ୍ନ କରିଛନ୍ତି।

ଅମିତ୍ ଶାହ ଜଣେ ଭାଜପା ନେତା ନୁହନ୍ତି, ସେ ଏ ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ।



ଦେଶରେ ନିଆଁ ଲଗାଇବା ତାଙ୍କ କାମ ନୁହେଁ। ଦେଶରେ ଲାଗିଥିବା ନିଆଁକୁ ଲିଭାଇବା ତାଙ୍କ କର୍ତ୍ତବ୍ୟ। ମୁଁ ହାତଯୋଡ଼ି ଅନୁରୋଧ କରୁଛି। ଆଧାର ନାଗରିକତ୍ୱର ପ୍ରମାଣ ନୁହେଁ ବୋଲି ଶାହାଙ୍କ ମନ୍ତବ୍ୟ ପରିପ୍ରେକ୍ଷୀରେ ସେ କହିଛନ୍ତି, ୬ ହଜାର କୋଟି ଟଙ୍କା ଖର୍ଚ୍ଚ କରାଇ ଆଧାର କାର୍ଡ କାହିଁକି ତିଆରି କରାଇଲ। ବିରାଡ଼ି କ'ଣ ବ୍ୟାଗ୍‌ରୁ ଖସିପଳାଇ ଯାଇଛି। ଦେଶର ଜଣେ ନାଗରିକ ଭାବେ ଏହି ପ୍ରଶ୍ନ କରିବାର ଅଧିକାର ତାଙ୍କର ଅଛି ବୋଲି ସେଣ୍ଟ୍ରାଲ୍ କୋଲକାତାର ଦୋରିନା କ୍ରସିଙ୍ଗ୍‌ରେ ସିଏଏ ବିରୋଧୀ ବୈଠକରେ ମମତା କହିଛନ୍ତି। ଏହି ଅବସରରେ ସେ ଏକ ଫେକ୍ ଭିଡିଓକୁ ନେଇ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନଖାରଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି।

## ୨ ଭାଜପା ଏମ୍‌ପି ଗିରଫ

**କୋଲକାତା,୧୮।୧୨:** ପଶ୍ଚିମବଙ୍ଗର ମାଲ୍‌ଦାସ୍ଥିତ ଭାଲୁକା ରୋଡ୍ ଷ୍ଟେଶନରେ ସିଏଏ ବିରୋଧୀ ବିକ୍ଷୋଭ ବେଳେ ଭଙ୍ଗାରୁଜା ଓ ଜଳାପୋଡ଼ା ହୋଇଥିଲା। ଉକ୍ତ ରେଳ ଷ୍ଟେଶନକୁ ପରିଦର୍ଶନରେ ଯାଉଥିବାବେଳେ ଦୁଇଜଣ ଭାଜପା ଏମ୍‌ପିଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ନିଶୀଥ୍ ପ୍ରାମାଣିକ ଓ ଖଗେନ୍ ମୁର୍ମୁ। ଆଇନଶୃଙ୍ଖଳା ଭଙ୍ଗ ଆଶଙ୍କା କରି ପୋଲିସ ଉଭୟଙ୍କୁ ହାଜତକୁ ନେଇଛି।


ନିଶୀଥ୍ ପ୍ରାମାଣିକ
ଖଗେନ୍ ମୁର୍ମୁ

### ଧ୍ୱସ୍ତ ରେଳଷ୍ଟେଶନ ଦେଖିବାକୁ ଯାଉଥିଲେ

ଦୁହେଁ ପୋଲିସ କର୍ଡନ ଭାଙ୍ଗି ଆଗକୁ ବଢୁଥିବାବେଳେ ଗିରଫ ହୋଇଛନ୍ତି।




## ■ ଆରମ୍ଭ ହେଲା ଜଳସାଥୀ କାର୍ଯ୍ୟକ୍ରମ

# ଜଳ ମାନ ମାପିବେ ଏସ୍ଏଚ୍‌ଜି ମହିଳା


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଜଳସାଥୀଙ୍କୁ ତାଙ୍କ ପ୍ରଥମ ପ୍ରାପ୍ୟ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

■ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
■ ନିଯୁକ୍ତ ହେବେ ୫ ହଜାର ଜଳସାଥୀ

ମହିଳାମାନେ ସଶକ୍ତ ହେବେ। ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ। ଏହି ଲକ୍ଷ୍ୟ ନେଇ ମିଶନ ଶକ୍ତି ମାଧ୍ୟମରେ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଧାନ ସଂଗ୍ରହଠାରୁ ଆରମ୍ଭ କରି ଛତୁଆ ଯୋଗାଣ, ବିଦ୍ୟୁତ୍ ମିଟର ରିଡିଂ ପର୍ଯ୍ୟନ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସରକାର ଦାୟିତ୍ୱ ଦେଇଛନ୍ତି। ଏବେ ସହରାଞ୍ଚଳରେ ପାନୀୟ ଜଳର ମାନକୁ ପରୀକ୍ଷା କରିବା ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଛି। ଜଳସାଥୀମାନେ ଘର ଘର ବୁଲି ଜଳ ମାନ ପରୀକ୍ଷା କରିବେ। ଏଥିସହିତ ଲୋକଙ୍କୁ ନୂତନ ପାନୀୟ ଜଳ ସଂଯୋଗ ଦେବାରେ ସାହାଯ୍ୟ କରିବେ। ମାସକୁ ମାସ ବୁଲି ଜଳ ଯୋଗାଣ ବାବଦ ଦେୟ ମଧ୍ୟ ଆଦାୟ କରିବେ। ଜନସାଧାରଣଙ୍କ ଅଭାବ ଓ ଅଭିଯୋଗକୁ ଜଳସାଥୀମାନେ ସରକାରଙ୍କ ନିକଟରେ ପହଞ୍ଚାଇବେ। ଏହି କାର୍ଯ୍ୟକ୍ରମ ବୁଧବାରଠାରୁ ଭୁବନେଶ୍ୱର ମହାନଗର ନିଗମର ୮ ୱାର୍ଡରେ ଆରମ୍ଭ କରାଯାଇଛି। ଏଥିପାଇଁ ୱାଟର କର୍ପୋରେଶନ ଅଫ୍ ଓଡିଶା (ୱାଟ୍‌କୋ) ଏବଂ ମହିଳା ସ୍ୱୟଂ ସହାୟକ ମହାସଂଘ ସହ ରାଜିନାମା ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱରର ଅନ୍ୟାନ୍ୟ ୱାର୍ଡ ଏବଂ ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଜଳସାଥୀ ଯୋଜନା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସ୍ଥାନୀୟ ରେଳ ଅଡିଟୋରିୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ୧୨ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଦୈନିକ ୯୦୦ ଲିଟର ପାଣି ଯୋଗାଇ ଦିଆଯାଉଛି। ପ୍ରାୟ ୭୦ ଲକ୍ଷ ଲୋକ ଏହା ଦ୍ୱାରା ଉପକୃତ ହେବେ। ସହରାଞ୍ଚଳର ଲୋକମାନେ ଘରେ ବସି ସେମାନଙ୍କର ଜଳଯୋଗାଣ ଦେୟ ପଇଠ କରିବା ସହିତ ନିଜେ ବ୍ୟବହାର କରୁଥିବା ଜଳର ମାନ ଜାଣି ପାରିବେ। ସମଗ୍ର ରାଜ୍ୟରେ ୫ ହଜାର ଜଳସାଥୀ ନିୟୋଜିତ ହେବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିବାରର ସ୍ୱାସ୍ଥ୍ୟ ପ୍ରତି ମା'ମାନେ ଅଧିକ ଯତ୍ନବାନ ଥାଆନ୍ତି। ଭଲ ପିଇବା ପାଣିର ଉତ୍ତମ ସ୍ୱାସ୍ଥ୍ୟ ସହ ସମ୍ପର୍କ ରହିଛି। ତେଣୁ ପିଇବା ପାଣିର ପରିଚାଳନା ଦାୟିତ୍ୱ ମା'ମାନଙ୍କୁ ଦିଆଯିବା ଏକ ପ୍ରଶଂସନୀୟ ପଦକ୍ଷେପ। ତେଣୁ ଜଳସାଥୀ ଭାବେ ମା'ମାନେ ଲୋକଙ୍କ ବିଶ୍ୱାସ ଓ ଭରସା ହାସଲ କରିବା ସହିତ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିବେ। ପ୍ରତି ପରିବାରକୁ ପାଇପ ପାଣି ଯୋଗାଣ କାର୍ଯ୍ୟକ୍ରମକୁ ଜଳ ସାଥୀମାନେ ସଫଳତାର ସହ ଆଗେଇ ନେବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଳସାଥୀମାନଙ୍କୁ ଜଳର ମାନ ପରୀକ୍ଷା କରିବା ପାଇଁ କିଟ୍ ଏବଂ ପିଓଏସ୍ ମେଶିନ ବାଣ୍ଟି ଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ ଓ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ମଧ୍ୟ ଉପସ୍ଥିତ ଥିଲେ।

## ■ ଭବାନୀପାଟଣା ହାତୀଦାନ୍ତ ଓ ବାଘଛାଲ ଜବତ ଘଟଣା

# ଆଉ ଜଣଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଭବାନୀପାଟଣାରୁ ଗତମାସ ୭ତାରିଖରେ ହାତୀଦାନ୍ତ ଓ ବାଘଛାଲ ଜବତ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ବୁଧବାର ଆଉ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାଁ ହେଉଛି ପରମାନନ୍ଦ ଧାରୁଆ ଓରଫ ଶାଖା(୨୯)। ତାଙ୍କ ଘର ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଡୁମରାପଲ୍ଲୀ ଗ୍ରାମରେ। ସୂଚନାଯୋଗ୍ୟ, ଭବାନୀପାଟଣାରେ ଚୋରା କାରବାର ହେଉଥିବା କ୍ରାଇମ୍‌ବ୍ରାଞ୍ଚ ଖବର ପାଇଥିଲା। ଏହାକୁ ଭିତ୍ତିକରି ନଭେମ୍ବର ୭ରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ଏକ ଟିମ୍ ସହିତ ବନବିଭାଗ କର୍ମଚାରୀ ସେଠାକୁ ଗରାଖ ହୋଇ ଯାଇଥିଲେ। ଦୁଇଟି ବନ୍ୟପ୍ରାଣୀ ସାମଗ୍ରୀ ଲାଗି ମୂଲଚାଲ ହୋଇଥିଲା। ଶେଷରେ ମୋଟ ୮ଲକ୍ଷ ଟଙ୍କାରେ ନେବା ପାଇଁ ସ୍ଥିର ହୋଇଥିଲା। ଏହି ସମୟରେ ସେମାନଙ୍କୁ ରେଡ୍ ହ୍ୟାଣ୍ଡ ଧରିଥିଲା ଟିମ୍। ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ପରେ ଆଉ ୩ ଜଣଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ଏହି ଘଟଣାରେ ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି।

## ■ ହରଦୀପ ସିଂ ପୁରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

# 'ଓଡ଼ିଶାକୁ ଅନ୍ତର୍ଜାତୀୟ ବିମାନ ସଂଖ୍ୟା ବୃଦ୍ଧି କରାଯାଉ'

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)



■ ଜୟପୁର, ରାଉରକେଲା ବିମାନବନ୍ଦର ବିକାଶକୁ ଗୁରୁତ୍ୱ
■ ଓଡ଼ିଶା ଉପଯୁକ୍ତ ରାଜ୍ୟ, ପରିଦର୍ଶନରେ ଆସିବାକୁ ଆମନ୍ତ୍ରଣ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଅଧିକ ଅନ୍ତର୍ଜାତୀୟ ବିମାନ ସଂଯୋଗ ଓ ଘରୋଇ ବିମାନ ଚଳାଚଳକୁ ଆହୁରି ବ୍ୟାପକ କରିବା ପାଇଁ ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଚିଠି ଲେଖିଛନ୍ତି। ଅନ୍ତର୍ଜାତୀୟ ବିମାନ ସେବା ପାଇଁ ଏଠାରେ ଯଥେଷ୍ଟ ସୁଯୋଗ ସହ ଆବଶ୍ୟକ ଭିତ୍ତିଭୂମି ରହିଛି। ଓଡ଼ିଶାର ବିଭିନ୍ନ ବିକଶିତ କ୍ଷେତ୍ର ଓ ସମ୍ବଳର ଉଦାହରଣ ଦେଇ ହରଦୀପଙ୍କୁ ରାଜ୍ୟ ପରିଦର୍ଶନରେ ଆସିବାକୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଲେଖିଛନ୍ତି ଯେ, ବିଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ବିମାନ ଚଳାଚଳ କ୍ଷେତ୍ରର ବୃଦ୍ଧି ଘଟିବା ସହ ଘରୋଇ ବିମାନ ଚଳାଚଳରେ ମଧ୍ୟ ଆଖିଦୃଶିଆ ଉନ୍ନତି ହୋଇଛି। ଏବେ ଅନ୍ତର୍ଜାତୀୟ ବିମାନ ଚଳାଚଳ ଉପରେ ଗୁରୁତ୍ୱ ଦିଆଯାଉ। ବର୍ତ୍ତମାନ ଓଡ଼ିଶାରୁ ଗୋଟିଏମାତ୍ର ବିମାନ ବିଦେଶକୁ ଉଡ଼ାଣ କରୁଛି। ଏହା ବ୍ୟତୀତ ଆଉ କିଛି ବିମାନ ଭାୟା ଦିଲ୍ଲୀ ଓ କୋଲକାତା ଦେଇ ବିଦେଶକୁ ଉଡ଼ାଣ କରୁଛି। ବିଦେଶରେ ବୈଷୟିକ, ସୂଚନା ଓ ପ୍ରଯୁକ୍ତିବିଦ୍ୟା, ବିମାନ ଚଳାଚଳ, ଉତ୍ପାଦନ ଓ ଅନ୍ୟାନ୍ୟ ସେବା କ୍ଷେତ୍ରରେ ପ୍ରବାସୀ ଓଡ଼ିଆଙ୍କ ସଂଖ୍ୟା ଅଧିକ ରହିଛି। ଆମେରିକା ଓ ୟୁରୋପ ଭଳି ବିକଶିତ ମହାଦେଶରେ ପ୍ରବାସୀ ଓଡ଼ିଆ ବେଶ୍ ସଫଳ ଓ ସମୃଦ୍ଧ ହୋଇଛନ୍ତି। ଯୋଗାଯୋଗର ସହଜ ମାଧ୍ୟମ ଯୋଗୁ ପୂରା ବିଶ୍ୱରେ ଓଡ଼ିଆମାନେ ଉଚ୍ଚ ପଦପଦବୀରେ ନିଯୁକ୍ତି ପାଇଛନ୍ତି। ମଧ୍ୟପୂର୍ବ ଦେଶଗୁଡ଼ିକରେ ମଧ୍ୟ ଓଡ଼ିଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଓଡ଼ିଶାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଫଳ ଭାବେ କାର୍ଯ୍ୟ କରୁଥିବାରୁ ବିଦେଶୀ ସଂସ୍ଥାଗୁଡ଼ିକ ଓଡ଼ିଆଙ୍କୁ ନିଯୁକ୍ତି ଦେବାରେ ଆଗ୍ରହ ପ୍ରକାଶ କରୁଛନ୍ତି। ଏଥିପାଇଁ ଓଡ଼ିଶା ସହ ବିଶ୍ୱର ଲିଙ୍କ୍ ପରିବ୍ୟାପ୍ତ ହୋଇଚାଲିଛି। ଓଡ଼ିଶାରେ ଭଲ ଭିତ୍ତିଭୂମି ଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକ ରହିଛି। ବିଶେଷକରି ପର୍ଯ୍ୟାବରଣ ପର୍ଯ୍ୟଟନସ୍ଥଳୀ ଚିଲିକା ହ୍ରଦ, ଶିମିଳିପାଳ, ଭିତରକନିକା ଓ ସାତକୋଶିଆ ଆଦି ବିଦେଶୀ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଛି। ସମୃଦ୍ଧ ବୌଦ୍ଧ ପର୍ଯ୍ୟଟନସ୍ଥଳୀ ରହିଥିବାରୁ ଅନ୍ତର୍ଜାତୀୟ ବୁଦ୍ଧିଷ୍ଟ ସର୍କିଟରେ ଓଡ଼ିଶା ସ୍ଥାନ ପାଇଛି। ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଆଗାମୀ ଦିନରେ ଅନ୍ତର୍ଜାତୀୟ ଟୁର୍ ଅପରେଟରଙ୍କୁ ଆକୃଷ୍ଟ କରିବ। ଉଡ଼ାନ ଯୋଜନାରେ ଘରୋଇ ବିମାନ ଚଳାଚଳ କ୍ଷେତ୍ରରେ ରାଉରକେଲା ଓ ଜୟପୁରକୁ ଖୁବ୍‌ଶୀଘ୍ର ଯୋଡିବାକୁ ଆମେ ଚାହୁଁଛୁ ବୋଲି ନବୀନ ଲେଖିଛନ୍ତି। ରାଉରକେଲାରେ ଆଗକୁ ହକି ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ପ୍ରମୁଖ ଶିଳ୍ପସଂସ୍ଥା ସହ ଓଡ଼ିଶା ଯୋଡିହୋଇଛି। ନିବେଶ ଉପଯୋଗୀ, ଦକ୍ଷ ମାନବ ଓ ଖଣିଜ ସମ୍ବଳ ଯୋଗୁ ଓଡ଼ିଶା ବିଦେଶୀ ପୁଞ୍ଜି ପାଇଁ ଉପଯୁକ୍ତ ସ୍ଥଳ ହେବ। ତେଣୁ ବିଭାଗୀୟ ଅଧିକାରୀ ଓ ପ୍ରମୁଖ ବିମାନ ଚଳାଚଳ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଧରି ଓଡ଼ିଶା ଆସିବାକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ହରଦୀପଙ୍କୁ ଆମନ୍ତ୍ରିତ କରିଛନ୍ତି।








## ଜୁଡ଼ାବାଲି ପଞ୍ଚାୟତରେ ମାଓବାଦୀ ପୋଷ୍ଟର

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ଼-ମୁନିଗୁଡା ରାସ୍ତା ଜୁଡାବାଲି ପଞ୍ଚାୟତର ଗେଟ୍‌ବାଲି ଛକ ନିକଟରେ ମଙ୍ଗଳବାର ରାତିରେ ମାଓବାଦୀମାନେ ପୋଷ୍ଟର ଓ ବ୍ୟାନର ଲଗାଇଛନ୍ତି। ଦିଲ୍ଲୀ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ପୋଷ୍ଟରରେ ବିରୋଧ କରାଯାଇଛି। ଏହାସହ ଭାଜପା ଭୋଟବ୍ୟାଙ୍କ ପାଇଁ ନାଗରିକତ୍ୱ ସଂଶୋଧନ ଆଇନ ଆଣିଛି। ଏପରି ଘୃଣିତ ବିଭାଜନକାରୀ ଆଇନକୁ ବିରୋଧ କରିବାକୁ ପୋଷ୍ଟରରେ ମାଓବାଦୀମାନେ ଆହ୍ୱାନ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସୋମ୍
ପରିବାରବର୍ଗ



ଶିବାଂଶ
ପରିବାରବର୍ଗ



ସୌମ୍ୟ ରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ତରୁଣକାନ୍ତିଙ୍କୁ କେନ୍ଦ୍ର ...

ଏକାଡେମୀ ପୁରସ୍କାର ପାଇବେ। କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟକାରୀ କମିଟି ବୈଠକରେ ଏନେଇ ବୁଧବାର ବିଧିବଦ୍ଧଭାବେ ଘୋଷଣା କରାଯାଇଛି। ୧୯୫୦ ଅଗଷ୍ଟ ୨ରେ କେନ୍ଦୁଝର ଜିଲାରେ ଜନ୍ମଗ୍ରହଣ କରିଥିବା ତରୁଣକାନ୍ତି ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍‌ଲିଆରୁ ଏମ୍ଏ ଡିଗ୍ରୀ ହାସଲ କରିବା ପରେ ସେ ୧୯୭୫ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସଫଳତାର ସହ ଦାୟିତ୍ୱ ତୁଲାଇ ୨୦୧୦ରେ ମୁଖ୍ୟ ଶାସନ ସଚିବ ଭାବେ ସେ ଅବସର ଗ୍ରହଣ କରିଥିଲେ। ପ୍ରଶାସନିକ ସେବାରେ ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ମିଶ୍ର ଜଣେ ସାହିତ୍ୟିକଭାବେ ମଧ୍ୟ ବେଶ୍ ସୁନାମ ଅର୍ଜନ କରିଛନ୍ତି। ସ୍କୁଲରେ ପଢୁଥିବାବେଳେ କ୍ଷୁଦ୍ରଗଳ୍ପ ରଚନାରୁ ସାହିତ୍ୟିକ ଜୀବନ ଆରମ୍ଭ କରିଥିବା ତରୁଣକାନ୍ତିଙ୍କ ୨୦୦ରୁ ଅଧିକ ଲେଖା ପ୍ରକାଶିତ ହୋଇଛି। 'ଦଣ୍ଡକାରଣ୍ୟ' ପାଇଁ ଚର୍ଚ୍ଚାରେ ଥିବା ମିଶ୍ରଙ୍କ ବିଭିନ୍ନ କାଳଜୟୀ ରଚନା ମଧ୍ୟରେ ରହିଛି 'ରଜନୀଗନ୍ଧା', 'ସକାଳର ମାନଚିତ୍ର', 'ସଂବହନ', 'ଶରଦଃ ଶତମ୍', 'ଆଜି ରାତିର ଗଳ୍ପ', 'ବହୁବ୍ରୀହି', 'ଭାସ୍ୱତୀ', 'ଇତ୍‌ନୀ ଦୂର', 'ଜହ୍ନରାତିର ଗପ ସରିନାହିଁ', 'ବୀତଂସ' ଓ 'ଲୁବ୍ଧକର ରାତି'। ତାଙ୍କ ରଚିତ ପୁସ୍ତକ ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲୁଗୁ, ମରାଠୀ, ଗୁଜରାଟୀ ଓ ଇଂଲିଶ ଭଳି ଏକାଧିକ ଭାଷାରେ ଅନୁବାଦ ହୋଇଥିବାବେଳେ ଉତ୍କୃଷ୍ଟ ସାହିତ୍ୟକୃତି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ପୁରସ୍କାର, କଥା ସମ୍ମାନ ଏବଂ ୨୦୦୯ରେ ଶ୍ରେଷ୍ଠ ପ୍ରଶାସକ ଭାବେ 'ଥିଙ୍କ୍ ଓଡ଼ିଶା ଲିଡର୍‌ଶିପ୍ ଆୱାର୍ଡ' ପାଇଛନ୍ତି। ଚଳିତବର୍ଷର ଓଡ଼ିଆ ଭାଷା ପାଇଁ ଏକାଡେମୀ ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି ୩ ଜଣିଆ ବିଚାରକ ମଣ୍ଡଳୀରେ ଡ. ମାଳବିକା ରାୟ, ଡ. ଫନୀ ମହାନ୍ତି ଓ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ରହିଥିଲେ।

ଅନ୍ୟପକ୍ଷରେ ଶଶୀ ଥରୁର୍‌ଙ୍କୁ ତାଙ୍କ ଇଂଲିଶ୍ ଲେଖା 'ଆନ୍ ଏରା ଅଫ୍ ଡାର୍କନେସ୍' ଓ ଆଚାର୍ଯ୍ୟଙ୍କୁ ହିନ୍ଦୀ କବିତା ' ଛେଲାତେ ହୁଇ ଆପ୍‌ନେ କୋ' ଲାଗି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ପେନ୍ନା ମଧୁସୂଦନ (ସଂସ୍କୃତ), ଅନୁରାଧା ପାଟିଲ (ମରାଠୀ), ଭି. ମଧୁସୂଦନମ୍ ନାୟାର(ମାଲୟାଲମ୍), କୁମାର ମନୀଷ୍ ଅରବିନ୍ଦ (ମୈଥିଳୀ), ନିବା ଏ.ଖାଣ୍ଡେକର(କୋଙ୍କଣୀ), ଫୁକନ୍ ଚନ୍ଦ୍ର ବସୁମାତରି(ବୋଡ଼ୋ)ଙ୍କୁ କବିତା ଲାଗି ଓ ଜୟଶ୍ରୀ ଗୋସ୍ୱାମୀ(ଅହମିୟା), ଏଲ୍. ବୀରମଙ୍ଗୋଲ ସିଂ(ମଣିପୁରୀ), ଚୋ. ଧର୍ମାନ୍(ତାମିଲ), ବାନ୍ଦିନାରାୟଣ ସ୍ୱାମୀ(ତେଲୁଗୁ)ଙ୍କୁ ସେମାନଙ୍କ ଉପନ୍ୟାସ ଲାଗି ଏହି ସମ୍ମାନ ପ୍ରଦାନ କରାଯିବ। କ୍ଷୁଦ୍ରଗଳ୍ପ ଲାଗି ଓଡ଼ିଆରେ ତରୁଣକାନ୍ତିଙ୍କ ସମେତ ଅବ୍‌ଦୁଲ ଆହଦ୍ ହାଜିନି(କଶ୍ମୀରୀ), କ୍ରିପାଲ କଜାକ୍(ପଞ୍ଜାବୀ), ରାମସ୍ୱରୂପ କିଷନ୍(ରାଜସ୍ଥାନୀ), କାଳୀଚରଣ ହେମ୍ବ୍ରମ୍(ସାନ୍ତାଳୀ) ଓ ଈଶ୍ୱର ମୂର୍ଜାନି(ସିନ୍ଧୀ) ଏବଂ ଜୀବନୀ ଓ ଆତ୍ମଜୀବନୀ ଲେଖା ଲାଗି ବିଜୟା(କନ୍ନଡ), ଶାଫେ କିଦ୍‌ୱାଇ(ଉର୍ଦ୍ଦୁ)ଙ୍କୁ ଏହି ସଫଳତା ମିଳିଛି। ଅନ୍ୟପକ୍ଷରେ ଚିନ୍ମୟ ଗୁହା(ବେଙ୍ଗଲୀ), ଓମ୍ ଶର୍ମା ଜନ୍ଦ୍ରିଆରି(ଡୋଗ୍ରୀ) ଓ ରତିଲାଲ୍ ବୋରିସାଗର(ଗୁଜରାଟୀ)ଙ୍କ ସନ୍ଦର୍ଭ ଏହି ପୁରସ୍କାର ଲାଗି ମନୋନୀତ ହୋଇଛି। ବିଜେତାମାନଙ୍କୁ ଫେବୃୟାରୀ ୨୫ରେ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଏକ ଲକ୍ଷ ଟଙ୍କାର ପୁରସ୍କାର ଓ ତାମ୍ରଫଳକ ସହ ସମ୍ମାନିତ କରାଯିବ।

## ଲଟେରି ଉପରେ ...

ହୋଇ ନ ଥିଲା। ହେଲେ ୩୮ତମ ଜିଏସ୍‌ଟି ପରିଷଦ ବୈଠକରେ ଭିନ୍ନମତ ପ୍ରକାଶ ପାଇବାରୁ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ନିଷ୍ପତ୍ତି ହୋଇଛି। ଲଟେରି ଉପରେ ୨୮% ଜିଏସ୍‌ଟି ଲାଗୁ ନେଇ ୨୧ ରାଜ୍ୟ ଭୋଟ ଦେଇଛନ୍ତି। ଏହି ପ୍ରସଙ୍ଗକୁ ୮ ରାଜ୍ୟ ବିରୋଧ କରିଥିବା ଜଣାପଡିଛି। ବର୍ତ୍ତମାନ ରାଜ୍ୟ ସ୍ତରରେ ଲଟେରି ଉପରେ ୧୨% ଏବଂ ରାଜ୍ୟ ବାହାରେ ଲଟେରି ବିକ୍ରି ଉପରେ ୨୮% ଟିକସ ଲାଗୁ ହେଉଛି। ଲଟେରି ଶିଳ୍ପ ଏହାକୁ ବିରୋଧ କରି ଆସୁଛି। ଦ୍ୱୈତ ବ୍ୟବସ୍ଥା ପରିବର୍ତ୍ତେ ଏକକ ୧୨% ଟିକସ ଲାଗୁ ଏବଂ ପ୍ରାଇଜ ମନି ଉପରେ ଟିକସ ଛାଡ ନେଇ ଶିଳ୍ପ ପକ୍ଷରୁ ଦାବି ହେଉଛି। ଏଭଳି ବିଭିନ୍ନ ପ୍ରସଙ୍ଗ ଲଟେରି ଶିଳ୍ପ ଅଭିବୃଦ୍ଧି ଲାଗି ବାଧା ଉପୁଜାଉଥିବା ଶିଳ୍ପ ପକ୍ଷରୁ କୁହାଯାଇଛି। ରାଜ୍ୟଗୁଡିକ ମଧ୍ୟରେ ରହିଥିବା ମତପାର୍ଥକ୍ୟ ଦୂରୀକରଣ ଲାଗି ଜିଏସ୍‌ଟି ପରିଷଦ ପକ୍ଷରୁ ପୂର୍ବରୁ ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ସୁଧୀର ମୁଙ୍ଗାଟିୱାରଙ୍କ ଅଧ୍ୟକ୍ଷତାରେ ୮ ସଦସ୍ୟ ବିଶିଷ୍ଟ ଏକ ମନ୍ତ୍ରୀ ଗୋଷ୍ଠୀ ଗଠନ କରାଯାଇଥିଲା। ପରିଷଦ ଏହାର ଜୁଲାଇ ବୈଠକରେ ଉକ୍ତ ପ୍ରସଙ୍ଗ ଉପରେ ଆଟର୍ନି ଜେନେରାଲଙ୍କଠାରୁ ଆଇନଗତ ପରାମର୍ଶ ଲୋଡିଥିଲା। ଅପରପକ୍ଷେ ଶିଳ୍ପର ସମସ୍ୟା ସମ୍ପର୍କରେ ପୂର୍ବରୁ ଅଲ ଇଣ୍ଡିଆ ଫେଡେରେଶନ ଅଫ୍ ଲଟେରି ଟ୍ରେଡ ଆଣ୍ଡ ଆଲାଏଡ ଇଣ୍ଡଷ୍ଟ୍ରି ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଧ୍ୟାନ ଆକର୍ଷଣ କରାଯାଇଥିଲା।

## ଗୁଳିକରି ବିଲେଇକୁ ...

ତଳେ ପଡ଼ି ଛଟପଟ ହେଉଥିବା ଦେଖିଥିଲେ। ତୁରନ୍ତ ସୁଶାନ୍ତ ଘଟଣା ସଂକ୍ରାନ୍ତରେ ପିପୁଲ ଫର୍ ଆନିମଲ(ପିଏଫ୍ଏ)ର ଅମୂଲ୍ୟ ନାୟକଙ୍କୁ ଜଣାଇଥିଲେ। ସେ ତାଙ୍କ ଟିମ୍ ସହ ପହଞ୍ଚି ଆହତ ବିଲେଇକୁ ଚିକିତ୍ସା ପାଇଁ ଓୟୁଏଟିକୁ ନେଇଥିଲେ। କିନ୍ତୁ ଚିକିତ୍ସା ଆରମ୍ଭ ହେବା ପୂର୍ବରୁ ବିଲେଇଟିର ମୃତ୍ୟୁ ଘଟିଥିଲା। ତେବେ ଏକ୍ସରେ ରିପୋର୍ଟରେ ବିଲେଇ ମୁଣ୍ଡ ଓ ଛାତିରେ ୨ଟି ପେଲେଟ ଥିବା ଜଣାପଡିବା ପରେ ତାକୁ ଗୁଳି କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଅମୂଲ୍ୟଙ୍କ ସହ ସୁଶାନ୍ତ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ପଡୋଶୀ ଆଶୁ ଏକ ଛର୍‌ରା ବନ୍ଧୁକରେ ତାଙ୍କ ବିଲେଇକୁ ଗୁଳି କରିଥିବା ଉଲ୍ଲେଖ କରିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲିସ ସନ୍ଧ୍ୟାରେ ଆଶୁଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଗିରଫ କରାଯାଇଥିଲା। ସେ ପୂର୍ବରୁ ତାଙ୍କ ବନ୍ଧୁକରେ ମାଙ୍କଡ଼ ଓ ଅନେକ ପକ୍ଷୀ ମାରିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ମୃତ ବିଲେଇକୁ ଓୟୁଏଟି ପାଥୋଲ୍ୟାବ୍‌ର ଫ୍ରିଜ୍‌ରେ ରଖାଯାଇଛି। ଗୁରୁବାର ପୂର୍ବାହ୍ନ ୧୦ଟାରେ

## ପ୍ରଥମ ପୃଷ୍ଠାରୁ...

ପୋଲିସ ଉପସ୍ଥିତିରେ ଭେଟେରିନାରୀ କଲେଜରେ ପାଥୋଲୋଜି ବିଭାଗର ପ୍ରଫେସର ଡା. ସୁଶେନ କୁମାର ପଣ୍ଡା ବ୍ୟବଚ୍ଛେଦ କରିବେ ବୋଲି ସୂଚନା ମିଳିଛି। ଘଟଣାକୁ ନେଇ ପଶୁପ୍ରେମୀମାନେ ତୀବ୍ର ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ



ଏକ୍ସରେ ଦ୍ୱାରା ବିଲେଇ ଦେହରେ ଚିହ୍ନଟ ହୋଇଥିବା ଗୁଳି।

ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଯଦି ସେହି ବ୍ୟକ୍ତି ଲାଇସେନ୍ସପ୍ରାପ୍ତ ବନ୍ଧୁକ ବ୍ୟବହାର କରିଛନ୍ତି, ତେବେ ତୁରନ୍ତ ଲାଇସେନ୍ସ ବାତିଲ କରାଯାଉ। ବେଆଇନ ବନ୍ଧୁକରେ ବିଲେଇ ମାରିଥିଲେ ତାଙ୍କ ବିରୋଧରେ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ କରାଯାଉ ବୋଲି ସେ କହିଛନ୍ତି।

## ପଦ୍ମଶ୍ରୀ ଫେରାଇବେ ...

କରିଥିଲେ, ଆଜି ତାକୁ ଯେଭଳି ଢଙ୍ଗରେ ଧ୍ୱଂସ କରାଯାଉଛି ତାହା ନିନ୍ଦନୀୟ। ଏଭଳି ସ୍ଥିତିରେ ସେ ନିଜ ପାଖରେ କୌଣସି ସରକାରୀ ପୁରସ୍କାର ରଖିବାକୁ ଚାହୁଁ ନ ଥିବା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଏବଂ ସିଏଏ, ୨୦୧୯କୁ ନେଇ ମୁଜ୍‌ତବା କହିଛନ୍ତି, ତାଙ୍କୁ ୮୭ ବର୍ଷ ହେଲାଣି। ଦେଶରେ ଲାଗିରହିଥିବା ବିବାଦକୁ ନେଇ ସେ ଏହି ବୟସରେ ଚିନ୍ତିତ। ଦେଶର ଭବିଷ୍ୟତ କ'ଣ ହେବ ଏବଂ ସେ ନିଜ ପିଲାଛୁଆ ତଥା ଉତ୍ତରପିଢ଼ିକୁ କେଉଁ ସ୍ଥିତିରେ ଛାଡ଼ିଦେଇଛନ୍ତି ବୋଲି ସେ ଚିନ୍ତାରେ ରହୁଛନ୍ତି। ଏଭଳି ସମୟରେ ହସିବା ପାଇଁ ସାମର୍ଥ୍ୟ ତାଙ୍କ ପାଖରେ ନାହିଁ। ପ୍ରକାଶ ଯେ, ମୁଜ୍‌ତବା ହୁସେନ ହେଉଛନ୍ତି ଦୈନିକ 'ସିଆସତ୍'ର ସହ ପ୍ରତିଷ୍ଠାତା ମେହବୁବ୍ ହୁସେନ୍ ଜିଗରଙ୍କ ଭାଇ। 'ଆମେରିକା ଘାଁସ୍ କାଟ୍ ରହା ହେଁ' ଏବଂ 'ଜାପାନ୍ ଚଲୋ' ପୁସ୍ତକ ପାଇଁ ପ୍ରସିଦ୍ଧି ଲାଭ କରିଥିବା ମୁଜ୍‌ତବାଙ୍କୁ ୨୦୦୭ରେ ପଦ୍ମଶ୍ରୀ ଉପାଧି ମିଳିଥିଲା। ସାରା ବିଶ୍ୱର ଉର୍ଦ୍ଦୁ ଭାଷୀ ଲୋକଙ୍କ ମଧ୍ୟରେ ମୁଜ୍‌ତବା ଜଣେ ସମ୍ମାନିତ ବ୍ୟକ୍ତିତ୍ୱ। ତାଙ୍କ ଲେଖାଗୁଡ଼ିକ ଜାପାନ ସମେତ ଅନ୍ୟ ଦେଶଗୁଡ଼ିକରେ ପାଠକୀୟ ଆଦୃତି ଲାଭ କରିଛି।

## ରିଭ୍ୟୁ ପିଟିଶନ୍ ଖାରଜ ...

ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନା ରହିଛନ୍ତି। ରିଭ୍ୟୁ ପିଟିଶନର ଅର୍ଥ ବାରମ୍ବାର ଶୁଣାଣି ପାଇଁ ଅପିଲ୍ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଅଦାଲତ ସମସ୍ତ ପରିସ୍ଥିତିକୁ ଅନୁଧ୍ୟାନ କରି ମୃତ୍ୟୁଦଣ୍ଡାଦେଶକୁ କାଏମ ରଖିଥିବା ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ମୂଳ ରାୟରେ କୌଣସି ତ୍ରୁଟି ନ ଥିବାରୁ ଏହାର ସମୀକ୍ଷା କରାଯିବା ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଅକ୍ଷୟଙ୍କ ତରଫରୁ ମାମଲା ଲଢୁଥିବା ଆଇନଜୀବୀ ଏ.ପି. ସିଂ ତଦନ୍ତ ପ୍ରକ୍ରିୟାରେ ତ୍ରୁଟି ରହିଥିବା ଅଭିଯୋଗ କରିଥିଲେ। ଏହାର ଉତ୍ତରରେ ଖଣ୍ଡପୀଠ କହିଥିଲେ ତଳ କୋର୍ଟ, ହାଇକୋର୍ଟ ଏବଂ ସର୍ବୋଚ୍ଚ ଅଦାଲତ ପୂର୍ବରୁ ସବୁକିଛିକୁ ଭଲ ଭାବେ ଅନୁଧ୍ୟାନ କରିବା ପରେ ରାୟ ପ୍ରଦାନ କରିଛନ୍ତି। ବିଚାର ସମ୍ପୂର୍ଣ୍ଣ ହେବା ପରେ ତଦନ୍ତକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଅନ୍ୟ ଜଘନ୍ୟ ଅପରାଧ ମାମଲାଗୁଡ଼ିକରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଅପରାଧୀମାନଙ୍କୁ ଏପର୍ଯ୍ୟନ୍ତ ଫାଶୀ ହୋଇ ନ ଥିବାବେଳେ ନିର୍ଭୟା ମାମଲାରେ ବଳାତ୍କାରୀଙ୍କୁ ଫାଶୀ ଦେବା ଲାଗି ଦିଲ୍ଲୀ ସରକାର ଏତେ ବ୍ୟଗ୍ର କାହିଁକି ବୋଲି ଅକ୍ଷୟଙ୍କ ଓକିଲ ପ୍ରଶ୍ନ କରିଥିଲେ। ଏଥିସହିତ ସେ ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ଓ ଜଳ ପ୍ରଦୂଷଣ ପ୍ରସଙ୍ଗ ଉଠାଇଥିଲେ। ପ୍ରଦୂଷଣ ଯୋଗୁ ସହରବାସୀଙ୍କ ଆୟୁ ହ୍ରାସ ପାଇଥିଲାବେଳେ ମୃତ୍ୟୁଦଣ୍ଡ କାହିଁକି ଦିଆଯିବ ବୋଲି ଓକିଲ ପ୍ରଶ୍ନ କରିଥିଲେ। ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ରିଭ୍ୟୁ ପିଟିଶନକୁ ବିରୋଧ କରିଥିଲେ। ଅପରାଧୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗର ପ୍ରମାଣ ରହିଛି। ତଳକୋର୍ଟ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ତାହାକୁ ବିଚାରକୁ ନେଇ ଦଣ୍ଡବିଧାନ କରିଛନ୍ତି ବୋଲି ସେ କହିଥିଲେ। ଅଦାଲତ ରିଭ୍ୟୁ ପିଟିଶନକୁ ଖାରଜ କରିଦେବା ପରେ ଅକ୍ଷୟ ସିଂଙ୍କ ଓକିଲ ରାଷ୍ଟ୍ରପତିଙ୍କ ପାଖରେ କ୍ଷମା ଆବେଦନ ପାଇଁ ୩ ସପ୍ତାହ ସମୟ ମାଗିଥିଲେ। ଆଇନ ଅନୁଯାୟୀ ଧାର୍ଯ୍ୟ ସମୟସୀମା ମଧ୍ୟରେ କ୍ଷମା ଆବେଦନ କରିବାକୁ କୋର୍ଟ ଅନୁମତି ଦେଇଥିଲେ। ଅପରାଧୀମାନେ ଏପର୍ଯ୍ୟନ୍ତ କ୍ୟୁରେଟିଭ୍ ପିଟିଶନ ଦାଏର କରିନାହାନ୍ତି। ଏହା ସେମାନଙ୍କର ଶେଷ ଆଇନଗତ ସହାୟତା, ଯାହାର ବିଚାର ସାଧାରଣତଃ ଚାମ୍ବରରେ ହୋଇଥାଏ। ସୂଚନାଯୋଗ୍ୟ, ୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ମୁମୂର୍ଷୁ ଅବସ୍ଥାରେ ଫିଙ୍ଗିଦିଆଯାଇଥିଲା। ଜୀବନ ସହ ୧୫ ଦିନର ସଂଘର୍ଷ ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ପୀଡ଼ିତା ଆଖି ବୁଜିଥିଲେ। ଏହି ଘଟଣାର ୬ ଅଭିଯୁକ୍ତଙ୍କ ମଧ୍ୟରୁ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ନାବାଳକ ଅପରାଧୀଙ୍କ ବିଚାର ଜୁଭେନାଇଲ ଜଷ୍ଟିସ୍ କୋର୍ଟରେ ହୋଇଥିଲା। ଅନ୍ୟ ୪ ଅଭିଯୁକ୍ତଙ୍କୁ ତଳକୋର୍ଟ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଦେବଗୁରୁଙ୍କ ଶୁଭଦୃଷ୍ଟିରୁ ଆଜିର ଆଲୋଚନା ଫଳପ୍ରଦ ହେବା ସହ କୌଣସି ସିଦ୍ଧାନ୍ତ ନେବାରେ ସମର୍ଥ ହେବେ। ପଡୋଶୀଙ୍କ ଅସହିଷ୍ଣୁ ମନୋଭାବରୁ ଟିକିଏ ଟିକିଏ କଥାରୁ କଳହ ଲାଗିବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା, ସଭାସମିତି ତଥା ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** — କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ଆକସ୍ମିକ ଭାବରେ ସୁଯୋଗ ଆପଣା ଛାଏଁ ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଯାହା କରିବେ ଭଲ ରୂପେ ଭାବଚିନ୍ତି କାମ କରିବା ଭଲ ହେବ । ତଥାପି ପ୍ରସ୍ତୁତି ପଥରେ ଥିବା କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** — ଉପରିସ୍ଥଙ୍କ ଭୁଲ୍ ବୁଝାମଣାରୁ କର୍ମ କ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ । ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ । କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। କିନ୍ତୁ ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ ।

**କର୍କଟ** — ଆଜି ଭାଇ, ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀମାନଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଯାତ୍ରା ସମୟରେ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗରୁ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ବ୍ୟବସାୟ, ନିର୍ମାଣ ଆନୁଷ୍ଠାନିକ କାମ ତଥା ସଭା ସମିତିରୁ ପ୍ରଶଂସିତ ହେବେ।

**ସିଂହ** — ଆଜି ସାମାନ୍ୟ ଅନ୍ୟମନସ୍କତା କିମ୍ବା ଅସାବଧାନତା ବଶତଃ ଧନ ହାନି ଯୋଗ ରହିଛି। କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ମଘା ନକ୍ଷତ୍ର ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକମାନଙ୍କ ଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହୋଇପଡିବ ।

**କନ୍ୟା** — ଦୀର୍ଘଦିନରୁ ଲାଗି ରହିଥିବା ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ମାନସିକ ସ୍ଥିରତା ରହିବ ନାହିଁ। ହାତକୁ ନେଇଥିବା କାମ ବିଷୟରେ ଯାହା କରିବା କଥା ଶୀଘ୍ର ଶୀଘ୍ର ଶେଷ କରିବା ଭଲ ହେବ। ଅବଶ୍ୟ କିଛି ଅସୁବିଧା ହେବନି, ଆପଣ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସତ୍‌ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇ ପାରନ୍ତି।

**ତୁଳା** — ଆଜି ଦିନଟିରେ ମନ ଅନୁଯାୟୀ କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କ୍ଷେତ୍ର, ସଭା ସମିତି, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଘର ସାଜସଜ୍ଜା,ମୂଲ୍ୟବାନ ଜିନିଷ କିଣିବା, ନୂତନ ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି।

**ବିଛା** — ବହୁ ବିଚାର ବିମର୍ଶ ପରେ ପୂର୍ବ ପରିକଳ୍ପିତ ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ଅବଶ୍ୟ ସାମାନ୍ୟ ବ୍ୟତିକ୍ରମ ଭିତରେ ସଫଳ ହେବ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିହିଁ ଶେଷ କରିବାକୁ ଚାହୁଁଥିଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ଧନୁ** — ଆଜିଦିନ ମଧ୍ୟରେ ଯେତିକି ପାଇବେ, ସେତିକିରେ ସନ୍ତୁଷ୍ଟ ରହିବା ଭଲ ହେବ। ଶିକ୍ଷା, ସନ୍ତାନ, ପରୀକ୍ଷା ଓ ଇଣ୍ଟରଭ୍ୟୁ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଶିଳ୍ପ, ବ୍ୟବସାୟରେ ଭଲ କାରବାର ହେବ, ଯାହାକି ଆପଣଙ୍କୁ କେତେକାଂଶରେ ଆତ୍ମସନ୍ତୋଷ ମିଳିପାରେ।

**ମକର** — ସହକର୍ମୀମାନେ ଫାଇଦା ହାସଲ କରିବା ସକଶେ ଅତି ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହେବା ଅସମ୍ଭବ ହୋଇପାରେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଆଗାମୀ ଦିନରେ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** — କାର୍ଯ୍ୟହାସଲ ହେବା କାରଣରୁ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ଆଗୁଁସାର ହୋଇ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଆଜିର ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** — ଆକସ୍ମିକ ଭାବରେ ଆଜିର ପ୍ରତ୍ୟୁଷ ଯାତ୍ରା ଆପଣଙ୍କ ପାଇଁ ସଫଳତା ଆଣିଦେବ। ବାଣିଜ୍ୟ,ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ବିଜୟ ଓ ଗୌରବାର୍ଜନ ନିଶ୍ଚିତ। କଳା,ସାହିତ୍ୟ,ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

ଆଜି ସିଦ୍ଧାନ୍ତ ଦର୍ପଣ ପ୍ରଣେତା ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ଜୟନ୍ତୀ, ପୌଷ କୃଷ୍ଣ ଅଷ୍ଟମୀ ଗୁରୁବାର, ଡିସେମ୍ବର ୧୯ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/କନ୍ୟା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୭।୪୬ମି. ମଧ୍ୟେ ଘ୧।୩୧ମି. ଗତେ, ଘ୨।୫୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୧।୪୨ମି. ଗତେ ଘ୧।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୧।୦୪ମି. ଗତେ ଘ୨।୨୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

AUTOMOBILE
**SALE**

Tata Indigo ECS private Regd. No. personal use in good condition. Tata Ace mega 2018 model for sale. 9439778849. D-67734

real estate
**SALE**

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851.** D-68445

**Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208.** D-68447

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

**11000sqft. single plot near C.V. Raman college, Janla Sqft. 800/- 9438400633.** D-68448

**ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9692712917, 8249728525.** D-68449

**Plot for sale, road side Kuakhia to Jenapur near Nathuabara Hata. Size (212 x 212)sqft. Mob: 8917511583, 9777031535.** D-67268

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15790

**Fully furnished, 1 BHK Flat at puri, also staying facilities available Book @ 2 lacs. 9938175444.** D-15791

Duplex for sale in Patia, Ragunathpur, Bhubaneswar.Contact: 7735412646. D-68632

construction

Construct your building as per your terms and condition. Contact: 9937064680. D-27284

**GENERAL**
**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

packers & movers

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

healthcare

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist: 8480939300. D-68726

Sai herbal spa refresh your body with smart, expert therapist. 7608062524. D-68923

Newly open full body massage by ladies, gents therapist. 8018656899 D-60858

Ayurvedic full body massage by ladies, gents therapist. 7008773793 D-60859

Ayurvedic full body massage ladies & gents smart therapist, 9668814589. D-68723

Take full body therapy. Just call 7852986810. D-68528

Monalisa Massage Club: All types body massage with hiprofile smart lady rooms service available- 9708545108. D-15762

Full body herbal massage with refreshment expert therapist. 7381239385, 06 742540855. D-68929

Experience full body massage with us (expert). Call: 7377048581, 06742597822. D-68930

Herbal full body massage by smart / expert therapist. Contact: 8338067247. D-68931

Refresh your mind and soul with best therapy at Orchid Salon/Spa. 9937287222. D-68729

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68932

business

**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267

**AFFIDAVIT**

By virtue of an affidavit, I Jitendra Kumar Jena declares that my correct name is Jitendra Kumar Jena but in LIC Policy No.584392878, my name has been recorded as Manoj Kumar Jena mistakely. Therefore, I hereby declare that Jitendra Kumar Jena and Manoj Kumar Jena is one and same person. My correct name is Jitendra Kumar Jena for all purposes. D- 15787

I, Swati Kumari Minu, D/o- Mantu Kumar born on 11.11.1991 residing at Flat No. D-123, DHPL Sahoo Residency, Mancheswar, Bhubaneswar have changed my name to Swati Prakash after my marriage vide affidavit dated 08.07.2017 at Patna. D-15793

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



ସତ୍ୟପ୍ରକାଶ ପାତ୍ର (ସୋମ୍)
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ କି ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ
ତୋର ବାପା, ବୋଉ, ମାମା, ପାପା, ମାନି ମାମା, ଲିପୁ ପା, ଛୁଆ ପାପା, ତୋର ସାନଭଉଣୀ ମାମା ଓ ଅଜା, ଆଈ ।
ଧ-୧୫୭୯୨

**ନିରୁଦ୍ଦିଷ୍ଟ**



ନାମ: ରଜନୀ ଦେଇ
ବୟସ: ୭୪
ରଙ୍ଗ: ଶ୍ୟାମଳ

ତା.୧୫।୧୨।୧୯ରୁ ସାଲିଆ ସାହି, ନୟାପଲ୍ଲୀରୁ ନିଖୋଜ ଅଛନ୍ତି। ସେ କାଲୁଣି ମଧ୍ୟ। ସନ୍ଧାନ ମିଳିଲେ Contact: 9853269151, 9937875620 ଧ-୧୫୭୯୫


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଝାଡ଼ଖଣ୍ଡର ପାକୁରଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ଅବସରରେ ଆର୍ଥିକ ମାନ୍ଦାବସ୍ଥା, ନାଗରିକତ୍ୱ ଆଇନ, ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଏବଂ ବଢ଼ିଚାଲିଥିବା ବଳାତ୍କାର ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନାଗରିକତ୍ୱ ଆଇନ, ଅନୁଚ୍ଛେଦ ୩୭୦ ଏବଂ ତିନି ତଲାକକୁ ନେଇ କଂଗ୍ରେସକୁ ଚ୍ୟାଲେଞ୍ଜ କରିଥିଲେ। ପ୍ରିୟଙ୍କା ପ୍ରଧାନମନ୍ତ୍ରୀଙ୍କ ଠାରୁ ଏସପିଟି (ସାନ୍ତାଳ ପ୍ରଗଣା ଆଇନ), ଝାଡ଼ଖଣ୍ଡ ଅନାହାର ମୃତ୍ୟୁ ଉପରେ ଜବାବ ମାଗିଛନ୍ତି।

### ■ ୨୬ରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ

# ବଡ଼ଦିନ ରାତିସାରା ଉଜାଗର ରହିବେ ଠାକୁର

ପୁରୀ ଅଫିସ, ୧୮।୧୨



ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ଏବଂ ଅନ୍ୟମାନେ।

- ■ ଛତିଶା ନିଯୋଗ ବୈଠକ ବିଳମ୍ବକୁ ନେଇ ଉଦ୍‌ବେଗ
- ■ ବକେୟା ପ୍ରାପ୍ୟ ପାଉଣା କଥା ଉଠାଇଲେ ସେବାୟତ

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୁଧବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଅଧ୍ୟକ୍ଷତା କରିଥିବାବେଳେ ପହିଲି ଭୋଗ, ସୂର୍ଯ୍ୟୋପରାଗ, ନୂଆବର୍ଷ ଓ ମକରସଂକ୍ରାନ୍ତି ନୀତି ସମ୍ପର୍କରେ ଆଲୋଚନା କରାଯାଇ ଚୂଡ଼ାନ୍ତ ହୋଇଛି। ଆସନ୍ତା ୨୬ ତାରିଖରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ। ଏଥିଲାଗି ୨୫ ତାରିଖ ରାତି ୮ଟା ୨୦ ମିନିଟରୁ ପାକତ୍ୟାଗ, ଅନ୍ନଭୋଜନ, ପାକଦ୍ରବ୍ୟ ଓ ଦେବ ନୀତି ନିଷେଧ ରହିବ। ପରାଗ ନ ଛାଡ଼ିବା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ କୌଣସି ପ୍ରକାର ନୀତି କରାଯିବ ନାହିଁ। ତେଣୁ ରାତ୍ର ପହୁଡ଼ ହେବନାହିଁ। ଫଳରେ ଡିସେମ୍ବର ୨୫ ଅର୍ଥାତ୍ ବଡ଼ଦିନ ରାତିସାରା ଠାକୁର ଦର୍ଶନ ଦେବେ ବୋଲି ବୈଠକରେ ଚୂଡ଼ାନ୍ତ ହୋଇଛି।

୨୬ ତାରିଖ ସକାଳ ୮ଘଣ୍ଟା ୨୦ ମିନିଟ୍ ୮ ସେକେଣ୍ଡରେ ପରାଗ ଛାଡ଼ିବା ପରେ ଶ୍ରୀମନ୍ଦିରରେ ନୀତି ଆରମ୍ଭ କରାଯିବ। ପ୍ରଥମେ ପରାଗ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଚାଲିବ। ଏହିଦିନ ଅମାବାସ୍ୟା ପଡୁଥିବାରୁ ଅମାବାସ୍ୟା ନାରାୟଣ ବିଜେ, ଗୁରୁବାର ମାଜଣା ଓ ଏକାନ୍ତ ଆଦି ନୀତି ମଧ୍ୟ କରାଯିବ। ତେଣୁ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ଛତିଶା ନିଯୋଗ ବୈଠକ ବିଳମ୍ବରେ ଡକାଯାଇଥିବା ନେଇ କେତେଜଣ ସେବାୟତ ଉଦ୍‌ବେଗ ପ୍ରକାଶ କରିଥିଲେ। ନୀତି ସବ୍ କମିଟି ପରେ ଛତିଶା ନିଯୋଗ ବୈଠକରେ ପହିଲି ଭୋଗ ନୀତି ଚୂଡ଼ାନ୍ତ ହୁଏ। କିନ୍ତୁ ଚଳିତବର୍ଷ ସୋମବାରଠାରୁ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଗତ ଶୁକ୍ରବାର ନୀତି ସବ୍ କମିଟି ବୈଠକରେ ପହିଲି ଭୋଗ ନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲେ ମଧ୍ୟ ଛତିଶା ନିଯୋଗ ଏହାକୁ ଚୂଡ଼ାନ୍ତ କରି ନ ଥିବା କେତେଜଣ ସବାୟତ ପ୍ରଶ୍ନ କରିଥିଲେ। ଏଭଳି ହେବା କଥା ନୁହେଁ, ତଥାପି ପହିଲି ଭୋଗ ନୀତି ଶୃଙ୍ଖଳିତ ଓ ନିର୍ଘଣ୍ଟ ସମୟରେ ଚାଲିଥିବାରୁ ମୁଖ୍ୟ ପ୍ରଶାସକ ସେବାୟତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ରାତି ନ ପାହୁଣୁ ପହିଲି ଭୋଗ ସାରିବାକୁ ଚେଷ୍ଟା କରାଯିବ ବୋଲି କେତେଜଣ ସେବାୟତ କହିଥିଲେ। ସେହିପରି ପ୍ରାପ୍ୟ ପାଉଣା ବକେୟା ରହିଥିବା କଥା କେତେଜଣ ସେବାୟତ ଉଠାଇଥିଲେ। କେଉଁ ନିଯୋଗ କେବେଠାରୁ ପ୍ରାପ୍ୟ ପାଉଣା ପାଇନାହାନ୍ତି, ସେ ସମ୍ପର୍କରେ ଜଣାଇବା ପାଇଁ ମୁଖ୍ୟ ପ୍ରଶାସକ କହିଥିଲେ। ଏକାଧିକ ନିଯୋଗ ପ୍ରତିନିଧି ଏହାର ଉତ୍ତର ରଖିଥିଲେ। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା।

ଅନ୍ୟପକ୍ଷରେ ନୂଆବର୍ଷରେ ଶ୍ରୀମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେଣୁ ଡିସେମ୍ବର ୩୧ ତାରିଖ ରାତି ୧୧ଟା ପୂର୍ବରୁ ପହୁଡ଼ ଏବଂ ରାତି ୨ଟାରେ ଦ୍ୱାର ଫିଟାଇବାକୁ ଆଲୋଚନା ହୋଇଛି। ଏହାବ୍ୟତୀତ ଦେବାଭିଷେକ ପୂର୍ଣ୍ଣିମା ଓ ମକରସଂକ୍ରାନ୍ତି ନୀତି ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇ ଚୂଡ଼ାନ୍ତ ହୋଇଛି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି, ପହିଲି ଭୋଗ, ସୂର୍ଯ୍ୟୋପରାଗ, ଦେବାଭିଷେକ ପୂର୍ଣ୍ଣିମା ଏବଂ ମକର ସଂକ୍ରାନ୍ତିର ନୀତିକାନ୍ତି ନିର୍ଘଣ୍ଟ ଅନୁସାରେ ସେବାୟତମାନେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ଏହାବ୍ୟତୀତ ଆଉ କିଛି ପ୍ରସଙ୍ଗରେ ସେବାୟତମାନେ ଦୃଷ୍ଟିଆକର୍ଷଣ କରିଛନ୍ତି। ଆସନ୍ତା ୨୦ ତାରିଖରେ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା କରାଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ସୁରକ୍ଷା ପ୍ରଶାସକ ଅଜୟ କୁମାର ଜେନାଙ୍କ ସମେତ ବିଭିନ୍ନ ନିଯୋଗ ପ୍ରତିନିଧି ଉପସ୍ଥିତ ଥିଲେ।

## ଜିଲା ଟିପ
### ବୌଦ୍ଧ



## ପର୍ଯ୍ୟଟନସ୍ଥଳର ବିକାଶ

ବୌଦ୍ଧ ଜିଲା ପର୍ଯ୍ୟଟନ କ୍ଷେତ୍ରର ଗନ୍ତାଘର। ପ୍ରାଚୀନ କୀର୍ତ୍ତିରାଜି, ଐତିହାସିକ କଳାକୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଏହି ଜିଲାରେ ଭରି ରହିଛି। ଏଠାରେ ଥିବା ଇକୋ ଟୁରିଜମର ପର୍ଯ୍ୟାପ୍ତ ସୁଯୋଗ ଜିଲାର ବିକାଶ ପାଇଁ ବାଟ ଫିଟାଇଛି। ତଥାପି ପର୍ଯ୍ୟଟନସ୍ଥଳର ଉନ୍ନତି ହୋଇପାରୁନି। ଏଥିପାଇଁ ପ୍ରଶାସନିକ ଏବଂ ରାଜନୈତିକସ୍ତରରେ ପ୍ରୟାସ ନାହିଁ। ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ବୌଦ୍ଧ ସହରର ରାଜପ୍ରାସାଦ ନିକଟରେ ଥିବା ପଦ୍ମଫୁଲ ଆକୃତି ସିଂହାସନ ଉପରେ ୭ଫୁଟ ଉଚ୍ଚର ଭୂମିସ୍ପର୍ଶୀ ବୁଦ୍ଧଙ୍କ ମୂର୍ତ୍ତି ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି। କଳା ମୁଗୁନି ପଥରରେ ନିର୍ମିତ ଶାନ୍ତ ମୁଦ୍ରାରେ ଥିବା ଏହି ମୂର୍ତ୍ତିକୁ ଦର୍ଶନ ପାଇଁ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକମାନେ ଆସିଥାନ୍ତି। ସେହି ବୁଦ୍ଧ ମୂର୍ତ୍ତି ଜିଲାର ନାମକୁ ସାର୍ଥକ କରୁଛି। ସେହିପରି ବୌଦ୍ଧ ସହରଠାରୁ ମହାନଦୀ କୂଳେ କୂଳେ ଜଗନ୍ନାଥ ସଡ଼କରେ ଗଲେ ପରଗଲପୁର ଓ ଶ୍ୟାମସୁନ୍ଦରପୁରରେ ରହିଛି ବୁଦ୍ଧବିହାର। ସେହି ବୁଦ୍ଧକୀର୍ତ୍ତି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ଥିଲେ ମଧ୍ୟ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହାକୁ ଗୁରୁତ୍ୱ ଦିଆଯାଇନାହିଁ। ଫଳରେ ତାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ। ବୁଦ୍ଧବିହାରର ଭଗ୍ନାବଶେଷ ମଧ୍ୟ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ। ଅଷ୍ଟମ ଶତାବ୍ଦୀରେ ବୌଦ୍ଧର ଭଞ୍ଜ ରାଜାମାନଙ୍କ ଦ୍ୱାରା ନିର୍ମିତ କାରୁକାର୍ଯ୍ୟରେ ଭରପୂର ଗନ୍ଧରାଡି ମନ୍ଦିର ଓ ନବମ ଶତାବ୍ଦୀରେ ସୋମବଂଶୀମାନଙ୍କ ଦ୍ୱାରା ବୌଦ୍ଧ ସହରରେ ନିର୍ମିତ ରାମେଶ୍ୱର ମନ୍ଦିର ପର୍ଯ୍ୟଟକମାନଙ୍କ ଦର୍ଶନ ଓ ଗବେଷଣା ପାଇଁ ଅନେକ ସୁଯୋଗ ସୃଷ୍ଟି କରେ। ସେହିପରି ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତର ପାତାଳୀ ଶ୍ରୀକ୍ଷେତ୍ର, ନାୟକପଡା ଗୁମ୍ଫା ଓ କଣ୍ଟାମାଳ ରେଘାମୁଣ୍ଡାର ଦେଢଶୁର ଭାଇବୋହୂ ପାହାଡ ପ୍ରଚାର ପ୍ରସାର ଅଭାବରୁ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ହରଭଙ୍ଗା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ଭୈରବୀଙ୍କ ମନ୍ଦିର, ରାମଗଡ଼ ଓ କରଡିରେ ଥିବା ଶିବ ମନ୍ଦିର, ମହାନଦୀ ନିକଟସ୍ଥ ପଦ୍ମତୋଳା ଅଭୟାରଣ୍ୟ, ତଳଗାଁ ଡମକୁଚର ମନଲୋଭା ପ୍ରାକୃତିକ ଦୃଶ୍ୟ, ମହାନଦୀ ଗର୍ଭରେ ରହିଥିବା ହନୁମାନ ମନ୍ଦିର, ମହାନଦୀ ଭିତରେ ଥିବା ମର୍ଜାକୁଦ ଇକୋ ଟୁରିଜମର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଛି। ରାଜ୍ୟ ସରକାର ଉପରୋକ୍ତ ପର୍ଯ୍ୟଟନସ୍ଥଳର ବିକାଶ କରାଇପାରିଲେ ବୌଦ୍ଧ ଜିଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ସୃଷ୍ଟି କରିବ। ସେହିପରି ପର୍ଯ୍ୟଟନର ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦିଆଗଲେ ଜିଲାରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

– ଅଜିତ କୁମାର ବାରିକ

## ସଡ଼କ ଦୁର୍ଘଟଣା, ୨ବାଇକ୍ ଆରୋହୀ ମୃତ

ମୁରିବାହାଲ, ୧୮।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଜୁଆଡିପାଲି ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଏକ ବାଇକରେ ଥିବା ୨ଆରୋହୀଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଜଣଙ୍କର ଓ ଅନ୍ୟ ଜଣଙ୍କର ମୁରିବାହାଲ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ମୁରିବାହାଲ ବ୍ଲକ ବାରବନ୍ଧାର ମୂଳ ବାସୀନ୍ଦା ତଥା କଳାହାଣ୍ଡି ଜିଲା କେଗାଁ ଥାନା ବାବେରମୁଣ୍ଡାରେ ଘର ଜ୍ୱାଇଁ ହୋଇ ରହିଥିବା ବବରୁ ଭୋଇ(୨୫) ଏବଂ ତାଙ୍କ ଶଳା ଡୋଳାମଣି ମାଝୀ(୨୨)। କୌଣସି ଏକ କାମରେ ଉଭୟେ ବାବେରମୁଣ୍ଡାରୁ ବାଇକ ନଂ. ଓଆର ୮ଏଫ ୬୩୯୯ରେ ବାରବନ୍ଧାକୁ ଏକ ଆସୁଥିବା ବେଳେ ଜୁଆଡିପାଲି ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା।

# ନୂଆ ମୋଟର ଯାନ ଆଇନ ପରେ କମିଛି ଦୁର୍ଘଟଣା

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

**ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକ**
- ■ ଚିନ୍ତା ବଢ଼ାଉଛି ସଡ଼କ ଦୁର୍ଘଟଣା
- ■ ରାଜ୍ୟରେ ପ୍ରତି ୧୦୦ରେ ୪୭ ଜଣଙ୍କର ଜୀବନ ଯାଉଛି
- ■ ୭୦% ରୋଜଗାରକ୍ଷମ ବ୍ୟକ୍ତି ପ୍ରାଣ ହରାଉଛନ୍ତି
- ■ ୧୦ ବର୍ଷରେ ଗଲାଣି ୩୮ ହଜାର ଜୀବନ

ରାଜ୍ୟରେ ମୋଟର ଯାନ ଆଇନ କଡାକଡି ହେବା ପରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ୪.୭ ପ୍ରତିଶତ କମିଛି। ମୃତ୍ୟୁହାର ୧୨% କମିଛି। ସଡ଼କ ସୁରକ୍ଷା ନେଇ ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରୁ ଏହି ସୂଚନା ମିଳିଛି। ତେବେ ଜାନୁୟାରୀରୁ ଅକ୍ଟୋବର ୩୦ ମଧ୍ୟରେ ରାସ୍ତା ଦୁର୍ଘଟଣା ବୃଦ୍ଧି ପାଇଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଜାତୀୟ ସ୍ତରରେ ପ୍ରତି ୧୦୦ ଦୁର୍ଘଟଣାରେ ୩୨ ଜଣ ପ୍ରାଣ ହରାଉଥିବାବେଳେ ଓଡ଼ିଶାରେ ୪୭ ଜଣଙ୍କର ପ୍ରାଣହାନି ହେଉଛି। ୨୦୧୮ରେ ୫୩୧୫ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବାବେଳେ ୫ ହଜାର ଗୁରୁତର ଆହତ ହୋଇଛନ୍ତି। ସେହିପରି ୨୦୦୮ରୁ ୨୦୧୮ ମଧ୍ୟରେ ଓଡ଼ିଶାରେ ୩୮ ହଜାର ୨୦୪ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ୭୦% ରୋଜଗାରକ୍ଷମ ବ୍ୟକ୍ତି ବୋଲି ଜଣାପଡିଛି। ରାସ୍ତା ଦୁର୍ଘଟଣା ରାଜ୍ୟରେ ସାଂଘାତିକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରୁଥିବାରୁ ସୁପ୍ରିମକୋର୍ଟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ୨୦୨୦ ସୁଦ୍ଧା ଦୁର୍ଘଟଣାଜନିତ ମୃତ୍ୟୁ ୨୦% ହ୍ରାସ କରିବାକୁ ପଦକ୍ଷେପ ନେବା ସକାଶେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାର ଠିକ୍ ବିପରୀତ ଦେଖିବାକୁ ମିଳୁଛି। ୨୦୧୮ ତୁଳନାରେ ୨୦୧୯ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହାର ୭.୫ ପ୍ରତିଶତ ବୃଦ୍ଧି ହୋଇଛି। ଏହି ସମୟରେ ୪୧୧୫ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଦୁର୍ଘଟଣା ହାର କମାଇବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ମିଳିପାରୁ ନ ଥିବାରୁ ବହୁ ଲୋକଙ୍କର ମୃତ୍ୟୁ ହେଉଛି। ସେଥିପାଇଁ କଟକ ଓ ଭୁବନେଶ୍ୱର ସହରର କେତେକ ଘରୋଇ ହସ୍ପିଟାଲରେ ମାଗଣାରେ ଚିକିତ୍ସା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

## ସିସିଟିଭିରେ ଲଢ଼େଇ ଦେଖୁଛି ବନ ବିଭାଗ

### ■ ସୁନ୍ଦରୀକୁ ଝାମ୍ପ ଦେଉଛି ପୁରୁଣା ବାଘୁଣୀ

ବନ୍ତଲା, ୧୮।୧୨(ଡି.ଏନ.ଏ.)



ସାତକୋଶିଆରେ ଥିବା ପୁରୁଣା ବାଘୁଣୀ।

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ରାଇଗୁଡା ରେଞ୍ଜ ଏନକ୍ଲୋଜର ମଧ୍ୟରେ ଥିବା ବାଘୁଣୀ ସୁନ୍ଦରୀ ସହ ଲଢ଼େଇ କରିବାକୁ ତୟାର ହେଉଛି ପୁରୁଣା ବାଘୁଣୀ। ଅଭୟାରଣ୍ୟରେ ସ୍ଥିତି ଜାହିର ତଥା ନିଜ ସୀମା ନିର୍ଦ୍ଧାରଣ ପାଇଁ ଅଧିକାଂଶ ଦିନ ପୁରୁଣା ବାଘୁଣୀ ଏନ୍‌କ୍ଲୋଜର ନିକଟକୁ ଆସି ଝାମ୍ପ ମାରୁଥିବା ବେଳେ ସୁନ୍ଦରୀ ମଧ ପାଲଟା ଜବାବ ଦେଉଛି। ଫଳରେ ଏନ୍‌କ୍ଲୋଜରର ତାର ଜାଲି ଦୋହଲି ଯାଉଛି। ଦୁଇ ବାଘୁଣୀଙ୍କ ମଧ୍ୟରେ ଏପରି ଲଢ଼େଇ ସ୍ଥିତି ସିସିଟିଭିରେ ଦେଖାଯିବା ପରେ ଏହାକୁ ଏଡ଼ାଇବା ପାଇଁ ପ୍ରୟାସ କରାଯାଉଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ମଣିଷ ମାରିବା ପରଠାରୁ ବାଘୁଣୀ ସୁନ୍ଦରୀକୁ ୨୦୧୮ ନଭେମ୍ବର ୬ରୁ ରାଇଗୁଡାସ୍ଥିତ ଏନକ୍ଲୋଜରରେ ରଖାଯାଇଛି। ତେବେ ବ୍ୟାଘ୍ର ଅଭୟାରଣ୍ୟ ମଧ୍ୟରେ ପୂର୍ବରୁ ଥିବା ପୁରୁଣାବାଘୁଣୀ ଅଧିକାଂଶ ଦିନ ଏନକ୍ଲୋଜର ନିକଟକୁ ଆସି ସୁନ୍ଦରୀ ସହ ଲଢ଼େଇ ପାଇଁ ଝାମ୍ପ ମାରୁଥିବା ଦେଖାଯାଉଛି। ଅପରାହ୍ନ ୫ଟାରୁ ବିଳମ୍ବିତ ରାତି ଯାଏ ପୁରୁଣା ବାଘୁଣୀ ଏନ୍‌କ୍ଲୋଜର ମଧ୍ୟକୁ ପ୍ରବେଶ ପାଇଁ ବାରମ୍ବାର ଉଦ୍ୟମ କରୁଥିବା ବେଳେ ଭିତରେ ଥିବା ସୁନ୍ଦରୀ ମଧ୍ୟ ଲଢ଼େଇ ପାଇଁ ତାରଜାଲି ଉପରକୁ କୁଦା ମାରୁଛି। ଏନ୍‌କ୍ଲୋଜର ଚାରିପଟେ ଲାଗିଥିବା ସିସିଟିଭି କ୍ୟାମେରାରେ ବନ ବିଭାଗ କର୍ମଚାରୀମାନେ ଏହା ଦେଖୁଥିବା ଜଣାପଡ଼ିଛି। ଏ ବିଷୟରେ ଆଞ୍ଚଳିକ ବନ ସଂରକ୍ଷକ (ଆର୍‌ସିସିଏଫ୍) ପ୍ରଦୀପ ରାଜ କରାଟେ କୁହନ୍ତି, ବାଘମାନେ ସେମାନଙ୍କ ସୀମା ନିର୍ଦ୍ଧାରଣ କରିଥାନ୍ତି। ସେଥିପାଇଁ ଅନ୍ୟ ବାଘ ସହ ସେମାନଙ୍କୁ ଲଢ଼େଇ କରିବାକୁ ପଡ଼େ। ସାତକୋଶିଆ ପୁରୁଣା ବାଘୁଣୀ ସୁନ୍ଦରୀକୁ ଦେଖି ଗର୍ଜନ କରୁଛି। ଲଢ଼େଇ ପାଇଁ ଉଭୟ ଝାମ୍ପ ଦେଉଛନ୍ତି। ସିସିଟିଭି କ୍ୟାମେରାରେ ଏହା ଦେଖାଯିବା ପରେ ଏନ୍‌କ୍ଲୋଜର ଜାଲିରେ ଗଛଲତା ମାଡ଼ିବା ପରି ସବୁଜ ନେଟ୍ ଦିଆଯାଇଛି। ତଥାପି ଛୋଟ ଛୋଟ କଣା ଓ ଗନ୍ଧ ବାରି ଉଭୟ ବାଘୁଣୀ ଲଢ଼େଇ କରିବାକୁ ଝାମ୍ପ ମାରୁଥିବା ଆର୍‌ସିସିଏଫ ପ୍ରକାଶ କରିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଗୀତାଞ୍ଜଳି ରଣା



ଲଲାଟେନ୍ଦୁ ମହାପାତ୍ର



ପ୍ରସାଦ କୁମାର ନାୟକ



ସୋନାଲି ପାଣି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ■ ବାରବାଟୀ-କଟକ ନିର୍ବାଚନୀ ମାମଲା

# ପିଟିଶନ ଖାରଜ କରିବାକୁ ଯୁକ୍ତି

କଟକ ଅଫିସ,୧୮।୧୨

ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ନିର୍ବାଚନୀ ସତ୍ୟପାଠରେ ତଥ୍ୟ ଲୁଚାଇଛନ୍ତି। ତେଣୁ ତାଙ୍କ ସଭ୍ୟପଦକୁ ରଦ୍ଦ କରିବା ପାଇଁ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ବୁଧବାର ଉକ୍ତ ମାମଲାର ଶୁଣାଣି ଜଷ୍ଟିସ ସଙ୍ଗମ ସାହୁଙ୍କ କୋର୍ଟରେ ହୋଇଥିଲା। ବିଧାୟକ ମୋକିମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ବିଦ୍ୟାଧର ମିଶ୍ର ସାମନ୍ତରାୟଙ୍କ ପିଟିଶନକୁ ଖାରଜ କରିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ। ଉକ୍ତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୪ ତାରିଖକୁ ଦିନଧାର୍ଯ୍ୟ କରାଯାଇଛି।

ସୂଚନାଥାଉ କି, ନିର୍ବାଚନୀ ସତ୍ୟପାଠରେ ବିଧାୟକ ମୋକିମ ନିଜ ବିରୋଧରେ ଥିବା ଫୌଜଦାରି ମାମଲାଗୁଡ଼ିକୁ ଉଲ୍ଲେଖ କରିନାହାନ୍ତି। ଏପରି କି ନିଜର ସମ୍ପତ୍ତି ତାଲିକା ସମ୍ପର୍କରେ ସେ ସବିଶେଷ ତଥ୍ୟ ଦେଇ ନ ଥିବା ନେଇ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସାମନ୍ତରାୟଙ୍କ ପକ୍ଷରୁ ଆଡଭୋକେଟ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ଓଡ଼ିଶାରେ ନିବେଶ ପାଇଁ ଆଇଟି କମ୍ପାନୀଙ୍କୁ ଆମନ୍ତ୍ରଣ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)



ମନ୍ତ୍ରୀ ତୁଷାରକାନ୍ତି ବେହେରା ହାଇଦ୍ରାବାଦର ଆଇଟି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ହାଇଦ୍ରାବାଦରେ ତୁଷାରକାନ୍ତି**
- ■ ଫୋକସ୍‌ରେ ବହୁରାଷ୍ଟ୍ରୀୟ କମ୍ପାନୀ
- ■ ଶିଳ୍ପ ଉଦ୍ୟୋଗୀଙ୍କ ସହ ହେବ ଆଲୋଚନା

ଓଡ଼ିଶାକୁ ସୂଚନା ପ୍ରଯୁକ୍ତି ବିଦ୍ୟା(ଆଇଟି) ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ବିଭିନ୍ନ ଦେଶୀ ଏବଂ ବିଦେଶୀ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ ଓ ଉତ୍ସାହିତ କରାଯାଉଛି। ଏହି କ୍ରମରେ ରାଜ୍ୟ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ହାଇଦ୍ରାବାଦ ଗସ୍ତରେ ଯାଇଛନ୍ତି। ଗସ୍ତ ଅବସରରେ ସେ ବିଭିନ୍ନ ଆଇଟି କମ୍ପାନୀର ପଦାଧିକାରୀଙ୍କୁ ସାକ୍ଷାତ କରିବା ସହ ଓଡ଼ିଶାରେ ନିବେଶ ପାଇଁ ଆମନ୍ତ୍ରଣ କରିଛନ୍ତି। ଏଥି ସହ ବିଭିନ୍ନ ଅଗ୍ରଣୀ ଆଇଟି କମ୍ପାନୀଗୁଡ଼ିକର କାର୍ଯ୍ୟାଳୟକୁ ପରିଦର୍ଶନରେ ଯାଇଛନ୍ତି। ବିଶେଷକରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକୁ ଫୋକସ୍ କରାଯାଇଛି। ନିକଟରେ ମୁମ୍ବାଇ ଏବଂ ବେଙ୍ଗାଲୁରୁ ଗସ୍ତରେ ମନ୍ତ୍ରୀ ଯାଇଥିଲେ। ଏବେ ହାଇଦ୍ରାବାଦ ଗସ୍ତରେ ଥିବା ଯୋଗୁ ରାଜ୍ୟରେ ଆଇଟି କ୍ଷେତ୍ରକୁ ଯଥେଷ୍ଟ ଆଗକୁ ନେବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ଆଇଟି କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଷ୍ଟାର୍ଟଅପ୍ ଓଡ଼ିଶା କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ଏବଂ ଓଡ଼ିଶାକୁ ଏକ ସର୍ବବୃହତ୍ ଆଇଟି ହବ୍‌ରେ ପରିଣତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଗସ୍ତର ପ୍ରଥମ ଦିନ ଅର୍ଥାତ୍ ସୋମବାର ମନ୍ତ୍ରୀ ବେହେରା ହାଇଟେକ୍ ସିଟି ଗସ୍ତ କରିଥିଲେ। ଏଥି ସହ ମାଇକ୍ରୋସଫ୍ଟ, ସିବିଆର୍‌ଇ ଏବଂ ବ୍ଲାକ୍ ନାଇଟ୍ ଆଦି ଆଇଟି କମ୍ପାନୀ ବୁଲି ଦେଖି ଥିଲେ। କମ୍ପାନୀଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ କରିଥିଲେ। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଉପଲବ୍ଧ ଭିତ୍ତିଭୂମି ଦେଖିବାକୁ ଏକ ସରକାରୀ ଆମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ପର୍ପଲ୍ ଟକ୍ କମ୍ପାନୀର ପ୍ରତିଷ୍ଠାତା ଶ୍ରୀଧର ମୁପ୍ପିଡିଙ୍କ ସହ ରାଜ୍ୟରେ ଆଇଟି କ୍ଷେତ୍ରର ବିକାଶ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଗସ୍ତ ଅବସରରେ ମନ୍ତ୍ରୀ ବେହେରା ତେଲଙ୍ଗାନାର ଶିଳ୍ପ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଛି। ଏତଦ୍‌ବ୍ୟତୀତ ଏଫ୍‌ଟିଏଆଇ ଦ୍ୱାରା ଶିଳ୍ପ ଉଦ୍ୟୋଗୀମାନଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ବେହେରା ଯୋଗଦେବେ। ଏଥିରେ ସେ ଗୁଗୁଲ୍, ଡିଜ୍ନୀ ଏଣ୍ଟରଟେନ୍‌ମେଣ୍ଟ, ଟି-ହବ୍ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସହ ରାଜ୍ୟରେ ଆଇଟିର ବିକାଶ, ଇକୋ-ସିଷ୍ଟମ୍ ଉନ୍ନତୀକରଣ ଏବଂ ପୁଞ୍ଜିନିବେଶ ବିଷୟରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୦ତାରିଖରେ ଆମାଜନ୍ ଏବଂ ହାୟସି ଆଦି ଆଇଟି କମ୍ପାନୀ ଗସ୍ତ କରିବେ ମନ୍ତ୍ରୀ ବେହେରା। ମନ୍ତ୍ରୀଙ୍କ ଏହି ଗସ୍ତର ସକାରାତ୍ମକ ପ୍ରଭାବ ପଡ଼ିବ ଏବଂ ବିଭିନ୍ନ ରାଜ୍ୟରେ ଆଇଟିର ବିକାଶ ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ଓ ସେଗୁଡ଼ିକୁ ଓଡ଼ିଶାରେ କିଭଳି କାର୍ଯ୍ୟକାରୀ କରାଯାଇପାରିବ, ସେଦିଗରେ ମନ୍ତ୍ରୀଙ୍କ ଗସ୍ତ ଲାଭଦାୟକ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ହେ ଭଗବାନ ! ଆମର ବାକ୍ୟ ସବୁ ଏବେ ବି ଅଜ୍ଞାନାଚ୍ଛନ୍ନ । ସେ ସବୁକୁ ଆଲୋକିତ କର । ଆମ ଅଭୀପ୍ସା ଏବେ ବି ମଳିନ– ତାକୁ ଶୁଦ୍ଧି କର । ଆମର କର୍ମ ଏବେ ବି ଅସମର୍ଥ –ତାକୁ ସାମର୍ଥ୍ୟପୂର୍ଣ୍ଣ କର ।
–ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଶାକାହାରବାଦ ପ୍ରତିବଦ୍ଧତା

ଶୁଦ୍ଧ ଶାକାହାରୀ ଉତ୍ସବ ସମ୍ଭବତଃ ଭଲ । ଏଥିରେ ତୁମକୁ ଶୁଦ୍ଧ ଶାକାହାରୀମାନେ ବିନା ମାଂସ, କ୍ଷୀର, ଅଣ୍ଡାର ବ୍ୟଞ୍ଜନଟିଏ କରିବା ପାଇଁ ଏକ ପରିବେଶ ସୃଷ୍ଟି କରିଥାନ୍ତି । କିନ୍ତୁ ଏହିସବୁ କାର୍ଯ୍ୟକ୍ରମ କେବଳ ଜିନିଷ ବିକ୍ରିକରିବା ପାଇଁ ଆୟୋଜନ କରାଯାଉଛି । ଏହା ଅନ୍ୟ ପ୍ରାଣୀମାନଙ୍କ ଅଧିକାର ଏବଂ ସ୍ୱାଧୀନତା ରକ୍ଷାକରିବା କିମ୍ବା ରାଜନୈତିକ ଓ ସାମାଜିକ ସକ୍ରିୟତାକୁ ପ୍ରେରଣା ଦେବା ଲାଗି ଉଦ୍ଦିଷ୍ଟ ନୁହେଁ । ଲୋକମାନଙ୍କୁ କମ୍ ଖାଇବା ଲାଗି ପରାମର୍ଶ ଦେବା ପରିବର୍ତ୍ତେ ବେଶି କିଣିବା ପାଇଁ ପ୍ରବର୍ତ୍ତାଉଛନ୍ତି । ନୈତିକ ଆବଶ୍ୟକତା ବଦଳରେ ଶୁଦ୍ଧ ଶାକାହାରବାଦ ଗ୍ରାହକଙ୍କର ଏକ ବ୍ୟକ୍ତିଗତ ପସନ୍ଦ ବୋଲି ବାର୍ତ୍ତା ଦେଉଛନ୍ତି । ପ୍ରାଣୀମାନଙ୍କ ସ୍ୱାଧୀନତା ଲାଗି ଲଢେଇରେ ଶୁଦ୍ଧ ଶାକାହାରବାଦୀଙ୍କ ପାଇଁ ଉପଲବ୍ଧତା ଓ ପକେଟ୍‌ର ଶକ୍ତି ନିର୍ବିବାଦରେ ଏକ ଶକ୍ତିଶାଳୀ ଉପକରଣ । ଶୁଦ୍ଧ ଶାକାହାରୀ ଉତ୍ପାଦର ଚାହିଦା ବୃଦ୍ଧିପାଉଥିବା କହି ଏହି ଉପଭୋକ୍ତାବାଦୀ ଉତ୍ସବ ପୁଞ୍ଜିବାଦକୁ ପ୍ରୋତ୍ସାହନ ଦେଉଛି । ଏହା ସେହି ଢାଞ୍ଚା ଯାହା ସବୁ ପ୍ରାଣୀଙ୍କ ଉତ୍ପୀଡନ ଓ ପଣ୍ୟଦ୍ରବ୍ୟ ଭାବେ ଉପଯୋଗ ଧାରାକୁ ଧରିରଖିଛି । କେତେ ସହଜରେ ଅନେକ ଦେଶରେ ପୁଞ୍ଜିବାଦ ଶୁଦ୍ଧଶାକାହାରୀ ଉପଭୋକ୍ତାଙ୍କ ପସନ୍ଦ ସହ ଖାପଖୁଆଇ ଚାଲିପାରିଛି ତାହା ହିଁ ଦେଖିବାର କଥା ।

ବାସ୍ତବରେ ଜଣେ ଭିଗନ୍ ବା ଶୁଦ୍ଧ ଶାକାହାରୀ ତାଙ୍କ ବିଶେଷାଧିକାର ବାହାରେ ବିଚାର କରିବା ଦରକାର । କାହିଁକି ଆମେ ପୃଥିବୀକୁ ସଂକୁଚିତ କରି ଏକ ନର୍କକୁଣ୍ଡ କରିବାକୁ ଅନୁମତି ଦେଇଛୁ, କାହିଁକି ସବୁ ପ୍ରଜାତିର ପ୍ରାଣୀଙ୍କୁ ବ୍ୟବହାର ଓ ହତ୍ୟା କରିବାର ଅଧିକାର ମଣିଷକୁ ଦିଆଯାଇଛି । ଆମେ କେମିତି ବଞ୍ଚିବା ଓ କ'ଣ ଖାଇବା ଏକ ପୁଞ୍ଜିବାଦୀ କମ୍ପାନୀ କାହିଁକି ତାହା ସ୍ଥିର କରିବ । କ୍ୟାନ୍‌ସର ରୋଗୀଙ୍କ କଥା ନ ଶୁଣି କୀଟନାଶକ କମ୍ପାନୀର କଥା ଶୁଣିବାକୁ କେମିତି ଆମେ ଅନୁମତି ଦେବା । କାହିଁକି ମାଂସ ଖାଇବା ସାଧାରଣ ହୋଇଯାଇଛି ? ମାଂସ ପାଇବା ଲାଗି ପ୍ରାଣୀଙ୍କୁ ଖାଇବାକୁ ଦେଇ ବଢ଼ାଇବା ଲାଗି କାହିଁକି ୮୦ ପ୍ରତିଶତ ଜଙ୍ଗଲ ଧ୍ୱଂସ କରାଯାଉଛି ? ଯେତେବେଳେ ସାମାନ୍ୟ ଏକ ହୋଟେଲ କିମ୍ବା ଅନ୍ୟ କିଛି ଅନାବଶ୍ୟକ ପୁଞ୍ଜିବାଦୀ ଢାଞ୍ଚା ନିର୍ମାଣ କରାଯାଉଛି ସେତେବେଳେ ଯେଉଁମାନେ ଗଛକଟାକୁ ବିରୋଧ କରୁଛନ୍ତି କାହିଁକି ସେମାନଙ୍କୁ ବିକାଶବିରୋଧୀ ବୋଲି ବିବେଚନା କରାଯାଉଛି ? ମନୁଷ୍ୟଙ୍କ ଭଳି ସମ୍ପୂର୍ଣ୍ଣ ଭାବନା ଶକ୍ତି ଥିବା ପ୍ରାଣୀମାନଙ୍କୁ କାହିଁକି ପଣ୍ୟଦ୍ରବ୍ୟ ଭାବେ ଦେଖାଯାଉଛି । ଶୁଦ୍ଧ ଶାକାହାରୀମାନେ ଦୟାଳୁ ଏବଂ ସୁଧାରବାଦୀ ହେବା ଦରକାର । ବିଳମ୍ବ ହେବା ପୂର୍ବରୁ ଏହି ସମସ୍ୟା ଉପରେ ବିଚାର କରି ନିଜ ରାସ୍ତା ବାଛିନେବା ଦରକାର ।

ନିଜ ଜୀବନଶୈଳୀର ପସନ୍ଦ 'ନୈତିକ ଉପଭୋକ୍ତାବାଦ' ଭଳି ଶୁଦ୍ଧ ଶାକାହାରବାଦକୁ କମ୍ପାନୀଗୁଡିକ ବିକ୍ରି କରୁଛନ୍ତି । ଏଣୁ ପ୍ରାଣୀଙ୍କ ସ୍ୱାଧୀନତା ଏବେ ଶସ୍ତା ହୋଇଯାଇଛି, ଉତ୍ପାଦର ପସନ୍ଦକୁ କମାଇ ଆମେ ଦୋଷମୁକ୍ତ ଅନୁଭବ କରି ଭାବୁଛୁ କି ଆମେ ଆମ କାମ କରୁଛୁ । କିନ୍ତୁ ଶୁଦ୍ଧ ଶାକାହାରୀମାନେ ପ୍ରାଣିଜ ଉତ୍ପାଦ ଖାଇବାକୁ ମନାକରିବା ଦ୍ୱାରା ଏବେ କମ୍ ପ୍ରାଣୀଙ୍କୁ ଯେ ହତ୍ୟା କରାଯାଉଛି ତାହାନୁହେଁ, ଅନେକ କମ୍ପାନୀ ଏହା ସହ ସଂଶ୍ଳିଷ୍ଟ ନୈତିକ ଉତ୍ପାଦଗୁଡିକୁ ବିକ୍ରି କରୁଛନ୍ତି । ପ୍ରାଣୀଙ୍କୁ ନିର୍ଯାତନା ଦେଇ ସେମାନେ ଲାଭ କରୁଛନ୍ତି । ପୁଞ୍ଜିବାଦରେ ନୈତିକ ଉପଭୋକ୍ତାବାଦ ବୋଲି କିଛି ନାହିଁ । 'ପରସ୍ପର ମଧ୍ୟରେ ନିର୍ଯାତନାର ସମ୍ପର୍କ ଥିବା ପେଟ୍ରୋକେମିକାଲ, ଅସ୍ତ୍ରଶସ୍ତ୍ର, ଫ୍ୟାଶନ, ଫାର୍ମାସ୍ୟୁଟିକାଲ ଏବଂ କୃଷିଜାତ ଉତ୍ପାଦର ଶିଳ୍ପ ସହ ମାଂସ ଏବଂ ଡାଇରି ଶିଳ୍ପ କେବଳ ଯେକୌଣସି ପ୍ରକାର ନୈତିକ ଉତ୍ପାଦ କରିପାରିବେ, ଯାହା ଏକ ମିଥ୍ୟା ଧାରଣା' ବୋଲି ଆନିମଲ ଲିବରେଶନ କହେ । ଏଣୁ ପଶୁ ଅତ୍ୟାଚାର ଶେଷକରି ସବୁ ଜୀବଙ୍କ ଲାଗି ସ୍ୱାଧୀନତା ଓ ସ୍ୱତନ୍ତ୍ରତା ଆଣିବା ଶୁଦ୍ଧ ଶାକାହାରବାଦୀ ସଂଗ୍ରାମର ଏକ ଅଂଶ ହେବା ଦରକାର । ଏକ ଦୟାପୂର୍ଣ୍ଣ ସମାଜ ଗଠନ କରିବା ଲାଗି ଶାକାହାରବାଦ ପ୍ରୟାସ କରିବା ଦରକାର । ଟେକ୍ସାସ ବିଶ୍ୱବିଦ୍ୟାଳୟର ପୁରସ୍କାରପ୍ରାପ୍ତ ଲେଖକ, ଅନୁଭବୀ ସାମାଜିକ କର୍ମୀ ପ୍ରାଧ୍ୟାପକ ଷ୍ଟିଭେନ୍ ବିଷ୍ଟ ଉଲ୍ଲେଖ କରିଛନ୍ତି ଯେ, ଶୁଦ୍ଧ ଶାକାହାରବାଦ ଆନୁଷ୍ଠାନିକ କ୍ଷେତ୍ରରେ ଅସଲି ସାମାଜିକ ପରିବର୍ତ୍ତନ ଚାହିଁବା ଆବଶ୍ୟକ । କ୍ରିଟିକାଲ ଆନିମଲ ଷ୍ଟଡିଜ୍‌ର ଲେଖକ ପ୍ରଫେସର ଜନ୍ ସାନ୍‌ବୋନ୍‌ମାଷ୍ଟୁଙ୍କ ଅନୁସାରେ କେବଳ ଇଟିଂ ଗାଇଡ୍‌ଲାଇନର ଗୋଟିଏ ସେଟ୍‌ରେ କ'ଣ ବିପଦ ରହିଛି ତାହାନୁହେଁ, ବରଂ ଯାହା ଜୀବନ ଲାଗି ଅଯୋଗ୍ୟ ତାହା ଆଲୋଚନା ବା ସମୀକ୍ଷାର ବିଷୟ । ପୁଞ୍ଜିବାଦ ଏକ ଟେକ୍ନିକାଲ ପାୱାର, ଏକ ବୈଶ୍ୱିକ ପଦ୍ଧତି ଯାହା ଇକୋସାଇଡ୍‌କୁ ବିଶ୍ୱସ୍ତରକୁ ପ୍ରଥମେ ଆଣିପାରିଛି । ମାନବ ସଭ୍ୟତାର ଇତିହାସରେ ଜୈବବିବିଧତା ଏବଂ ବାୟୋମାସ ଏବେ ସବୁଠାରୁ କମ୍ ରହିଛି । ଏଥିରୁ ସ୍ପଷ୍ଟ ହେଉଛି ଯେ, ପୁଞ୍ଜିବାଦର ପ୍ରାଣୀ ନିର୍ଯାତନା, ପରିବେଶ ଧ୍ୱଂସ ଓ ଏହାର ଉତ୍ପୀଡ଼ନ ସହ ମଣିଷର ନିର୍ଯାତନା ମଧ୍ୟରେ ସମ୍ପର୍କ ରହିଛି । କାରଣ ମାଂସ ଉଦ୍ୟୋଗ ନିର୍ଯାତନାର ଏକ ଭୟଙ୍କର ଚେହେରା । ଶୁଦ୍ଧ ଶାକାହାରୀ ଆନ୍ଦୋଳନ ମାଂସ ଖାଇବା ନିଷିଦ୍ଧ କରିବା ସଙ୍ଗେ ସଙ୍ଗେ ଏହା ବିରୋଧରେ ସ୍ୱର ଉଠାଇଛି । କିନ୍ତୁ ସେମାନେ ତାଙ୍କ ବଗିଚା ଓ ଚାଷରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ବନ୍ଦ କରିଛନ୍ତି କି ?

ଶାକାହାରବାଦ ଏକାକୀ ମାଂସ ବନ୍ଦ କରି ଏହି ଶିଳ୍ପକୁ କ'ଣ ଧ୍ୱଂସ କରିପାରିବ ? ପୁଞ୍ଜିବାଦ ଭିତରେ ଚାହିଦା ହ୍ରାସ ପାଇଲେ ମୋଟ ଉପଯୋଗ ବା ବ୍ୟୟ ବୃଦ୍ଧିପାଏ । ଆମେରିକାରେ ଶାକାହାରୀ ଓ ଶୁଦ୍ଧ ଶାକାହାରୀମାନଙ୍କ ସଂଖ୍ୟା ଗତ ଦଶନ୍ଧିରେ ଶୂନରୁ ଲକ୍ଷରେ ପହଞ୍ଚିଥିବାବେଳେ ମୋଟ୍ ମାଂସ ଖାଇବା କମି ନ ଥିଲା । ତେବେ ମାଂସ ଦର କମ୍ ହେବାରୁ ଏହା ବୃଦ୍ଧି ପାଇଥିଲା ଓ ଅଧିକ ପ୍ରାଣୀ ବି ମରିଥିଲେ ।

ଭିଗନ୍‌ମାନେ କ'ଣ ପ୍ରାଣିହତ୍ୟା କରୁନାହାନ୍ତି ? ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଉଥିବା ପନିପରିବା ଉପଯୋଗ କରିବା ସହ ପ୍ଲାଷ୍ଟିକ୍ ବ୍ୟବହାର, ଜୈବ ଇନ୍ଧନ ସଂଚାଳିତ ପରିବହନ, କୋଇଲା, ଜଳ ବିଦ୍ୟୁତ୍, ସୌରଶକ୍ତି ଉପରେ ନିର୍ଭର କରିବା ଦ୍ୱାରା ହଜାର ହଜାର ପ୍ରାଣୀଙ୍କୁ ଆମେ ହତ୍ୟା କରୁଛୁ । ଯେଉଁ ଭିଗନ୍‌ମାନେ ସୁନା, ରୁପା, ମୁକ୍ତା କିମ୍ବା ଅନ୍ୟ ଯେ କୌଣସି ଷ୍ଟୋନ୍ ଧାରଣ କରିଛନ୍ତି ସେମାନେ ବି ଲକ୍ଷ ଲକ୍ଷ ପ୍ରାଣୀଙ୍କୁ ହତ୍ୟା କରୁଛନ୍ତି । ଜୋତା ହୁଏତ ରବରରେ ତିଆରି ହୋଇପାରେ, କିନ୍ତୁ ପୂରା ଜୋତାକୁ ଯୋଡିବାରେ ପ୍ରାଣୀଙ୍କ ଚମଡ଼ାରୁ ପ୍ରସ୍ତୁତ ଅଠା ବ୍ୟବହାର କରାଯାଏ । ଇନ୍‌ସୁଲିନ ଇଞ୍ଜେକ୍ସନ ଗାଈ ଓ ଘୁଷୁରି ଅଗ୍ନ୍ୟାଶୟରୁ ପ୍ରସ୍ତୁତ ହୁଏ । କଥା ହେଉଛି, ଆମେ ଯାହା ବ୍ୟବହାର କରୁଛୁ ତା'ପଛରେ ନିର୍ଯାତନା ଛପି ରହିଛି । ଏଣୁ ଭିଗନ୍ ହେବାକୁ ହେଲେ ଖୁବ୍ କମ୍ ବ୍ୟବହାର କରିବାକୁ ପଡିବ । ଉପଭୋକ୍ତାବାଦ ପୃଥିବୀକୁ ନଷ୍ଟ କରୁଛି । ଖାଦ୍ୟ, ପୋଷାକ, ଜୋତା, ଅଦରକାରୀ ଦାନ୍ତଖୁଣ୍ଟା, ଛତା, ଫେସ୍‌ପ୍ୟାକ୍ ଓ ଲିପ୍‌ଷ୍ଟିକ୍‌କୁ ପରିହାର କରିବା ଦରକାର । ମାଂସ ଖାଇବା ବନ୍ଦ କରି ତୁମର ଅସଂଯତ ଜୀବନଶୈଳୀ ଦ୍ୱାରା ପୃଥିବୀର ପରିବର୍ତ୍ତନ ହୋଇପାରିବ କି ? ତୁମ ଟଙ୍କା ଜମା ରଖିଥିବା ବ୍ୟାଙ୍କ୍ ସୁପର୍ ମାର୍କେଟ କିମ୍ବା ମାଂସ ଉତ୍ପାଦନ ସହ ଜଡିତ ଶିଳ୍ପରେ ନିବେଶ କରୁନାହିଁ କି ? ବୀମା ସଂସ୍ଥା କଂସେଇଖାନାକୁ ବୀମାଭୁକ୍ତ କରୁନାହାନ୍ତି କି ? ଏହିସବୁ ସମସ୍ୟା ଉପରେ ଭିଗନ୍‌ମାନେ ଦୃଷ୍ଟିଦେବା ଉଚିତ । ଯେଉଁ ଉତ୍ପାଦ ମିଳିବା ଉଚିତ ନୁହେଁ ତାହା ଥାକରେ ନ ରହିବା ଆବଶ୍ୟକ । ଏହାର ବିକଳ୍ପ ପସନ୍ଦ ବି ଉପଲବ୍ଧ ହେବା ଉଚିତ ନୁହେଁ । କିନ୍ତୁ ଏହା କରିବାକୁ ହେଲେ ଭିଗନ୍‌ମାନଙ୍କୁ ନିୟମ କରିବା ପାଇଁ ସମୟ ଦେବାକୁ ପଡିବ । ଉପଭୋକ୍ତାଙ୍କ ପସନ୍ଦକୁ ବାଦ୍‌ଦେବା ଏଥିପାଇଁ ଏକମାତ୍ର ଉପାୟ । ମୋ ମତରେ ସିଧାସଳଖ ପଦକ୍ଷେପ ଜଣେ ଭିଗନ୍‌ଙ୍କ ପାଇଁ ଅଧିକ ଗ୍ରହଣୀୟ । ଯାଅ ପରୀକ୍ଷାଗାର କିମ୍ବା କଂସେଇଖାନାରୁ ପ୍ରାଣୀଙ୍କୁ ମୁକ୍ତ କର । ଗୋଟିଏ କଂସେଇଖାନା ଚାରିପାଖରେ ଘେରି ରୁହ ଓ କାମ କରାଇ ଦିଅନାହିଁ । ପ୍ରାଣୀମାନଙ୍କୁ ଆଣୁଥିବା ଟ୍ରକ୍‌କୁ ଅଟକାଅ । ଯଦିଓ ସେମାନେ କମ୍ ପ୍ରାଣୀଙ୍କୁ ରକ୍ଷାକରନ୍ତି ତଥାପି ସେମାନଙ୍କ ଏହି କାର୍ଯ୍ୟ ସାହସିକ ଓ ପ୍ରେରଣାଦାୟକ । କିନ୍ତୁ ପ୍ରାଣୀଙ୍କୁ ବଞ୍ଚାଇବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୂଲ୍ୟ ଦେବାକୁ ପଡିବ । ଅନ୍ୟ ପ୍ରାଣୀମାନଙ୍କ ପ୍ରତି ଆମ ସମାଜର କ୍ରୂରତା ବିରୋଧରେ ସଚେତନତା ଆଣିବା ବି ଗୁରୁତ୍ୱପୂର୍ଣ୍ଣ । ଭିଗନ୍‌ମାନେ ପରିବେଶ ସଚେତନତା ଆଣିଥାନ୍ତି, ଜଳାଶୟ ପରିଷ୍କାର କରନ୍ତି, ବିନା କୀଟନାଶକରେ ଶସ୍ୟ ଉତ୍ପାଦନ କରନ୍ତି ଓ କେବଳ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ଖାଦ୍ୟ ଖାଇଥାନ୍ତି । ଜଣେ ଉପଭୋକ୍ତା ବଦଳରେ ଜଣେ କର୍ମୀଙ୍କ ଭଳି କାର୍ଯ୍ୟ କର । ଶକାହାରବାଦ ପ୍ରତି ପ୍ରତିବଦ୍ଧତା ଖୁବ୍ ଭଲ । ଯେଉଁ ସଂସ୍ଥା ପାରମ୍ପରା, ନିୟମ ଗଢୁଛନ୍ତି ଓ ପ୍ରାଣୀ ନିର୍ଯାତନାକୁ ପ୍ରାଥମିକତା ଦେଉଛନ୍ତି ସେମାନଙ୍କୁ ଆମେ ଶିକ୍ଷା ଦେବାକୁ ପଡିବ, ବାଧା ଦେବା ସହ ସାମ୍ନାସାମ୍ନି ହେବା ବି ଦରକାର ।

Email: gandhim@nic.in



ଡ. ସୁବାସ ଚନ୍ଦ୍ର ପାତ୍ର

# ଅନ୍ୟ ଆଖିରେ ବଞ୍ଚିବା

ମଣିଷ ନିଜ ଆଖିରେ ଦେଖେ, କିନ୍ତୁ ଅନ୍ୟ ଆଖିରେ ବଞ୍ଚେ । ନିଜ ଆଖିରେ ସେ ତା'ର ଦୈହିକ ପ୍ରତିଫଳନ ଦେଖିପାରେ, କିନ୍ତୁ ଅନ୍ୟର ନୈତିକ ଚକ୍ଷୁରେ ସେ ମୂଲ୍ୟାୟିତ ହୁଏ । ପୃଥିବୀର ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଆତ୍ମଜ୍ଞାନ ମାଧ୍ୟମରେ ଆତ୍ମନିରୀକ୍ଷଣ ଦ୍ୱାରା ଆତ୍ମମୂଲ୍ୟାୟନ କରିପାରନ୍ତି । ସାଧାରଣ ସାମାଜିକ ଜୀବନରେ କିନ୍ତୁ ଆମକୁ ଅନ୍ୟର ସକାରାତ୍ମକ ନଜର ଉପରେ ନିର୍ଭର କରିବାକୁ ପଡ଼େ ।

ପାରିବାରିକ ଜୀବନରେ ଅନେକ ପୁତ୍ରକନ୍ୟାଙ୍କର ସଫଳ ଜୀବନର ହେତୁ ବାପା, ମା, ଗୁରୁଜନ ବା ଶିକ୍ଷକଙ୍କ ନଜରକୁ ନେଇ ସେମାନଙ୍କର ସଚେତନତା । ଅର୍ଥାତ୍ ପାଠପଢ଼ା, ବୃତ୍ତିଗତ ଅବା କର୍ମମୟ ଜୀବନରେ ସେମାନେ ସଚେତନ ଥାନ୍ତି ସେମାନଙ୍କର କୌଣସି କାମ 'ଅଙ୍କିତ ଭଗବାନ'ଙ୍କ ନଜରରେ ସେମାନଙ୍କୁ ପତିତ ନ କରୁ । ଜ୍ଞାନର ଗରିମା ପ୍ରକଟିତ ହେଉ ବା ନ ହେଉ ଅନ୍ତତଃ ନୈତିକତା ଦୃଷ୍ଟିରୁ ସେମାନେ ସେମାନଙ୍କର ପ୍ରିୟ ଗୁରୁଜନମାନଙ୍କ ଆଗରେ ମୁଣ୍ଡଟେକି ଚାଲିପାରିବାର ଆତ୍ମବିଶ୍ୱାସ ରଖନ୍ତି । ଏକ ବୃହତ୍ତର ସାଧାରଣ ନୈତିକ ଜୀବନ ପାଇଁ ସନ୍ତାନସନ୍ତତିଙ୍କର ଏହି ସଚେତନତା ଯେତିକି ଜରୁରୀ ସେମାନଙ୍କର ବାପା, ମା'ଙ୍କ ପାଇଁ ଏହା ତା'ଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଅର୍ଥାତ୍ ଅନୁରୂପ ଭାବରେ ବାପା, ମା ଅବା ଗୁରୁଜନମାନେ ମଧ୍ୟ ସେମାନଙ୍କ ପିଲାଛୁଆଙ୍କ ନଜରରେ ଗଳି ନ ପଡ଼ିବା ପାଇଁ ସତତ ଚେଷ୍ଟିତ ହେବା ଉଚିତ । ପିଲାଙ୍କ ଦୋଷତ୍ରୁଟି ବୟସ ବିଚାରରେ କ୍ଷମା କରି ଦିଆଯାଇପାରେ, କିନ୍ତୁ ବାପା, ମା'ଙ୍କ ଅନୈତିକ କାର୍ଯ୍ୟ ସେମାନଙ୍କ ପିଲାମାନଙ୍କୁ ଅସହ୍ୟ ମାନସିକ ଯନ୍ତ୍ରଣା ଦେବା ସହ ସେମାନଙ୍କୁ ଯଥେଷ୍ଟ ସାମାଜିକ ଲାଞ୍ଛନାର ଶିକାର କରାଏ । ବଡ଼ ଦୁଃଖ ଲାଗେ ଶୁଣିବାକୁ ଯେତେବେଳେ ସେମାନଙ୍କର ସ୍କୁଲ ବା କଲେଜର ସହପାଠୀ ବା ସହପାଠିନୀ ପଚାରେ, ''ତୋ ବାପା ବା ତୋ ମା'ଙ୍କୁ ପୋଲିସ କାହିଁକି ବାନ୍ଧିନେଲା ? ତୋ ବାପା ସିନା ମୁହଁ ଢାଙ୍କିଥିଲେ, ହେଲେ ଟିଭି ସ୍କ୍ରିନ୍‌ରେ ତାଙ୍କର ନାମ ଲେଖାଥିଲା ।'' ଏ ପ୍ରଶ୍ନ କେତେ ବେଦନାଦାୟକ ସେହି କୋମଳମତି ପିଲାମାନେ ଜାଣୁଥିବେ ।

ଖାଲି ସାମାଜିକ ଜୀବନ ନୁହେଁ, ସାରସ୍ୱତ ଜୀବନରେ ଏହି ନଜର ସଚେତନତା ଜଣକୁ ଅଧିକ କଳାନିଷ୍ଠ, ସାହିତ୍ୟମନସ୍କ, ଅଧ୍ୟବସାୟୀ କରାଏ । ଲେଖକଙ୍କ ପାଇଁ ପାଠକଙ୍କର ଆଖି ଯେତେବେଳେ ମୂଲ୍ୟବାନ୍ ହୋଇପଡ଼େ, ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ ସେ ନିଜକୁ ଅଧିକ ସାଧନାରତ କରେଇ ନିଜର ସୃଷ୍ଟିକୁ ଅଧିକ ଉନ୍ନୀତ କରେଇବାକୁ ଚେଷ୍ଟାକରେ । କୌତୁକର କଥା ଏହି କାଳ୍ପନିକ ମୂଲ୍ୟାୟନକାରୀଙ୍କ ଅଦୃଶ୍ୟ ଉପସ୍ଥିତି ସାହିତ୍ୟ ବା କଳାର ମାନ ବଢ଼ାଏ, ପରମାୟୁ ବଢ଼ାଏ, ବିଶେଷତଃ ସେହି ଲେଖକ ଯେତେବେଳେ ତଥାକଥିତ କଳ୍ପିତ ମୂଲ୍ୟାୟନକାରୀଙ୍କ ମନମନ୍ଦିରର ଆଦର୍ଶ, ଅମର ସାଧକ ହୋଇଥାନ୍ତି । ବେଳେବେଳେ ଏହାର ଅତିରଞ୍ଜିତ ରୂପ ମଧ୍ୟ ଦେଖିବାକୁ ମିଳିପାରେ ଯାହା ଘଟୁଥିଲା ଇଂଲିଶ ପ୍ରଫେସର ସର୍ବେଶ୍ୱର ଦାସଙ୍କ କ୍ଷେତ୍ରରେ । ଜଣେ ଅତିମାତ୍ରାରେ ବିଦ୍ୱାନ କିମ୍ବଦନ୍ତୀ ଶିକ୍ଷକ ହୋଇ ମଧ୍ୟ, ଯାହାଙ୍କର ଅଧିକାଂଶ ଉଚ୍ଚାରଣ ଥିଲା ପ୍ରେରଣାପ୍ରସୂତ, ନିଜର ଅନେକ କବିତା ଜଣେ ଦୁଇ ଜଣଙ୍କୁ ପଢ଼େଇ ଶେଷରେ ଚିରି ଦେଉଥିଲେ ଏହି କଥା କହି ଯେ ସେ ସବୁର ଗୁଣାତ୍ମକତା ଅଥବା ମୌଳିକତା ବିଷୟରେ ସେ ନିଶ୍ଚିନ୍ତ ନୁହନ୍ତି !

ସାମାଜିକ ତଥା ସାରସ୍ୱତ ଜୀବନରେ ଅନ୍ୟର ନଜର ସଚେତନତା ସବୁବେଳେ ଭୀତିପ୍ରଦ ନୁହେଁ ଅବା ମଣିଷକୁ ସଙ୍କୁଚିତ କରିଦିଏ ନାହିଁ ବରଂ ସ୍ଥଳ ବିଶେଷରେ ଏହା ପ୍ରେରଣାର କାମ କରେ । ଆତ୍ମୀୟସ୍ୱଜନ ବା ପରସ୍ପରର ପରିଚିତ ସାରସ୍ୱତ ବନ୍ଧୁମାନଙ୍କ ପାଇଁ ଏହା ପାରସ୍ପରିକ ପ୍ରଗତିର କାରଣ ମଧ୍ୟ ହୋଇଥାଏ, ଯାହା ଘଟିଥିଲା ମନୋଜ ଦାସ ଓ କବି ବ୍ରଜନାଥ ରଥଙ୍କ ସାରସ୍ୱତ ବନ୍ଧୁତ୍ୱ କ୍ଷେତ୍ରରେ, ବିଶେଷତଃ ସେମାନଙ୍କର ପ୍ରାରମ୍ଭିକ ଜୀବନରେ ।

ସଫଳ କଳା ପରି ସଫଳ ପ୍ରେମ ମଧ୍ୟ ଆବଶ୍ୟକ କରେ ଅନୁପସ୍ଥିତି ଭିତରେ ଉପସ୍ଥିତିର ଅନୁଭବ । ପ୍ରେମିକ, ପ୍ରେମିକା ହୁଅନ୍ତୁ ଅବା ସ୍ୱାମୀ, ସ୍ତ୍ରୀ– ଉଭୟେ ଚାହାନ୍ତି ପରସ୍ପରର ନଜରରେ ଅଧିକ ଉଚ୍ଚା ଦେଖାଯିବା । ପ୍ରତିଷ୍ଠିତ ପରିବାର ଅପେକ୍ଷା ସାଧାରଣ ପରିବାରରେ ସୁଖମୟ ଦାମ୍ପତ୍ୟ ଜୀବନର କାରଣ ହୋଇଥାଏ ପରସ୍ପରର 'ଆଖି' ପ୍ରତି ଗୁରୁତ୍ୱ । ଏକ ବେପରୁଆ ବା ହେୟ ମନୋଭାବ ଯୋଗୁ ମଣିଷ ଯେତେବେଳେ ତା' ସାଥୀର ଅପେକ୍ଷମାଣ ଆଖିକୁ ନଜରଅନ୍ଦାଜ କରେ, ସେତେବେଳେ ଏହି ବିଶ୍ୱାସର ଜୀବନ ଭାଙ୍ଗିଯାଏ । ତେଣୁ ପ୍ରେମଜୀବନ କିମ୍ବା ଦାମ୍ପତ୍ୟଜୀବନରେ ଉପସ୍ଥିତ ଆଖି ଅପେକ୍ଷା ଅନୁପସ୍ଥିତ ଆଖି ବେଶି ଶକ୍ତିଶାଳୀ ।

ସମୟକ୍ରମେ, ବୟସକ୍ରମେ ପରିବାର, ସମାଜର ସାମୂହିକ ଆଖି ଭଗବାନଙ୍କ ଆଖିର ରୂପ ନିଏ । ଏକ ନୈତିକ, ନୈଷ୍ଠିକ ଜୀବନଯାପନ କାଳରେ ମଣିଷ ଅନୁଭବ କରେ ଏକ ଚକାଡୋଳାର ଉପସ୍ଥିତି । ସେ ଚକାଆଖି ନିରୀକ୍ଷଣର ଅବା କ୍ଷମାର ଅବା କରୁଣାର ହୋଇପାରେ । କିନ୍ତୁ ସେହି ସଚେତନତା ହିଁ ମଣିଷ ପାଇଁ, ସମାଜ ପାଇଁ ଯଥେଷ୍ଟ । ସେ ଆଖି ଈଶ୍ୱରଙ୍କର ହେଉ ବା ପ୍ରକୃତିର, ନିଜ ପ୍ରିୟଜନଙ୍କର ଅବା ମହାପୁରୁଷଙ୍କ ହେଉ, ସେ ଆଖି କାଳକ୍ରମେ ନିଜର ବିବେକରେ ରୂପାନ୍ତରିତ ହୁଏ ଏବଂ ମଣିଷର ପଥପ୍ରଦର୍ଶକ ସାଜେ । ସେହି ପ୍ରକାର ଏକ ଆଦର୍ଶମୟ ଅବସ୍ଥାରେ ପୋଲିସ, ଭିଜିଲାନ୍ସ, ପ୍ରଚଳିତ ଆଇନ, କୋର୍ଟ କଚେରି, ଜେଲଖାନା ଅବାନ୍ତର ହୋଇପଡ଼େ । ତେବେ ପ୍ରଶ୍ନ ଉଠିପାରେ ମଣିଷର ଜଣା ପ୍ରକୃତି ଏବଂ ଦୈନନ୍ଦିନ ଜୀବନରେ ତା'ର ପ୍ରତିଫଳିତ ବ୍ୟବହାର ଦୃଷ୍ଟିରୁ ଏହା କେତେଦୂର ବାସ୍ତବ ? ଆଦର୍ଶ ଓ ବାସ୍ତବତା ମଧ୍ୟରେ ସବୁବେଳେ ବ୍ୟବଧାନ ରହେ । ଆଦର୍ଶ ଏକ ସମ୍ଭାବନା, ଏକ ପରିକଳ୍ପନା । ହୁଏତ ଅଣୁସ୍ତରରେ, ବ୍ୟକ୍ତିଗତ ସ୍ତରରେ ଏ ପ୍ରକାର ଆଦର୍ଶର ରୂପାୟନ ସମ୍ଭବ ଯାହା କିଛି ମାତ୍ରାରେ ସାମାଜିକ ଜୀବନକୁ ପ୍ରଭାବିତ କରିପାରେ ।

ଭଗବାନ ଅଛନ୍ତି କି ନାହାନ୍ତି ଜଣାନାହିଁ । ତାଙ୍କର ଆଖି ଅଛି କି ନାହିଁ, ତାହା ବି ଜଣାନାହିଁ । ତେବେ ନିଜର ପ୍ରିୟଜନ, ଗୁରୁଜନ, କଳ୍ପିତ ଆଧ୍ୟାତ୍ମିକ ମଣିଷର ଆଖିକୁ ଭଗବାନଙ୍କର ଆଖି ଭାବି କାମ କଲେ ସାଧାରଣ ଜୀବନ ନୈତିକ ଜୀବନରେ ରୂପାନ୍ତରିତ ହୋଇପାରିବ ।

ପୂର୍ବତନ କଲେଜ ଅଧ୍ୟକ୍ଷ, ଜେଲରୋଡ୍,
ବାଲେଶ୍ୱର, ମୋ–୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ମାଟିର ଉର୍ବରତା କମୁଛି

ମହାଶୟ,

ଅଧିକ ଧାନ ଅମଳ ପାଇଁ ଜମିରେ ରାସାୟନିକ ସାର ପ୍ରୟୋଗ କରାଯାଉଛି । ପୂର୍ବେ ଜୈବିକ ଖତ ବ୍ୟବହାର କରାଯାଉଥିଲା । ଏହା ଫଳରେ ମାଟିର ଉର୍ବରତା ବୃଦ୍ଧି ସହ ଅଧିକ ଧାନ ଅମଳ ହେଉଥିଲା । ଏବେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ଯୋଗୁ ତତ୍କାଳ ଫଳ ମିଳିଲେ ମଧ୍ୟ ଦୀର୍ଘସ୍ଥାୟୀ ଭାବେ ମାଟିର ଉର୍ବରତା ନଷ୍ଟ ହେଉଛି । ଜମିରେ ହେକ୍ଟର ପିଛା ୬୦ କି.ଗ୍ରା. ନାଇଟ୍ରୋଜେନ୍ ବା ୟୁରିଆ, ୩୦ କି.ଗ୍ରା. ଫସଫରସ ଓ ୩୦ କି.ଗ୍ରା. ପୋଟାସିୟମ୍ ବ୍ୟବହାର କଲେ ଅଧିକ ଅମଳ ମିଳିବା ସହ ଜମିର ଉର୍ବରତା ପ୍ରତି କମ୍ ବିପଦ ଥାଏ । ଅଧିକ ୟୁରିଆ ପ୍ରୟୋଗ ହେତୁ ମାଟିର ଅମ୍ଳତ୍ୱ ନଷ୍ଟ ହୋଇ କ୍ଷାର ଓ ଲବଣ ଅଂଶ ବୃଦ୍ଧି ଘଟୁଛି । କେବଳ ଫସ୍‌ଫରସ ନୁହେଁ, ଜମିର ଯବକ୍ଷାରଜାନ, ଆଇରନ, ମାଙ୍ଗାନିଜ, ଜିଙ୍କ୍ ଏବଂ ସଲଫର ପରିମାଣ ମଧ୍ୟ କମି ଯାଉଛି । ଫଳରେ ମାଟିରେ ଥିବା କ୍ଷୁଦ୍ର ଅଣୁଜୀବମାନେ ନଷ୍ଟ ହୋଇ ଯାଉଛନ୍ତି । ଏହି ଅଣୁଜୀବମାନେ ମାଟିର ଉର୍ବରତା ବଢ଼ାଇବାରେ ସାହାଯ୍ୟ କରିଥାନ୍ତି । ପ୍ରଥମତଃ ମାଟିରୁ ଫସଫରସ ପରିମାଣ କମିବାରୁ ଧାନ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି । ତେଣୁ ମାଟିର ଉର୍ବରତା ବଢାଇବା ନିମନ୍ତେ ଗୋବର, ଧଣିଚା ଓ ଜୈବିକ ସାର ବ୍ୟବହାର ଏକାନ୍ତ ଆବଶ୍ୟକ ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଜାଗମରା–ଡୁମୁଡୁମା ରାସ୍ତା ନିର୍ମାଣ ତ୍ୱରାନ୍ୱିତ ହେଉ

ଡୁମୁଡୁମା ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ପ୍ରତ୍ୟେକ ଦିନ ରାଜଧାନୀକୁ ୧୬ ନମ୍ବର ଜାତୀୟ ରାଜପଥ ଓ ଖଣ୍ଡଗିରି ଛକ ଦେଇ ଯିବା ଆସିବା କରନ୍ତି । ଫଳରେ ଖଣ୍ଡଗିରି ଛକରେ ଟ୍ରାଫିକ ସମସ୍ୟା ଉପୁଜୁଛି । ଏହାର ସମାଧାନ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଜାଗମରାରୁ ଡୁମୁଡୁମାକୁ ଏକ ନୂତନ ରାସ୍ତାର ପରିକଳ୍ପନା କରିଛନ୍ତି । ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି ।

ଦୀନବନ୍ଧୁ ପରିଡ଼ା, ପଞ୍ଚସଖାନଗର, ଡୁମୁଡୁମା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ଗୁଜରାଟର ଏକ ଗାଁରେ ହିନ୍ଦୁ–ମୁସଲମାନ ଏକତାର ଛବି ନଜରକୁ ଆସିଛି । ଅମରେଲି ଜିଲାର ଜଲିୟା ଗାଁରେ ପ୍ରତିଦିନ ପବିତ୍ର କୋରାନ ପାଠ କରାଯିବା ସହ ସଂସ୍କୃତରେ ଭଜନ ମଧ୍ୟ ଗାନ କରାଯାଏ । ଏହି ଗାଁରେ ରହନ୍ତି ସୁନ୍ନି ମୁସଲିମ ଲଲିୟା ପରିବାର । ଏହି ପରିବାରର ନୌସିଫଙ୍କ ଲଲିୟାଙ୍କ ବାହାଘରରେ ଦେଖିବାକୁ ମିଳିଛି ଏକ ନିଆରା ପରମ୍ପରା, ଯାହା ସାମ୍ପ୍ରଦାୟିକ ସଦ୍‌ଭାବନା ତଥା ଏକତାର ଉଦାହରଣ ସୃଷ୍ଟି କରିଛି । ନୌସିଫଙ୍କ ସହ ଜାର ଗାଁର ପିନଲ ମୁଛିୟାଙ୍କ ବାହାଘର ହୋଇଥିଲା । ଏହି ବାହାଘରକୁ ଦେଶର ବିଭିନ୍ନ ଜାଗାରୁ ୧୫ ଜଣ ହିନ୍ଦୁ ଧର୍ମଗୁରୁଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଦୁଇଦିନ ଧରି ଆୟୋଜିତ ହୋଇଥିବା ଏହି ବାହାଘରରେ ଦମ୍ପତିଙ୍କୁ ଆଶୀର୍ବାଦ ଦେବା ପାଇଁ ଧର୍ମଗୁରୁମାନେ ମଧ୍ୟ ଜଲିୟାରେ ପହଞ୍ଚିଥିଲେ । ଏମାନେ ଜାର ଗାଁଠାରୁ ଜଲିୟା ଯାଏ ପ୍ରାୟ ୩୫ କିଲୋମିଟର ଶୋଭାଯାତ୍ରାର ନେତୃତ୍ୱ ମଧ୍ୟ ନେଇଥିଲେ । ନୌସିଫଙ୍କ ବାହାଘର ସ୍ଥିର ହେବା ପରେ ତାଙ୍କ ପରିବାର ଏହି ଧର୍ମଗୁରୁମାନଙ୍କୁ ନିମନ୍ତ୍ରଣ କରିବା ଲାଗି ସ୍ଥିର କରିଥିଲେ । ବରପକ୍ଷର ଏହି ନିଷ୍ପତ୍ତିକୁ କନ୍ୟା ପିନଲ୍‌ଙ୍କ ପରିବାର ସହମତି ଜଣାଇଥିଲେ । ହିନ୍ଦୁ–ମୁସଲମାନ ଏକତାକୁ ମଜଭୁତ କରିବା ପାଇଁ ଏହା ଏକ ବଡ ସୁଯୋଗ ବୋଲି ସେମାନେ ଭାବିଥିଲେ । ବାହାଘରରେ ଏଭଳି ପରମ୍ପରା ଲଲିୟା ପରିବାରରେ ତିନିପିଢି ଧରି ପାଳନ କରାଯାଇଆସୁଛି ବୋଲି କୁହନ୍ତି ନୌସିଫଙ୍କ ଚାଚା ରଫିକ୍ ଲଲିୟା । ଏହି ପରମ୍ପରା ତାଙ୍କ ପୂର୍ବଜ ଆପା ଗିଗା ଆରମ୍ଭ କରିଥିଲେ । ସେ ଜୁନାଗଡ଼ ଜିଲା ସତାଧାରରେ ଜଣେ ସନ୍ଥ ଭାବେ ରହୁଥିଲେ । ଲଲିୟା ପରିବାର ମୁଖ୍ୟତଃ ଚାଷ କରନ୍ତି । ଏହି ପରିବାରର ତିନିପୁଅଙ୍କ ମଧ୍ୟରେ ନୌସିଫ ସବା ସାନ । ନୌସିଫଙ୍କ ଦୁଇ ବଡଭାଇଙ୍କର ବି ଏହିଭଳି ବାହାଘର ହୋଇଥିଲା ।

## ଚିରନ୍ତନୀ

ମଣିଷ ନ ମାରି ଜୀଇଁପାରେ ଏଥି ନର
ସେହି କଥା ତୁମେ କହିଲ ଥରକୁ ଥର ।
କହିଲ, 'ଜାଗରେ ସକଳ ଆହତ' ହତ
'ଜାଗିଉଠ ଆରେ ଏ ଭବର ଭବିଷ୍ୟତ ।'
ଦୀନବେଶ ଘେନି ଦୁଇ ହାତ କରି ଖାଲି
ଦୁନିଆ ଭିତରେ ତୁମେଟି ଜାଣିଲ ଚାଲି !

(ତୁମେଟି ଚାଲିବା ଜାଣ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | 9 | | | | | D | | 3 | | | 6 |
| 8 | | | | D | | | 9 | A | 7 | 6 | | E | | 0 |
| C | | | 0 | | | | | | | | | 8 | 9 | |
| | | 9 | | 3 | 4 | | | | | 5 | | B | C | 2 |
| | | E | | | 7 | | | B | 1 | | | | | |
| | | 5 | | | D | | B | C | | | | | 0 | E |
| | 0 | | | 4 | | | | | | E | 5 | | | 9 |
| | | | | C | 9 | | A | E | | | 1 | | 3 | 7 |
| 9 | 4 | | 5 | | | | | | A | 2 | | C | | |
| | E | | | | B | | | 6 | 3 | 4 | 7 | | | |
| | 8 | 7 | | | | 5 | | | | | | 1 | | B |
| | | 6 | | | | | E | | 2 | 7 | C | | 5 | 8 |
| | | | 1 | | | C | | | | | | 2 | 7 | |
| 4 | | | | | 2 | B | 0 | 7 | | | D | | | A |
| | B | | | | E | A | | D | | | 8 | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | B | 3 | 8 | C | 1 | 7 | 4 | A | 5 | E | D | 6 | 9 |
| 8 | C | E | B | 1 | A | 5 | 9 | 2 | 6 | D | 3 | 7 | 4 | 0 |
| 5 | 1 | D | 7 | E | 2 | 8 | 3 | 6 | 4 | 9 | 0 | B | C | A |
| 3 | 7 | 6 | 0 | 9 | 4 | E | D | A | 1 | B | C | 5 | 8 | 2 |
| 9 | 4 | A | D | 6 | 5 | C | 0 | B | 7 | 2 | 8 | E | 1 | 3 |
| B | 8 | 0 | A | 7 | D | 9 | C | E | 3 | 6 | 5 | 4 | 2 | 1 |
| 7 | 3 | 1 | 5 | B | E | 2 | 6 | 0 | C | A | 4 | 8 | 9 | D |
| 4 | 9 | C | 1 | 0 | 3 | A | 5 | D | 2 | 8 | 7 | 6 | B | E |
| A | 6 | 2 | 4 | C | 9 | B | 8 | 7 | D | E | 1 | 0 | 3 | 5 |
| E | D | 5 | 8 | 2 | 6 | 3 | 4 | 1 | B | 0 | 9 | A | 7 | C |
| 1 | E | 4 | 9 | A | B | D | 2 | 8 | 5 | C | 6 | 3 | 0 | 7 |
| D | 2 | 3 | E | 4 | 0 | 7 | A | C | 8 | 1 | B | 9 | 5 | 6 |
| C | A | 7 | 6 | D | 8 | 0 | B | 5 | 9 | 3 | 2 | 1 | E | 4 |
| 6 | 5 | 8 | 2 | 3 | 1 | 4 | E | 9 | 0 | 7 | D | C | A | B |
| 0 | B | 9 | C | 5 | 7 | 6 | 1 | 3 | E | 4 | A | 2 | D | 8 |

ଗତକାଲିର ଉତ୍ତର

# ଭାରତର ଟାଇକୋ ବ୍ରାହେ



ବିଷ୍ଣୁ ପ୍ରସାଦ ମହାପାତ୍ର

'NO MAN EVER WAS GLORIOUS, WHO WAS NOT LABOURIOUS.' ଯୁକ୍ତରାଷ୍ଟ୍ର ଆମେରିକାର 'ଫିଲୋସଫିକାଲ ସୋସାଇଟି'ର ପ୍ରଥମ ସଭାପତି ତଥା ବିଶ୍ୱବିଖ୍ୟାତ ବୈଜ୍ଞାନିକ ବେଞ୍ଜାମିନ୍ ଫ୍ରାଙ୍କଲିନ୍, ଏଫ୍‌ଆର୍‌ଏସ୍ (୧୭୦୬–୧୭୯୦)ଙ୍କର ଏହି ଉକ୍ତିଟି ନିରାଟ ସତ୍ୟ । ପ୍ରତ୍ୟେକ ସଫଳ ମଣିଷ ଅତୀତର ଅଧ୍ୟବସାୟୀ ଅଟନ୍ତି । ଶ୍ରମ, ସାଧନା ଓ ଅଧ୍ୟବସାୟ ହିଁ ସଫଳତାର ହେତୁ । ପଠାଣି ସାମନ୍ତ ଏପରି ଜଣେ ମହାନ୍ ବ୍ୟକ୍ତି ଥିଲେ, ଯେ କି ରାତି ରାତି ଅନିଦ୍ରା ରହି ମହାକାଶୀୟ ପିଣ୍ଡଗୁଡ଼ିକର ଗତିବିଧି ଲକ୍ଷ୍ୟ କରୁଥିଲେ । ସେହି ଶ୍ରମ ଓ ରାତି ଅନିଦ୍ରାର ଫଳ ହେଉଛି 'ସିଦ୍ଧାନ୍ତ ଦର୍ପଣ' ।

ପଠାଣି ସାମନ୍ତଙ୍କ ପ୍ରକୃତ ନାମ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର । କିନ୍ତୁ ସେ 'ସାମନ୍ତ ଚନ୍ଦ୍ରଶେଖର' ଓ 'ପଠାଣି ସାମନ୍ତ' ନାମରେ ବହୁଳ ପରିଚିତ । ସେ ୧୮୩୫ ମସିହା ଡିସେମ୍ବର ୧୩ତାରିଖରେ ଅଧୁନା ନୟାଗଡ଼ ଜିଲା ଅନ୍ତର୍ଗତ ଖଣ୍ଡପଡ଼ାରେ ଜନ୍ମଗ୍ରହଣ କରିଥିଲେ । ସେ ଦିନ ଥିଲା ପୌଷ ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥି । ସେତେବେଳେ ଖଣ୍ଡପଡ଼ା ଏକ ଗଡ଼ଜାତ ଅଞ୍ଚଳ ଥିଲା । ବ୍ରିଟିଶ୍ ଶାସନାଧୀନ ଅଞ୍ଚଳ ହେଲେ ହେଁ ରାଜାରାଜୁଡ଼ା ଶାସନ ଚାଲୁଥିଲା । ସେ ରାଜବଂଶରେ ଜାତ ହୋଇଥିଲେ ହେଁ କୌଣସି କାରଣବଶତଃ ତାଙ୍କ ପରିବାର ରୋଷର ଶିକାର ହୋଇ ରାଜ ଅନୁଗ୍ରହରୁ ବଞ୍ଚିତ ହୋଇଥିଲେ । ସାମନ୍ତଙ୍କ ଜନ୍ମ ପୂର୍ବରୁ ତାଙ୍କ ଭାଇ, ଭଉଣୀ ଅତି ଅଳ୍ପ ବୟସରୁ ଶିଶୁ ଅବସ୍ଥାରେ ମରିଯାଉଥିଲେ । ସେତେବେଳେ ଯେଉଁମାନଙ୍କର ସନ୍ତାନସନ୍ତତି ସବୁ ମରିଯାଉଥିଲେ, ତାଙ୍କର ସଦ୍ୟଜାତ ସନ୍ତାନକୁ ନୀଚଜାତିର ଲୋକକୁ ବିକ୍ରି କରୁଥିଲେ କିମ୍ବା 'ପଠାଣି', 'ଅପର୍ତ୍ତି' ଆଦି ନାମକରଣ କରୁଥିଲେ । ପଠାଣି ପାରମ୍ପରିକ ଶିକ୍ଷା ଲାଭକରି ବାଲ୍ୟକାଳରୁ ସଂସ୍କୃତ, ଗଣିତ ଓ ଜ୍ୟୋତିଷଶାସ୍ତ୍ରରେ ପାରଙ୍ଗମ ହେଲେ । ଏତେ ଧୀଶକ୍ତି ଥାଇ ମଧ୍ୟ ସେ ରାଜାଙ୍କଠାରୁ କୌଣସି ସହଯୋଗ ପାଇ ନ ଥିଲେ । ସେଥିନିମନ୍ତେ କବିବର ରାଧାନାଥ ରାୟ (୧୮୪୮–୧୯୦୮) ତାଙ୍କର 'ଦରବାର' କାବ୍ୟରେ ରାଜାଙ୍କୁ 'ଶବର' ଏବଂ ସାମନ୍ତଙ୍କୁ 'ମୋତି' ସହ ତୁଳନା କରିଥିଲେ ।

'ମୋତି ମୂଲ କାହୁଁ ଜାଣିବ ଶବର,
ମୋତି ଫିଙ୍ଗି କରେ ଗୁଞ୍ଜାରେ ଆଦର ।'

ସାମନ୍ତ ପାରମ୍ପରିକ ଯନ୍ତ୍ର ଓ ବାଉଁଶନଳୀ ତିଆରି କରି ରାତି ଉଜାଗର ରହି ଗ୍ରହ, ନକ୍ଷତ୍ରାଦିର ଗତିବିଧି ଲକ୍ଷ୍ୟ କରିବାରେ ବ୍ୟସ୍ତ ରହିଲେ । ବେଳେବେଳେ ସେ ନିକଟସ୍ଥ ପାହାଡ଼ ଉପରକୁ ଚାଲିଯାଉଥିଲେ ।

### ପଠାଣି ସାମନ୍ତଙ୍କ ଜୟନ୍ତୀ ଉପଲକ୍ଷେ

ତାହା ଥିଲା ତାଙ୍କ ନିମନ୍ତେ 'OPEN OBSERVATORY' (ମୁକ୍ତ ପର୍ଯ୍ୟବେକ୍ଷଣାଗାର) । ସଂସ୍କୃତରେ ବ୍ୟୁତ୍ପତ୍ତି ଥିବାରୁ ସେ ପ୍ରାଚୀନ ଖଗୋଳବିତ୍ ଆର୍ଯ୍ୟଭଟ୍ଟ, ବରାହମିହିର ଆଦିଙ୍କର କୃତି ସବୁ ପାଠ କରିବାକୁ ଲାଗିଲେ । ସେଥିରେ କିଛି ତ୍ରୁଟି ଥିବାର ଅନୁଭବ ମଧ୍ୟ କଲେ । ନିରନ୍ତର ନିରୀକ୍ଷଣ ଓ ବହୁଶ୍ରମ ସ୍ୱୀକାର କରି 'ସିଦ୍ଧାନ୍ତ ଦର୍ପଣ' ନାମକ ଗ୍ରନ୍ଥ ରଚନା କଲେ । ସଂସ୍କୃତ ଶ୍ଳୋକରେ ଓ ଓଡ଼ିଆ ଲିପିରେ ଉକ୍ତ ଗ୍ରନ୍ଥ ରଚିତ ହୋଇଥିଲା । ଗଡ଼ଜାତ ଅଞ୍ଚଳର ଏହି ଅନାମଧେୟ ବ୍ୟକ୍ତି ଆଦୌ ପ୍ରଚାରସର୍ବସ୍ୱ ନ ଥିଲେ । ଜନସାଧାରଣଙ୍କଠାରେ ଅପରିଚିତ ଥିବା ସାମନ୍ତଙ୍କ ପ୍ରତିଭାକୁ ଜାଣିପାରିଥିଲେ ଯୋଗେଶ ଚନ୍ଦ୍ର ରାୟ (୧୮୫୯–୧୯୫୬) । ରେଭେନ୍ସା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଥିବା ଯୋଗେଶ ଚନ୍ଦ୍ର ପୁରୀର ପଣ୍ଡିତ ସଭାରେ ୧୯୧୦ ମସିହାରେ 'ବିଦ୍ୟାନିଧି' ଉପାଧି ପାଇଥିଲେ । ସେ ପୂଜ୍ୟପୂଜାଙ୍କୁ ସମ୍ମାନ ଦେବା ଶିଖିଥିଲେ । ତାଙ୍କ ଯୋଗୁ ସାମନ୍ତ ଜନାଦୃତ ହୋଇପାରିଥିଲେ । ସେ 'ସିଦ୍ଧାନ୍ତ ଦର୍ପଣ'ର ଭୂମିକା ଇଂଲିଶ୍‌ରେ ଲେଖିବାରୁ ସାମନ୍ତଙ୍କ ପ୍ରତିଭାକୁ ଇଂରେଜମାନେ ଜାଣିପାରିଲେ ଓ ୧୮୯୩ରେ ତାଙ୍କୁ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ କରିଥିଲେ ।

କୌଣସି ଉଚ୍ଚଶିକ୍ଷା ଲାଭ ନ କରି, କେବଳ ପାରମ୍ପରିକ ଶିକ୍ଷା ବଳରେ ଦୂରବୀକ୍ଷଣ ଯନ୍ତ୍ରର ବିନା ବ୍ୟବହାରରେ ସାମନ୍ତ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ । ସେଥିପାଇଁ ତାଙ୍କୁ 'ଭାରତର ଟାଇକୋ ବ୍ରାହେ' କୁହାଯାଏ । ଡେନ୍‌ମାର୍କର ସ୍କାନିଆରେ ଜନ୍ମଗ୍ରହଣ କରିଥିବା ବ୍ରାହେ (୧୫୪୬–୧୬୦୧) ଗ୍ରହନକ୍ଷତ୍ରର ଗତିବିଧି ଉପରେ ବହୁତ କାମ କରିଛନ୍ତି । ତାଙ୍କର ସୁଯୋଗ୍ୟ ଶିଷ୍ୟ ଥିଲେ ଜର୍ମାନୀର ଜୋହାନ୍‌ସ କେପ୍‌ଲର (୧୫୭୧–୧୬୩୦) । ସାମନ୍ତ ବାଉଁଶ ନଳୀ ସାହାଯ୍ୟରେ ପାହାଡ଼ର ଉଚ୍ଚତା ମାପି ପାରୁଥିଲେ । ତାଙ୍କର ଗଣନାକୁ ଭିତ୍ତିକରି ଓଡ଼ିଶାର ପଞ୍ଜିକା ପ୍ରସ୍ତୁତ କରାଯାଉଛି । ଏହି ଖଗୋଳ ବିଦ୍ୟା ବିଶାରଦଙ୍କୁ 'NAKED EYE ASTRONOMER' କୁହାଯାଏ । କବିବର 'ଚିତ୍ରୋତ୍ପଳା ନୀରପାୟୀ' ବୋଲି ତାଙ୍କୁ ସମ୍ବୋଧନ କରିଥିଲେ । ଓଡ଼ିଶାର ପୁରପଲ୍ଲୀରେ ପରିଚିତ ସାମନ୍ତ ପୁରୀରେ ୧୮୯୪ ମସିହାରେ ମୃତ୍ୟୁବରଣ କରିଥିଲେ । ରାଧାନାଥ ତାଙ୍କ 'ଦରବାର'ରେ ଉଲ୍ଲେଖ କରିଥିଲେ–

''ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେ ଥିବ ଯାବତ ହୃଦୟ ।''

ଭୋଗଡ଼ା, ଖୋର୍ଦ୍ଧା, ମୋ– ୮୨୭୦୦୮୩୬୫୩

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୯୪

- ପାକିସ୍ତାନର କରାଚୀ ସହରରେ ରାଜନୈତିକ ହିଂସାକାଣ୍ଡ ଘଟି ୧୦୦ ଜଣ ଲୋକଙ୍କ ମୃତ୍ୟୁ ।
- ଓଡ଼ିଶାର ଦୈତାରିଠାରେ ଏକାଧିକ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ପଠାଇଥିବା ୬ଟି ପ୍ରସ୍ତାବ ମଧ୍ୟରୁ ୩ଟି ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି ।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ପ୍ରତିନିଧି ସଭାରେ ମହାଭିଯୋଗ ପ୍ରସ୍ତାବ ଉପରେ ବୁଧବାର ଆଲୋଚନା ଜାରି ରହିଛି। ଏହି ପ୍ରସ୍ତାବ ଆମେରିକା କଂଗ୍ରେସରେ ଗୃହୀତ ହେଲେ ମହାଭିଯୋଗରେ ବିଦା ହେବାରେ ଟ୍ରମ୍ପ୍ ହେବେ ତୃତୀୟ ରାଷ୍ଟ୍ରପତି। ପ୍ରତିନିଧି ସଭାରେ ୬ ଘଣ୍ଟା ଧରି ବିତର୍କ ଚାଲିଥିଲା। ମହାଭିଯୋଗର ୨ଟି ଅନୁଚ୍ଛେଦ ଉପରେ ଭୋଟ ନିଆଯିବ।



# ଜିଏସ୍‌ଟି ବୃଦ୍ଧିକୁ ରାଜ୍ୟଗୁଡ଼ିକର ବିରୋଧ

ନୂଆଦିଲ୍ଲୀ,୧୮।୧୨



- ପ୍ରଥମଥର ଭୋଟିଂ ବିକଳ୍ପ ବ୍ୟବସ୍ଥା
- ଜିଏସ୍‌ଟି କ୍ଷତିପୂରଣ ବିଳମ୍ବକୁ ନେଇ ଉଦ୍‌ବେଗ
- ଟିକସ ହ୍ରାସ, ବୃଦ୍ଧି ନେଇ ନିର୍ଯାସ ହୋଇ ପାରିଲାନି

ବୁଧବାର ଜିଏସ୍‌ଟି ପରିଷଦର ୩୮ତମ ବୈଠକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାରେ ସ୍ଲାବରେ ପରିବର୍ତ୍ତନ ଏବଂ ଜିଏସ୍‌ଟି ବୃଦ୍ଧିକୁ ଏଠାରେ ଅଧିକାଂଶ ରାଜ୍ୟ ବିରୋଧ କରିଛନ୍ତି। ଏବେ ମାନ୍ଦାବସ୍ଥା ଲାଗି ରହିଥିବାରୁ ଟିକସ ବୃଦ୍ଧି ହେଲେ ଏହା ଅର୍ଥବ୍ୟବସ୍ଥା ଉପରେ ଖରାପ ପ୍ରଭାବ ପକାଇବ ବୋଲି ରାଜ୍ୟଗୁଡିକ ଆଶଙ୍କା ପ୍ରକାଶ କରିଥିବା ଜଣାପଡିଛି। ଲଟେରି ଉପରେ ଟିକସ ନିଷ୍ପତ୍ତି ନେବା ଲାଗି ପ୍ରଥମଥର ଜିଏସ୍‌ଟି ପରିଷଦ ବୈଠକରେ ଭୋଟିଂ ବ୍ୟବସ୍ଥାର ବିକଳ୍ପ କରାଯାଇଥିଲା। ଅପରପକ୍ଷରେ ଜିଏସ୍‌ଟି ରାଜସ୍ୱ ହ୍ରାସ ଏବଂ ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣରେ ବିଳମ୍ବ ହେଉଥିବାରୁ ଏହାକୁ ନେଇ ରାଜ୍ୟ ଅର୍ଥମନ୍ତ୍ରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଏସ୍‌ଟି ସଂଗ୍ରହ ହ୍ରାସ,ଟିକସ ହାରରେ ପରିବର୍ତ୍ତନ ଯୋଗୁ ଏଭଳି ହୋଇ ନ ଥିବା ରାଜ୍ୟଗୁଡିକ ମତ ରଖିଛନ୍ତି। ମାତ୍ର ଅର୍ଥ ବ୍ୟବସ୍ଥାରେ ଆସିଥିବା ମାନ୍ଦାବସ୍ଥା ଯୋଗୁ ଟିକସ ସଂଗ୍ରହ କମ୍ ରହିଥିବା ରାଜ୍ୟ ଅର୍ଥମନ୍ତ୍ରୀମାନେ ମତ ପ୍ରକାଶ କରିଥିବା ଜଣାପଡିଛି।

ବର୍ତ୍ତମାନ ସ୍ଲାବ ପରିବର୍ତ୍ତନ ହେଲେ ଏହା ଅସୁବିଧା ସ୍ଥିତି ସୃଷ୍ଟି କରିବ। ଏଭଳି ସ୍ଥିତିରେ ବ୍ୟବସ୍ଥାରେ ରହିଥିବା ତ୍ରୁଟି ସୁଧାରିବା ଏବଂ ଅନୁପାଳନକୁ ବ୍ୟବସ୍ଥିତ କରିବା ନେଇ ରାଜ୍ୟଗୁଡିକ ଦାବି ରଖିଥିବା ବୈଠକ ଅବସରରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ଶିଶୋଦିଆ ସୂଚନା ଦେଇଛନ୍ତି। ରାଜସ୍ୱ ବୃଦ୍ଧି ନେଇ ଗଠନ ହୋଇଥିବା ଅଧିକାରୀ କମିଟି ନିଜର ରିପୋର୍ଟ ପ୍ରଦାନ କରିଛି। ସ୍ଲାବରେ ପରିବର୍ତ୍ତନ ଏବଂ ଟିକସ ହାର ବଢାଇବା ନେଇ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସହ ରାଜ୍ୟ ଅର୍ଥମନ୍ତ୍ରୀଙ୍କ ପ୍ରାକ୍ ସାଧାରଣ ବଜେଟ ବୈଠକରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର କହିଛନ୍ତି ଯେ, ସାମାଜିକ ଯୋଜନା ବାବଦ ଖର୍ଚ୍ଚ କମ୍ ହେଉଥିବା କେତେକ ରାଜ୍ୟ ଅନୁଭବ କରିଛନ୍ତି। ଆଗାମୀ ସାଧାରଣ ବଜେଟରେ ଏହା ଯେଭଳି ନ ହୁଏ ତାକୁ କେନ୍ଦ୍ର ସରକାର ଧ୍ୟାନରେ ରଖିବା ଆବଶ୍ୟକ। ଆଗାମୀ ଫେବୃୟାରୀ ସୁଦ୍ଧା କେନ୍ଦ୍ର ନିକଟରେ ରାଜ୍ୟଗୁଡିକୁ କ୍ଷତିପୂରଣ ଦେବା ଲାଗି କୌଣସି ଅର୍ଥ ନ ରହିବା ଭଳି ପ୍ରତୀୟମାନ ହେଉଥିବା ମିତ୍ର କହିଛନ୍ତି। ରାଜ୍ୟଗୁଡିକ ଠିକ୍ ସମୟରେ କ୍ଷତିପୂରଣ ପାଇବେ କି ନାହିଁ ଆଶଙ୍କା ପ୍ରକାଶ ପାଉଥିବା ପଞ୍ଜାବ ଅର୍ଥମନ୍ତ୍ରୀ ମନପ୍ରୀତ ସିଂ ବାଦଲ କହିଛନ୍ତି। ଏବେ ରାଜସ୍ୱ ସଂଗ୍ରହ ସ୍ଥିତି ପ୍ରଭାବିତ ରହିଛି ହେଲେ ଜିଏସ୍‌ଟି ପରିଷଦକୁ କେନ୍ଦ୍ର ଅର୍ଥମନ୍ତ୍ରୀ ଠିକ୍ ସମୟରେ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ ନେଇ କାହିଁକି ପ୍ରତିଶ୍ରୁତି ଦେଉ ନାହାନ୍ତି। ସାମ୍ବିଧାନିକ ଭାବେ ସରକାର କ୍ଷତିପୂରଣ ଦେବାର ନିୟମ ରହିଥିଲେ ମଧ୍ୟ ଏହାକୁ ରକ୍ଷା କରିବା ଲାଗି କେନ୍ଦ୍ର ସକ୍ଷମ ହେଉନାହିଁ। ଏହା ଏକ ଦୁଃଖର ଦିନ ବୋଲି ବାଦଲ କହିଛନ୍ତି।

ଦୀର୍ଘ ୫ ଘଣ୍ଟାର ଜିଏସ୍‌ଟି ବୈଠକ ପରେ ନିର୍ମଳା ସୀତାରାମନ ଗଣମାଧ୍ୟମକୁ ବିବୃତି ଦେଇଥିଲେ। ସେ କହିଛନ୍ତି ଯେ, ରାଜସ୍ୱ ବୃଦ୍ଧି ନେଇ ରାଜ୍ୟ-କେନ୍ଦ୍ର ପ୍ରତିନିଧି ଏବଂ ଅଧିକାରୀ କମିଟି ବୈଠକରେ ସାମିଲ ହୋଇଥିଲେ। ବୈଠକରେ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ବୃଦ୍ଧି କିମ୍ବା ହ୍ରାସ ନେଇ କୌଣସି ପ୍ରସ୍ତାବ ଉପରେ ଆଲୋଚନା ହୋଇନାହିଁ। ବିଭିନ୍ନ ପ୍ରସଙ୍ଗ ଆଗାମୀ ବୈଠକରେ ଆଲୋଚନା ଲାଗି ରଖାଯାଇଛି। ଜିଏସ୍‌ଟି ବୈଠକ ପରେ ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ମାର୍ଚ୍ଚ ୨୦୨୦ରୁ ଲଟେରୀ ଉପରେ ନୂଆ ଟିକସ ହାର ଲାଗୁ କରାଯିବ। ସେହିଭଳି ଓଭେନ ନନ୍ ଓଭେନ ବ୍ୟାଗ ଉପରେ ଟିକସ ହାରକୁ ହ୍ରାସ କରାଯିବା ସହ ୧୮% ଧାର୍ଯ୍ୟ କରାଯାଇଛି। ଶିଳ୍ପପାର୍କ ସ୍ଥାପନ ଲାଗି ପ୍ଲଟର ଦୀର୍ଘମିଆଦି ଲିଜ୍ ଉପରେ ଅପ୍‌ଫ୍ରଣ୍ଟ ଦେୟ ଛାଡ଼, ଜୁଲାଇ ୨୦୧୭ ପରଠାରୁ ଜିଏସ୍‌ଟି-ଆର୍‌୧ ନ ପ୍ରଦାନ କରିବା କ୍ଷେତ୍ରରେ ଲାଗୁ ହେଉଥିବା ଜରିମାନାରେ କୋହଳ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଲେମ୍ବୁ ଲୁଣ**
**ଦାଣ୍ଡରେ ଦେଖ ଚାତର ପଣ**
**ସଭାରେ ବଖାଣେ ତିନି ତିଉଣ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ ବାହାରେ କିନ୍ତୁ ଚାତୁରୀ କାହିଁରେ କେତେ। ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜର ପ୍ରୌଢ଼ି ପ୍ରକାଶ କରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡ଼ମ୍ବର ଶୋଭା ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ଛ' ଟଙ୍କା**
**ଦାନା ନ' ଟଙ୍କା।**

ଜିନିଷର ଦାନା ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକା। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣା ଖର୍ଚ୍ଚ ବଳିଯିବା ବା ଢେର୍ ଅଧିକା ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଭୟମୁକ୍ତ, ଭାବମୁକ୍ତ ହୋଇ କାର୍ଯ୍ୟ କରିବା ଦରକାର: ରାଜ୍ୟପାଳ



ପୁସ୍ତକ 'ହାଇଲ୍ୟାଣ୍ଡର୍ସ ପ୍ଲେନସ୍କିକ'କୁ ଉନ୍ମୋଚନ କରାଯାଉଛି।

**ପୂର୍ବତନ ପ୍ରଶାସକ ତାରାଦତ୍ତଙ୍କ ପୁସ୍ତକ 'ହାଇଲ୍ୟାଣ୍ଡର୍ସ ପ୍ଲେନସ୍କିକ' ଉନ୍ମୋଚିତ**

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ତାରାଦତ୍ତଙ୍କ ଲିଖିତ ପୁସ୍ତକ 'ହାଇଲ୍ୟାଣ୍ଡର୍ସ ପ୍ଲେନସ୍କିକ'କୁ ରାଜ୍ୟପାଳ ଗଣେଶୀ ଲାଲ ବୁଧବାର ସ୍ଥାନୀୟ ପ୍ରେସ୍ କ୍ଲବଠାରେ ଉନ୍ମୋଚିତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ, ଭୟମୁକ୍ତ ଓ ଭାବମୁକ୍ତ ହୋଇ କାର୍ଯ୍ୟ କରିବା ଦରକାର। ଭାବ ହେଉଛି ଅନ୍ତଃକରଣରେ ପ୍ରେମ ପ୍ରବାହ। ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ମହାପ୍ରଭୁଙ୍କ ସେବା ଭଳି କରିବା ଦରକାର। ଏହି ପୁସ୍ତକ ଉନ୍ମୋଚନ ସମାରୋହରେ ଯୋଗଦେଇ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମନ୍ତ୍ରୀ ଓ ପ୍ରଶାସକଙ୍କ ସମ୍ପର୍କ ଏବଂ ଭୂମିକାର ପରିଭାଷା ବଦଳି ଯାଇଛି। ଜଣେ ରାଜନୀତି ବିଜ୍ଞାନର ଛାତ୍ର ଭାବେ ତାରା ଦତ୍ତଙ୍କ ପୁସ୍ତକରେ ଅନେକ ଅକୁହା କଥା ରହିଥିବ ବୋଲି ସେ କହିଛନ୍ତି। ସମାରୋହରେ ଅବସରପ୍ରାପ୍ତ ପ୍ରଶାସକ ଯୁଗଳ କିଶୋର ମହାପାତ୍ର, ସଞ୍ଜୀବ ହୋତା, ବିବେକ ପଟ୍ଟନାୟକ ପ୍ରମୁଖ ତାରାଦତ୍ତଙ୍କ ପୁସ୍ତକକୁ ପ୍ରଶଂସା କରିଥିଲେ।

# ବିକାଶକୁ ପ୍ରସଙ୍ଗ କଲେ କେନ୍ଦ୍ର ମନ୍ତ୍ରୀ

ଉମରକୋଟ,୧୮।୧୨(ଡି.ଏନ.ଏ)

**ଉମରକୋଟରେ ଭାଜପାର ସାଧାରଣ ସଭା**



ଉମରକୋଟ ସାଧାରଣ ସଭାରେ ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଉଦବୋଧନ ଦେଉଛନ୍ତି।

କେନ୍ଦ୍ରର ବହୁ ଲୋକାଭିମୁଖୀ ଯୋଜନା ରାଜ୍ୟ ସରକାର ଲାଗୁ କରୁ ନାହାନ୍ତି। ଭୋଟ ହାତଛଡା ହୋଇଯିବା ଭୟ ରାଜ୍ୟ ସରକାରଙ୍କୁ ଘାରୁଛି। ନବୀନ ସରକାରଙ୍କ ୧୯ ବର୍ଷ ଶାସନରେ ରାଜ୍ୟର ବିକାଶ ହୋଇପାରି ନାହିଁ। ଚିଟ୍‌ଫଣ୍ଡ ସ୍କାମ ଯୋଗୁ ଲକ୍ଷ ଲକ୍ଷ ଲୋକ ଗରିବ ହୋଇଗଲେ। ଉମରକୋଟ ନୂଆ ବସଷ୍ଟାଣ୍ଡରେ ବୁଧବାର ଭାଜପା ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଯୋଗ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗୁ ଭାରତର ଶକ୍ତି ବିଶ୍ୱ ଦରବାରରେ ପରିଚିତ ହୋଇପାରିଲା। ଟ୍ରିପଲ ତଲାକ, ୩୭୦ ଧାରା ଉଚ୍ଛେଦ, ନାଗରିକ ସଂଶୋଧନ ଆଇନ ଶ୍ରେୟ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଦେଇଥିଲେ। ନବରଙ୍ଗପୁର ଜିଲାରେ ଡାକ୍ତର ନ ଥିବା, ମକା କାରଖାନା ନ ହୋଇପାରିବା, ଭାସ୍କେଲ ଡ୍ୟାମର ପୁନରୁଦ୍ଧାର ନ ହେବା, ମା' ପେଣ୍ଡ୍ରାଣୀ ମାଟିକୁ କାହିଁକି ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ ହୋଇପାରୁନି ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ଏହା ଶାସକ ଦଳର ନେତାଙ୍କୁ ପଚାରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ମୋଦିଙ୍କ ଜନକଲ୍ୟାଣ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ ସଭାପତିତ୍ୱ କରିଥିଲେ। ପୂର୍ବତନ ଏମପି ବଳଭଦ୍ର ମାଝି, ପର୍ଶୁରାମ ମାଝି , ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ସାହୁ, କୁଞ୍ଜ ଦାସ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସଭାରେ ଉଦବୋଧନ ଦେଇଥିଲେ।

# ବନ ବିଭାଗ ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟରେ ଚଢ଼ାଉ

ରାଜନଗର, ୧୮।୧୨ (ଡି.ଏନ.ଏ.)

**ବାର୍‌ହା ମାଂସ ନ ପାଇ ଖାଲି ହାତରେ ଫେରିଲେ ବନ କର୍ମଚାରୀ**

ରାଜନଗର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବାର୍‌ହା ମାଂସ ଭୋଜି ହେଉଥିବା ସନ୍ଦେହରେ ବୁଧବାର ବନ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏହାଦ୍ୱାରା ସମ୍ମାନହାନି ହୋଇଥିବା ପ୍ରତିବାଦରେ କଂଗ୍ରେସ କର୍ମୀମାନେ ବନ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜନଗର ଡିଏଫଓ ଏବଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପୂର୍ବାହ୍ନରେ କଂଗ୍ରେସ କାର୍ଯ୍ୟାଳୟରେ ନେତା ଓ କର୍ମୀମାନଙ୍କର ଏକ ସାଙ୍ଗଠନିକ କାର୍ଯ୍ୟକ୍ରମ ଥିଲା। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଯୋଗ ଦେଉଥିବାରୁ କଂଗ୍ରେସର ଛାମୁଆ ନେତା ଓ କର୍ମୀମାନେ ସେଠାରେ ଏକତ୍ର ହୋଇଥିଲେ। ବୈଠକ ଚାଲିଥିବାବେଳେ ବନପାଳ ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ କଂଗ୍ରେସ କାର୍ଯ୍ୟାଳୟରେ ଚଢାଉ କରିଥିଲେ। ଏହି ଟିମ୍ ସେଠାରେ କର୍ମୀଙ୍କ ପାଇଁ ରୋଷେଇ ହେଉଥିବା ତରକାରୀ ଏବଂ ବିଭିନ୍ନ ସ୍ଥାନ ତନଖି କରିଥିଲେ ହେଁ କେଉଁଠି ବାର୍‌ହା ମାଂସ ପାଇ ନ ଥିଲେ। ଶେଷରେ ବନ କର୍ମଚାରୀମାନେ ନିରାଶ ହୋଇ ଫେରି ଆସିଥିଲେ। ଏହି ଘଟଣା ନେଇ ସେଠାରେ ଉପସ୍ଥିତ ଥିବା ନେତା ଓ କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରାଜନୈତିକ ଉଦ୍ଦେଶ୍ୟରେ କଂଗ୍ରେସ କାର୍ଯ୍ୟାଳୟ ଉପରେ ଚଢାଉ କରାଯିବା ଦ୍ୱାରା ଦଳର ସ୍ୱାଭିମାନରେ ଆଞ୍ଚ ଆସିବା ସହ ସମ୍ମାନ ହାନି ହୋଇଛି ବୋଲି ପୂର୍ବତନ ବିଧାୟକ ମହାନ୍ତି କହିଛନ୍ତି। ଅପରାହ୍ନରେ ରାଜନଗର ୩୦ ନଂ. ଜୋନର ସଭାପତି ଅଶୋକ କୁମାର ବଳ, ୩୧ ନଂ. ଜୋନର ସଭାପତି ଦେବେନ୍ଦ୍ର କୁମାର ଜେନା, କୁରୁଣ୍ଟି ସମିତି ସଭ୍ୟ ସନ୍ତୋଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ରାଜନଗର ଥାନା ଏବଂ ରାଜନଗର ଡିଏଫଓଙ୍କୁ ଲିଖିତ ଭାବେ ଏ ନେଇ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏ ସଂପର୍କରେ ରାଜନଗର ରେଞ୍ଜର ସୁରଜିତ ସାହୁଙ୍କୁ ପଚାରିବାରେ କହିଥିଲେ ଯେ, ବିଶ୍ୱସ୍ତ ସୂତ୍ରରୁ କଂଗ୍ରେସ କାର୍ଯ୍ୟାଳୟରେ ବାର୍‌ହା ମାଂସ ରୋଷେଇ ହେଉଥିବା ଖବର ପାଇଥିଲୁ। ଏ ସମ୍ପର୍କରେ ଡିଏଫଓଙ୍କୁ ଜଣାଇ ତାଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ କରାଯାଇଥିଲା ବୋଲି କହିଛନ୍ତି।

# ପିଇଓ ସ୍ମିତାରାଣୀ ହତ୍ୟା ପ୍ରସଙ୍ଗ ସିବିଆଇ ତଦନ୍ତ ଦାବିକଲା ଭାଜପା

**ଅଭିଯୋଗକୁ ବିଜେଡିର ଖଣ୍ଡନ**

ଭୁବନେଶ୍ୱର,୧୮।୧୨(ବ୍ୟୁରୋ): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ହତ୍ୟା ପ୍ରସଙ୍ଗରେ ଭାଜପା ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଇଛି। ଏହି ପ୍ରସଙ୍ଗରେ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ବୁଧବାର ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଲେଖାଶ୍ରୀ କହିଛନ୍ତି ଯେ, କେତେକ ବେଆଇନ କାର୍ଯ୍ୟକୁ ଆଇନସମ୍ମତ କରିବା ପାଇଁ ପିଇଓ ସ୍ମିତାରାଣୀଙ୍କ ଉପରେ ଚାପ ପ୍ରୟୋଗ କରାଯାଉଥିଲା। ମୃତା ସ୍ମିତାରାଣୀ ଏଥିରେ ଅମଙ୍ଗ ହେବାରୁ ରଙ୍ଗଶାଳାରେ ତାଙ୍କୁ ବଳାତ୍କାର କରି ହତ୍ୟା କରାଯାଇଛି। ପିଇଓ ସ୍ମିତାରାଣୀଙ୍କ ଉପରେ ଜବରଦଖଲ ଜମିକୁ ଆଇନସମ୍ମତ କରିବା ପାଇଁ ରୂପେଶ ଭଦ୍ର ଏବଂ ଅନ୍ୟ ନେତାଙ୍କ ଦ୍ୱାରା ଚାପ ପ୍ରୟୋଗ କରାଯାଉଥିଲା। ଏମିତିକି ଗ୍ରାମପଞ୍ଚାୟତର ଅଧିକାରୀମାନଙ୍କୁ ଭାଇଜାକ ଓ ମୁମ୍ବାଇ ଭଳି ସହରକୁ ନେଇ ଆପ୍ୟାୟିତ କରିବା ପାଇଁ ଚେଷ୍ଟା କରାଯାଉଥିଲା ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ତେଣୁ କେବଳ ସିବିଆଇ ତଦନ୍ତ ହେଲେ ହିଁ ସମସ୍ତ ଘଟଣାର ପର୍ଦ୍ଦାଫାଶ ହେବା ସହ ସ୍ମିତାରାଣୀ ଏବଂ ଓଡ଼ିଶାର ସମସ୍ତ ମହିଳାଙ୍କୁ ନ୍ୟାୟ ମିଳିପାରିବ ବୋଲି ଡ. ସାମନ୍ତସିଂହାର କହିଛନ୍ତି। ଅପରପକ୍ଷରେ ବିଜେଡି ମୁଖପାତ୍ର ସୁଲତା ଦେଓ କହିଛନ୍ତି ଯେ, ଲେଖାଶ୍ରୀ ଆଈ ମା' କାହାଣୀ କହୁଛନ୍ତି। ମିଡିଆରେ ରହିବା ପାଇଁ ହୀନ ରାଜନୀତି କରୁଛନ୍ତି। ୨୦୧୪ରେ ବିଜେଡିରେ ମିଶିବାକୁ ଚେଷ୍ଟା କରି ସେ ବିଫଳ ହୋଇଥିଲେ। ବିଜେଡି ତାଙ୍କ କଥାକୁ ଗୁରୁତ୍ୱ ଦେଉ ନ ଥିବା ସୁଲତା କହିଛନ୍ତି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now 9453480851

FINANCE

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

NEW YEAR DHAMAKA
ହର୍ କଦମ ଆପକେ ସାଥ୍
ବନ୍ଧନ ଋଣ 1993ରୁ ଆପଣଙ୍କର ସେବାରେ (NBFC Registered) କମ୍ପାନୀ ଦ୍ୱାରା ଏଜୁକେଶନ୍, ସମ୍ପତି, ପେ-ସ୍ଲିପ୍ ଗ୍ରୁପ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। (ଖର୍ଚ୍ଚ ଲୋନ ପାସ୍ ହେଲା ପରେ) 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
9520405151
9520334141

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 20 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରଷ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

DHARITRI Career appointment Every Wednesday and Saturday

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି଼ଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390




ତୃଷାର୍ତ୍ତ ଲୋକେ ନଦୀ ପାଣି ପିଇଲେ ଯେପରି ନଈର ପାଣି ଶୁଖିଯାଏ ନାହିଁ, ସେହିପରି ଦାନ ଦ୍ୱାରା କେବେହେଲେ ଧନର କ୍ଷୟ ଘଟି ନ ଥାଏ।
- ସନ୍ଥ କବୀର ଦାସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍କୁଲ ପରିସର, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ସକାଳ ୭ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ୟୁନିଟ-୪, ସକାଳ ୯ଟା।
- କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ପକ୍ଷରୁ ଏକଦିନିକିଆ କର୍ମଶାଳା, ରେଲୱେ ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ଆନ୍ତର୍ଜାତିକ ନୃତ୍ୟ କଂଗ୍ରେସ ଓ 'ନୃତ୍ୟ ନବୋଦୟ' ପ୍ରତିଭା ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ଏଆଇଡିଏସଓ ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନଠାରୁ ରାଜମହଲ ଛକ, ପୂର୍ବାହ୍ନ ୧୧ଟା।
- ଜାତୀୟ ହସ୍ତଶିଳ୍ପ ତୋଷାଳି ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦।
- ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳିବାକୁ ଭାରତ ଓ ୱେଷ୍ଟଇଣ୍ଡିଜ ଦଳର ଖେଳାଳି ଭୁବନେଶ୍ୱରରେ ପହଞ୍ଚିବେ, ମେ ଫେୟାର, ମଧ୍ୟାହ୍ନ ୧୨ଟା।
- ନୂପୁର ଅନୁଷ୍ଠାନ ପକ୍ଷରୁ 'ମାୟାବୃତ୍ତ' ସେମିନାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା।
- ଗୋଧୂଳି ସାହିତ୍ୟ ସଂସଦର ୧୧ତମ ବାର୍ଷିକ ସାରସ୍ୱତ ଉତ୍ସବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଓଟିଡିସି ପକ୍ଷରୁ ଶ୍ରୀ ଉତ୍ସବ ପାଳନ, ପାନ୍ଥନିବାସ, ସନ୍ଧ୍ୟା ୬ଟା।
- ୩୦ତମ ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ଓ ୭ମ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପକ୍ଷରୁ ଜ୍ୟୋତିର୍ବିଜ୍ଞାନୀ ସାମନ୍ତ ଚନ୍ଦ୍ରଶେଖରଙ୍କ ୧୮୪ତମ ଜୟନ୍ତୀ ଓ ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ୧୧୧ତମ ଜୟନ୍ତୀ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ, କଳା ବିକାଶ କେନ୍ଦ୍ର, ବକ୍ସିବଜାର, ପୂର୍ବାହ୍ନ ୧୧ଟା।
- ବିଶ୍ୱେଶ୍ୱର ମିଶ୍ରଙ୍କ ଅଷ୍ଟମ ବାର୍ଷିକୋତ୍ସବ, କନଭେନଶନ ହଲ୍, ହାଇକୋର୍ଟ ବାର୍ ଆସୋସିଏଶନ, ଅପରାହ୍ନ ୪ଟା ୧୫।

**ଖୋର୍ଦ୍ଧା**

- ଆଇଆଇଆଇଟି ଭୁବନେଶ୍ୱର ପକ୍ଷରୁ ୧୮ତମ ଅନ୍ତର୍ଜାତୀୟ ସମ୍ମିଳନୀ, କ୍ୟାମ୍ପସ ପରିସର, ଗୋଠପାଟଣା, ପୂର୍ବାହ୍ନ ୧୦ଟା।

**ପୁରୀ**

- କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଆନ୍ତଃ କଲେଜ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ, ଏସ୍‌ସିଏସ୍ କଲେଜ ପଡ଼ିଆ, ଅପରାହ୍ନ ୫ଟା।



'ଲାକ୍‌ମେ ଫ୍ୟାଶନ ୱିକ୍'ରେ ଯୋଗଦେଇଥିବା ଅତିଥି ଓ ପ୍ରତିଯୋଗୀଙ୍କ ଗହଣରେ ପୁରସ୍କୃତ ଫ୍ୟାଶନ ଓ ଇଣ୍ଟେରିୟର ଡିଜାଇନର୍‌ମାନେ।



# ସେଟ୍ ଡିଜାଇନ୍ କରିବେ ଓଡ଼ିଆ ଛାତ୍ରୀ

**'ଲାକ୍‌ମେ ଫ୍ୟାଶନ ୱିକ୍'**

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଦେଶର ପ୍ରମୁଖ ଫ୍ୟାଶନ ଓ ଲାଇଫଷ୍ଟାଇଲ ଶୋ 'ଲାକ୍‌ମେ ଫ୍ୟାଶନ ୱିକ୍'ରେ ଡିଜାଇନ୍ ପ୍ରଦର୍ଶନ କରିବେ ଜଣେ ଓଡ଼ିଆ ଛାତ୍ରୀ। ଇଣ୍ଟେରିୟର ଡିଜାଇନ୍ ବର୍ଗରେ 'ଲାକ୍‌ମେ ଫ୍ୟାଶନ ୱିକ୍'ର ମୁଖ୍ୟ ଶୋ ଏରିଆରେ ଜଣେ ଖ୍ୟାତନାମା ଡିଜାଇନରଙ୍କ ଶୋ'ର ସେଟ୍ ଡିଜାଇନ୍ କରିବାର ସୁଯୋଗ ପାଇଛନ୍ତି ଭୁବନେଶ୍ୱରର ସୌଭାଗ୍ୟଲକ୍ଷ୍ମୀ ରାଉତ। ପ୍ରଥମଥର ପାଇଁ ଭୁବନେଶ୍ୱରରେ 'ଲାକ୍‌ମେ ଫ୍ୟାଶନ ୱିକ୍'ର ଆଞ୍ଚଳିକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଆଇଏନ୍‌ଆଇଏଫ୍‌ଡିର ଫ୍ୟାଶନ ଓ ଇଣ୍ଟେରିୟର ଡିଜାଇନ୍ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଆଇଏନ୍‌ଆଇଏଫ୍‌ଡି ସେଣ୍ଟରରୁ ସୌଭାଗ୍ୟଲକ୍ଷ୍ମୀ ରାଉତ ଇଣ୍ଟେରିୟର ଡିଜାଇନ ବର୍ଗରେ 'ଲାକ୍‌ମେ ଫ୍ୟାଶନ ୱିକ୍' ପାଇଁ ମନୋନୀତ ହୋଇଥିବାବେଳେ ପ୍ରଥମ ରନର୍ସଅପ୍ ଭାବେ ମହମ୍ମଦ ଗୁଲଶନ ଓ ଦ୍ୱିତୀୟ ରନର୍ସଅପ୍ ଭାବେ ଜଗଜିତ କୌର ମନୋନୀତ ହୋଇଛନ୍ତି।

ଆଇଏନ୍‌ଆଇଏଫ୍‌ଡି ଓ ଆଇଏମ୍‌ଜି ରିଲାଏନ୍ସ ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେଲିବ୍ରିଟି ଜୁରୀଭାବେ ଯୋଗଦେଇଥିଲେ ବଲିଉଡ୍ ଅଭିନେତ୍ରୀ ତଥା 'ପ୍ୟାର୍ କା ପଞ୍ଚ୍‌ନାମା' ଫେମ୍ ସୋନାଲି ସେଗଲ। ତାଙ୍କ ସହ ଖ୍ୟାତନାମା ଫ୍ୟାଶନ ଡିଜାଇନର ପାୟଲ ପ୍ରତାପ, ଫେନୋଟାଇପ୍ ଆର୍କିଟେକ୍ଟର ଷ୍ଟୁଡିଓର ସଂସ୍ଥାପକ ଅନିକା କୋଛର, ଟେଲିଭିଜନ ଫେମ୍ ନୀରଜ ଗାବା, ଆଇଏମ୍‌ଜି ରିଲାଏନ୍ସର 'ଦ ଭଏସ୍ ଅଫ୍ ଫ୍ୟାଶନ'ର ସମ୍ପାଦକ ସେଫାଳି ବାସୁଦେବ ପ୍ରମୁଖ ବିଚାରକଭାବେ ଯୋଗଦେଇ ଉଭୟ ଇଣ୍ଟେରିୟର ଓ ଫ୍ୟାଶନ ଡିଜାଇନ୍ ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରିଥିଲେ। ଫ୍ୟାଶନ ଡିଜାଇନ୍ ବର୍ଗରେ କୋଲକାତାର ସାଦିୟା ରିଜୱାନା ଶ୍ରେଷ୍ଠ ବିବେଚିତ ହୋଇଥିବାବେଳେ ପ୍ରଥମ ରନର୍ସଅପ୍ ହୋଇଥିଲେ ସିଫା ସୟଦ ଏବଂ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ ମହିମା ମେହରୋତ୍ରା। ମନୋନୀତ ଫ୍ୟାଶନ ଡିଜାଇନ୍ ଛାତ୍ରୀଛାତ୍ରମାନେ 'ଲାକ୍‌ମେ ଫ୍ୟାଶନ ୱିକ୍' ସମୟରେ ଆଇଏନ୍‌ଆଇଏଫ୍‌ଡି ଲଞ୍ଚ୍‌ପ୍ୟାଡ୍‌ର ପ୍ରମୁଖ ଶୋ ଏରିଆରେ ନିଜ ଡିଜାଇନ୍ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଏଥିପାଇଁ ସ୍ୱତନ୍ତ୍ର କ୍ୟାଶ୍ ପ୍ରାଇଜ୍ ସହ ଡିଜାଇନ୍ ଏକ୍ସପର୍ଟମାନଙ୍କ ଅଧୀନରେ ସେମାନେ ପ୍ରଶିକ୍ଷିତ ହେବାର ସୁଯୋଗ ମଧ୍ୟ ପାଇବେ। ବଲିଉଡ୍ ଓ ଟେଲିଭିଜନ୍ ଅଭିନେତା ତଥା ମଡେଲ ଅମନ ବର୍ମା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଆଇଏନ୍‌ଆଇଏଫ୍‌ଡିର ଉଦୀୟମାନ ଫ୍ୟାଶନ ଡିଜାଇନର ଓ ଇଣ୍ଟେରିୟର ଡିଜାଇନରମାନଙ୍କ ଦ୍ୱାରା ଏକ ଟକ୍‌ଶୋ ଏବଂ ସ୍ୱତନ୍ତ୍ର କ୍ୟୁରେଟେଡ୍ ନଲେଜ୍‌ସିରିଜ୍ ଓ ଡିଜାଇନ୍ ପ୍ରେଜେଣ୍ଟେଶନ ପ୍ରଦର୍ଶିତ ହୋଇଥିଲା।


ଫ୍ୟାସନ ଶୋ'ରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ।

## ସୁଜାତା ମହାପାତ୍ର, ବୀଣା କ୍ୟୁମ୍‌ଙ୍କୁ ଆଇଡିସି ଉତ୍କର୍ଷ ସମ୍ମାନ

**ଦେବଦାସୀ ଅନ୍ତର୍ଜାତୀୟ ନୃତ୍ୟ କଂଗ୍ରେସ**

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଦେବଦାସୀ ନୃତ୍ୟ ମନ୍ଦିର ପକ୍ଷରୁ ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଦ୍ୱିତୀୟ ଦେବଦାସୀ ଅନ୍ତର୍ଜାତୀୟ ନୃତ୍ୟ କଂଗ୍ରେସ ଓ ନୃତ୍ୟ ନବୋଦୟ ପ୍ରତିଭା ଉତ୍ସବ ଉଦ୍‌ଘାଟିତ ହୋଇଛି। ଏମ୍‌ପି ରଘୁନାଥ ମହାପାତ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଓ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୁଜାତା ମହାପାତ୍ର ଏବଂ କୋରିଆର ବୀଣା କ୍ୟୁମ୍‌ଙ୍କୁ 'ଆଇଡିସି ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି କବି ସଞ୍ଜୟ ଭଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୦ଜଣ ନବାଗତ ନୃତ୍ୟଶିଳ୍ପୀଙ୍କୁ 'ନୃତ୍ୟ ନବୋଦୟ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ୫ଜଣ ଯୁବ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ।



## ପ୍ରସନ୍ନ ନନ୍ଦ ପାଇବେ ସ୍ୱାଗତ ସମ୍ମାନ

କଟକ ଅଫିସ, ୧୮।୧୨

ଆଇନସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ ପ୍ରସନ୍ନ କୁମାର ନନ୍ଦଙ୍କୁ ସ୍ୱାଗତ ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଦି ଲ କଲେଜ ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ନନ୍ଦଙ୍କୁ ସମ୍ମାନିତ କରିବେ ବୋଲି ଦି ଲ କଲେଜ ପୁରାତନ ଛାତ୍ର ସଙ୍ଗଠନର ସମ୍ପାଦକ ବିଭୁ ପ୍ରସନ୍ନ ମହାପାତ୍ର କହିଛନ୍ତି। ଏହି ଉତ୍ସବରେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି) ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ ଓ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ହାଇକୋର୍ଟ ବାର୍ ଆସୋସିଏଶନ ପାଠାଗାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆଡଭୋକେଟ ନନ୍ଦ ଛାତ୍ରାବସ୍ଥାରୁ ସଡ଼କ ସୁରକ୍ଷା ଓ ଜେଲ ସଂସ୍କାର କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ। ୧୯୯୬ରେ ରୋଟାରି ଇଣ୍ଟରନ୍ୟାଶନାଲ ପକ୍ଷରୁ ଏସିଆର ଶ୍ରେଷ୍ଠ ରୋଟ୍ରାକ୍ଟର ଭାବେ ସମ୍ମାନିତ ହୋଇଥିଲେ। ୨୦୦୬ରେ କୋରିଆର ବୁସାନଠାରେ ଆଇନର ପ୍ରୟୋଗ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ମଧ୍ୟ ପୁରସ୍କୃତ ହୋଇଥିଲେ।

## ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବେ କିନ୍ନର

### ବିଏମ୍‌ସି ସହ ସ୍ୱାକ୍ଷରିତ ହେଲା ଚୁକ୍ତିପତ୍ର


ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ସାଧାରଣ ଲୋକଙ୍କ ଭଳି ଏଣିକି କିନ୍ନରମାନେ ମଧ୍ୟ ଉଚ୍ଛେଦରେ ସାମିଲ ହେବା ସହ ହୋଲ୍ଡିଂ ଟ୍ୟାକ୍ସ ଓ ଟ୍ରେଡ଼ ଲାଇସେନ୍ସ ଆଦାୟ କରିବେ। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହ ବୁଧବାର ଟିଂଜି ସ୍ୱୀକୃତି ଏସ୍‌ଏଚ୍‌ଜିର ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ବିଏମ୍‌ସି ରାଜସ୍ୱ ବିଭାଗ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ରଙ୍କ ସହ ଟିଂଜି ସ୍ୱୀକୃତି ଏସ୍‌ଏଚ୍‌ଜିର ସଭାନେତ୍ରୀ ମେଘନା ସାହୁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ପ୍ରଥମତଃ ଗୋଟିଏ ବର୍ଷ ପାଇଁ କରାଯାଇଥିବାବେଳେ ସବୁ ମାସର ପଞ୍ଚମ ଦିନରେ ବିଏମ୍‌ସି ପକ୍ଷରୁ ମାସିକିଆ ରିପୋର୍ଟ କାର୍ଡ ପ୍ରଦାନ କରାଯିବ। ଏହାସହ ଗାଡ଼ି, ତେଲ, ଆଇଡେଣ୍ଟି କାର୍ଡ ମଧ୍ୟ ଦିଆଯିବ। ଏହାବ୍ୟତୀତ ପ୍ରତି ୪୦ ଲକ୍ଷରେ ୧% ଓ ୬୦ ଲକ୍ଷ ଆଦାୟରେ ୧.୫% କିନ୍ନରମାନେ ପାଇବାର ଯୋଜନା ରହିଛି। ଏହି ସବୁ କାର୍ଯ୍ୟର ଦାୟିତ୍ୱ ବହନ କରିବେ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର। ସୂଚନାଥାଉ କି, ବିଏମ୍‌ସିରେ ଏବେ ହୋଲ୍ଡିଂ ଟ୍ୟାକ୍ସ କଲେକ୍ଟର କମ୍ ଥିବାବେଳେ ନିଗମ ପକ୍ଷରୁ ବିଭିନ୍ନ ଏସ୍‌ଏଚ୍‌ଜିଙ୍କୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବା ପାଇଁ ନିଯୁକ୍ତ କରାଯାଉଛି। ଏବେ ପ୍ରଥମ କରି କିନ୍ନରମାନଙ୍କ ଏସ୍‌ଏଚ୍‌ଜି ସହ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବାବେଳେ ଆଗକୁ ଅନ୍ୟ ଏସ୍‌ଏଚ୍‌ଜି ସହ ମଧ୍ୟ ଏଭଳି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।






























ନାଗରିକତ୍ୱ ଆଇନକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ବଳପ୍ରୟୋଗ କରିବା ଠିକ୍‌ନୁହେଁ। ହେଲେ ଜଣେ ଭାରତୀୟ ଭାବେ ଦାୟିତ୍ୱବାନ ହୋଇ ଆଇନକୁ ସମ୍ମାନ ଦେବା ଓ ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କଥା ଚିନ୍ତାକରିବା ଉଚିତ।

-ବରୁଣ ଧୱନ୍, ବଲିଉଡ୍ ଅଭିନେତା





# ୩୦ ଟନ୍ ଅଳିଆରେ ଖୋଜିଲେ ହୀରାମୁଦି

**ମେଲ୍‌ବର୍ଣ୍ଣ:** ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ରହୁଥିବା ନବଦମ୍ପତି ସେମାନଙ୍କ ମନ ପସନ୍ଦର ଏକ ଜିନିଷ ହଜାଇ ଦେଇଥିଲେ। ଫଳରେ ଏହାକୁ ପାଇବା ପାଇଁ ସେମାନେ ୩୦ ଟନ୍‌ର ଅଳିଆ ଖୋଜିବାରେ ଲାଗିଲେ। ଯାହା ଦେଖି ସହରବାସୀ ଆଶ୍ଚର୍ଯ୍ୟ ହୋଇଗଲେ। ଏମିତି କ’ଣ ହଜାଇ ଦେଇଛନ୍ତି ଯେ, ଏତେ ଅଳିଆ ଖୋଜିବାକୁ ପଡୁଛି। ଯିଏ ଦେଖିଲା ଘଡ଼ିଏ ଅଟକି ଚାହିଁଲା। ପରେ ଜାଣିବାକୁ ମିଳିଲା ଏହି ନବଦମ୍ପତି ଏକ ହୀରାର ମୁଦି ଭୁଲ ବଶତଃ ହଜାଇ ଦେଇଛନ୍ତି। ଯାହାକୁ ଖୋଜିବା ପାଇଁ ଏତେ ଅଳିଆ ଘାଣ୍ଟିବାକୁ ପଡ଼ିଲା। ୩ ଘଣ୍ଟାର ପରିଶ୍ରମ ପରେ ସେମାନଙ୍କ ଜୁଏଲାରି ବକ୍ସ ଅଳିଆ ଗଦାରୁ ମିଳିଲା। ଯାହାକୁ ପାଇ ସେମାନେ ବହୁତ ଖୁସି ବ୍ୟକ୍ତ କରିଛନ୍ତି। ଦମ୍ପତି କୁହନ୍ତି, ସେମାନଙ୍କ ଘର ରେନୋଭେଟ୍ ବା ପୁନରୁଦ୍ଧାର କରାଯାଇଥିଲା। ଏହାର ଅଳିଆ ଉଠାଇବା ପାଇଁ ସେ କାଉନ୍‌ସିଲକୁ ଫୋନ୍ କରିଥିଲେ। କାଉନ୍‌ସିଲ କର୍ମଚାରୀମାନେ ପହଞ୍ଚି ଗାଡ଼ିରେ ଅଳିଆ ନେଇଥିଲେ। ଏହା ପରେ ତାଙ୍କର ହୀରାମୁଦି ଥିବା ଜୁଏଲାରି ବକ୍ସ ନ ପାଇ ପୁନର୍ବାର କର୍ମଚାରୀଙ୍କୁ ଫୋନ୍ କରିଥିଲେ। ଦମ୍ପତି ସହରର ଡମ୍ପିଂୟାର୍ଡରେ ପହଞ୍ଚି ଅଳିଆ ଖୋଜିଥିଲେ। ଶେଷରେ ମୁଦିଟିକୁ ପାଇଥିଲେ।

# କେକ୍ ପ୍ରଦର୍ଶନୀରେ ଚନ୍ଦ୍ରୟାନ-୨ ମଡେଲ





**ବେଙ୍ଗାଲୁରୁ:** ପାଖେଇ ଆସୁଛି ବଡ଼ଦିନ। ଏହାକୁ ପାଳନ କରିବା ସହ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦେଶବ୍ୟାପୀ କରାଯାଉଛି। ହେଲେ ବେଙ୍ଗାଲୁରୁର କେକ୍ ପ୍ରଦର୍ଶନୀ ସମସ୍ତଙ୍କ ମନ ଜିଣିଛି। ଜାରି ରହିଥିବା ଏହି କେକ୍ ପ୍ରଦର୍ଶନୀରେ ଚନ୍ଦ୍ରୟାନ-୨ ଏବଂ ସେଣ୍ଟ ବାସିଲ୍ କାଥେଡ୍ରାଲ୍ ଚର୍ଚ୍ଚ ମଡେଲ ପ୍ରଦର୍ଶିତ ହୋଇଛି। ଏଠାରେ ୨୩ ପ୍ରକାର ଭିନ୍ନ ଭିନ୍ନ ମଡେଲ ପ୍ରଦର୍ଶିତ କରାଯାଇଛି। ପ୍ରଦର୍ଶନୀ ଜାନୁୟାରୀ ୧ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶିତ କଥାକଳୀ ନୃତ୍ୟାଙ୍ଗନା କେକ୍‌କୁ ମଧ୍ୟ ଲୋକେ ପସନ୍ଦ କରିଛନ୍ତି। ବଡ଼ଦିନ ଅବସରରେ ଇନଷ୍ଟିଚ୍ୟୁଟ୍ ଅଫ୍ ବେକିଂ ଆଣ୍ଡ୍ କେକ୍ ଆର୍ଟ ପକ୍ଷରୁ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି।



ଶ୍ରଦ୍ଧା କପୁର

# ଫ୍ୟାନଙ୍କୁ ଦିୱାନା କଲା ଶ୍ରଦ୍ଧାଙ୍କ ଲୁକ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ନିକଟରେ ସର୍ବିୟାରୁ ନିଜ ଅପ୍‌କମିଂ ଫିଲ୍ମ ‘ବାଗୀ-୩’ର ଶୁଟିଂ ଶେଷ କରି ଫେରିଛନ୍ତି। ଏହାପରେ ସେ ତୁରନ୍ତ ନିଜର ଦ୍ୱିତୀୟ ଅପ୍‌କମିଂ ଫିଲ୍ମ ‘ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି’ର ପ୍ରମୋଶନରେ ବ୍ୟସ୍ତ ହୋଇଗଲେଣି। ଫିଲ୍ମ ‘ବାଗୀ-୩’ରେ ଟାଇଗର ଶ୍ରଫ୍‌ଙ୍କ ସହ ଶ୍ରଦ୍ଧା ନଜରକୁ ଆସିବାକୁ ଥିବାବେଳେ ‘ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି’ରେ ତାଙ୍କୁ ବରୁଣ ଧାୱନ୍‌ଙ୍କ ସହ ଦେଖିବାକୁ ମିଳିବ। ଫିଲ୍ମ ରିଲିଜ୍‌କୁ ନେଇ ‘ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି’ର ପୂରା ଟିମ୍ ଏବେ ପ୍ରମୋଶନରେ ଲାଗିପଡ଼ିଛି। ଏନେଇ ବରୁଣ ଏବଂ ନିର୍ଦ୍ଦେଶକ ରେମୋ ଡି’ସୁଜାଙ୍କ ସହ ଶ୍ରଦ୍ଧା ଏକ ରିୟାଲିଟି ଶୋ’କୁ ଫିଲ୍ମ ପ୍ରମୋଶନ ଲାଗି ଯାଇଥିଲେ। ଏହି ଅବସରରେ ସେ ଏକ ସିଲ୍‌ଭର ଷ୍ଟ୍ରେପ୍‌ଲେସ୍ ଡ୍ରେସ୍ ସହ ବ୍ଲାକ୍ ଶୁଜ୍ ପିନ୍ଧିଥିଲେ। ଏହି ଲୁକ୍‌ରେ ସେ କିଛି ଫଟୋ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ମଧ୍ୟ ଶେୟାର କରିଥିଲେ। ତେବେ ଶ୍ରଦ୍ଧାଙ୍କ ଏହି ସିଜ୍‌ଲିଂ ଅବତାର ଦେଖି ଫ୍ୟାନ୍‌ମାନେ ନିଜର ଭଲପାଇବା ଅଜାଡ଼ି ଦେଉଛନ୍ତି। ସୋସିଆଲ୍ ମିଡିଆରେ ଶ୍ରଦ୍ଧାଙ୍କ ଏହି ଲୁକ୍‌କୁ ବେଶ୍ ପସନ୍ଦ କରାଯିବା ସହ ହଜାର ହଜାର ଲାଇକ୍, ଶେୟାର, କମେଣ୍ଟ ସାଙ୍ଗକୁ ଲକ୍ଷାଧିକ ଭିୟୁ ମିଳିଚାଲିଛି। ଅନ୍ୟପକ୍ଷରେ ଫିଲ୍ମ ‘ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି’ରେ ଶ୍ରଦ୍ଧାଙ୍କ ବ୍ୟତୀତ ଅପାରଶକ୍ତି ଖୁରାନା, ନୋରା ଫତେହି, ଶକ୍ତି ମୋହନ ପ୍ରମୁଖ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ୨୦୨୦ ଜାନୁୟାରୀ ୨୪ରେ ରିଲିଜ୍ ହେବ। ସେହିପରି ଶ୍ରଦ୍ଧାଙ୍କ ଫିଲ୍ମ ‘ବାଗୀ-୩’ ୨୦୨୦ ମାର୍ଚ୍ଚ ୬ରେ ରିଲିଜ୍ ହେବ।

# ୮୧ ବର୍ଷରେ ସ୍ୱପ୍ନ ସାକାର



ୱାହିଦା ରେହମାନ

ଅଭିନେତ୍ରୀଙ୍କ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ନିଶା

**ମୁମ୍ବାଇ:** ନିଜ ସ୍ୱପ୍ନ ପୂରଣ କରିବାକୁ ଅନେକେ ଅକ୍ଳାନ୍ତ ପ୍ରଚେଷ୍ଟା କରନ୍ତି। କୁହାଯାଏ, ସ୍ୱପ୍ନ ପଛରେ ଦୌଡ଼ିବାର କିଛି ବୟସ ନ ଥାଏ। କିନ୍ତୁ ବହୁତ କମ୍ ଲୋକଙ୍କ କ୍ଷେତ୍ରରେ ଏହି ଉତ୍ସାହ ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରୁ ବଲିଉଡ୍‌ର ଜଣାଶୁଣା ଅଭିନେତ୍ରୀ ୱାହିଦା ରେହମାନ ହେଉଛନ୍ତି ଜଣେ। ଯିଏ ୮୧ ବର୍ଷ ବୟସରେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ଆରମ୍ଭ କରିଛନ୍ତି। ଗତ କିଛିଦିନ ମଧ୍ୟରେ ବିଶ୍ୱର ବିଭିନ୍ନ ସ୍ଥାନରେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ପ୍ରଦର୍ଶନୀରେ ତାଙ୍କ ଫଟୋ ପ୍ରଦର୍ଶିତ ହୋଇଥିଲା, ଯାହାକୁ ଦେଖିବା ପାଇଁ ବଲିଉଡ୍ ଜଗତର ବହୁ ଅଭିନେତ୍ରୀ ଅଭିନେତା ପହଞ୍ଚିଥିବା ଦେଖାଯାଇଥିଲା। କିନ୍ତୁ ଏତିକିରେ ୱାହିଦାଙ୍କ ସ୍ୱପ୍ନ ସରିନି, ସେ ଏବେ ସ୍କୁବା ଡାଇଭିଂ କରିବେ ବୋଲି ଏକ ଇଣ୍ଟରଭ୍ୟୁରେ କହିଛନ୍ତି। ପରିଣତ ବୟସରେ ବି ସ୍ୱପ୍ନ ସାକାର ପାଇଁ ୱାହିଦାଙ୍କ ମନରେ ଥିବା ଉତ୍ସାହ ମତେ ପ୍ରେରଣା ଦେଇଛି ବୋଲି ଲୋକପ୍ରିୟ ଅଭିନେତ୍ରୀ ଟୁଇଙ୍କିଲ୍ ଖାନ୍ନା ତାଙ୍କ ଟୁଇଟର ପେଜ୍‌ରେ ଲେଖିଛନ୍ତି।

# ପ୍ରତିଭା ବିକେ, ବିବେକ ନୁହେଁ



## ସିଏଏକୁ ବିରୋଧ: ‘ସାବ୍‌ଧାନ୍ ଇଣ୍ଡିଆ’ରୁ ବିଦାହେଲେ ସୁଶାନ୍ତ

**ମୁମ୍ବାଇ:** ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ ସାରା ଦେଶରେ ଆନ୍ଦୋଳନ ଚାଲିଛି। ଏହି ବିକ୍ଷୋଭରେ ସାମିଲ ହେବା ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ଟେଲିଭିଜନ୍ ଶୋ’ ‘ସାବ୍‌ଧାନ୍ ଇଣ୍ଡିଆ’ରୁ ବିଦା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁଶାନ୍ତ କହିଛନ୍ତି, ମୁଁ ମୋ ପ୍ରତିଭା ବିକ୍ରି କରେ, କିନ୍ତୁ ବିବେକକୁ ବିକେନାହିଁ। ଆନ୍ଦୋଳନରେ ସାମିଲ୍ ହେବା ଦିନ ହିଁ ତାଙ୍କୁ ଉକ୍ତ କାର୍ଯ୍ୟକ୍ରମରୁ ବାହାର କରାଯିବା ଏକ ସଂଯୋଗ ହୋଇପାରେ। ମାତ୍ର ତାଙ୍କୁ କମ୍ ବଜେଟ୍‌ର କାରଣ ଦର୍ଶାଇ ବାହାର କରାଯାଇଛି ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପ୍ରକାଶ ଯେ, ସେ ଆଉ ସାବ୍‌ଧାନ୍ ଇଣ୍ଡିଆ ଶୋ’ ଉପସ୍ଥାପନ କରିବେ ନାହିଁ ବୋଲି ମଙ୍ଗଳବାର ସୁଶାନ୍ତ ଟୁଇଟ୍ କରିଥିଲେ। ଏହାପରେ ଜଣେ ଟୁଇଟର୍ ବ୍ୟବହାରକାରୀ ମନ୍ତବ୍ୟ ଦେଇଥିଲେ, ଆପଣଙ୍କୁ ସତ କହିବାର ମୂଲ୍ୟ ଦେବାକୁ ପଡ଼ିଛି। ଏହାର ଉତ୍ତର ରଖି ଅଭିନେତା କହିଛନ୍ତି, ଯଦି ସତ କହିବାର ମୂଲ୍ୟ, ଏହି ମୂଲ୍ୟ ବହୁତ୍ କମ୍। ମୁଁ ମୋ କାର୍ଯ୍ୟ ପାଇଁ ପଶ୍ଚାତାପ କରୁନାହିଁ। ମୋ ପିଲାମାନେ ଯେତେବେଳେ ବଡ଼ ହୋଇ ମୁଁ ଛାତ୍ରମାନଙ୍କ ନିର୍ଯାତନା ବିରୋଧରେ କ’ଣ କରିଥିଲି ବୋଲି ପ୍ରଶ୍ନ କରିବେ, ମୁଁ କ’ଣ ଉତ୍ତର ଦେବି ବୋଲି ସେ କହିଛନ୍ତି।

# ପୁଟିନ୍ ଏବେ ବି ବ୍ୟବହାର କରୁଛନ୍ତି ୱିଣ୍ଡୋ ଏକ୍ସପି

**ମସ୍କୋ:** ୱିଣ୍ଡୋ ଏକ୍ସପିର ବ୍ୟବହାର ୨୦୧୪ରୁ ବନ୍ଦ ହୋଇଛି। ତେବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର୍ ପୁଟିନ୍ ଏବେ ମଧ୍ୟ ତାଙ୍କ ଅଫିସ୍‌ରେ ୱିଣ୍ଡୋ ଏକ୍ସପି ବ୍ୟବହାର କରୁଛନ୍ତି। ନିକଟରେ ଜାରି ହୋଇଥିବା ପୁଟିନ୍‌ଙ୍କ ଏକ ଅଫିସ୍ ଫଟୋରୁ ଏହା ଜଣାପଡ଼ିଛି। ୭୬ ବର୍ଷ ବୟସ୍କ ପୁଟିନ୍‌ଙ୍କ ପାଖରେ ନିଜର ସ୍ମାର୍ଟଫୋନ୍ ମଧ୍ୟ ନାହିଁ। ରୁଷିଆ ମିଡ଼ିଆ ଅନୁସାରେ କେତେକ ଗୁପ୍ତ ତଥ୍ୟ ଷ୍ଟୋରକରିରଖିବା ପାଇଁ ସରକାର ବିଦେଶୀ ସଫ୍ଟୱେରର ବ୍ୟବହାର କରିବାକୁ ପସନ୍ଦ କରି ନ ଥାନ୍ତି। ତେଣୁ ରାଷ୍ଟ୍ରପତି କାର୍ଯ୍ୟାଳୟରେ ୱିଣ୍ଡୋ ଏକ୍ସପିର ବ୍ୟବହାର କରାଯାଉଛି। ସୂଚନାଯୋଗ୍ୟ, ମାଇକ୍ରୋସଫ୍ଟ ପକ୍ଷରୁ ୨୦୦୧ରେ ୱିଣ୍ଡୋ ଏକ୍ସପି ପ୍ରଚଳନ କରାଯାଇଥିଲା।



# ‘ନୋକ୍ ଝୋକ୍’ରେ ଦୀପିକାଙ୍କ ରୋମାନ୍ସ



**ମୁମ୍ବାଇ:** ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ଫିଲ୍ମ ‘ଛପାକ୍’ର ରିଲିଜ୍‌କୁ ଦର୍ଶକେ ଖୁବ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ୨୦୧୯ ବର୍ଷ ଶେଷରେ ଫିଲ୍ମର ଟ୍ରେଲର୍ ରିଲିଜ୍ ଦୀପିକାଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ବଡ଼ ଉପହାର ସଦୃଶ ଥିଲା। ଏବେ ଫିଲ୍ମର ପ୍ରଥମ ରୋମାଣ୍ଟିକ୍ ଗୀତ ରିଲିଜ୍ ହୋଇଯାଇଛି, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି।

ରିଲିଜ୍ ହୋଇଯାଇଛି ଫିଲ୍ମ ‘ଛପାକ୍’ର ପ୍ରଥମ ରୋମାଣ୍ଟିକ୍ ମ୍ୟୁଜିକ୍ ଭିଡିଓ ‘ନୋକ୍ ଝୋକ୍’। ଏଥିରେ ଦୀପିକା ଏବଂ ବିକ୍ରାନ୍ତଙ୍କ ଜବରଦସ୍ତ କେମିଷ୍ଟ୍ରୀ ଦେଖିବାକୁ ମିଳିଛି। ଗୀତରେ ଧୀରେ ଧୀରେ ଦୁହେଁ ପରସ୍ପରର ପ୍ରେମରେ ପଡୁଥିବା ଦେଖିବାକୁ ମିଳିଛି। ଇସାରା, ଇସାରାରେ କଥା ମଧ୍ୟ ହେଉଛନ୍ତି। ଏହି ରୋମାଣ୍ଟିକ୍ ଟ୍ରାକ୍‌ଟିକୁ ଗୁଲ୍‌ଜାର ଲେଖିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଶଙ୍କର-ଏହଶାନ୍-ଲୟ। କଣ୍ଠଦାନ କରିଛନ୍ତି ସିଦ୍ଧାର୍ଥ ମହାଦେବନ୍।

ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀ ଅଗ୍ରୱାଲଙ୍କ ଜୀବନୀ ଉପରେ ଫିଲ୍ମର କାହାଣୀ ଆଧାରିତ। ଦୀପିକା ଫିଲ୍ମରେ ଏସିଡ୍ ଆଟାକ୍ ପୀଡ଼ିତା ମାଳତି ଚରିତ୍ରରେ ଅଭିନୟ କରିଥିବାବେଳେ ତାଙ୍କ ଅପୋଜିଟ୍‌ରେ ବିକ୍ରାନ୍ତ ମାସି ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ମେଘନା ଗୁଲଜାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୨୦ ଜାନୁୟାରୀ ୧୦ରେ ରିଲିଜ୍ ହେବ।

# ଅସୁରକ୍ଷିତ ଗଣମାଧ୍ୟମ ପ୍ରତିନିଧି

## ୨୦୧୯ରେ ୪୯ ଜଣଙ୍କୁ କରାଯାଇଛି ହତ୍ୟା





**ପ୍ୟାରିସ୍:** ଚଳିତ ବର୍ଷ ପୃଥିବୀର ବିଭିନ୍ନ ଦେଶରେ ମୋଟ ୪୯ ଗଣମାଧ୍ୟମ ପ୍ରତିନିଧିଙ୍କୁ ହତ୍ୟା କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ଚଳିତ ବର୍ଷ କମ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ହତ୍ୟା କରାଯାଇଛି। ସେଥିମଧ୍ୟରୁ ଲାଟିନ୍ ଆମେରିକାରେ ସର୍ବାଧିକ ୧୪ ଜଣଙ୍କୁ ହତ୍ୟା କରାଯାଇଥିବା ଫ୍ରାନ୍ସର ରିପୋର୍ଟ ୱିଦାଉଟ୍ ବର୍ଡର ପକ୍ଷରୁ ପ୍ରକାଶ ପାଇଛି। ମେକ୍ସିକୋରେ ୧୦ ଜଣଙ୍କୁ ହତ୍ୟା କରାଯାଇଛି। ସେହିପରି ଚଳିତ ବର୍ଷ ୩୮୯ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ ଚାଇନା,ଇଜିପ୍ଟ ଏବଂ ସୌଦିରେ ଅଧାରୁ ଅଧିକ ଗଣମାଧ୍ୟମ ପ୍ରତିନିଧି ଗିରଫ ହୋଇଛନ୍ତି। ଅପରପକ୍ଷରେ ୫୭ଜଣଙ୍କୁ ବନ୍ଦୀ କରାଯାଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ବନ୍ଦୀ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରୁ ସିରିଆ, ୟେମେନ୍, ଇରାକ୍ ଏବଂ ୟୁକ୍ରେନ୍‌ରେ ଅଧିକ ବନ୍ଦୀହୋଇ ରହିଛନ୍ତି। ଆତଙ୍କବାଦପ୍ରବଣ ଅଞ୍ଚଳରେ ଅଧିକ ହତ୍ୟା ଘଟଣା ଘଟିଛି। ଶାନ୍ତ କୁହାଯାଉଥିବା ଦେଶରେ ମଧ୍ୟ ଏଭଳି ଘଟଣା ଘଟୁଛି। ଫଳରେ ଗଣମାଧ୍ୟମ ପ୍ରତିନିଧି ନିଜକୁ ଏବେ ସୁରକ୍ଷିତ ମଣୁ ନାହାନ୍ତି। ସୂଚନାଯୋଗ୍ୟ, ଗତ ୨୦ ବର୍ଷ ଧରି ପ୍ରତିବର୍ଷ ହାରାହାରି ୮୦ ପାଖାପାଖି ଗଣମାଧ୍ୟମ ପ୍ରତିନିଧିଙ୍କୁ ହତ୍ୟା କରାଯାଉଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।

# ପୋଲିସ ହେପାଜତରେ ମୃତ୍ୟୁରୁ ଖଣ୍ଡଯୁଦ୍ଧ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଖୁଣ୍ଟିଗୁଡା ସାପ୍ତାହିକ ହାଟ କୁକୁଡ଼ାଗାଲି ନିକଟରୁ ପାଞ୍ଜିଆରିଗୁଡ଼ା ଗାଁର ଗୋବର୍ଦ୍ଧନ ବିନ୍ଧାଣୀଙ୍କୁ କୋଷାଗୁମୁଡ଼ା ପୋଲିସ ଉଠାଇ ନେଇଥିଲା। କିନ୍ତୁ ପୋଲିସ ହେପାଜତରେ ଥିବାବେଳେ ହିଁ ତାଙ୍କର ମୃତ୍ୟୁ ହେବା ଯୋଗୁ ଏହାକୁ ନେଇ ଦେଖା ଦେଇଥିଲା ଉତ୍ତେଜନା। ପୋଲିସ ତାଙ୍କୁ ପିଟି ପିଟି ମାରିଦେଇଥିବା ଅଭିଯୋଗ କରି ଲୋକେ କୋଡିଙ୍ଗା ଥାନା ଘେରାଉ କରିବା ସହ ଭଙ୍ଗାରୁଜା କରିଥିଲେ। ଥାନା ପରିସରରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ହୋଇଥିଲା। ଲୋକେ ପଥର ମାଡ଼ କରିବାବେଳେ ପୋଲିସ ଲାଠିଚାର୍ଜ ସହ ଫାଙ୍କା ଗୁଳି ଚଳାଇଥିଲା।





ରାୟଗଡ଼ା ଜିଲା ସିଙ୍ଗାପୁର ରୋଡ ଓ କେଉଟଗୁଡ଼ା ଷ୍ଟେଶନ ମଧ୍ୟରେ ଜୁନ୍ ୨୫ରେ ଘଟିଥିଲା ମର୍ମନ୍ତୁଦ ରେଳ ଦୁର୍ଘଟଣା। ହାଓଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ଓ ଏକ ବିଦ୍ୟୁତ୍ ଲାଇନ୍ ମରାମତି ଟ୍ରେନ ମଧ୍ୟରେ ହୋଇଥିଲା ଧକ୍କା। ଦୁର୍ଘଟଣା ପରେ ଉଭୟ ଟ୍ରେନର ଇଞ୍ଜିନରେ ନିଆଁ ଲାଗିଯିବାରୁ ୩ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସେମାନେ ହେଲେ ଟେକ୍ନିସିଆନ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଳମ ଜିଲାର ସୁରେଶ, ରାୟଗଡ଼ାର ବରିଷ୍ଠ ସେକ୍ସନ ବିଦ୍ୟୁତ୍ ଯନ୍ତ୍ରୀ ସାଗର ଓ ବିଦ୍ୟୁତ୍ ଟେକ୍ନିସିଆନ ଗୌରୀ ନାଇଡୁ। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ କେଉଟଗୁଡ଼ା ଷ୍ଟେଶନ ମାଷ୍ଟର ଏସ୍. ଟପ, ଏଲ୍. ସନ୍ତୋଷ, ସିଙ୍ଗାପୁର ରୋଡ଼ ସୁପରିଣ୍ଟେଣ୍ଡେଣ୍ଟ ଭୁବନୀ ପ୍ରଧାନ ଓ କ୍ୟାବିନ୍ ଇନ୍‌ଚାର୍ଜ ଶେଖର ଗୁପ୍ତାଙ୍କୁ ନିଲମ୍ବନ କରାଯାଇଥିଲା।

# ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ

**ଦକ୍ଷିଣ ଓଡ଼ିଶା ପାଇଁ ଘଟଣାବହୁଳ ରହିଥିଲା ବର୍ଷ ୨୦୧୯। ସାଧାରଣ ନିର୍ବାଚନ ହିଁ ବର୍ଷର ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା। ପ୍ରଧାନମନ୍ତ୍ରୀ ମୋଦି, ଅମିତ ଶାହା, ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକଙ୍କ ଭଳି ହେଭିୱେଟ୍‌ଙ୍କୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ପ୍ରଚାର ସଭାରେ ଦେଖିବାକୁ ମିଳିଥିଲା। ଜନମତ ପାଇ ରାଜ୍ୟରେ ବିଜେଡି ସରକାର ଗଢ଼ିବା ପରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ ପଦ୍ମିନୀ ଦିଆନ ଓ ଜଗନ୍ନାଥ ସାରକାଙ୍କୁ ମିଳିଥିଲା ମନ୍ତ୍ରୀପଦ। ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ କମଳା ପୂଜାରୀ। ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ ନିଆଁ ଲାଗି ଚାଲିଯାଇଥିଲା ସ୍ୱାଭିମାନ ଅଞ୍ଚଳରେ ପ୍ରଥମଥର ପାଇଁ ଉଡ଼ିଲା ତ୍ରିରଙ୍ଗା। ଆଉ କେଇଟା ଦିନ ପରେ ବିଦାୟ ନେବ ୨୦୧୯। କ୍ୟାଲେଣ୍ଡରରେ ୨୦୨୦ ବର୍ଷର ପୃଷ୍ଠା ଯୋଡ଼ି ହେବା ପୂର୍ବରୁ ପୁରୁଣା ବର୍ଷର ଘଟଣାବଳୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

## ରାଜନୀତିରେ ରାଜକୁମାରୀ

ବର୍ଷ ୨୦୧୯ ଗଜପତି ଜିଲା ରାଜନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ସାଧାରଣ ନିର୍ବାଚନ ପୂର୍ବରୁ ପାରଳା ମହାରାଜା ତଥା ଦୁଇଥର ବ୍ରହ୍ମପୁର ଲୋକସଭା ସଦସ୍ୟ ରହିଥିବା ଗୋପୀନାଥ ଗଜପତିଙ୍କ ଝିଅ କଲ୍ୟାଣୀ ଦେବୀ ରାଜନୀତିରେ ପ୍ରବେଶ କରିଥିଲେ। ପାରଳାଖେମୁଣ୍ଡି ବିଧାନସଭା ଆସନରୁ ବିଜେଡି ଟିକେଟ୍‌ରେ ସେ ଲଢ଼ି ପରାଜିତ ହୋଇଥିଲେ। ।

## ପ୍ରଚାରରେ ମୋଦି, ରାହୁଲ, ନବୀନ

୨୦୧୯ ସାଧାରଣ ନିର୍ବାଚନୀ ପ୍ରଚାର ପାଇଁ ଅବିଭକ୍ତ କୋରାପୁଟରେ ପହଞ୍ଚିଥିଲେ ବହୁ ହେଭିୱେଟ୍ ରାଜନେତା। ସେମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅମିତ ଶାହା, କଂଗ୍ରେସର ରାହୁଲ ଗାନ୍ଧୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟପୁର ସଭାରେ ପ୍ରଚାର କରିବା ସହ ନିଜ ଇସ୍ତାହାର ଜନତାଙ୍କ ପାଖରେ ରଖିଥିଲେ। ଜୟପୁରରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିବା ସହ ମୋଦି ଖଣି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିଜେଡିକୁ ଟାର୍ଗେଟ୍ କରିଥିଲେ। ବିକାଶ ପାଇଁ ଓଡ଼ିଶାରେ ଭାଜପାର ଡବଲ ଇଞ୍ଜିନ ସରକାର ଆଣିବା ପାଇଁ ଜନତାଙ୍କୁ ନିବେଦନ କରିଥିଲେ। ରାହୁଲ ଗାନ୍ଧୀ ଉଭୟ ଭାଜପା ଓ ବିଜେଡି ଉପରେ ବର୍ଷିଥିଲେ। ସେହିପରି କୋରାପୁଟ ଜିଲା କୁନ୍ଦୁରାରେ ଆୟୋଜିତ ନିର୍ବାଚନୀ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଉପରେ ବର୍ଷିବା ସହ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ।

## କମଳାଙ୍କୁ ପଦ୍ମ ପୁରସ୍କାର



ପାରମ୍ପରିକ ଚାଷ ଓ ଜୈବିକ ପଦ୍ଧତିରେ ଶତାଧିକ ଦେଶୀଧାନର ସଂରକ୍ଷଣ ପାଇଁ ଦେଶ ବିଦେଶରେ ନାଁ କରିଥିବା କୋରାପୁଟ ଜିଲା ଜୟପୁର ବ୍ଲକ ଡଙ୍ଗରଛିଞ୍ଚ ପଞ୍ଚାୟତ ପାତ୍ରପୁଟ ଗାଁର ମହିଳା କୃଷିଜୀବୀ କମଳା ପୂଜାରୀଙ୍କୁ ମାର୍ଚ୍ଚ ମାସରେ ମିଳିଥିଲା ପଦ୍ମଶ୍ରୀ ସମ୍ମାନ। ରାଜ୍ୟ ସରକାର ତାଙ୍କୁ ଯୋଜନା ବୋର୍ଡର ସଦସ୍ୟା ଭାବେ ମଧ୍ୟ ମନୋନୀତ କରିଥିଲେ। କରିଛନ୍ତି। ନାରୀ ସଶକ୍ତୀକରଣ, ଜଙ୍ଗଲ ସୁରକ୍ଷା ସହ ଲୋପ ପାଇ ଯାଉଥିବା ୧୦୦ରୁ ଅଧିକ ଦେଶୀ ବିହନ କିସମକୁ ଜୈବିକ କୃଷି ପଦ୍ଧତିରେ ସଂରକ୍ଷଣ କରିବା ପ୍ରଣାଳୀ ସେ ଆରମ୍ଭ କରିଥିଲେ। ତେବେ ଦାରିଦ୍ର୍ୟ, ପ୍ରଶାସନିକ ଓ ରାଜନୈତିକ ସ୍ତରରେ ତାଙ୍କୁ ଅଣଦେଖା କରାଯିବା ନେଇ ୨୦୧୯ରେ ସେ ବାରମ୍ବାର ଚର୍ଚ୍ଚାରେ ରହିଥିଲେ।

## ପଦ୍ମିନୀ, ଜଗନ୍ନାଥଙ୍କୁ ମନ୍ତ୍ରୀପଦ





ସାଧାରଣ ନିର୍ବାଚନରେ ଅବିଭକ୍ତ କୋରାପୁଟର ୪ ଜିଲାର ୧୪ଟି ଆସନରୁ ବିଜେଡି ୧୦ଟି ଜିତିଥିବା ବେଳେ ଭାଜପା ୨, କଂଗ୍ରେସ ୧ ଓ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନ ହାତେଇଥିଲେ। ଜୟପୁରରୁ କଂଗ୍ରେସର ତାରାପ୍ରସାଦ ବାହିନୀପତି, କୋରାପୁଟରୁ ରଘୁରାମ ପଡାଲ, ପଟ୍ଟାଙ୍ଗିରୁ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁରରୁ ପ୍ରଭୁ ଜାନି, କୋଟପାଡ଼ରୁ ପଦ୍ମିନୀ ଦିଆନ ଜିତିଥିଲେ। ନବୀନଙ୍କ ମନ୍ତ୍ରିମଣ୍ଡଳରେ ପଦ୍ମିନୀ ଦିଆନଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ମନ୍ତ୍ରୀ କରାଯାଇଥିଲା। ରାୟଗଡ଼ାରୁ ମକରନ୍ଦ ମୁଦୁଲି, ଗୁଣପୁରରେ ବିଜେଡିର ରଘୁନାଥ ଗମାଙ୍ଗ ବିଧାୟକ ନିର୍ବାଚିତ ହୋଇଥିଲେ। ବିଷମକଟକରୁ ନିର୍ବାଚିତ ଜଗନ୍ନାଥ ସାରକାଙ୍କୁ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀପଦ ମିଳିଥିଲା। ମାଲକାନଗିରିରୁ ଭାଜପାର ଆଦିତ୍ୟ ମାଢ଼ି ଓ ଚିତ୍ରକୋଣ୍ଡାରୁ ବିଜେଡିର ପୂର୍ଣ୍ଣଚନ୍ଦ୍ର ବାକା ବିଜୟୀ ହୋଇଥିଲେ। ସେହିପରି ନବରଙ୍ଗପୁର ଆସନରୁ ବିଜେଡିର ସଦାଶିବ ପ୍ରଧାନୀ, ଝରିଗାଁରୁ ପ୍ରକାଶ ଚନ୍ଦ୍ର ମାଝି, ଡାବୁଗାଁରୁ ମନୋହର ରନ୍ଧାରୀ ଓ ଉମରକୋଟରୁ ଭାଜପାର ନିତ୍ୟାନନ୍ଦ ଗଣ୍ଡ ନିର୍ବାଚିତ ହୋଇଥିଲେ। କୋରାପୁଟ ଲୋକସଭା ଆସନରୁ ରାଜ୍ୟରେ କଂଗ୍ରେସର ଏକମାତ୍ର ଏମ୍‌ପି ପ୍ରାର୍ଥୀ ଭାବେ ସପ୍ତଗିରି ଉଲାକା ଓ ନବରଙ୍ଗପୁର ଏମ୍‌ପି ଭାବେ ବିଜେଡିର ରମେଶ ଚନ୍ଦ୍ର ମାଝି ବିଜୟୀ ହୋଇଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଉଡ଼ିଲା ତ୍ରିରଙ୍ଗା

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ, ଯାହା ମାଓବାଦୀଙ୍କ ଗଡ଼ ରହିଆସିଥିଲା, ସେଠାରେ ପ୍ରଥମଥର ପାଇଁ ଉଡ଼ିଥିଲା ତ୍ରିରଙ୍ଗା। ହନ୍ତାଲଗୁଡ଼ାରେ ନୂତନ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ସହ ଯବାନମାନେ ତ୍ରିରଙ୍ଗା ଉଡ଼ାଇ ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତ କରିଥିଲେ।



## ‘ଟିଚ୍ ଗଜପତି’କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ଗଜପତି ଜିଲାରେ ସ୍କୁଲ ଶିକ୍ଷାର ଉନ୍ନତି ପାଇଁ ‘ମୋ ସ୍କୁଲ ଅଭିଯାନ’ରେ ଜିଲା ପ୍ରଶାସନ ଆରମ୍ଭ କରିଥିବା ‘ଟିଚ୍ ଗଜପତି’ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଥିଲେ। ଜୁନ୍ ୧୯ରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ମୋଦି ଗଜପତି ଜିଲା ପ୍ରଶାସନର ଅଭିନବ ପ୍ରୟାସ ପ୍ରଶଂସନୀୟ ବୋଲି କହି ଉତ୍ସାହିତ କରିଥିଲେ। ଗଜପତି ଜିଲାପାଳ ଅନୁପମ ଶାହା ୨୦୧୮ରେ ମହେନ୍ଦ୍ରଗିରି ମ୍ୟୁନିସିପାଲ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ଭୂଗୋଳ ପଢ଼ାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ଅଭିନେତ୍ରୀରୁ ମାତା ମାହେଶ୍ୱରୀ

ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍ ଜଗତରେ ନିଜ ରୂପ ଓ ଅଭିନୟ ଦ୍ୱାରା ଏକଦା ଦର୍ଶକଙ୍କ ହୃଦୟ ଜିଣିଥିବା ଅଭିନେତ୍ରୀ ଶ୍ୱେତା ମଲ୍ଲିକ ସେଲିବ୍ରିଟିରୁ ଆତ୍ମଘୋଷିତ ‘ମାତା ମାହେଶ୍ୱରୀ’ ପାଲଟିବା ସମସ୍ତଙ୍କୁ ଚକିତ କରିଥିଲା। ପରଦାରୁ ବହୁଦିନ ଉଭାନ ରହିବା ପରେ ଏହି ଅଭିନେତ୍ରୀ ଜଣକ ଜାନୁୟାରୀ ମାସରେ ଆକସ୍ମିକ ଭାବେ ସନ୍ନ୍ୟାସିନୀ ରୂପରେ କୋରାପୁଟ ଜିଲା ଜୟପୁରରେ ଆବିର୍ଭାବ ହୋଇଥିଲେ। ତାଙ୍କ ବ୍ୟତୀତ ସମ୍ରାଟ କ୍ୟାସେଟ୍ କମ୍ପାନିର ମାଲିକ ବିଶ୍ୱମ୍ଭର ସାବତ ମଧ୍ୟ ଆଧ୍ୟାତ୍ମିକ ପରିବର୍ତ୍ତନ କ୍ରମରେ ନିଜକୁ ବାବା ଅନନ୍ତ କେଶରୀ ସମ୍ରାଟ ବିଶ୍ୱମ୍ଭର ମହାରାଜ ରୂପେ ପରିଚୟ ଦେଇଥିଲେ।

## ପାହାଡ଼ ଧସି ମାଟିରେ ମିଶିଲା ୨ ଗାଁ

ଅକ୍ଟୋବର ମାସରେ ଲଗାଣ ବର୍ଷା ଯୋଗୁ ଗଜପତି ଜିଲାର ୨ଟି ପାହାଡ଼ତଳି ଗାଁ ମାଟିରେ ମିଶିଯାଇଥିଲା। ପାହାଡ଼ ଧସିବା ଯୋଗୁ ଗୁମ୍ମା ବ୍ଲକ୍ ବଡ଼କଲାକୋଟ ପଞ୍ଚାୟତ ଅଧୀନ କୁଲଙ୍ଗ ଓ ତିତିସିଂ ଗ୍ରାମର ୨୦ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଇଥିଲା। ଲଗାଣ ବର୍ଷା ଯୋଗୁ ପାହାଡ଼ରୁ ବଡ଼ ପଥର ଖସି ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତ ରିଜିଂତାଲ ରାସ୍ତାରେ ପଡ଼ି ଯାତାୟାତ ବ୍ୟାହତ ହୋଇଥିଲା।



## ମକରନ୍ଦ ରାଜ୍ୟର ଏକମାତ୍ର ବିଜୟୀ ସ୍ୱାଧୀନ ପ୍ରାର୍ଥୀ

ରାଜ୍ୟର ଏକମାତ୍ର ସ୍ୱାଧୀନ ପ୍ରାର୍ଥୀ ଭାବେ ରାୟଗଡ଼ା ବିଧାନସଭା ଆସନରୁ ବିଜୟୀ ହୋଇଥିଲେ ମକରନ୍ଦ ମୁଦୁଲି। ସେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କୁ ୪୮୩୮ ଖଣ୍ଡ ଭୋଟରେ ହରାଇଥିଲେ। ୨୦୧୪ରେ ଏଠାରୁ କଂଗ୍ରେସ ପ୍ରାର୍ଥୀ, ୨୦୦୦ ଓ ୨୦୦୪ରେ ଲକ୍ଷ୍ମୀପୁର ଆସନରୁ ପ୍ରାର୍ଥୀ ହୋଇଥିଲେ।

## ସହକାରୀ ଜିଲାପାଳଙ୍କ ଆତ୍ମହତ୍ୟା

ରାୟଗଡ଼ା ସହକାରୀ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ମାର୍ଚ୍ଚ ୨୪ରେ ଆତ୍ମହତ୍ୟା କରିଥିଲେ। ବହୁ ମାତ୍ରାରେ ବଟିକା ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। କାର୍ଯ୍ୟାଳୟ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଥିବା ବେଳେ ଅନ୍ୟ ପ୍ରଶାସନିକ ଅଧିକାରୀ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଥିଲେ।

## ତେଲେଙ୍ଗିରି ପ୍ରକଳ୍ପର ଶୁଭାରମ୍ଭ

ଫେବୃୟାରୀରେ କୋରାପୁଟ ଜିଲା ପାଇଁ ପାଖାପାଖି ୨ ହଜାର କୋଟି ଟଙ୍କା ମୂଲ୍ୟର ୧୨୫ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ ବହୁ ପ୍ରତୀକ୍ଷିତ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ, କୋଲାବ ନଦୀ ଉପରେ ହାଇଲେଭଲ ସେତୁ ସାମିଲ ଥିଲା। ଏହାସହ କୋରାପୁଟ ଜିଲାରେ ୩ଟି ବୃହତ୍ ସେତୁ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।



## ଚର୍ଚ୍ଚିତ ସୁନାଶଙ୍ଖ



ନକଲି ସୁନାଶଙ୍ଖ ଦେଖାଇ ଅପହରଣ ଓ ଠକେଇ ଭଳି ଘଟଣା ନବରଙ୍ଗପୁରରେ ଚାଞ୍ଚଲ୍ୟ ଖେଳାଇଥିଲା। କଟକ ଜିଲା କନ୍ଦରପୁର ଥାନା ସିଦ୍ଧେଶ୍ୱରପୁର ଗାଁର କେଦାର ନାଥ ମଲ୍ଲିକଙ୍କ ପୁଅ ରଶ୍ମିରଞ୍ଜନଙ୍କୁ କମ୍ ଦାମ୍‌ରେ ସୁନାଶଙ୍ଖର ଲୋଭ ଦେଖାଇ ଅପହରଣ କରି ନେଇଥିଲେ ଦୁର୍ବୃତ୍ତ। ତାଙ୍କ ପରିବାର ୧୦ ଲକ୍ଷ ଟଙ୍କା ଦେବାକୁ ଫୋନ୍‌ରେ ଦାବି କରିଥିଲେ ଅପହରଣ କାରୀ। ନବରଙ୍ଗପୁର ଏସ୍‌ପିଙ୍କ ତତ୍ତ୍ୱାବଧାନରେ ପୋଲିସ ଖୋଳତାଡ଼ କରି ତାଙ୍କୁ ଉଦ୍ଧାର କରିବା ସହ ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଏକ ଘଟଣାରେ ନକଲି ସୁନାଶଙ୍ଖ ବିକ୍ରିକରି ଇଷ୍ଟ ଗୋଦାବରୀ ଜିଲାର କେ. ଭିରା ବାବୁଙ୍କଠାରୁ ୩ ଲକ୍ଷ ୪୦ ହଜାର ଟଙ୍କା ଠକି ନେଇଥିଲେ ଦୁର୍ବୃତ୍ତ। ଡାବୁଗାଁ ପୋଲିସ ୨ ଜଣଙ୍କୁ ଧରିଥିଲା। ସେହିପରି ନକଲି ସୁନାଶଙ୍ଖ ନାଁରେ ପଶ୍ଚିମବଙ୍ଗ ହୁଗ୍‌ଲି ଜିଲାର ଜଣଙ୍କଠାରୁ ୨ ଲକ୍ଷ ୩୫ ହଜାର ଟଙ୍କା ଠକେଇ ହୋଇଥିଲା। ଏଥିରେ ୩ ଜଣ ଧରାପଡ଼ିଥିଲେ।



ତୁମେ ଜନ୍ମ ହେବାବେଳେ ତୁମକୁ ଦେଖି ସମସ୍ତେ ହସିଥିଲେ। କିନ୍ତୁ ତୁମେ କାନ୍ଦିଥିଲ। ଏଠାରେ ଏପରି କାମ କର, ଯେତେବେଳେ ତୁମେ ଏ ଜଗତରୁ ହସି ହସି ବିଦାୟ ନେଉଥିବ, ସମସ୍ତେ କାନ୍ଦୁଥିବେ।
- ତୁଳସୀ ଦାସ



## ସଂକ୍ଷେପରେ

### ଗଞ୍ଜେଇ ବେପାରୀଙ୍କୁ ୩ ବର୍ଷ ଜେଲ

**ନିମାପଡ଼ା,୧୮।୧୨(ଡି.ଏନ୍.ଏ.):** ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ୩ବର୍ଷ ଜେଲ୍ ଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ନିମାପଡ଼ା ସ୍ୱତନ୍ତ୍ର ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରଦୀପ୍ତ କୁମାର ସାହୁ ବୁଧବାର ଏହି ମାମଲାର ଶୁଣାଣି କରିଛନ୍ତି। ଜରିମାନା ଟଙ୍କା ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ। କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋଣାର୍କ ଥାନା ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗତ ୨୦୧୬ ଜୁଲାଇ ୨୫ରେ ଗଞ୍ଜେଇ ଚାଲାଣ କରୁଥିଲେ। ସେହି ସମୟରେ ପାଟ୍ରୋଲିଂ କରୁଥିବା ଅବକାରୀ ବିଭାଗର ଏସ୍‌ଆଇ ସୂର୍ଯ୍ୟନାରାୟଣ ରଥ ତାଙ୍କୁ ଧରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ଠାରୁ ୩କିଲୋ ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ.୩୬/୧୬)ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଜାମିନ୍‌ରେ ବାହାରିଥିଲେ। ବୁଧବାର ଏହି ମାମଲାର ଶୁଣାଣି ହୋଇଥିଲା। ୩ବର୍ଷ ଜେଲ୍ ସହ ୨୦ହଜାର ଟଙ୍କାର ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ହେଲେ ଉପରକୋର୍ଟରେ ଦ୍ୱାରସ୍ଥ ହେବା ପାଇଁ ପୂର୍ଣ୍ଣଚନ୍ଦ୍ରଙ୍କୁ ଜାମିନ ମିଳିଛି। ସରକାରଙ୍କ ପକ୍ଷରୁ ଆଇନଜୀବୀ ସୀତାକାନ୍ତ ଦାସ ଏହି ମାମଲା ପରିଚାଳନା କରିଥିଲେ।

### ପାରିବାରିକ କଳହରୁ ଯୁବକ ମୃତ: ସ୍ତ୍ରୀ, ଶାଳକ ଗିରଫ

**ବାଲିପାଟଣା,୧୮।୧୨(ଡି.ଏନ୍.ଏ.):** ବାଲିପାଟଣା ଥାନା ମାଣିକପୁର ଗ୍ରାମରେ ପାରିବାରିକ କଳହରୁ ବିଭୁଦତ୍ତ ଓଝାଙ୍କ ଗତ ସୋମବାର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ତଦନ୍ତ କରି ବୁଧବାର ତାଙ୍କ ସ୍ତ୍ରୀ ସସ୍ମିତା ମହାରଣା ଓ ଶାଳକ ରାଜେଶ ମହାରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ପାରିବାରିକ କଳହ କାରଣରୁ ଦୁଇ ବର୍ଷ ହେବ ସସ୍ମିତା ତାଙ୍କ ବାପଘରେ ରହୁଥିଲେ। ପୋଲିସ ଓ ମଧ୍ୟସ୍ଥଙ୍କ ବୁଝାଶୁଝା ପରେ ସସ୍ମିତା ତାଙ୍କ ଶାଶୁଘରେ ରହିବା ପାଇଁ ରାଜି ହୋଇଥିବା ବେଳେ ତାଙ୍କ ସ୍ୱାମୀ ରାଜି ହୋଇ ନ ଥିଲେ। ପରେ ସସ୍ମିତା ତାଙ୍କ ଶାଶୁ ଘରେ ରହିବା ପରେ ପୁଣି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମାନସିକ ଭାରସାମ୍ୟ ହରାଇ ବିଭୁଦତ୍ତ ତାଙ୍କ ଘରେ ଫ୍ୟାନରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଖବର ବିଭୁଦତ୍ତଙ୍କ ଭଉଣୀ ସାଗରିକା ଜାଣିବା ପରେ ଶାଳକଙ୍କ ପ୍ରରୋଚନାରେ ସସ୍ମିତା ତାଙ୍କ ଭାଇଙ୍କୁ ମାରିଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୩୨୧/୧୯)ରୁଜୁ କରି ଉଭୟଙ୍କୁ ଧରିଥିଲା।

### ପୋଲିସ ଉପରକୁ ଗୁଳି ଚାଳନା ମାମଲା
### ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ, ଜରିମାନା

**କଟକ ଅଫିସ,୧୮।୧୨:** ୨୦୧୦ ଜୁନ୍ ୨୪ ତାରିଖରେ କଟକ ଓଡ଼ିଆ ବଜାର ନିକଟରେ ଏକ ଗଣ୍ଡଗୋଳ ଘଟିଥିଲା। ଖବରପାଇ ଏଏସ୍‌ଆଇ ପ୍ରିୟବ୍ରତ ଦାସଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ପିସିଆର ଭ୍ୟାନ୍‌ରେ ସେଠାକୁ ଯାଇଥିଲେ। ମାତ୍ର ଗଣ୍ଡଗୋଳ କରୁଥିବା ସୟଦ୍ ଖାନ୍ ନାମକ ଯୁବକ ପୋଲିସ ଉପରକୁ ଗୁଳି ଚାଳନା କରିଥିଲେ। ଗୁଳିକାଣ୍ଡରୁ ଭ୍ୟାନ୍‌ରେ ଥିବା ପୋଲିସ କର୍ମଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏ ନେଇ ଲାଲବାଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ସୟଦ ଖାନ୍‌ଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ଉକ୍ତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଅତିରିକ୍ତ ସେସନ ଜଜ୍ ତାଙ୍କ ରାୟ ଶୁଣାଇଛନ୍ତି। ଏହି ରାୟ ଅନୁଯାୟୀ, ସୟଦଙ୍କୁ ୫ ବର୍ଷ ଜେଲ୍ ସହିତ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଆଦାୟ ହୋଇ ନ ପାରିଲେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ସରକାରଙ୍କ ପକ୍ଷରୁ ଏପିପି ତାପସ ବାରିକ ମାମଲା ପରିଚାଳନା କରୁଥିଲେ।

# ଶ୍ୱେତଗଙ୍ଗା କୂଳରେ ଶ୍ୱେତ ରାଜା

ଶ୍ରୀକ୍ଷେତ୍ର ଐତିହ୍ୟ

ପରମ ପାବନ ନୀଳାଚଳ କ୍ଷେତ୍ରରେ ରହିଥିବା ପଞ୍ଚତୀର୍ଥ ପ୍ରତି ସମସ୍ତଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ପଞ୍ଚତୀର୍ଥରେ ବୁଡ଼ ପକାଇଲେ ପୁରୀକୁ କରିଥିବା ତୀର୍ଥଯାତ୍ରା ସଫଳ ହୁଏ ବୋଲି ଲୋକେ ବିଶ୍ୱାସ ରଖନ୍ତି। ତେବେ ଏହି ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ଶ୍ୱେତଗଙ୍ଗା। ଶ୍ୱେତଗଙ୍ଗା ତୀର୍ଥକୁ ନେଇ ଅନେକ ଐତିହ୍ୟ ରହିଛି। ଏହାର କୂଳରେ ଉପାସିତ ହେଉଛନ୍ତି ଶ୍ୱେତରାଜା। ତେବେ କାହିଁକି ଶ୍ୱେତରାଜା ଏଠାରେ ପୂଜା ପାଉଛନ୍ତି ତାହା ପଛରେ ରହିଛି ଐତିହ୍ୟ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ଆଦି ବ୍ରହ୍ମ ପୁରାଣରେ ଶ୍ୱେତଗଙ୍ଗା ବିଷୟରେ ଚମତ୍କାର ବର୍ଣ୍ଣନା ରହିଛି। କୁଶ ଅଗରେ ଏହି ତୀର୍ଥର ଜଳ ଯେତିକି ଲାଗିଥିବ ତାକୁ ଛୁଇଁଦେଲେ ମହାପ୍ରଭୁଙ୍କ ଭକ୍ତଟିଏ ସ୍ୱର୍ଗକୁ ଯିବାରେ ସମର୍ଥ ହୋଇପାରିବ। ଖାଲି ସେତିକି ନୁହେଁ, ଏହି ତୀର୍ଥର ମହିମା ଦେବ ଓ ଦାନବ ଉଭୟେ ଗ୍ରହଣ କରିଛନ୍ତି। ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ରହିଛି ଏହି ପ୍ରସିଦ୍ଧ ତୀର୍ଥ। ରାସ୍ତାରୁ ପ୍ରାୟ ୩୫ ଫୁଟରୁ ଊର୍ଦ୍ଧ୍ୱ ତଳକୁ ପାହାଚ ଦେଇ ଗଲେ ତୀର୍ଥ କୂଳରେ ପହଞ୍ଚିବାକୁ ହୁଏ। କୂଳରୁ ଦକ୍ଷିଣ ଦିଗକୁ ଯାଇଥିବା ପାହାଚରେ ଗଲେ ପ୍ରଥମ



ପାହାଚର ଡାହାଣପଟକୁ ରହିଛି ଏକ ମନ୍ଦିର। ଶ୍ରୀଶ୍ୱେତମାଧବ ଓ ଶ୍ରୀମତ୍ସ୍ୟମାଧବଙ୍କ ସହ ଏହି ମନ୍ଦିରରେ ପୂଜା ପାଉଛନ୍ତି ଶ୍ରୀଶ୍ୱେତରାଜା। ତ୍ରେତୟା ଯୁଗରୁ ଏହି ରାଜାଙ୍କ ପାଷାଣ ବିଗ୍ରହ ପୂଜା ପାଉଛନ୍ତି ଶ୍ୱେତମାଧବଙ୍କ ନିକଟରେ।

ରାମାୟଣରୁ ଶ୍ୱେତରାଜାଙ୍କ କଥା ଜଣାପଡ଼େ। ରାଜା ସୁଦେବଙ୍କ ପୁତ୍ର ଶ୍ୱେତ ବହୁବର୍ଷ ଧରି ରାଜ୍ୟ ଶାସନ କରିବା ପରେ ରାଜ୍ୟଭାର ଭାଇ ସୁରଥଙ୍କୁ ଦେଇ ତପ ଆଚରଣ କରିବାକୁ ବଣକୁ ଚାଲିଯାଇଥିଲେ। କଠୋର ତପସ୍ୟା କରି ବ୍ରହ୍ମଲୋକ ପ୍ରାପ୍ତ ହୋଇଥିଲେ। ସେଠାରେ ଯାହା ନ ହେବା କଥା ତାହା ତାଙ୍କର ଅନୁଭବ ହେଲା। ସବୁବେଳେ ଭୋକରେ ଆଉଟୁପାଉଟୁ ହେଲେ। ଭୋକ ମଣିଷକୁ ଆତୁର କଲାଭଳି ଆତୁରିଆ ଭାବ ରହିଲା। ଦିନେ ପ୍ରଜାପତି ବ୍ରହ୍ମାଙ୍କୁ ପଚାରିଲେ ଯେ ଆତୁରତାର କାରଣ କ'ଣ ? ପ୍ରଜାପତି କିଛି ସମୟ ଚିନ୍ତା କରି କହିଲେ, ତମେ ଖାଦ୍ୟ ଗ୍ରହଣ କରି ତପସ୍ୟା କରିଥିଲ। କେବଳ ସେତିକି ବି ନୁହେଁ, ତମେ କାହାରିକୁ କିଛି ଦାନ ବି କରିନାହଁ। ସେଥିପାଇଁ ଅଭିଶାପ ପାଇଛ। ତପସ୍ୟା ବଳରେ ସିନା ବ୍ରହ୍ମଲୋକକୁ ଆସିଲ ମାତ୍ର ଅଭିଶାପ ଯୋଗୁ ଏଠି ତମେ ଭୋକରେ ଆତୁର ହେଉଛ। ତମେ ଯେଉଁଠି ତପସ୍ୟା କରୁଥିଲ ସେଠି ଗୋଟିଏ ପୁଷ୍କରିଣୀ ଅଛି। ସେ ପୋଖରୀରେ ଶବଟିଏ ଭାସୁଛି, ଯାଅ ତାକୁ ଖାଉଥାଅ। ସେହି ଅବସ୍ଥାରେ ତମକୁ ମହର୍ଷି ଅଗସ୍ତ୍ୟଙ୍କ ଦର୍ଶନ ମିଳିବ। ଏହାପରେ ଅଭିଶାପରୁ ମୁକୁଳି ପୁଣି ବ୍ରହ୍ମଲୋକଙ୍କୁ ଫେରି ଆସିବ। ତାହା ହିଁ ହେଲା। ମହର୍ଷି ଅଗସ୍ତ୍ୟ ଶବ ଭକ୍ଷଣ କାରଣ ପଚାରିବାରୁ ରାଜା ପୂର୍ବର ସମସ୍ତ କଥା କହିଲେ। ଏହାପରେ ଶାପମୁକ୍ତ ହେଲେ ରାଜା। ଶ୍ୱେତ ରାଜାଙ୍କର ବର୍ତ୍ତମାନର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର ଶ୍ରୀକୂର୍ମ ମନ୍ଦିର ସହିତ ସମ୍ପର୍କ ଥିବା ଜଣାଯାଏ। ଏହି ମନ୍ଦିର ପୂର୍ବେ ଓଡ଼ିଶାର ଅଂଶବିଶେଷ ଥିଲା। ସେଠାରେ ଶ୍ୱେତ ରାଜା କଠୋର ତପସ୍ୟା କରିବା



ପରେ ଶ୍ରୀବିଷ୍ଣୁ ଶ୍ରୀକୂର୍ମ ଅବତାର ରୂପରେ ଦର୍ଶନ ଦେଇଥିଲେ। ସେଠାରେ ପବିତ୍ର ଶ୍ୱେତ ପୁଷ୍କରିଣୀ ରହିଛି। ଶ୍ରୀକୂର୍ମଙ୍କର ପରିଦୃଶ୍ୟମାନ ମନ୍ଦିର ୧୨୮୧ ମସିହାରେ ନିର୍ମାଣ ହୋଇଥିଲା ବୋଲି ଜଣାଯାଏ। ସେହିପରି ସ୍କନ୍ଦ ପୁରାଣରେ ପରମ ବୈଷ୍ଣବ ଶ୍ୱେତ ରାଜା ଶ୍ରୀଜଗନ୍ନାଥଙ୍କ ପ୍ରସାଦରୁ ଅକ୍ଷୟବଟ ବା କଳ୍ପବଟ ଓ ମହୋଦଧି ମଝିରେ ଥିବା ମୁକ୍ତିକ୍ଷେତ୍ରରେ ମହାପ୍ରଭୁଙ୍କ ପ୍ରଥମ ଅବତାର (ମତ୍ସ୍ୟ ମାଧବ)ଙ୍କ ସାମ୍ନାରେ ବିଜେ କରି ତ୍ରେତୟା ଯୁଗର ସେହି ସ୍ମୃତିକୁ ଉଜ୍ଜୀବିତ ରଖିଥିବା ଉଲ୍ଲେଖ ରହିଛି ବୋଲି ଡ. ମିଶ୍ର କହିଛନ୍ତି।

**-ରିପୋର୍ଟ: ହେମନ୍ତ କୁମାର ନାୟକ, ପୁରୀ**





ଶ୍ରୀକ୍ଷେତ୍ର ମହୋତ୍ସବର ବୁଧବାର ତୃତୀୟ ସନ୍ଧ୍ୟାରେ ପ୍ରଦର୍ଶିତ ସମରକଳା ଓ ପରିବେଷିତ ସାହିଯାତ ନୃତ୍ୟ।

ଶ୍ରୀକ୍ଷେତ୍ର ମହୋତ୍ସବର ୩ୟ ସନ୍ଧ୍ୟା

## ମନ ମୋହିଲା ସାହିଯାତ ନୃତ୍ୟ, ସମରକଳା

**ପୁରୀ ଅଫିସ, ୧୮।୧୨**

ଶ୍ରୀକ୍ଷେତ୍ର ମହୋତ୍ସବ କମିଟି ଆନୁକୂଲ୍ୟରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ଶ୍ରୀକ୍ଷେତ୍ର ମହୋତ୍ସବର ବୁଧବାର ତୃତୀୟ ଦିନ ବିତିଛି। ମହୋତ୍ସବ ଆୟୋଜକ କୁଣ୍ଢେଇବେଣ୍ଟ ସାହି ପଥର ଆଖଡ଼ା ସଭାପତି ସାହି ନାୟକ ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକ, ବରିଷ୍ଠ ସେବାୟତ ଦାମୋଦର ପ୍ରଧାନୀ, ସାମାଜିକ କର୍ମୀ ରାମଚନ୍ଦ୍ର ହୋତା, କମିଟି ଉପାଧ୍ୟକ୍ଷ ରାମଚନ୍ଦ୍ର ପାଢୀ, କମିଟି କାର୍ଯ୍ୟକାରୀ ସଭାପତି ବାବାଜୀ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ପ୍ରଫୁଲ୍ଲ ସାମନ୍ତରାୟ, ସଙ୍ଗଠନ ସମ୍ପାଦକ ଜଗନ୍ନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କୁଣ୍ଢେଇବେଣ୍ଟ ସାହି ପଥର ଆଖଡ଼ା ପକ୍ଷରୁ ମହାବୀର ସୁଆର ରାବଣ, ଅନ୍ନପୂର୍ଣ୍ଣା ପ୍ରତିହାରୀ ଓଡ଼ିଶୀ, ସୁନ୍ଦରା ଜାଗା ପକ୍ଷରୁ ପୃଥ୍ୱୀରାଜ ଦାସ ସପ୍ତଶିରା, ମନୋଜ କୁମାର ନାୟକ ମେଢ, ରଘୁନାଥ ପ୍ରତିହାରୀ ନାଗା, ସଞ୍ଜୟ କୁମାର ନାୟକ, ପ୍ରସନ୍ନ କୁମାର ସାହୁ ଏବଂ ଅକ୍ଷୟ କୁମାର ପାତ୍ର ପ୍ରମୁଖ ସମରକଳା ପ୍ରଦର୍ଶନ କରିଥିଲେ। ସେହିପରି ବିଷ୍ଣୁନି ଜାଗା ପକ୍ଷରୁ ବାପି ଖୁଣ୍ଟିଆ ନାଗା, ନରସିଂହ ମହାପାତ୍ର ନବଶିରା, ମହାବୀର ପ୍ରତିହାରୀ ଖଣ୍ଡା ଓ ଭୀମସେନ ମହାପାତ୍ର ବନାଟି ସମରକଳା ଏବଂ ଭବାନୀ ଶଙ୍କର ଦାଶ ଯୋଗାସନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଗୁରୁପ୍ରସାଦ ସାହୁ, ନାରାୟଣ ମହାପାତ୍ର, ଅମିୟ ସାମନ୍ତରାୟ, ଗୁନୁ ସ୍ୱାଇଁ, ଶିବୁନା ଜେନା, ରାମେଶ୍ୱର ବିଶୋୟୀ ଏବଂ ମହେଶ୍ୱର ସାହୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲେ। ବଡୁ ମହାପାତ୍ର ଜାଗା ପକ୍ଷରୁ ସନ୍ତୋଷ ସାହୁ ଓ ଦୀପକ କୁମାର ସାହୁ ନିଆମ ପ୍ରଦର୍ଶନ କରିଥିଲେ। ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ସାତବଖରା ଜାଗାର କଳାକାରମାନେ ମାଲଖମ୍ବ, କଣ୍ଟାଖେଳ ପ୍ରଦର୍ଶନ କରିଥିଲେ। ବଡପୋଖରିଆ ଜାଗା ପକ୍ଷରୁ ଧୀରେନ୍ଦ୍ର ସାହୁ ନବଶିରା, ନିଆମ, ଦ୍ୱାରୀ ଜାଗା ପକ୍ଷରୁ ଅରୁଣ କୁମାର ସ୍ୱାଇଁ ଦୁର୍ଗାମେଢ ଏବଂ ପାଣ୍ଡା ଜାଗା ପକ୍ଷରୁ ରାଜେଶ ସ୍ୱାଇଁ ନବଶିରା, ମାଗୁଣି ରଥ ଲାଠି ଚାଳନା କରିଥିଲେ। ପରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆସାମର ବିହୁ, ମଣିପୁରର ଥାଙ୍ଗ୍‌ଥା ଏବଂ ଶ୍ରୀଜଗନ୍ନାଥ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଗୀତିନାଟ୍ୟ 'ମା ସିଂହବାହିନୀ' ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ।

## ଓଡ଼ିଶୀରେ ପର୍ଯ୍ୟଟକ ବିଭୋର

ଇକୋ ରିଟ୍ରିଟ ଉତ୍ସବର ପଞ୍ଚମ ସନ୍ଧ୍ୟା

**କୋଣାର୍କ,୧୮।୧୨(ଡି.ଏନ.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ-ପୁରୀ ବେଳାମାର୍ଗ ସାହୁଖଣତାଠାରେ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ ଉତ୍ସବର ବୁଧବାର ଥିଲା ପଞ୍ଚମ ସନ୍ଧ୍ୟା। ଏହି ସନ୍ଧ୍ୟାରେ କଟକର ନୃତ୍ୟ ମଣ୍ଡଳ ପକ୍ଷରୁ ଓଡ଼ିଶୀ ନୃତ୍ୟରେ ରାଧାକୃଷ୍ଣଙ୍କ ଅମର ପ୍ରେମର ଅମ୍ଲାନ କୀର୍ତ୍ତିକୁ କଳାକାରମାନେ ମଞ୍ଚରେ ଖୁବ ସୁନ୍ଦର ଭାବେ ପରିବେଷଣ କରିଥିଲେ। 'ଜୟ ରାସେଶ୍ୱରୀ ରାଧେ' ନୃତ୍ୟରେ ବେଳାଭୂମି ଏକରକମ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହାପରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟରେ ନବଦୁର୍ଗା ପରିବେଷିତ ହୋଇଥିଲା। ଶେଷରେ ନୃତ୍ୟ ମଣ୍ଡଳର କଳାକାରମାନେ ରାଗ ଆରଭି, ତାଳ ଏକ ତାଳରେ ପଲ୍ଲବୀ ନୃତ୍ୟ କରିଥିଲେ। ସନ୍ଧ୍ୟାରେ ହୋଇଥିବ ପ୍ରତି ଓଡ଼ିଶୀ ନୃତ୍ୟକୁ ଦର୍ଶକମାନେ ଦେଖି ମନ୍ତ୍ରମୁଗ୍ଧ ହୋଇଥିଲେ। ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଶଶାଙ୍କ ଶେଖର ରଥ, ରତିକାନ୍ତ ପଟ୍ଟନାୟକ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ କଳାକାରମାନେ ଓଡ଼ିଶୀ ପରିବେଷଣ କରୁଛନ୍ତି।

ବଗଲା ଧର୍ମଶାଳାକୁ ନେଇ ହାଇକୋର୍ଟରେ ମାମଲା

## ସରକାର, ମନ୍ଦିର ପ୍ରଶାସନକୁ ନୋଟିସ

**କଟକ ଅଫିସ,୧୮।୧୨**

ପୁରୀର ବଗଲା ଧର୍ମଶାଳାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଧର୍ମଶାଳା ଜମିକୁ ସରକାର ହୋଟେଲ ଓ ଲଜ୍ ମାଲିକମାନଙ୍କ ହାତକୁ ଟେକିଦେବା ନେଇ ଆବେଦନକାରୀ ଜଗନ୍ନାଥ ବସ୍ତିଆଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ଆଗତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାର ଓ ମନ୍ଦିର ପ୍ରଶାସନକୁ ନୋଟିସ ଜାରି କରିଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ପୁରୀରେ ଭକ୍ତଙ୍କ ରହିବା ପାଇଁ ବିଭିନ୍ନ ଧର୍ମଶାଳା ଓ ମଠ ରହିଛି। ଏପରି କି ପୁରୀରେ ୬୦ହଜାର ଭକ୍ତଙ୍କ ରହଣି ସୁବିଧା ପାଇଁ ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ଏବେ ଭକ୍ତଙ୍କ ରହିବା ସ୍ଥଳକୁ ହୋଟେଲ ମାଲିକମାନଙ୍କ ହାତକୁ ଟେକିଦେବା ସମୀଚୀନ ନୁହେଁ ବୋଲି ପିଟିଶନରେ ଦର୍ଶାଯାଇଛି।

ନିଖିଳ ଉତ୍କଳ ଶିଶୁ ସାହିତ୍ୟ ସଂସଦର ଚତୁର୍ଥ ବାର୍ଷିକ ସମାରୋହ

## ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କୁ ନିଖିଳ ଉତ୍କଳ ଶିଶୁ ସାହିତ୍ୟ ସମ୍ମାନ



**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ଚନ୍ଦ୍ରଶେଖରପୁରସ୍ଥିତ ନିଖିଳ ଉତ୍କଳ ଶିଶୁ ସାହିତ୍ୟ ସଂସଦର ଚତୁର୍ଥ ବାର୍ଷିକ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲୋହିଆ ଏକାଡେମୀରେ ଆୟୋଜିତ ଏହି ସମାରୋହରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ରବିନାରାୟଣ ସେନାପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ସମ୍ମାନିତ ଅତିଥି ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବରିଷ୍ଠ ସାହିତ୍ୟିକ ନରେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କୁ 'ନିଖିଳ ଉତ୍କଳ ଶିଶୁ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ସହ ଡ. ରେଖା ଦାସ, ନିରୂପମା ଆଚାର୍ଯ୍ୟ, ଅନସୂୟା ନନ୍ଦ, ଲକ୍ଷ୍ମୀଧର ନାୟକ ଆଦିତ୍ୟ, ସୁଶାନ୍ତ ସାମଲ ଓ ଦେବେନ୍ଦ୍ର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶିଶୁ ନୃତ୍ୟଶିଳ୍ପୀ ସାଇଶ୍ରିତା ପାଣି, ଶିଶୁ କଣ୍ଠଶିଳ୍ପୀ ସାଇଲକ୍ଷ୍ମୀ ଦାଶ ଏବଂ ସାଇଶ୍ରୀ ଦାଶ, ଯୁବ ପ୍ରତିଭା ତନ୍ମୟ ନନ୍ଦ ଓ ଜ୍ୟୋତିଶ୍ରୀ ନାଥଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସମାରୋହରେ ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ଅଧ୍ୟକ୍ଷତାରେ ଏକ ଶିଶୁକବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ କବି ଅଂଶଗ୍ରହଣ କରିଥିଲେ। ଶିଶୁ ସାହିତ୍ୟିକ ରବୀନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ଗୁରୁକୁଳ ଗୀତାଞ୍ଜଳି ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ସଙ୍ଗୀତ ମହୋତ୍ସବରେ ସଙ୍ଗୀତ ପରିବେଷଣ କରୁଛନ୍ତି ଗୁରୁ ଡ. ଚିତ୍ତରଞ୍ଜନ ପାଣି।




ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ବୁଧବାର ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ୯ମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜା ପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ): ଶହୀଦନଗର ଥାନା ଅନ୍ତର୍ଗତ ଭିଏସଏସ ନଗର ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭିଏସଏସ ନଗର ଅଞ୍ଚଳର ଜୀବନ ପଟ୍ଟନାୟକ ଓରଫ କାହ୍ନା (୨୩)। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସନ୍ଧ୍ୟାରେ ମହିଳା ଜଣକ ଛାତ ଉପରେ ଛିଡା ହୋଇଥିଲେ। ଏହି ସମୟରେ କାହ୍ନା ମହିଳାଙ୍କ ମୁହଁରେ ଏକ କପଡା ପକାଇ ତଣ୍ଟି ଚିପିବାକୁ ଉଦ୍ୟମ କରିବା ସହ ଅସଦାଚରଣ କରିଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୬୭୭/୧୯) ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲା।

### ବ୍ରାଉନସୁଗାର କାରବାର କରି ୩ ଗିରଫ

ପାତ୍ରପଡା,୧୮।୧୨(ଡି.ଏନ.ଏ.): ବ୍ରାଉନସୁଗାର କାରବାର ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୩ ଜଣ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଯଦୁପୁର ନୂଆସାହି ଅଞ୍ଚଳର ପିଙ୍କୁ ଖାନ(୨୩), ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ସେକ୍ ସଲିମ୍(୨୨) ଓ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ସେକ୍ ଏହସାନ(୨୧)। ପୋଲିସ ସେମାନଙ୍କ ନିକଟରୁ ୬୧ ଗ୍ରାମ ବ୍ରାଉନସୁଗାର, ଗୋଟିଏ ଅଟୋ, ୨ ବାଇକ୍, ୧୦ ହଜାର ଟଙ୍କା ଓ ୩ ମୋବାଇଲ ଫୋନ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଆଇଗଣିଆ ନିକଟ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ବ୍ରାଉନସୁଗାର ବିକ୍ରି ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ପୋଲିସ ଖବର ପାଇଥିଲା। ସେକ୍ ଏହସାନ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଏଠାରେ ବିକ୍ରି କରୁଥିବା ବେଳେ ପୋଲିସ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### 'ଏକ୍ ଭାରତ ଶ୍ରେଷ୍ଠ ଭାରତ' ପାଇଁ ରେଳଭଡ଼ାରେ ରିହାତି

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ): 'ଏକ୍ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ଯୁବ ଯାତ୍ରୀଙ୍କୁ ରେଳଭଡ଼ାରେ ୫୦% ରିହାତି ମିଳିବ। ରାଜ୍ୟ ବାହାର ତଥା ୩୦୦ କି.ମି.ରୁ ଅଧିକ ଯାତ୍ରା କରୁଥିବା ଯାତ୍ରୀମାନେ ଉପଯୁକ୍ତ ଫର୍ମ ଜରିଆରେ ଆବେଦନ କରି ରିହାତି ପାଇବେ। ସାଧାରଣ ଟ୍ରେନ୍‌ରେ ଦ୍ୱିତୀୟ ଶ୍ରେଣୀ ଓ ସ୍ଲିପରରେ ରିହାତି ମିଳିବ। ସ୍ପେଶାଲ ଟ୍ରେନ୍, ସ୍ପେଶାଲ କୋଚ୍‌ରେ ଏହି ସେବା ମିଳିବ ନାହିଁ। ସଂପୃକ୍ତ ରାଜ୍ୟର ମାନବ ସମ୍ବଳ ବିକାଶ ସଚିବଙ୍କ ଦ୍ୱାରା ଜାରି ଫର୍ମରେ ଷ୍ଟେଶନ ଅଧିକାରୀଙ୍କ ସ୍ୱୀକୃତି ପରେ ରିହାତି ମିଳିବ।

■ ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା

# ଦିନରେ ଲୋକକଳା, ରାତିରେ ନୃତ୍ୟ, ସଙ୍ଗୀତ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଜନତା ମଇଦାନଠାରେ ଚାଲିଥିବା ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ଆକର୍ଷଣ ସାଜୁଛି ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ। କେବଳ ସନ୍ଧ୍ୟାରେ ନୁହେଁ, ଦିନତମାମ ମେଳା ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି ଆଗନ୍ତୁକ। ଚଳିତବର୍ଷ ପ୍ରଥମଥର ପାଇଁ ଦର୍ଶକମାନଙ୍କୁ ଆକର୍ଷିତ କରିବାକୁ ଧୁଡୁକି, କେନ୍ଦରା, ପାଲା, ଦାସକାଠିଆ ଭଳି ଓଡ଼ିଶାର ପାରମ୍ପରିକ ଓ ଲୁପ୍ତପ୍ରାୟ ଲୋକକଳା ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରଦର୍ଶିତ ହେଉଛି। ଏହାପରେ ମେଳା ମୁଖ୍ୟମଞ୍ଚରେ ମନଛୁଆଁ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ କରାଯାଉଛି। ବୁଧବାର ସନ୍ଧ୍ୟାରେ ରାଜ୍ୟର ଜଣାଶୁଣା କଣ୍ଠଶିଳ୍ପୀ ତାରିକ୍ ଅଜିଜ୍‌ଙ୍କ କଣ୍ଠରେ ଭାରତୀୟ ସୈନ୍ୟଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି 'ସନ୍ଦେଶେ ଆତେ ହେଁ...'ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀ ମନସ୍ୱିନୀ ପଟ୍ଟନାୟକ 'ନିଝୁମ ରାତିର ସାଥୀ...' ଗାଇବା ପରେ ୨୦୧୮ ମସିହା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ କଣ୍ଠରୁ 'ବୁଲ୍‌ବୁଲି', 'ମୁଁ ଚଞ୍ଚଳ ନଈ' ଭଳି ଗୀତ ଶୁଣିବାକୁ ମିଳିଥିଲା।



ତୋଷାଳି ମେଳାରେ ଶିଳ୍ପୀମାନେ ତାଳପତ୍ରରେ ଖୋଦେଇକରି ଚିତ୍ର ଆଙ୍କୁଛନ୍ତି।

ସିଡାକ୍‌ର ସଦସ୍ୟ ସଚିବ ସିତିକାନ୍ତ ଷଡ଼ଙ୍ଗୀ ଏବଂ ବିଭାଗୀୟ ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରୋତ୍ସାହନରେ ସମସ୍ତ କଳାକାର ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିଲେ। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ତୋଷାଳିରେ ଏଥର ବିଭିନ୍ନ ହସ୍ତ କଳାକୃତିର ପ୍ରସ୍ତୁତି ପ୍ରଣାଳୀ ସିଡାକ୍ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ଅତିଥିମାନେ ସୂଚନା ଦେଇଥିଲେ। ସାରା ଦେଶର ହସ୍ତଶିଳ୍ପ କାରିଗର, ବୁଣାକାର ଓ ସ୍ଥପତିକାରମାନେ ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି। ମେଳା ପରିସରରେ ପଥର ଖୋଦେଇ, ଟେରାକୋଟା, ଚାନ୍ଦୁଆ କାମ, ତାଳପତ୍ର ଖୋଦେଇ, ପଟ୍ଟଚିତ୍ର, କାଠ ଖୋଦେଇ ଭଳି ହସ୍ତଶିଳ୍ପଗୁଡ଼ିକର ପ୍ରସ୍ତୁତି ପ୍ରଣାଳୀ ସଂପର୍କରେ ଲୋକମାନଙ୍କୁ ଲାଇଭ୍ ଡେମୋ ପ୍ରଦର୍ଶନ କରାଯାଉଛି। ସେହିଭଳି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ବୁଣାକାର ଓ କାରିଗରମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ଦର୍ଶକମାନଙ୍କୁ ଅବଗତ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଛି। ଉତ୍ସାହୀ ଉଦ୍ୟୋଗୀମାନଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ସମସ୍ତ ପ୍ରକାର ଯୋଜନା ସହାୟତା ଓ ସୁଯୋଗ ସମ୍ବନ୍ଧରେ ସୂଚନା ଦିଆଯାଉଛି। ରାଜ୍ୟରେ ହସ୍ତଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡିଜାଇନରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଡିଜାଇନର ପୋଷାକଗୁଡ଼ିକର ଟେଷ୍ଟ ମାର୍କେଟିଂ ପାଇଁ ବ୍ୟବସ୍ଥା କରାଯାଇଛି। ଗୁରୁବାର ମଞ୍ଚରେ ପୁରୀର ପ୍ରସିଦ୍ଧ ଲୋକନୃତ୍ୟ ଗୋଟିପୁଅ ନାଚ ଓ ମୟୂରଭଞ୍ଜ ପ୍ରସିଦ୍ଧ ଛଉ ନୃତ୍ୟ ପରିବେଷିତ ହେବ।



କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ପିଲାଙ୍କ ବିକାଶ ପାଇଁ 'ଖିଲ୍‌ତା ବଚ୍‌ପନ୍'

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଉତ୍ତର ଭାରତରେ ପିଲାମାନଙ୍କୁ ନିଜର ସକାରାତ୍ମକ ବିକାଶ କ୍ଷେତ୍ରରେ ନିୟୋଜିତ କରି ରଖିବା, ନିର୍ଭୟରେ ସେମାନଙ୍କ ମନର ଭାବନାକୁ ପରିପ୍ରକାଶ କରାଇବା ଏବଂ ସେମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ସହଯୋଗ କରିବା ପାଇଁ କଳାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରୁଥିବା ଏକ ଅଭିନବ ଅଭିଯାନ 'ଖିଲ୍‌ତା ବଚ୍‌ପନ୍'ର ଆରମ୍ଭ ହୋଇଛି। ବୁଧବାର ଚାଇଲ୍ଡ ଫଣ୍ଡ ଇଣ୍ଡିଆ ପକ୍ଷରୁ ପୂର୍ବ ଭାରତରେ ସ୍ଥାନୀୟ ଜୟଦେବ ବିହାରର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଛାତ୍ରୀଛାତ୍ର, ବିଭିନ୍ନ କର୍ପୋରେଟ୍ ସଂସ୍ଥା, ସରକାରୀ ଓ ବେସରକାରୀ ସଂସ୍ଥାର ପ୍ରତିନିଧି ଯୋଗଦେଇଥିଲେ। ଏହି ଅଭିଯାନକୁ ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଏ.ବି. ଓତା ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନନୀୟ ଅତିଥିଭାବେ ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି ଡିପାର୍ଟମେଣ୍ଟ ଅଫ୍ ସ୍କୁଲ୍ ଆଣ୍ଡ ମାସ୍ ଏଜୁକେଶନ୍‌ର ନିର୍ଦ୍ଦେଶକ ଗଙ୍ଗାଧର ସାହୁ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଷ୍ଟେଟ୍ ପ୍ରୋଜେକ୍ଟ କୋ ଅର୍ଡିନେଟର ବାସୁଦେବ ମାଲା ବିଶୋଇ, ଓଡ଼ିଶା ସିଏସ୍‌ଆର୍ ଫୋରମ୍ କନ୍‌ଭେନର ବି. କେ. ମିଶ୍ର ଏବଂ ସଙ୍ଗୀତ ନିର୍ଦ୍ଦେଶକ ଓ ସଙ୍ଗୀତକାର ଶାନ୍ତିରାଜ ଖୋସ୍‌ଲା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚାଇଲ୍ଡ ଫଣ୍ଡ ଇଣ୍ଡିଆର କଣ୍ଟ୍ରି ନିର୍ଦ୍ଦେଶକ ଓ ସିଇଓ ନୀଲମ ମଖିଜାନି ମଧ୍ୟ ଯୋଗଦେଇଥିଲେ।

### ବାଚସ୍ପତି ସମ୍ମିଳନୀରେ ଯୋଗଦେଲେ ସୂର୍ଯ୍ୟନାରାୟଣ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ଉତ୍ତରାଖଣ୍ଡ ବିଧାନସଭା ଆନୁକୂଲ୍ୟରେ ଡେରାଡୁନ୍‌ଠାରେ ୭୯ତମ ବିଧାନସଭା ବାଚସ୍ପତିମାନଙ୍କ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଛି। ଏଥିରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଧ୍ୟକ୍ଷତା କରିଥିଲେ। ଦୁଇଦିନିଆ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ବିଧାନସଭାର ବାଚସ୍ପତିମାନେ ଭାଗନେଇଛନ୍ତି। ଏଥିରେ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇଛନ୍ତି। ବାଚସ୍ପତିମାନେ ବିଧାନସଭା ପରିଚାଳନା ସମ୍ପର୍କିତ ସେମାନଙ୍କର ପ୍ରତ୍ୟକ୍ଷ ଅନୁଭୂତି ବର୍ଣ୍ଣନା କରିଥିଲେ। 'ସଂସଦୀୟ ଗଣତନ୍ତ୍ରର ସଶକ୍ତୀକରଣ ଓ ଶୂନ୍ୟକାଳ ପରି ଗୃହର ବ୍ୟବସ୍ଥା ଦ୍ୱାରା କ୍ଷମତା ବୃଦ୍ଧି' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପବାଚସ୍ପତି ରଜନୀକାନ୍ତ ସିଂ ମଧ୍ୟ ଯୋଗଦେଇଥିଲେ। ସେହିଭଳି ମଙ୍ଗଳବାର ଡେରାଡୁନ୍‌ଠାରେ ଆୟୋଜିତ ୫୭ତମ ବିଧାନସଭା ସଚିବମାନଙ୍କ ସମ୍ମିଳନୀରେ ବିଧାନସଭାର ସଚିବ ଦାଶରଥୀ ଶତପଥୀ ଭାଗନେଇଥିଲେ।

## କ୍ଷତିପୂରଣ ଆଶାରେ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ଭିଡ଼

ପୁରୁଣା ଭୁବନେଶ୍ୱର, ୧୮।୧୨ (ଡି.ଏନ.ଏ.)

ଉଚ୍ଛେଦ ଯୋଗୁ କ୍ଷତିଗ୍ରସ୍ତ ଉଠା ଦୋକାନୀ ଓ ପରିବାରକୁ ସହାୟତା ଏବଂ ଥଇଥାନ କରାଯିବାକୁ ଘୋଷଣା କରାଯାଇଛି। ଏହାକୁ ନେଇ ମଙ୍ଗଳବାର ଦିନତମାମ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ଭିଡ ଦେଖିବାକୁ ମିଳିଥିଲା। ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଚିଠା ପ୍ରସ୍ତୁତ କରି ଏଗୁଡିକ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ବୋର୍ଡ ମାଧ୍ୟମରେ କାର୍ଯ୍ୟାଳୟ ଭିତରେ ଲଗାଯାଇଥିଲା। ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ଲିଖିତ ଆବେଦନ ସହ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇ ଦରଖାସ୍ତ ଦାଖଲ କରିବାକୁ କୁହାଯାଇଥିଲା। କେତେଜଣ ବ୍ୟବସାୟୀଙ୍କ ନାମ ଏହି ତାଲିକାରେ ନ ଥିବା ଯୋଗୁ ଅସନ୍ତୋଷ ବ୍ୟକ୍ତ କରି ଏହା ମନଇଚ୍ଛା ପ୍ରସ୍ତୁତ କରାଯାଇଥିବା କହିଥିଲେ। ସେହିଭଳି କେତେଜଣ ବ୍ୟବସାୟୀ ସେମାନଙ୍କର ଏକାଧିକ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ଏବଂ ଏଗୁଡ଼ିକରେ କର୍ମଚାରୀ ନିଯୁକ୍ତି କରି ବ୍ୟବସାୟ ଚଳାଉଥିଲେ। ସେମାନଙ୍କ ନାମରେ ବିଦ୍ୟୁତ୍ ସଂଯୋଗ ରହିଥିଲେ ମଧ୍ୟ ସେମାନଙ୍କୁ ଚୟନ କରା ନ ଯିବା ନେଇ ଅଭିଯୋଗ କରିଥିଲେ। ସେମାନଙ୍କ ମତରେ କେତେଜଣ ଲୋକ ଚକ୍ରାନ୍ତ କରି ବ୍ୟବସାୟ ନ ଥିବା ଲୋକଙ୍କ ନାମ ଏହି ଚିଠାରେ ଦେଇଛନ୍ତି। ଚିଠାରେ ନାମ ନ ଥିବା କାରଣରୁ ବ୍ୟବସାୟୀମାନେ ପ୍ରଶାସନକୁ ଦାୟୀ କରିଛନ୍ତି। ଉଚ୍ଛେଦ ପୂର୍ବରୁ ଚିଠା ପ୍ରସ୍ତୁତ କରାଯାଇଥିଲେ ଉପଯୁକ୍ତ ହିତାଧିକାରୀ ଚୟନ ହୋଇପାରିଥାନ୍ତା ବୋଲି ଚିଠାରେ ନାମ ନ ଥିବା ବ୍ୟବସାୟୀମାନେ ଆପତ୍ତି କରିଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ଠିକ୍ ହିତାଧିକାରୀ ଚୟନ କରିବାକୁ ସାଧାରଣରେ ଦାବି ହୋଇଛି।

ହତ୍ୟା, ବେଆଇନ ଖଣି ଖନନ ମାମଲା

## ଜିତେନ୍ଦ୍ରଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିଲା ଏସ୍‌ଟିଏଫ୍

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

ଖୋର୍ଦ୍ଧାରେ ବେଆଇନ ପଥର ଖଣି କାରବାର, ହତ୍ୟା ଭଳି ବହୁ ଅପରାଧରେ ସମ୍ପୃକ୍ତ ଥିବା ମୋଷ୍ଟୱାଣ୍ଟେଡ୍ ଜିତେନ୍ଦ୍ର ମାନସିଂ ଓରଫ ଜିତୁଙ୍କୁ ଏସ୍‌ଟିଏଫ ୨ ଦିନ ରିମାଣ୍ଡରେ ଆଣିଛି। ଖୋର୍ଦ୍ଧା ସଦର ଥାନା ଦଳେଇପୁଟ ଅଞ୍ଚଳର ଜିତେନ୍ଦ୍ର ଅନେକ ଦିନ ଧରି ଫେରାର ରହିବା ପରେ ଗତ ୧୬ ତାରିଖରେ ଖୋର୍ଦ୍ଧା ଏସଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏହାପରେ ଏସ୍‌ଟିଏଫ୍ ତାଙ୍କୁ ୬ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରିଥିଲା। ତେବେ କୋର୍ଟ ୨ ଦିନ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ବେଆଇନ ପଥର ଖନନ ମାମଲାରେ ଛୋଟା ସମେତ ୨୦ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜିତେନ୍ଦ୍ର ଛୋଟାର ଅନ୍ୟତମ ମୁଖ୍ୟ ସହଯୋଗୀ। ସେହିଭଳି ନିଶା କାରବାର ସହ ହତ୍ୟା ଆଦି ବହୁ ଆପରାଧିକ ମାମଲାରେ ତାଙ୍କର ସମ୍ପୃକ୍ତି ରହିଛି। ଜିତେନ୍ଦ୍ରଙ୍କ ନାମରେ ଖୋର୍ଦ୍ଧା ସଦର ଥାନାରେ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ସମେତ ୧୩ ମାମଲା ରହିଥିବାବେଳେ ଶହୀଦନଗର ଥାନାରେ ଏକ ମାମଲା ରହିଛି। ଢେଙ୍କାନାଳରେ ଜଣେ ନେତାଙ୍କୁ ହତ୍ୟା ଘଟଣାରେ ଜିତେନ୍ଦ୍ରଙ୍କ ସଂପୃକ୍ତି ସଂକ୍ରାନ୍ତରେ ଅଧିକ ତଥ୍ୟ ହାସଲ ପାଇଁ ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ମାରାଥନ ଜେରା କରୁଥିବାବେଳେ ଆଉ ୨ଦିନ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ମିଳିଛି।

ଚଢ଼ାଉ ବେଳେ ପୋଲିସ ମାଡ଼ ମାରିବା ଘଟଣା

## ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଡିସିପି

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

ଚଢ଼ାଉ ବେଳେ କବାଟ ଖୋଲିବାକୁ ଡେରି କରିବାରୁ ପୋଲିସ ଏକ ସଂସ୍ଥାର କର୍ମଚାରୀଙ୍କୁ ମାଡ଼ ମାରିଥିଲା। ସିସିଟିଭି ଫୁଟେଜରେ କଏଦ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏ ନେଇ ତଦନ୍ତ ଚାଲିଥିବାବେଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଅନୁପ ସାହୁ କହିଛନ୍ତି। ସୂଚନାନୁଯାୟୀ, ଶହୀଦନଗର ଅଞ୍ଚଳରେ କୈଳାସଚନ୍ଦ୍ର ମୁଦୁଲିଙ୍କ ଘରୋଇ ସଂସ୍ଥାର କାର୍ଯ୍ୟାଳୟ ରହିଛି। ତାଙ୍କ ଡ୍ରାଇଭର୍ ରମେଶ ବାରିକଙ୍କ ନାମରେ ଖଣ୍ଡଗିରି ଥାନାରେ ମାମଲା ରହିଛି। ସୋମବାର ରାତିରେ ପୋଲିସ ଅଭିଯୁକ୍ତ ରମେଶଙ୍କୁ ଧରିବା ଲାଗି କାର୍ଯ୍ୟାଳୟରେ ଚଢ଼ାଉ କରି ୨ କର୍ମଚାରୀ ଶିବୁନା ଓ ବିକାଶଙ୍କୁ ମାଡ଼ ମାରିଥିବା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଥିଲେ।

## ଧ୍ୱମେଇ ଚାଲିଛି ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

**୩୦ସୁଦ୍ଧା ସରିବ, ଆଜିଠାରୁ ଥାନା ପାର୍ଶ୍ୱ ଭଙ୍ଗା**

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟା କେତେକ କାରଣ ଯୋଗୁ ବିଳମ୍ବିତ ହେଉଛି। ୩ ଦିନ ପାଇଁ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ବିରୋଧ ଓ ଆବଶ୍ୟକ ବ୍ୟବସ୍ଥା ନ ଥିବାରୁ ଉଚ୍ଛେଦ କାର୍ଯ୍ୟ ଧ୍ୱମେଇ ଚାଲିଛି। ବୁଧବାର ବିଡିଏ ଓ ବିଏମ୍‌ସି ଉଚ୍ଛେଦକାରୀ ଦଳ ଲିଙ୍ଗରାଜ ଥାନା ପାଖରୁ ଉଚ୍ଛେଦ କରିବାକୁ ଯାଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଫେରିଆସିଥିଲା। ଗୁରୁବାର ଥାନା ପାର୍ଶ୍ୱ ଓ ଚତୁଃପାର୍ଶ୍ୱ ନିର୍ମାଣକୁ ଭଙ୍ଗାଯିବ ବୋଲି ଉଚ୍ଛେଦ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଥାନା କାନ୍ଥ ଓ ଆଖପାଖରେ ବାକିଥିବା ଜବରଦଖଲ ଭଙ୍ଗା ଯାଇପାରେ। ସେଥିପାଇଁ ଆଉ ପୋଲିସ ଫୋର୍ସର ଆବଶ୍ୟକ ନାହିଁ। ଗୋଟିଏ ବୁଲ୍‌ଡୋଜର ହେଲେ ଉଚ୍ଛେଦ କାର୍ଯ୍ୟ ସରିବ। ଏହାପରେ ମନ୍ଦିର ପାର୍ଶ୍ୱରେ ଥିବା ବଡ଼ ନିର୍ମାଣର ଉଚ୍ଛେଦ ପ୍ରକ୍ରିୟା ଥାନା ଭଙ୍ଗାରୁ ଆରମ୍ଭ ହେବ। ୩୦ ତାରିଖ ସୁଦ୍ଧା ଉଚ୍ଛେଦ ସରିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଶ୍ରୀଲିଙ୍ଗରାଜ ଥାନା ଓ ମନ୍ଦିର କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଆସିଥିବାବେଳେ ଏଯାବତ୍ ହୋଇପାରିନି। ସ୍ଥାନାନ୍ତର କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବା ବିଡିଏ ପକ୍ଷରୁ କୁହାଯାଇଛି।

ବଙ୍ଗୀୟ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ମାଡ଼ ଘଟଣା

## ହୋଟେଲ ପରିଚାଳକ, କର୍ମଚାରୀ ଗିରଫ

କଟକ ରୋଡ,୧୮।୧୨(ଡି.ଏନ୍.ଏ.)

ହୋଟେଲରେ ଜଣେ ବଙ୍ଗୀୟ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଓ ମାଡ଼ ଘଟଣାରେ ଲକ୍ଷ୍ମୀସାଗର ପୋଲିସ ବୁଧବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହୋଟେଲ ପରିଚାଳକ ମିଥୁନ ସ୍ୱାଇଁ ଓ କର୍ମଚାରୀ ବିଶ୍ୱନାଥ ପାତ୍ର। ସୂଚନା ଅନୁଯାୟୀ, କୋଲକାତା ଅଞ୍ଚଳର ଯୁବତୀ ଜଣକ ସୋମବାର କଟକ ରୋଡରେ ଥିବା ଏକ ହୋଟେଲ ରୁମ୍‌ରେ ରହିଥିଲେ। ରାତିରେ ଯୁବତୀଙ୍କ ସହ ହୋଟେଲ ପରିଚାଳକ ଓ କର୍ମଚାରୀଙ୍କ ବଚସା ହୋଇଥିଲା। ହୋଟେଲର ଏହି ଦୁଇ କର୍ମଚାରୀ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରି ବିଫଳ ହେବାରୁ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପୋଲିସ ଏକ ମାମଲା (ନଂ.୩୭୭/୧୯)ରୁଜୁକରି ତଦନ୍ତ ଚଳାଇଥିଲା। ସୂଚନାଥାଉକି, ଗତ କିଛି ମାସ ପୂର୍ବେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ରାଜ୍ୟ ବାହାରର ଯୁବତୀଙ୍କୁ ବଳାତ୍କାର କରାଯାଇଥିଲା।

■ ୮୪ ବର୍ଷର କୃଷ୍ଣଚନ୍ଦ୍ର ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ

# ଭିତ୍ତିଭୂମିର ବିକାଶ ପାଇଁ ନାହିଁ ଆନ୍ତରିକତା



କୃଷ୍ଣଚନ୍ଦ୍ର ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ।

ପୁରୁଣା ଭୁବନେଶ୍ୱର , ୧୮।୧୨ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାର ନିକଟରେ ରହିଛି ୮୪ ବର୍ଷ ପୁରାତନ ଶିକ୍ଷାନୁଷ୍ଠାନ କୃଷ୍ଣଚନ୍ଦ୍ର ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ। ଭିତ୍ତିଭୂମିର ବିକାଶ ପାଇଁ ଜନପ୍ରତିନିଧି କି ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ନାହିଁ। ଏକାମ୍ର କ୍ଷେତ୍ରର ପର୍ଯ୍ୟଟନର ବିକାଶ ଲାଗି ଉଚ୍ଛେଦ ଚାଲିଥିବା ବେଳେ ମହାବିଦ୍ୟାଳୟ କ୍ଷେତ୍ରରେ କ'ଣ ପଦକ୍ଷେପ ନିଆଯିବ ସାଧାରଣରେ ଆଲୋଚ୍ୟ ବିଷୟ ପାଲଟିଛି। ୧୯୩୫ରେ ଶଙ୍କରାନନ୍ଦ ମଠ ଅଧୀନରେ କଲେଜର ଆରମ୍ଭ ହୋଇଥିଲା। ଦିନଥିଲା ଏଠାରେ ଗରୁକୁଳ ପରିବେଶରେ ପିଲାଙ୍କୁ ବୈଦିକ, ଆଧ୍ୟାତ୍ମିକ ଶିକ୍ଷା ସହ ପୂଜା ରୀତିନୀତି ଶିକ୍ଷା ପ୍ରଦାନ କରାଯାଉଥିଲା।

### ନୟାଗଡ଼ ରାଜାଙ୍କ ମହାବିଦ୍ୟାଳୟ ଭବିଷ୍ୟତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧୀନ

୧୯୫୬ରେ ତତ୍‌କାଳୀନ ନୟାଗଡ଼ ରାଜା କୃଷ୍ଣଚନ୍ଦ୍ର ସିଂ ମାନ୍ଧାତାଙ୍କ ଚେଷ୍ଟାରେ ନୂତନ ସ୍ୱରୂପ ପାଇଥିବା ମହାବିଦ୍ୟାଳୟ ପରବର୍ତ୍ତୀ ଅବସ୍ଥାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହୋଇଆସୁଛି। ସେବେକାର ନୟାଗଡ଼ ରାଜାଙ୍କର ଅନୁଗ୍ରହରେ ଶିକ୍ଷାର ବିକାଶ ନିମନ୍ତେ କରାଯାଇଥିବା ଚେଷ୍ଟା ଏବେ ଉଚ୍ଚଶିକ୍ଷା ବିଭାଗ ଅନୁଗ୍ରହ ଆଶାରେ ଅଟକି ଯାଇଛି। ଆଇନ ଅଦାଲତର ଚକ୍କରରେ ଉଭୟ ଯୁକ୍ତ ୨ କଳା ଏବଂ ଯୁକ୍ତ ୩ କଳା ବିଭାଗର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଯାଇଛି। ଉଭୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଅଧୀନରେ ରହିଥିବା ଏହି ପୁରାତନ ମହାବିଦ୍ୟାଳୟଟି ଅବ୍ୟବସ୍ଥା ଘେରରେ ରହିଛି। ଏପରି ଅବ୍ୟବସ୍ଥା ନେଇ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରିବାରୁ ଏ ବିଷୟରେ ଧାରଣା ନାହିଁ ଏଣୁ ଯୁଗ୍ମ ସଚିବ ଶୁଭଶ୍ରୀ ନନ୍ଦଙ୍କୁ ପଚାରିବାକୁ ପରାମର୍ଶ ଦେଇଥିଲେ। ଏ ନେଇ ଯୁଗ୍ମ ସଚିବ ଶୁଭଶ୍ରୀ ନନ୍ଦଙ୍କୁ ପଚାରିବାରେ ମହାବିଦ୍ୟାଳୟ ପକ୍ଷରୁ ବିଭାଗକୁ କୌଣସି ଅବ୍ୟବସ୍ଥା ରହିଥିବା ସମ୍ପର୍କରେ ଅଭିଯୋଗ କରାଯାଇନାହିଁ। ଅଭିଯୋଗ ଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଉଚ୍ଚଶିକ୍ଷା ବିଭାଗର ସଚିବଙ୍କ କାର୍ଯ୍ୟାଳୟକୁ ଯୋଗାଯୋଗ କରିବାରୁ ଏ ସମସ୍ତ ବିଷୟ ଉପନିର୍ଦ୍ଦେଶକ ହୃଷୀକେଶ ମହାନ୍ତିଙ୍କୁ ପଚାରିବାକୁ କୁହାଯାଇଥିଲା। ଏ ସମ୍ପର୍କରେ ହୃଷୀକେଶ ମହାନ୍ତିଙ୍କୁ ପଚାରିବାରେ ଯେହେତୁ ଅଦାଲତରେ ମାମଲା ବିଚାରାଧୀନ ଏଣୁ ସ୍ୱତନ୍ତ୍ର ଅଧିକାରୀ ତଥା ଏକାମ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ବିସ୍ତୃତ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗକୁ ଅବ୍ୟବସ୍ଥା ସୁଧାରିବାକୁ ଲିଖିତ ଭାବେ ଜଣାଇଲେ ପଦକ୍ଷେପ ନିଆଯିବ।

### ବିପଦ ସଙ୍କୁଳ କୋଠରିରେ ଶିକ୍ଷାଦାନ

ମହାବିଦ୍ୟାଳୟର ମୋଟ ୧୮ଗୋଟି କୋଠରିରୁ ୧୬ କୋଠରିର ଛାତ ଫାଟି ଯାଇଛି। ଏହି ଅବସ୍ଥାରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଥାଇ ଶିକ୍ଷାଦାନ ଚାଲୁଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ସିସିଟିଭି ଜରିଆରେ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନପକ୍ଷେ ବିପଦ ଶଙ୍କୁଳ କୋଠା ପ୍ରତି ନଜର ଦେଇନାହାନ୍ତି। ୧୯୫୬ ପରଠାରୁ ମରାମତି କରାଯାଇ ନ ଥିବାରୁ ଏହି କଡି ବରଗା ଛାତରୁ କାଠ ପଥର ଖସି କାନ୍ଥ ଭାଙ୍ଗିଲାଣି। ରାତି ହେଲେ ନିଶାଡିଙ୍କ ଆଡ୍ଡା ପାଲଟୁଥିବା ଏହି ଶିକ୍ଷାନୁଷ୍ଠାନ ପ୍ରତି ସରକାରୀ ଉଦାସୀନତା ଯୋଗୁ ଏହା ଧ୍ୱଂସ ମୁଖୀ ହୋଇଗଲାଣି। ଯୁକ୍ତ ଦୁଇ ଓ ଯୁକ୍ତ ତିନି କଳାରେ ମୋଟ ୬୪ ସିଟ୍ ରହିଥିବାବେଳେ ଏବେ ୫୬ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ମୋଟ ଶିକ୍ଷକ ଓ କର୍ମଚାରୀ ୧୦ ଜଣ ରହିବା ବଦଳରେ ୪ ଜଣ ଅଧ୍ୟାପକ ଓ ଜଣେ କିରାଣିଙ୍କୁ ନେଇ ଏହା ଚାଲୁଛି। ଅଦାଲତରେ ମାମଲା ରହିଥିବା ଯୋଗୁ ଏକାମ୍ର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସ୍ୱତନ୍ତ୍ର ଅଧିକାରୀ ମାନ୍ୟତା ଦେଇ ଏହାର ଦାୟିତ୍ୱ ଦିଆଯାଇଛି।

### ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି ଛାତ୍ରୀଛାତ୍ର

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ଯୋଗୁ ଛାତ୍ରୀଛାତ୍ରମାନେ ଏବେ ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି। ମହାବିଦ୍ୟାଳୟର ଜମି ମାଲିକାନା ନେଇ ବିବାଦ ରହିଥିବା ଯୋଗୁ ଏଠାରେ କୌଣସି ନିର୍ମାଣ କରାଯାଉନାହିଁ। ମହାବିଦ୍ୟାଳୟ ପରିସରରେ ଅତୀତରେ ଖନନ କରାଯାଇ କେତେଗୋଟି ପୁରାତନ ମନ୍ଦିର ବାହାରିବ ତଥା ନିକଟରେ ରହିଥିବା ଶୁଆଶାରୀ ମନ୍ଦିରର କିଛି ଅଂଶ ରହିଥିବା ଏଏସ୍‌ଆଇ ପକ୍ଷରୁ ଆପତ୍ତି କାରଣରୁ ଏହାର ନିର୍ମାଣ କାର୍ଯ୍ୟ କରାଯାଉନାହିଁ। ତଥାପି ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନଜର ରଖି ବ୍ୟବସ୍ଥା କରାଯିବା ସହ ଶିକ୍ଷା ପଦ୍ଧତି ଓ ପରମ୍ପରା ଅକ୍ଷୁର୍ଣ୍ଣ ରଖିବାକୁ ସାଧାରଣରେ ଦାବି ହେଉଛି। ମହାବିଦ୍ୟାଳୟରେ ମାତ୍ର ୩୬୦ ଟଙ୍କା ନାମଲେଖା ଫି ସାଙ୍ଗକୁ ୨୫୦ ଟଙ୍କା ବାର୍ଷିକ ଫି ବ୍ୟବସ୍ଥା ରହିଛି। ତଥାପି ଛାତ୍ରବାସ, ଲାଇବ୍ରେରି ଭଳି ସମସ୍ତ ସୁବିଧା ରହିଥିବା ଏହି ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ଗତି କରୁଛି।

## ନିଜ କଥା

ଡିଆଇପିଆରଓ କଲ୍ୟାଣୀ ଦାଶ



**ବରଗଡ଼ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ। ୨୦୧୪ରୁ ସେ ଏହି ପଦବୀରେ ଅବସ୍ଥାପିତ। ୨୦୧୫ରୁ ତତ୍କାଳୀନ ଜିଲାପାଳ ଅଞ୍ଜନ କୁମାର ମାଣିକଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତଭାବେ ଜିଲା ସଂସ୍କୃତି ଅଧିକାରୀ ଦାୟିତ୍ୱ ସେ ସମ୍ଭାଳିଛନ୍ତି। ଜିଲାରେ ଏହି ଉଭୟ ପଦବୀରେ ଜଣେ ମହିଳା ଅଧିକାରୀଭାବେ ଅବସ୍ଥାପିତ ଦାଶଙ୍କ କଥା ଏଥରର ନିଜକଥା ସ୍ତମ୍ଭରେ..।**

# ପ୍ରାକୃତିକ ପରିବେଶ ମୋତେ ବିଭୋର କରେ

**❑ ଆପଣଙ୍କ ସକାଳ କେମିତି ଆରମ୍ଭ ହୁଏ ?**

❍ ସକାଳ ୫ଟାରୁ ଶଯ୍ୟାତ୍ୟାଗ କରେ। ସୂର୍ଯ୍ୟଙ୍କ ଦର୍ଶନ ସହ ଆରମ୍ଭ ହୁଏ ଦିନଚର୍ଯ୍ୟା। ନିତ୍ୟକର୍ମ ସହ ଗୃହକର୍ମ ପରେ ପୂଜା ଆରମ୍ଭ କରେ। ଜଳଖିଆ ଖାଇ ସାରିବା ପରେ ଅଫିସ ଆସେ।

**❑ କେଉଁ ଖାଦ୍ୟ ଖାଇବାକୁ ଆପଣ ପସନ୍ଦ କରନ୍ତି?**

❍ ମୁଁ ଶାକାହାରୀ। ବାହାର ଖାଦ୍ୟକୁ ଆଦୌ ପସନ୍ଦ କରେ ନାହିଁ।

**❑ ପ୍ରଥମ ଦରମା କ'ଣ କରିଥିଲେ ?**

❍ ସର୍ଭିସ କଲାବେଳେ ମୁଁ କେଉଁଝର ଜିଲା ଆନନ୍ଦପୁରସ୍ଥିତ ଯୁଗ ନିର୍ମାଣ ସଂଗଠନ, ଓଡ଼ିଶା ଗାୟତ୍ରୀ ଆଶ୍ରମରେ ରହୁଥିଲି। କେବଳ ପ୍ରଥମ ଦରମା ନୁହେଁ, ଚାକିରି ଆରମ୍ଭରୁ ୨୦୦୧ ମସିହା ପର୍ଯ୍ୟନ୍ତ ମୋର ଦରମାରୁ ନିଜ ଖର୍ଚ୍ଚ ପାଇଁ ମାତ୍ର ୧ ହଜାର ଟଙ୍କା ହାତରେ ରଖି ବଳକା ଟଙ୍କା ସେହି ଆଶ୍ରମ ଖର୍ଚ୍ଚରେ ବିନିଯୋଗ କରି ଆସିଥିଲି।

**❑ ଆପଣଙ୍କ ସଉକ କ'ଣ ?**

❍ ବହି ପଢ଼ିବା, କବିତା ଲେଖିବା, ବୁଲାବୁଲି କରି ପ୍ରାକୃତିକ ପରିବେଶକୁ ଉପଭୋଗ କରିବାକୁ ମୁଁ ଭଲ ପାଏ।

**❑ ସିନେମା ଦେଖନ୍ତି କି ?**

❍ ବେଳେବେଳେ ସିନେମା ଦେଖେ। ହେଲେ ଗୀତ ଶୁଣିବାକୁ ବହୁତ ଭଲ ପାଏ।

**❑ ସ୍ୱାମୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ ?**

❍ ସ୍ୱାମୀଙ୍କ ପଢ଼ିବା, ଲେଖାଲେଖି ପ୍ରତି ଆଗ୍ରହକୁ ମୁଁ ଭଲ ପାଏ।

**❑ ଏକ ସରକାରୀ ସ୍କୁଲ୍‌କୁ ୧ ଲକ୍ଷ ଟଙ୍କା ଦାନ କରି ଆପଣ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି, ଏ ସମ୍ପର୍କରେ କ'ଣ କହିବେ ?**

❍ ମା' ଯମୁନା ଦାଶଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ନାମରେ ମୁଁ ଆନନ୍ଦପୁର ସରକାରୀ ବାଳିକା ହାଇସ୍କୁଲରେ ଛାତ୍ରୀ କମନ ରୁମ୍ ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କା ଓ ଗରିବ ଛାତ୍ରୀଙ୍କୁ ପ୍ରତିବର୍ଷ ମେଧାବୃତ୍ତି ଦେବା ପାଇଁ ଆହୁରି ୨୫ହଜାର ଟଙ୍କା ପ୍ରଦାନ କରିଛି।

**ରିପୋର୍ଟ – ପ୍ରେମାନନ୍ଦ ଖମାରୀ**

# କଟକରେ ଭାଇଚାରା ସବୁବେଳେ ମିଳିବ

## ମୋ ଅନୁଭୂତି

**କଟକ ସହ ସମ୍ପର୍କ ଯୋଡ଼ିବା ଲୋକେ ଖୁବ୍ କମ୍। ହେଲେ ଯିଏ ସମ୍ପର୍କ ଯୋଡ଼ିଛି ସେ ଏହାର ଅସଲି ମଜା ପାଇଛି। ଏହି ସହର ଓ ସହରବାସୀଙ୍କୁ ଭୁଲିବାର ପ୍ରଶ୍ନ ଉଠେନି। ଏ ମାଟିର ବାସ୍ନାରେ ଭରି ରହିଥିବା ଭାଇଚାରାକୁ ନିଭେଇବା ପାଇଁ କଟକିଆମାନେ ସବୁବେଳେ ତତ୍ପର। ଏ କଥା କହିଛନ୍ତି ଓଲିଉଡ୍‌ର ଆଗଧାଡ଼ିର କଳାକାର କୁନା ତ୍ରିପାଠୀ।**

ପିଲାଦିନରୁ ଆଜି ଯାଏ କଟକିଆ ଭାବେ କଟକରେ ଅନେକ ଅନୁଭୂତି ରହିଛି। ଆଉ ସବୁ ଯାକ ଅନୁଭୂତି ନିଆରା। କିଛି ବର୍ଷ ତଳେ ଏକ ବିଳମ୍ବିତ ରାତିରେ ଭୁବନେଶ୍ୱରର ଜଣେ ବନ୍ଧୁଙ୍କ ଫୋନ୍ କଲ୍ ଆସିଲା। ଫୋନ୍ ସେ ପାଖରୁ ବନ୍ଧୁଜଣଙ୍କ ଅସ୍ତବ୍ୟସ୍ତ ହୋଇ ପଡୁଥିବା ଭଳି ଲାଗୁଥିଲେ। ଖବର ପାଇଲି ଯେ, ଜଣେ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇ ଏସ୍‌ସିବି ମେଡ଼ିକାଲକୁ ଆସୁଛନ୍ତି। ତାଙ୍କ ଖବର ପାଇ ମୁଁ ଆଉ ମୋର ଜଣେ ବନ୍ଧୁ ମେଡ଼ିକାଲରେ ପହଞ୍ଚିଲୁ। ଆମ୍ବୁଲାନ୍ସ ତାଙ୍କୁ ଆଣି ମେଡ଼ିକାଲରେ ପହଞ୍ଚାଇଥିଲା। ସେ ପହଞ୍ଚିବା ପୂର୍ବରୁ ଆମେ ସବୁ ବନ୍ଦୋବସ୍ତ କରି ସାରିଥାଉ। କିଭଳି ଭଲ ଚିକିତ୍ସା ପାଇବେ ସେଥିପାଇଁ ଡାକ୍ତରଙ୍କ ଠାରୁ ଆରମ୍ଭ କରି ମେଡ଼ିକାଲ କର୍ମଚାରୀଙ୍କ ସହ କଥା ହୋଇ ସାରିଥିଲୁ। ଆହତ ଯୁବକଜଣଙ୍କୁ ଭେଟିଲା ବେଳେ ତାଙ୍କୁ ଏକ ହାଫ ପ୍ୟାଣ୍ଟ ଆଉ କିଛି ଟଙ୍କା ଦେଇଥିଲୁ। ମେଡ଼ିକାଲରେ କିଛି ଦିନ ଚିକିତ୍ସା ହେବା ପରେ ଯୁବକ ଜଣଙ୍କ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯାଇଥିଲେ। ଇତି ମଧ୍ୟରେ ତାଙ୍କ ସହ ନିୟମିତ ଯୋଗାଯୋଗ ରଖିଥିଲୁ। ଯେଉଁଦିନ ଡିସ୍‌ଚାର୍ଜ ହେଲେ ସେଦିନ ତାଙ୍କୁ ଭେଟିବା ବେଳେ ସେ କାନ୍ଦିକାନ୍ଦି ମୋତେ କୁଣ୍ଢାଇ ପକାଇଥିଲେ। ସମ୍ପର୍କର ଲୋକ ନହୋଇ ବି ଏଭଳି ସାହାଯ୍ୟକୁ କେବେ ଭୁଲି ପାରିବିନି ବୋଲି କହିଥିଲେ। ଅଧିକ କିଛି ନକହି ଉକ୍ତ ଯୁବକଜଣଙ୍କୁ ମୋର ଗୋଟିଏ ପଦ କଥା ଥିଲା ଯେ, କଟକରେ କିଛି ମିଳୁ କି ନମିଳୁ ସାରାଜୀବନ ଏଠାରେ ତୁମକୁ ଭାଇଚାରା ମିଳିବ।

**ରିପୋର୍ଟ–କୁମାରଶ୍ରୀ ସାହୁ**



କୁନା ତ୍ରିପାଠୀ

## ଖାଦ୍ୟରୁଚି

# ଚିକେନ୍ କାଲି ମିର୍ଚି

ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ରୁଚିକୁ ଦୃଷ୍ଟିରେ ରଖି ପୁରୀ ସହରର ପ୍ରାୟ ବଡ଼ ବଡ଼ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଅନେକ ଦେଶୀ, ବିଦେଶୀ ଖାଦ୍ୟର ମଜା ବି ନେଉଛନ୍ତି ଗ୍ରାହକ। ସି'ବିଚ୍ ରୋଡ୍‌ସ୍ଥିତ ପୁରୀ ହୋଟେଲରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ପରଷା ଯାଉଛି। ତେବେ ଏଠାରେ ଏକ ଚାହିଦାଯୁକ୍ତ ଡିଶ୍ ହେଉଛି ଚିକେନ୍ କାଲି ମିର୍ଚି। ଏହି ଇଣ୍ଡିଆନ୍ ଡିଶ୍‌ର ଗୋଟିଏ ପ୍ଲେଟ୍ ଦାମ୍ ରହିଛି ୨୮୦ ଟଙ୍କା। ଚିକେନ୍ କାଲି ମିର୍ଚିର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ଶେଫ୍ ରଶ୍ମିରଞ୍ଜନ ବିଶ୍ୱାଳ ଯାହା କୁହନ୍ତି...

### ଆବଶ୍ୟକ ସାମଗ୍ରୀ

ଚିକେନ୍: ୨୦୦ ଗ୍ରାମ୍
କଟା ପିଆଜ: ୫୦ ଗ୍ରାମ୍
ଅଦା ରସୁଣ ପେଷ୍ଟ: ୨୦ ଗ୍ରାମ୍
ଟମାଟୋ ସସ୍: ୫୦ ଗ୍ରାମ୍
କାଜୁବଟା: ୨୫ ଗ୍ରାମ୍
ରିଫାଇନ୍ ତେଲ: ୫୦ ଗ୍ରାମ
ଦହି: ୨୫ ଗ୍ରାମ୍
କ୍ଷୀର: ୫୦ ଗ୍ରାମ୍
ଗରମ ମସଲା: ୧୦ ଗ୍ରାମ୍
ଲଙ୍କାଗୁଣ୍ଡ: ୧୦ ଗ୍ରାମ୍
ହଳଦୀଗୁଣ୍ଡ: ୫ ଗ୍ରାମ୍
ଶୁଖିଲା ଲଙ୍କା: ୨ଟା
ମେଥିପତ୍ର: ୧୦ ଗ୍ରାମ୍
ଗୋଟା ଗୋଲମରିଚ: ୧୦ ଗ୍ରାମ୍
ଗୋଲମରିଚ ଗୁଣ୍ଡ: ୧୦ ଗ୍ରାମ୍
ଅମୁଲ କ୍ରିମ୍: ୧୦ ଗ୍ରାମ୍
ଚିକେନ ମସଲା: ୫ ଗ୍ରାମ୍
ଭୃସୁଙ୍ଗପତ୍ର: ୫ ଗ୍ରାମ୍
କଞ୍ଚାଲଙ୍କା: ୨ଟା
ଧନିଆପତ୍ର: ୫ ଗ୍ରାମ୍
ସ୍ୱାଦ ଅନୁସାରେ ଲୁଣ ଓ ଚିନି



### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଛୋଟ ଛୋଟ କରି କାଟି ଭଲଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା ରସୁଣ ପେଷ୍ଟ ଅଧା, ଲୁଣ ଓ ହଳଦୀ ମିଶାଇ କିଛି ସମୟ ଗୋଳାନ୍ତୁ। ନିଆଁରେ ପ୍ୟାନ୍ ବସାଇ ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ ଶୁଖିଲା ଲଙ୍କା, ଭୃସୁଙ୍ଗପତ୍ର ଓ କିଛି ସମୟ ପରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ସାମାନ୍ୟ ବ୍ରାଉନ କଲର୍ ହେବା ପରେ ସେଥିର ଗୋଟା ଗୋଲମରିଚ ଏବଂ ବଳକା ଅଦା ରସୁଣ ପେଷ୍ଟ ପକାନ୍ତୁ। ଏହା ଧୀରେ ଧୀରେ ବ୍ରାଉନ କଲର୍ ହୋଇଯିବ। ଏଥିରେ କାଜୁବଟା ପକାଇ କଷନ୍ତୁ। ପରେ ଟମାଟୋ ଜୁସ୍, ଲୁଣ, ହଳଦୀ, ଲଙ୍କାଗୁଣ୍ଡ, ମେଥିପତ୍ର, ଚିକେନ୍ ମସଲା, ଦହି ପକାଇ ଭଲ ଭାବେ ଗୋଳାନ୍ତୁ। କିଛି ସମୟ ପରେ ଗ୍ରେଭି ପ୍ରସ୍ତୁତ ହୋଇଯାଏ। ଅନ୍ୟ ଏକ ପ୍ୟାନ୍‌ରେ ତେଲ ପକାଇ ପୂର୍ବରୁ ଗୋଳାଇ ରଖିଥିବା ଚିକେନ୍ ଫ୍ରାଏ କରନ୍ତୁ। ଏପଟେ ଗ୍ରେଭିରେ କ୍ଷୀର ଦେବା ପରେ ଫ୍ରାଏ୍ ଚିକେନ୍ ପକାନ୍ତୁ। ୧୦ ମିନିଟ୍ ଫୁଟିବା ପରେ ସେଥିରେ ଗୋଲମରିଚ ଗୁଣ୍ଡ, ଗରମ ମସଲା ଓ ଅମୁଲ କ୍ରିମ୍ ଦେଇ ଓହ୍ଲାଇ ଦେବେ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ୍ କାଲି ମିର୍ଚି। ପ୍ଲେଟ୍‌ରେ କାଢି ଧନିଆପତ୍ର ଏବଂ କଞ୍ଚାଲଙ୍କା ଦେଇ ସଜାଇ ଗରମ ଗରମ ନାନ୍ ଏବଂ ରୁଟି ସହିତ ପରଷି ଦିଅନ୍ତୁ।



ଶେଫ୍ ରଶ୍ମିରଞ୍ଜନ ବିଶ୍ୱାଳ

**ରିପୋର୍ଟ: ହେମନ୍ତ ନାୟକ** **ଫଟୋ: ଅନିଲ ସାହୁ**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଜ୍ଞାନରଞ୍ଜନ



ପିଲୁ



କାର୍ତ୍ତିକ



ରାଜେଶ



ରତନ



ରୁଦ୍ର



ପଲ୍ଲିଶ୍ରୀ



ଉମାକାନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ।
www.dharitri.com/category/selfie/


ସଲମାନ

## ବଲିଉଡ୍ ହାଲଚାଲ

■ ସଲମାନ-ସୋନାକ୍ଷୀ ଅଭିନୀତ 'ଦବଙ୍ଗ-୩' ଚଳିତ ମାସ ୨୦ରେ ରିଲିଜ ହେବାକୁ ଯାଉଛି। ଫିଲ୍ମଟିର ପ୍ରଯୋଜନା ସଲମାନ ଖାନ୍, ଅରବାଜ ଖାନ୍ ଏବଂ ନିଖିଲ ଦ୍ୱିବେଦୀ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଭୁଦେବା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସାଜିଦ-ଅଜିଜ।

■ ଅକ୍ଷୟ କୁମାର ରାଜନୀତିରେ ପ୍ରବେଶ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନିର୍ମାଣାଧୀନ ହିନ୍ଦୀ ସିନେମା 'ଗୁଡ୍ ନ୍ୟୁଜ୍'ର ପ୍ରମୋ ଅବସରରେ ସେ ଏପରି କହିଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି କରୀନା କପୁର।

■ 'ପତି ପତ୍ନୀ ଔର ଓ'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅନନ୍ୟା ପାଣ୍ଡେ।

■ ରଣବୀର କପୁର ଏବଂ ଆଲିୟା ଭଟ୍ଟଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ଆସନ୍ତା ବର୍ଷ ଗ୍ରୀଷ୍ମ ଋତୁରେ ରିଲିଜ ହେବାର ଯୋଜନା ରହିଛି।

■ ଦୀପିକା ପାଦୁକୋନ୍ ଏବେ ହ୍ରିତିକଙ୍କ ପ୍ରଶଂସାରେ ଶତମୁଖ। ଯୁଆଡେ ଗଲେ ସେ ତାଙ୍କର ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି।

# ଓଡ଼ିଆ ସିନେମାର ଭବିଷ୍ୟତ

"ଓଡ଼ିଆ ଚଳଚ୍ଚିତ୍ର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେଲେ ତାହାର ବ୍ୟବସାୟିକ ସଫଳତା ପାଇଁ ପ୍ରତି ଜିଲାରେ ପ୍ରେକ୍ଷାଳୟର ଅଧିକ ଆବଶ୍ୟକତା ରହିଛି। ପ୍ରେକ୍ଷାଳୟ କମ୍ ସାଙ୍ଗକୁ ବ୍ୟୟବୃଦ୍ଧି ଚଳଚ୍ଚିତ୍ରକୁ ନେଇ ଓଡ଼ିଆ ଚଳଚ୍ଚିତ୍ର କେବେ ବି ସମୃଦ୍ଧି ହେବ ନାହିଁ। ସରକାରଙ୍କ ଶିଳ୍ପ ବିଭାଗ ଯଦି ସବୁ କ୍ଷେତ୍ରରେ ଗୁରୁତ୍ୱର ସହ ବିଚାରବିମର୍ଶ କରି ଆନୁଷ୍ଠାନିକ ପଦକ୍ଷେପ ନ ନେବ ତେବେ ଓଡ଼ିଆ ଚଳଚ୍ଚିତ୍ରର ବିକୃତ ନାମକରଣରେ ଅଣଓଡ଼ିଆ ଛାପା ଚଳଚ୍ଚିତ୍ରର ଶ୍ରୀବୃଦ୍ଧି ହେବ।"

ଓଡ଼ିଆ ଚଳଚ୍ଚିତ୍ର ଏବେ ବେଶ୍ ଚଳଚଞ୍ଚଳ। ଗୋଟିଏ ବର୍ଷରେ ୩୦ରୁ ଊର୍ଦ୍ଧ୍ୱ ସିନେମା ରିଲିଜ ହେଉଛି। ଅନେକ ନୂଆ ପ୍ରଯୋଜକ, କଳାକାର ନିଜ ଭାଗ୍ୟ ପରୀକ୍ଷା କରିବାକୁ ଆଗେଇ ଆସୁଛନ୍ତି- ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଓଡ଼ିଆ ଚଳଚ୍ଚିତ୍ରଟିଏ ଦେଖିବାକୁ ପୂର୍ବପରି ଦର୍ଶକ ଆଉ ଆଗ୍ରହ ପ୍ରକାଶ କରିବାକୁ ସତେଯେମିତି ଅନିଚ୍ଛୁକ। ଏହାର ଯଥେଷ୍ଟ ଉଦାହରଣ ମଧ୍ୟ ରହିଛି। ମୁକ୍ତିଲାଭ କରିବା ପରେ ଗୋଟିଏ ସିନେମା ପ୍ରେକ୍ଷାଳୟରେ ସପ୍ତାହେ ଚାଲିବା କଷ୍ଟକର ହୋଇପଡୁଛି, ଯାହା ଏବେ ଓଡ଼ିଆ ସିନେମାର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ଲଗାଇ ଦେଇଛି। ପ୍ରକୃତପକ୍ଷେ ଭଲ ଓଡ଼ିଆ ସିନେମା ଖୋଜିବା ବିରଳ ହୋଇଯାଇଛି। ଅଭିଜ୍ଞ ନିର୍ଦ୍ଦେଶକ ହାତବାନ୍ଧି ବସିଛନ୍ତି। ବର୍ତ୍ତମାନ ପିଢ଼ିର କତିପୟ ନିର୍ଦ୍ଦେଶକଙ୍କ ହାତରେ ଓଡ଼ିଆ ସିନେମାର ବାଗ୍‌ଡୋର ରହିଛି। ଅପରପକ୍ଷରେ ଓଡ଼ିଶାରେ ଏକମାତ୍ର କଳିଙ୍ଗ ଷ୍ଟୁଡ଼ିଓ ଏବେ ଅବ୍ୟବସ୍ଥା ଘେରରେ। ଏହାର ପୁନରୁଦ୍ଧାର ନେଇ ଉଦ୍ୟମ ହେବା ଆବଶ୍ୟକ। ପ୍ରଯୋଜକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜ୍ୟ ସରକାର ୨୦୦୪ ମସିହାରୁ ଓଡ଼ିଆ ଚଳଚ୍ଚିତ୍ରକୁ ଟିକସ ମୁକ୍ତ କରିଦେଇଛନ୍ତି। ହେଲେ ତା'ର ସୁଫଳ କିଏ ପାଉଛି, ସମୀକ୍ଷା ନାହିଁ। ପ୍ରଯୋଜକ-ବିତରକ ମଧ୍ୟରେ ସମନ୍ୱୟ ଅଭାବ ହେତୁ ଚଳଚ୍ଚିତ୍ର ଶିଳ୍ପରେ ବ୍ୟାପକ କ୍ଷତି ହେଉଛି।

ଓଡ଼ିଆ ଚଳଚ୍ଚିତ୍ର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେଲେ ତା' ବ୍ୟବସାୟିକ ସଫଳତା ପାଇଁ ପ୍ରତି ଜିଲାରେ ପ୍ରେକ୍ଷାଳୟର ଅଧିକ ଆବଶ୍ୟକତା ରହିଛି। ପ୍ରେକ୍ଷାଳୟ କମ୍ ସାଙ୍ଗକୁ ବ୍ୟୟବୃଦ୍ଧି ଚଳଚ୍ଚିତ୍ରକୁ ନେଇ ଓଡ଼ିଆ ଚଳଚ୍ଚିତ୍ର କେବେ ବି ସମୃଦ୍ଧ ହେବ ନାହିଁ। ସରକାରଙ୍କ ଶିଳ୍ପ ବିଭାଗ ଯଦି ସବୁ କ୍ଷେତ୍ରରେ ଗୁରୁତ୍ୱର ସହ ବିଚାରବିମର୍ଶ କରି ଆନୁଷ୍ଠାନିକ ପଦକ୍ଷେପ ନ ନେବ ତେବେ ଓଡ଼ିଆ ଚଳଚ୍ଚିତ୍ରର ବିକୃତ ନାମକରଣରେ ଅଣଓଡ଼ିଆ ଛାପା ଚଳଚ୍ଚିତ୍ରର ଶ୍ରୀବୃଦ୍ଧି ହେବ। ଓଡ଼ିଆ ଚଳଚ୍ଚିତ୍ରରେ ଆବଶ୍ୟକ ଜ୍ଞାନ ନ ଥିବା କିଛି ନିର୍ଦ୍ଦେଶକ ଚଳଚ୍ଚିତ୍ର ନିର୍ମାଣ ବେଳେ ପ୍ରଯୋଜକମାନଙ୍କୁ ନିର୍ଦ୍ଦିଷ୍ଟ ବଜେଟ୍ ମଧ୍ୟରେ ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ



କରିବାକୁ ପ୍ରତିଶ୍ରୁତି ଦେଇଥାଆନ୍ତି। ପରେ ସ୍ଥିରୀକୃତ ଅର୍ଥର ଅଯଥା ଅପବ୍ୟୟ ଯୋଗୁ ନିର୍ମାଣାଧୀନ ଚଳଚ୍ଚିତ୍ରଟି ପଙ୍ଗୁ ହୋଇ କୋଲ୍ଡ ରୁମ୍‌ରେ ପଡିରହେ। ଏହି ଅଯଥା ଖର୍ଚ୍ଚ କାହା ଦ୍ୱାରା ହେଉଛି ତାହା ଜଳଜଳ କରି ଦେଖାଯାଉଥିଲେ ମଧ୍ୟ ପ୍ରଯୋଜକ ନାଚାର।

ଏଭଳି ଢାଞ୍ଚାରେ ଯେତେ ଶୀଘ୍ର ପୂର୍ଣ୍ଣଚ୍ଛେଦ ପଡ଼ିବ ତାହା ଓଡ଼ିଆ ଚଳଚ୍ଚିତ୍ର ପାଇଁ ମଙ୍ଗଳ ହେବ। ଆମ ରାଜ୍ୟରେ ଯେତିକି ପ୍ରେକ୍ଷାଳୟ ରହିଛି ଯଦି ଏକ ସୁନ୍ଦର ଓଡ଼ିଆ ଚଳଚ୍ଚିତ୍ରଟିଏ ନିର୍ମାଣ କରାଯାଏ ତେବେ ଦର୍ଶକ ନିଶ୍ଚୟ ତାହାକୁ ଦେଖିବାକୁ ଆଗ୍ରହ ପ୍ରକାଶ କରିବେ। ହେଲେ ଚଳଚ୍ଚିତ୍ରଟିଏ ଅଳ୍ପ ଖର୍ଚ୍ଚରେ ନିର୍ମାଣ କରାଇ ଦେବୁ ବୋଲି କୁହୁକ ମାୟା ଦେଖାଉଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଏବେ ଆମ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିରେ କମ୍ ନାହିଁ। ମାଲଦାର ପ୍ରଯୋଜଟିଏ ଯୋଗାଡ କରି ଅର୍ଥ ହରିଲୁଟ କରିବା ସେମାନଙ୍କର ଏକ ପେସା ହୋଇଗଲାଣି। ତେଣୁ ବେଳ ଥାଉ ଚିହ୍ନି ରଖ ଭ୍ରାତାଙ୍କ ବଦନ ପରି ସେମାନଙ୍କଠାରୁ ପ୍ରଯୋଜକମାନେ ନିଜକୁ ଦୂରେଇ ରଖିବା ଆବଶ୍ୟକ। ପ୍ରଯୋଜକ ବଞ୍ଚିଲେ ଚଳଚ୍ଚିତ୍ର ଶିଳ୍ପ ବଞ୍ଚିବ। ପ୍ରଯୋଜକ ମାରଣନୀତିରୁ ନିବୃତ୍ତ ନ ରହିଲେ ଓଡ଼ିଆ ଚଳଚ୍ଚିତ୍ର ଅଡୁଆ ଆଡ଼କୁ ଯିବ।

**-ଦିଲୀପ ହାଲି**
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୧

# 'ପାଟଣାଗଡ଼'କୁ ଅନ୍ତର୍ଜାତୀୟ ପୁରସ୍କାର


ଶ୍ରୀଧର

ସତ୍ୟ ଘଟଣାକୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ପାଟଣାଗଡ଼' ନିକଟରେ ମୁମ୍ବାଇର ଲୋନାଭୋଲାଠାରେ ସମାପିତ 'ଏଲଆଇଏଫଏଫଟି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ-୨୦୧୯'ରେ ଇସ୍ମାଇଲ ମର୍ଚ୍ଚାଣ୍ଟ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଏହି ପ୍ରତିଯୋଗିତାରେ ୪୦ଟି ଦେଶର ୨୫୦ଟି ଚଳଚ୍ଚିତ୍ର ଅଂଶଗ୍ରହଣ କରିଥିଲା। ଶେଷରେ 'ପାଟଣଗଡ'କୁ ଶ୍ରେଷ୍ଠ ପ୍ରଯୋଜକ (ଶ୍ରୀଧର ମାର୍ଥା) ଏବଂ ଶ୍ରେଷ୍ଠ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ ପୁରସ୍କାର (ଜର୍ଜ ଜୋସେଫ) ମିଳିଛି। ପୁରସ୍କାର ଗ୍ରହଣ ପରେ ଶ୍ରୀଧର କହନ୍ତି, 'ଏହି ଫିଲ୍ମଟି ଥିଲା ମୋର ଏକ ଡ୍ରିମ ପ୍ରୋଜେକ୍ଟ। ଏଥିପାଇଁ ଯେତେବେଳେ ମୁଁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କଲି ସେତେବେଳେ ମୋ ମନକୁ ଆସିଥିଲା ଯେ, ଏହି ସିନେମା କେବଳ ଜାତୀୟ ସ୍ତରରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରଶଂସିତ ହେବ। ତାହା ଆଜି ସତରେ ପରିଣତ ହୋଇଛି। ଏଥିପାଇଁ ଏହାର ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭର ଏବଂ ଅଭିନୟ କରିଥିବା ସମସ୍ତ କଳାକାର, ଟେକ୍ନିସିଆନ ଏବଂ ଏହି ଫିଲ୍ମ ସହ ସଂପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଜଣାଉଛି। କେବଳ ସେତିକି ନୁହେଁ, ଭବିଷ୍ୟତରେ ଏପରି କାହାଣୀକୁ ନେଇ ସିନେମା ନିର୍ମାଣ ଉଦ୍ୟମ ଜାରି ରଖିବି।' ରେଞ୍ଜ ରୟାଲ ସିନେ ଲ୍ୟାବ ବ୍ୟାନରେ ପ୍ରସ୍ତୁତ 'ପଟଣାଗଡ'ରେ ମନୋଜ ମିଶ୍ର, ଅତୁଲ କୁଲକର୍ନି, ପୁଷ୍ପା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

# ଦିଶାଙ୍କ ହ୍ୟାଟ୍ରିକ



ଦିଶା ପଟାନିଙ୍କ ତିନୋଟି ଫିଲ୍ମ ଆସନ୍ତା ବର୍ଷ ରିଲିଜ୍ ହେବାର ଯୋଜନା ରହିଛି। ଖାସ୍ କଥା ହେଲା ପ୍ରଥମ ଥର ପାଇଁ ସେ ସଲମାନଙ୍କ ଅପୋଜିଟ୍‌ରେ ଅଭିନୟ କରିବେ। ଫିଲ୍ମଟିର ଟାଇଟଲ ରହିଛି 'ରାଧେ', ଯାହାର ଶୁଟିଂ ଆସନ୍ତାବର୍ଷ ଜାନୁୟାରୀରୁ ଆରମ୍ଭ ହେବ। ତା'ପରେ ଆସନ୍ତାବର୍ଷ ଏପ୍ରିଲରେ ଏକତା କପୁରଙ୍କ ପ୍ରଯୋଜିତ 'କିତ୍‌ନା'ର ଶୁଟିଂ ଆରମ୍ଭ ହବ। 'ରାଧେ' ଇଦ୍ ଅବସରରେ ମୁକ୍ତିଲାଭ କରିବ ଏବଂ 'କିତ୍‌ନା' ବର୍ଷର ଶେଷ ଭାଗରେ ପରଦା ଉପରକୁ ଆସିବ। ଅନ୍ୟପକ୍ଷରେ ଆଦିତ୍ୟ ରାୟ କପୁର-ଦିଶାଙ୍କୁ ନେଇ ନିର୍ମିତ 'ମଲଙ୍ଗ' ଆସନ୍ତାବର୍ଷ ଫେବୃୟାରୀରେ ରିଲିଜ ହେବ। ତେଣୁ ଆସନ୍ତାବର୍ଷ ଦିଶା ବଲିଉଡ୍‌ରେ ହ୍ୟାଟ୍ରିକ ମାରିବାକୁ ଯାଉଛନ୍ତି। ଏହାବ୍ୟତୀତ ତାଙ୍କ ହାତରେ ଏବେ ୩-୪ଟି ବଲିଉଡ୍ ଅଫର ମଧ୍ୟ ରହିଛି।

## ସ୍ମୃତି @ ୭୦


ରଜନୀ ରଞ୍ଜନ

ଡ. ରଜନୀ ରଞ୍ଜନ। ପେସା ଅଧ୍ୟାପନା, ହେଲେ ନିଶା ସଂଳାପ ରଚନା। ଓଲିଉଡ୍‌ର ଜଣେ ଆଗଧାଡ଼ିର ସଂଳାପକାର ଭାବରେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଚଳିତ ମାସ ୨୨ରେ ସେ ୭୦ବର୍ଷ ବୟସରେ ପ୍ରଦାର୍ପଣ କରୁଛନ୍ତି। ୧୯୯୩ରେ ତାଙ୍କର ଓଡ଼ିଆ ସିନେମାରେ ସଂଳାପ ରଚନା ଆରମ୍ଭ ହୋଇଥିଲା ଆଉ ଚଳଚ୍ଚିତ୍ରଟି ଥିଲା 'ମୋ ଭାଇ ଜଗା'। ଯା ଭିତରେ ସେ ୭୧ଟି ଚଳଚ୍ଚିତ୍ରର ସଂଳାପ ରଚନା କରି ନିଜ କ୍ୟାରିୟରରେ ଆଉ ଏକ ସ୍ମରଣୀୟ ଫର୍ଦ୍ଦ ଯୋଡିଛନ୍ତି। ଓଡ଼ିଆ ସିନେମାରେ ଦୀର୍ଘ ୨୬ ବର୍ଷ ଧରି ସେ ନିଜକୁ ଜଡ଼ିତ ରଖିଛନ୍ତି। କେବଳ ସେତିକି ନୁହେଁ ବେଶ୍ କେତୋଟି ସିନେମାର ସଂଳାପ ତାଙ୍କୁ ଚର୍ଚ୍ଚିତ ମଧ୍ୟ କରାଇଛି। ଏ ସମ୍ପର୍କରେ ବର୍ତ୍ତମାନ ଏକ କଲେଜର ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିବା ରଜନୀ କହନ୍ତି, 'ମୋର ପ୍ରତିଟି ସିନେମାର ସଂଳାପରେ ମୁଁ ଏକ୍ସପେରିମେଣ୍ଟ କରିଥାଏ। 'ପିଲାଟା ବିଗିଡ଼ି ଗଲା', ଜୟ ଜଗନ୍ନାଥ', 'ଲୋଫର', 'ସଞ୍ଜୁ ଆଉ ସଞ୍ଜନା', 'ପହିଲି ରଜ', 'ଗୁଡବୟ', 'ପ୍ରେମ ରୋଗୀ'କୁ ଉଦାହରଣ ଭାବରେ ନେଇପାରନ୍ତି। ଏ ସବୁର ସଂଳାପ କେତେ ପ୍ରଭାବଶାଳୀ ତାହା ପ୍ରମାଣିତ ହୋଇସାରିଛି। କେବଳ ସଂଳାପ ନୁହେଁ, ଗୀତ ରଚନା ମୋର ଆଉ ଏକ ଅଭ୍ୟାସ। ମୋଟ ଉପରେ କହିବାକୁ ଗଲେ ଗୀତ ମୋ ପ୍ରେମିକା ଆଉ ସଂଳାପ ମୋ ସ୍ତ୍ରୀ। ମୋର ମନେ ପଡୁଛି ସବ୍ୟସାଚୀ ମହାପାତ୍ରଙ୍କ 'ବୋଉ' ସିନେମାର ଟାଇଟଲ ଗୀତ 'ମମତା ନଈରେ ସୁନା ବୋଇତ, ଆକାଶଠୁ ବଡ ଯା'ର ପଣତ' ରଚନା କରିବା ସମୟର କଥା। ଗୀତଟି ରଚନା କରିବା ବେଳେ କେମିତି ଆରମ୍ଭ କରିବି ଜାଣିପାରି ନ ଥିଲି। ସେହିଦିନ ରାତିରେ ଶୋଇଥିବା ବେଳେ ମୋ ବୋଉ ସ୍ୱପ୍ନରେ ଆସି ମୋ ମୁଣ୍ଡ ଆଉଁଶି ଆଶୀର୍ବାଦ କରିଥିଲା। ଆଉ ତା'ପରଦିନ ମୁଁ ଗୀତଟିକୁ ଲେଖିବାରେ ସଫଳ ହୋଇଥିଲି। ନିକଟରେ ମୁଁ ଚାକିରିରୁ ଅବସର ନେବା ପରେ ଓଡ଼ିଆ ସିନେମା ସହ ଆହୁରି ନିଜକୁ ଜଡିତ ରଖିବି।' ରଜନୀଙ୍କ ସଂଳାପକୁ ଆଧାର କରି ଏବେ ୬ଟି ସିନେମା-'ଶହୀଦ ରଘୁ ସର୍ଦ୍ଦାର', 'ତୁ ମୋ ଡାର୍ଲିଂ', 'ତୁ ମୋର ନିହାତି ଦରକାର', 'ଲୈଲା ମଜନୁ', 'ଟିକେ ଲଭ୍ ଟିକେ ଟ୍ୱିଷ୍ଟ' ଏବଂ 'ତୁ ମୋ ଧଡକନ୍' ରିଲିଜ ଅପେକ୍ଷାରେ ରହିଛି।

## ନୂଆ ସିନେମା

### ଇନ୍ଦ୍ରଜାଲ


ସମ୍ବିତ

ପ୍ରଯୋଜକ ରମେଶ ବାରିକ ଆଉ ଏକ ସିନେମାର ପ୍ରଯୋଜନା କରିବାକୁ ଯାଉଛନ୍ତି। ଉକ୍ତ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଇନ୍ଦ୍ରଜାଲ'। ଆର୍.ଆର୍, ଇଭେଣ୍ଟସ ବ୍ୟାନରରେ ଚିତ୍ରଟିର ମେଲ୍ ଲିଡ୍‌ରେ ଅଛନ୍ତି ସମ୍ବିତ ଆଚାର୍ଯ୍ୟ ଏବଂ ତାଙ୍କର ନାୟିକା ସାଜିଛନ୍ତି ଦେବଜାନୀ। ପିନୁ ନାୟକ ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଏକ ରହସ୍ୟମୟ ଘଟଣା ଉପରେ କାହାଣୀ ଆଧାରିତ। ଫିଲ୍ମ ସମ୍ପର୍କରେ ଅନ୍ୟତମ ଆଗଧାଡ଼ିର ତଥା ସଫଳ ପ୍ରଯୋଜକ ରମେଶ କହନ୍ତି, 'ଏହାର କାହାଣୀରେ ସସପେନ୍ସ ଏବଂ ଥ୍ରୀଲର ରହିଛି। ମୋର ପ୍ରତିଟି ସିନେମାରେ ଦର୍ଶକଙ୍କୁ ଡିଫରେଣ୍ଟ ଚାର୍ମ ଦେବାକୁ ଚେଷ୍ଟା କରିଥାଏ। ଏହି ଫିଲ୍ମର କାହାଣୀରେ କ'ଣ ସ୍ପେଶାଲ ରହିଛି ତାହା ରିଲିଜ ହେଲେ ହିଁ ଜାଣିପାରିବେ।'

### ଚାଲିଛି ନାୟିକା ଖୋଜା


ପପୁ

ପ୍ରତିମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ନୂଆ ସିନେମା 'ଗାଁର ନାଁ ଗାଲୁଆପୁର'। କମେଡିଭିତ୍ତିକ କାହାଣୀକୁ ଆଧାର କରି ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଫିଲ୍ମର ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ବରିଷ୍ଠ ନିର୍ଦ୍ଦେଶକ ଜିତେନ୍ଦ୍ର ମହାପାତ୍ର। ବେଶ୍ କିଛିବର୍ଷର ଗ୍ୟାପ୍ ପରେ ଏହି ଫିଲ୍ମର ସ୍ୱର ସଂଯୋଜନା କରୁଛନ୍ତି ପୁଚୁକି ଗାଲି ଫେମ୍ ଅମରେନ୍ଦ୍ର ମହାନ୍ତି। ଖାସ୍ କଥା ହେଲା, ଚିତ୍ରଟିର ମେଲ୍ ଲିଡ୍‌ରେ ଅଭିନୟ କରିବେ ପପୁ ପମପମ। ହେଲେ ତାଙ୍କ ଅପୋଜିଟ୍‌ରେ ନାୟିକା କିଏ ସାଜିବେ ସେ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ନାୟିକା ମିଶନ ଆରମ୍ଭ କରାଯାଇଛି। ତେବେ ଫିଲ୍ମର ନାୟିକା ଏବଂ ଅନ୍ୟାନ୍ୟ ଭୂମିକାରେ କିଏ ଅଭିନୟ କରିବ ତାହା ଖୁବ୍ ଶୀଘ୍ର ଜଣାଇ ଦିଆଯିବ ବୋଲି ଏହାର ପ୍ରଯୋଜକ ସଂପ୍ରୀତ ଶତପଥୀ ସୂଚନା ଦେଇଛନ୍ତି।

## ଅପେରା ହାଲଚାଲ

### ଲମ୍ବା ରେସ୍‌ର ଘୋଡ଼ା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଦେଖୁନାହାନ୍ତି, ଜଲିଉଡ୍‌ରେ ପାଦ ଦେଉ ଦେଉ ସେ କେମିତି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ପୁଣି ଆରମ୍ଭରୁ ତାଙ୍କୁ ମିଳିଛି ନେଗେଟିଭ ଭୂମିକା। କେବଳ ସେତିକି ନୁହେଁ, ନିଜର ଡେବ୍ୟୁ ରୋଲ୍‌କୁ ସେ ଏମିତି ତୁଲାଇଛନ୍ତି ଯେ ତାହାକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ଓଡ଼ିଆ ଅପେରା ଜଗତର ଏହି ଲମ୍ବା ରେସ୍‌ର ଘୋଡା ହେଲେ ସନ୍ଦୀପ କୁମାର ଦାସ। ଚଳିତ ଯାତ୍ରା ସିଜନ୍‌ରେ ତାଙ୍କୁ ବାଘାଯତୀନ ଲୋକନାଟ୍ୟରେ ଦେଖିବାକୁ ମିଳିଛି। ନିଜ କ୍ୟାରିୟର ସମ୍ପର୍କରେ ବାଲେଶ୍ୱର ଜିଲା ଖନ୍ତାପଡ଼ା ଅନ୍ତର୍ଗତ ପଦାଗାଁ ଗ୍ରାମରେ ଜନ୍ମିତ (ମା- ଗୀତାଞ୍ଜଳି ଦାସ, ବାପା- କ୍ଷିତୀଶ କୁମାର ଦାସ) ତଥା ଏମବିଏ ଡିଗ୍ରୀ ହାସଲ କରିଥିବା ସନ୍ଦୀପ କହନ୍ତି, 'ବାଘାଯତୀନ ଲୋକନାଟ୍ୟ ଦ୍ୱାରା ଏବେ ପରିବେଷିତ ହେଉଥିବା ନାଟକ 'ସୀତାର ଜଳୁଛି ଚିତା'ର ମୃଗେଶ ମାନସିଂ ଚରିତ୍ରରେ ମୁଁ ଅଭିନୟ କରୁଛି। ରୋଲ୍‌ଟି ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି, ଯାହାର ମୂଲ୍ୟ ଏବେ ମୋତେ ମିଳିଛି। ଟିଟନ ସାର୍‌ଙ୍କ ଆକ୍ଟିଂ ଇନଷ୍ଟିଚ୍ୟୁଟ୍ 'ତପସ୍ୟା'ରୁ ପାସ୍ କରିବା ପରେ ମୋତେ ସିଧାସଳଖ ଏହି ସୁଯୋଗ ମିଳିଛି। ଏଥିପାଇଁ ଟିଟନ ସାର୍, ମହେଶ ସାର୍, ନିର୍ଦ୍ଦେଶକ ଆଶୁତୋଷ ସାର୍ (ମହାପାତ୍ର) ଏବଂ ଗୁରୁ ପ୍ରଣୟ ସାହୁଙ୍କ ପ୍ରେରଣାକୁ ମୁଁ କଦାପି ଭୁଲି ପାରିବି ନାହିଁ।"


ସନ୍ଦୀପ

## ସଂକ୍ଷେପରେ

### ନାଲ୍‌କୋ ପୁରସ୍କାର ଲାଗି ଆବେଦନ ପତ୍ର ଆହ୍ୱାନ

ଭୁବନେଶ୍ୱର,୧୮-୧୨: ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ) ପକ୍ଷରୁ ଜାନୁୟାରୀ ୨୦୨୦ରେ ଅନୁଷ୍ଠିତ ହେବାକୁ ଥିବା ଏହାର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯିବ। ଏଥି ଲାଗି କମ୍ପାନୀ ପକ୍ଷରୁ ଆବେଦନପତ୍ର ଆହ୍ୱାନ କରାଯାଉଛି। ଦିବ୍ୟାଙ୍ଗ ଏବଂ ଶିଶୁମାନଙ୍କର ହିତସାଧନ ଦିଗରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଙ୍କ ପାଇଁ ନାଲ୍‌କୋ ସ୍ମାଇଲ ପୁରସ୍କାର, ସଂସ୍କୃତ ଭାଷା ଓ ଶିକ୍ଷାର ପ୍ରସାର ଲାଗି କାର୍ଯ୍ୟ କରୁଥିବା ସଂସ୍କୃତ ବିଶାରଦଙ୍କୁ ନାଲ୍‌କୋ କାଳିଦାସ ପୁରସ୍କାରରେ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସ୍ୱୀକୃତି ପ୍ରଦାନ, ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ଉଦ୍ଦେଶ୍ୟରେ ଓଡିଶୀ ନୃତ୍ୟଶିଳ୍ପୀ ଓ ଗୁରୁଙ୍କ ଲାଗି ନାଲକୋ ଖାରବେଳ ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାରଗୁଡିକ ଲାଗି ଆବେଦନର ଶେଷ ତାରିଖ ଚଳିତ ମାସ ୩୧ ରହିଛି।

### ଏକ ଭାରତ ଶ୍ରେଷ୍ଠ ଭାରତ: ଯୁବବର୍ଗଙ୍କୁ ରେଲୱେର ରିହାତି

ଭୁବନେଶ୍ୱର,୧୮-୧୨: ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ଯୁବବର୍ଗଙ୍କ ପାଇଁ ରେଲୱେ ପକ୍ଷରୁ ରିହାତି ଘୋଷଣା କରାଯାଇଛି। ଏହି ସମୟରେ ରେଲୱେ ଯୁବତୀ ଯୁବକଙ୍କୁ ଯାତ୍ରୀ ଭଡା କ୍ଷେତ୍ରରେ ୫୦% ରିହାତି ପ୍ରଦାନ କରିବ। ଏହି ରିହାତି କେବଳ ଦ୍ୱିତୀୟ ଶ୍ରେଣୀ ଏବଂ ସ୍ଲିପର ଶ୍ରେଣୀ ସିଟ୍ ପାଇଁ ମୂଳ ଭଡା ଉପରେ ଲାଗୁ ହେବ। ଯେଉଁ ମାନଙ୍କର ମାସିକ ବେତନ ୫ ହଜାର ଟଙ୍କାରୁ କମ୍ ହୋଇଥିବା ସେମାନେ ଏହି ରିହାତି ପାଇ ପାରିବେ ବୋଲି ରେଲୱେ ପକ୍ଷରୁ କୁହାଯାଇଛି।

> ଗୋଲ୍ଡ ମନିଟାଇଜେଶନ ସ୍କିମର ଉନ୍ନତୀକରଣ ଲାଗି ଉଦ୍ୟୋଗଜଗତ ବିଶେଷଜ୍ଞଙ୍କଠାରୁ ମତାମତ ଲୋଡାଯାଉଛି।
> – ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ



> ୧୫୦୦ ଦୈନିକ ଫ୍ଲାଇଟ ପରିଚାଳନା କରିବାରେ ପ୍ରଥମ ଭାରତୀୟ କମ୍ପାନୀ ହୋଇପାରିଥିବାରୁ ଅତ୍ୟନ୍ତ ଖୁସି।
> – ରଣଜୟ ଦତ୍ତ, ଇଣ୍ଡିଗୋ ସିଇଓ



**ଟାଟା-ମିସ୍ତ୍ରି ବିବାଦରେ ନୂଆ ମୋଡ଼**

# ମିସ୍ତ୍ରିଙ୍କ ସପକ୍ଷରେ ଏନ୍‌ସିଏଲ୍‌ଏଟି ରାୟ

- ପୁଣି ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେବେ
- ଅଧ୍ୟକ୍ଷ ପଦବୀରୁ ହଟାଇବା ଭୁଲ୍ ଥିଲା
- ଚନ୍ଦ୍ରଶେକରନଙ୍କ ନିଯୁକ୍ତି ବେଆଇନ
- ଆବେଦନ ଲାଗି ଟାଟାସନ୍ସକୁ ୪ ସପ୍ତାହ ସମୟ



ନୂଆଦିଲ୍ଲୀ,୧୮-୧୨

ଟାଟା ସନ୍ସ ଅଧ୍ୟକ୍ଷ ପଦବୀରୁ ସାଇରସ ମିସ୍ତ୍ରିଙ୍କୁ ହଟାଇବା ଭୁଲ ଥିଲା ବୋଲି ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ (ଏନସିଏଲ୍‌ଏଟି) ନିଷ୍ପତ୍ତି ଶୁଣାଇଛନ୍ତି। ବୁଧବାର ଏନ୍‌ସିଏଲ୍‌ଏଟି ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଶୁଣାଇବା ସହ ତାଙ୍କୁ ପୁଣି ଥରେ ଟାଟା ସନ୍ସ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲରେ ମାମଲା ହାରିବା ପରେ ମିସ୍ତ୍ରି ଏନ୍‌ସିଏଲ୍‌ଏଟିର ଦ୍ୱାରସ୍ଥ ହୋଇଥିଲେ। ସେହିଭଳି ଟାଟା ସନ୍ସ ଅଧ୍ୟକ୍ଷ ପଦବୀରେ ଏନ୍.ଚନ୍ଦ୍ରଶେକରନଙ୍କ ନିଯୁକ୍ତିକୁ ଆପିଲେଟ ଟ୍ରିବ୍ୟୁନାଲ ବେଆଇନ ବୋଲି କହିଛନ୍ତି। ଏହି ନିଷ୍ପତ୍ତିକୁ ଟାଟା ସନ୍ସ ୪ ସପ୍ତାହ ମଧ୍ୟରେ ଆବେଦନ କରିପାରିବ ବୋଲି ଏନ୍‌ସିଏଲ୍‌ଏଟି କହିଛନ୍ତି। ଏହି ମାମଲାର ବିଭିନ୍ନ ଆଇନଗତ ଦିଗକୁ ତର୍ଜମା କରିବା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଟାଟାସନ୍ସ ଏହାର ପ୍ରତିକ୍ରିୟାରେ କହିଛି।

ସାଇରସ ମିସ୍ତ୍ରି ସାପୋରଜି ପାଲୋଞ୍ଜୀ ପାଲୋଜ ପରିବାର ହୋଇଥିବାବେଳେ ତାଙ୍କୁ ଟାଟା ଅଧ୍ୟକ୍ଷ ପଦବୀରୁ ଅକ୍ଟୋବର ୨୦୧୬ରେ ହଟାଯାଇଥିଲା। ଏହା ପରେ ଏନ୍. ଚନ୍ଦ୍ରଶେକରନ ୨୦୧୭ ଜାନୁୟାରୀରେ ଟାଟାସନ୍ସର ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହୋଇଥିଲେ। ରତନ ଟାଟାଙ୍କ ପରେ ଟାଟା ସନ୍ସର ୬ଡମ ଅଧ୍ୟକ୍ଷ ଭାବେ ମିସ୍ତ୍ରି ୨୦୧୨ରେ ଅବସ୍ଥାପିତ ହୋଇଥିଲେ। ଅଧ୍ୟକ୍ଷ ପଦବୀରୁ ତାଙ୍କୁ ପ୍ରଥମେ ହଟାଯିବା ପରେ ଟାଟା ସନ୍ସ ବୋର୍ଡରୁ ମଧ୍ୟ ବାଦ ଦିଆଯାଇଥିଲା। ଟାଟା ସନ୍ସରେ ପ୍ରମୁଖ ନିବେଶ ନିଷ୍ପତ୍ତି, ବିଶ୍ୱର ଶସ୍ତା କାର ନାନୋର ମାନୁଫାକଚରିଂ ନେଇ ପୂର୍ବତନ ସେବା ନିବୃତ୍ତ ଅଧ୍ୟକ୍ଷ ରତନ ଟାଟାଙ୍କ ସହ ସାଇରଙ୍କ ମତାନ୍ତର ରହିଥିଲା। ଯାହା ବିବାଦର ପ୍ରମୁଖ କାରଣ ବୋଲି କୁହାଯାଏ।

> ଏନ୍‌ସିଏଲ୍‌ଏଟିଙ୍କ ରାୟ ଆସିବା ପରେ ସାଇରସ ମିସ୍ତ୍ରି ପ୍ରତିକ୍ରିୟା ରଖିଛନ୍ତି। ଏହି ରାୟ ବ୍ୟକ୍ତିଗତ ନୁହେଁ ବର ଗୁଡ୍ ଗଭର୍ନାସର ଜୟ ବୋଲି ସେ ମତ ରଖିଛନ୍ତି।
> -ସାଇରସ୍ ମିସ୍ତ୍ରି

ଟାଟା ସନ୍ସରେ ମିସ୍ତ୍ରିଙ୍କ ପରିବାରର ୧୮.୪% ଅଂଶଧନ ରହିଛି। ତାଙ୍କୁ ଅଧ୍ୟକ୍ଷ ପଦବୀରୁ ବିଦା କରିବା ପରେ ତାଙ୍କ ପରିବାର ଏନ୍‌ସିଏଲ୍‌ଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ମିସ୍ତ୍ରିଙ୍କ ପରିବାରର ଅଭିଯୋଗ ରହିଥିଲା ଯେ, ସାଇରସଙ୍କୁ ହଟାଇବା ବେଆଇନ ଥିଲା। ଏହା କମ୍ପାନୀ ଆଇନର ଉଲ୍ଲଂଘନ କରୁଥିଲା। ଟାଟା ସନ୍ସ ପରିଚାଳନା ବୋର୍ଡର ବେଆଇନ କାର୍ଯ୍ୟ ଏବଂ ରତନ ଟାଟାଙ୍କ ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ ରହୁଥିଲା ବୋଲି ସାଇରସଙ୍କ ପରିବାର ଅଭିଯୋଗରେ କହିଥିଲେ। ୨୦୧୮ରେ ଏହି ଅଭିଯୋଗକୁ ଏନ୍‌ସିଏଲ୍‌ଟି ଖାରଜ କରିବା ପରେ ମିସ୍ତ୍ରି ଏନ୍‌ସିଏଲ୍‌ଏଟିରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ୯ ଜୁଲାଇ ୨୦୧୮ରେ ଏହି ମାମଲାରେ ଶୁଣାଣି ବେଳେ ଏନ୍‌ସିଏଲ୍‌ଟି କହିଥିଲେ ଯେ, ସାଇରସ ମିସ୍ତ୍ରିଙ୍କୁ ହଟାଇବା ଲାଗି ବୋର୍ଡର କ୍ଷମତା ରହିଛି। ଅଂଶୀଦାରଙ୍କ ଭରସା ତାଙ୍କ ଉପରେ ନ ରହିବା ଯୋଗୁ ବୋର୍ଡରୁ ହାଟାଯାଇଥିଲା ବୋଲି ଶୁଣାଣି ବେଳେ କୁହାଯାଇଥିଲା।

### ଶେୟାର କାରବାର ୪% ହ୍ରାସ

ଏନ୍‌ସିଏଲ୍‌ଏଟିଙ୍କ ନିଷ୍ପତ୍ତି ପରେ ଟାଟା ଗ୍ରୁପ୍ ଶେୟାର କାରବାର ଉପରେ ପ୍ରଭାବ ପଡିଛି। ବୁଧବାର ଗ୍ରୁପର ଶେୟାର କାରବାର ୪% ଖସିଥିବା ଜଣାପଡିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଟାଟା ମୋଟର୍ସର ବୁଧବାର କାରବାର ୩.୦୫% ଖସିବା ଦ୍ୱାରା ୧୭୪.୭୦ ସ୍ତରରେ ବନ୍ଦ ହୋଇଥିଲା। ଟାଟା ଗ୍ଲୋବାଲ ବେଭରେଜ କାରବାର ୪.୧୪% ଖସିବା ଯୋଗୁ ୩୧୧.୮୦ ସ୍ତରରେ ବନ୍ଦ ହୋଇଛି। ସେହିଭଳି ଟାଟା ପାୱାର କାରବାର ୦.୯୮% ନିମ୍ନରେ ରହିବା ଯୋଗୁ ୫୫.୫୦ ସ୍ତରରେ ବନ୍ଦ ହୋଇଥିବା ଦେଖାଯାଇଛି।

### ବିବାଦ ଘଟଣା କ୍ରମ...

- ୨୪ ଅକ୍ଟୋବର ୨୦୧୬: ସାଇରସ ମିସ୍ତ୍ରିଙ୍କୁ ଟାଟା ସନ୍ସ ଅଧ୍ୟକ୍ଷ ପଦରୁ ହଟାଗଲା, ରତନ ଟାଟା ଅନ୍ତରୀଣ ଅଧ୍ୟକ୍ଷ ନିଯୁକ୍ତ
- ୨୫ ଅକ୍ଟୋବର ୨୦୧୬: ଟାଟା ସନ୍ସ ବୋର୍ଡକୁ ଲିଖିତ ମିସ୍ତ୍ରିଙ୍କ ଚିଠି ; ଟାଟା ଟ୍ରଷ୍ଟ ପରିଚାଳନାରେ ହସ୍ତକ୍ଷେପର ଆରୋପ
- ୧୯ ଡିସେମ୍ବର ୨୦୧୬: ମିସ୍ତ୍ରି ଟାଟା ଗ୍ରୁପର ସବୁ କମ୍ପାନୀର ନିର୍ଦ୍ଦେଶକ ପଦବୀରୁ ଇସ୍ତଫା ଦେଲେ
- ୨୦ ଡିସେମ୍ବର ୨୦୧୬: ଏନ୍‌ସିଏଲ୍‌ଟିର ଦ୍ୱାରସ୍ଥ ହେଲେ ସାଇରସ, ଟାଟା ସନ୍ସରେ ବେଆଇନ କାର୍ଯ୍ୟକଳାପ ନେଇ ଅଭିଯୋଗ
- ୧୨ ଜାନୁୟାରୀ ୨୦୧୭: ଏନ୍ ଚନ୍ଦ୍ରଶେକରନ ଟାଟା ସନ୍ସ ଅଧ୍ୟକ୍ଷ
- ୬ ଫେବୃୟାରୀ ୨୦୧୭: ମିସ୍ତ୍ରିଙ୍କୁ ଟାଟା ସନ୍ସର ବୋର୍ଡ ନିର୍ଦ୍ଦେଶକ ପଦବୀରୁ ହଟାଗଲା
- ୨୧ ସେପ୍ଟେମ୍ବର ୨୦୧୭: ଟାଟା ସନ୍ସକୁ ଘରୋଇ କମ୍ପାନୀ ଭାବେ ପରିବର୍ତ୍ତନକୁ ବୋର୍ଡର ମଞ୍ଜୁରୀ
- ୯ ଜୁଲାଇ ୨୦୧୮: ଏନ୍‌ସିଏଲ୍‌ଟି ସାଇରସଙ୍କ ଆବେଦନକୁ ଖାରଜ କଲେ
- ୩ ଅଗଷ୍ଟ ୨୦୧୮: ଏନ୍‌ସିଏଲ୍‌ଟି ନିଷ୍ପତ୍ତି ବିରୋଧରେ ସାଇରସ ଏନ୍‌ସିଏଲ୍‌ଏଟିରେ ଚ୍ୟାଲେଞ୍ଜ କଲେ
- ୨୪ ଅଗଷ୍ଟ ୨୦୧୮: ଟାଟା ସନ୍ସର ଶେୟାର ବିକ୍ରି ଲାଗି ସାଇରସଙ୍କ ଉପରେ ନ ଚାପ ପକାଇବା ଲାଗି ଏନ୍‌ସିଏଲ୍‌ଏଟିଙ୍କ ନିର୍ଦ୍ଦେଶ
- ୧୮ ଡିସେମ୍ବର ୨୦୧୯: ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ରାୟ, ଟାଟା ସନ୍ସକୁ ଆବେଦନ ଲାଗି ୪ ସପ୍ତାହ ସମୟ

## ଓଏମ୍‌ସି ଖଣିକୁ ଜାତୀୟ ସୁରକ୍ଷା ପୁରସ୍କାର

ଭୁବନେଶ୍ୱର,୧୮-୧୨

ଖଣି ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମସି)ର ସାଉଥ କାଳିଆପାଣି କ୍ରୋମାଇଟ ଖଣିକୁ ଜାତୀୟ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଭେଙ୍କାଆ ନାଇଡୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଏବଂ ଖଣି ସୁରକ୍ଷା ମହାନିର୍ଦ୍ଦେଶକ ଆର୍. ସୁବ୍ରମନିୟମ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଓଏମସି ତରଫରୁ ବରିଷ୍ଠ ଖଣି ପ୍ରବନ୍ଧକ କାଠି ପ୍ରଧାନ, ଖଣି ପ୍ରବନ୍ଧକ ସତ୍ୟେନ୍ଦୁ ଜେନା ଏବଂ ଶ୍ରମିକସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଏହି ପୁରସ୍କାର ଗ୍ରହଣ କରିଥିଲେ। ଓଏମ୍‌ସି ନିଜ କର୍ମଚାରୀ ତଥା ଅନ୍ୟ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ଏକ ସୁରକ୍ଷିତ କାର୍ଯ୍ୟସ୍ଥଳ ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ କାର୍ଯ୍ୟସ୍ଥଳୀକୁ ଜିରୋ ଫଟାଲିଟି ଅଞ୍ଚଳରେ ପରିଣତ କରିବାର ଲକ୍ଷ୍ୟ ଦିଗରେ ସର୍ବଦା ଚେଷ୍ଟିତ ଅଟେ। ଓଏମ୍‌ସି ଦ୍ୱାରା ଉତ୍ତୋଳନ କରାଯାଉଥିବା ପ୍ରମୁଖ ଖଣିଜ ସମ୍ପଦ ମଧ୍ୟରେ ରହିଛି କ୍ରୋମାଇଟ, ଲୁହାପଥର, ମାଙ୍ଗାନିଜ ଏବଂ ବକ୍ସାଇଟ ଯାହାକି ରାଜ୍ୟ ଏବଂ ଦେଶରେ ଥିବା ଖଣିଜ ଭିତ୍ତିକ ଶିଳ୍ପ ଯଥା ଇସ୍ପାତ, ସ୍ପଞ୍ଜ ଆଇରନ, ପିଗ୍ ଆଇରନ, ଫେରୋ-ମାଙ୍ଗାନିଜ, ଫେରୋକ୍ରୋମ, ଆଲୁମିନିଅମ ଆଦି ଶିଳ୍ପର ଆବଶ୍ୟକତା ପୂରଣ କରିଥାଏ।




## କେଭିପିୱାଇରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା



ଭୁବନେଶ୍ୱର,୧୮-୧୨

ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଦ୍ୱାରା ପରିଚାଳିତ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ପରୀକ୍ଷା(କେଭିପିୱାଇ)ରେ ଆକାଶ ଇନଷ୍ଟିଚ୍ୟୁଟ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଆକାଶ ଓ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମୁଦାୟ ୩୧ ଜଣ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ସଫଳ ହୋଇଛନ୍ତି। ସରକାରୀ ପ୍ରୋତ୍ସାହନ ଜରିଆରେ ବିଜ୍ଞାନ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଆଗକୁ ବଢିବାରେ ଏଭଳି ଏକ ପରୀକ୍ଷା ବିଶେଷ ଭାବେ ସହାୟକ ହୋଇଥାଏ ବୋଲି ଆକାଶ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ତଥା ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ବାହାଦୁର ସିଂ କହିଛନ୍ତି। ଏହି ପରୀକ୍ଷା ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପଢୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଉଦ୍ଦିଷ୍ଟ। ଏହା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥାଏ। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରେ ସାକ୍ଷାତକାର ଦେବାକୁ ପଡିଥାଏ।

## ରେନୋ କ୍ୟାଷ୍ଟ୍ରଲ ଇଣ୍ଡିଆ ଚୁକ୍ତି

ନୂଆଦିଲ୍ଲୀ,୧୮-୧୨

ପ୍ରମୁଖ ଯାନ ନିର୍ମାତା ରେନୋ ଇଣ୍ଡିଆ ଲିମିଟେଡ କ୍ୟାଷ୍ଟ୍ରଲ ଇଣ୍ଡିଆ ଲିମିଟେଡ ଚୁକ୍ତିରେ ସାମିଲ ହୋଇଛି। ୧ ଜାନୁୟାରୀ ୨୦୨୦ଠାରୁ ଆଫଟରସେଲ୍‌ସ ଇଞ୍ଜିନ ଅଏଲ ଲୁବ୍ରିକାଣ୍ଟ ଯୋଗାଣ ଦିଗରେ ଏଭଳି ଚୁକ୍ତି କାର୍ଯ୍ୟ କରିବ ବୋଲି ଜଣାପଡିଛି। ରେନୋ ଗ୍ରୁପ ଏବଂ କ୍ୟାଷ୍ଟ୍ରଲର ଗ୍ଲୋବାଲ ଷ୍ଟ୍ରାଟେଜିକ ପାର୍ଟନରଶିପ ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ରେନୋ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଟେକ୍ନୋଲୋଜି କ୍ଷେତ୍ରରେ ଉଭୟ କମ୍ପାନୀ ଏବେ ବେଶ ଲୋକପ୍ରିୟ ହୋଇଥିବା ବେଳେ ରେନୋ ଗ୍ରାହକଙ୍କୁ ଏହି ଚୁକ୍ତି ଦ୍ୱାରା ଗୁଣବତ୍ତା ପ୍ରଡକ୍ଟ ଏବଂ ସର୍ବୋତ୍ତମ ଗ୍ରାହକ ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କ୍ୟାଷ୍ଟ୍ରଲ ଇଣ୍ଡିଆ ସହ ଚୁକ୍ତିରେ ସାମିଲ ହୋଇ ଅତ୍ୟନ୍ତ ଖୁସି ବୋଲି ରେନୋ ଇଣ୍ଡିଆର କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲେ ସୂଚନା ଦେଇଛନ୍ତି। ଭାରତ ଭଳି ଏକ ଅଭିବୃଦ୍ଧିଶୀଳ ବଜାରରେ ଏହା ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ସହାୟକ ହେବ ବୋଲି ସେ ମତ ରଖିଛନ୍ତି।





**ODISHA HYDRO POWER CORPORATION LTD**
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT,
AT/P.O.:BARINIPUT; DIST.: KORAPUT (ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com CIN: U40101OR1995SGC003963
No. CAD-709:-

**TENDER CALL NOTICE**
No. UKHEP: 27/2019-2020 Date: 17.12.2019

Sealed Tenders are invited in sealed envelopes from reputed suppliers for supply of the following materials as mentioned below.

| Sl. No. | Description of materials | Cost of tender paper | EMD in Rs. |
|---|---|---|---|
| 1 | Supply of 11KV Line Materials to UKHEP, Bariniput. | Rs.708/- (Rs. 600/- + GST Rs, 108/-) | 1% of quoted value |

Sale of tender paper: - from dtd. 27.12.2019 to 13:00 Hrs. of 13.01.2020
Last date & time of submission of tender:- up to 16:00 Hrs. of 13.01.2020
Date & Time of opening of tender – 16:30 Hrs. of 13.01.2020

For details of the tender documents, terms and conditions please visit our website www.ohpcltd.com

04002/11/0058/1920 C & P Head, UKHEP, Bariniput



**DISTRICT TREASURY KENDRAPARA**
**NEAR COLLECTOR OFFICE, KENDRAPARA**
At: KACHERI ROAD NEAR COLLECTOR OFFICE
PO / DIST : KENDRAPARA-754211
E-mail id : kendrapara@orissatreasury.gov.in
No.2987/TO/KPD Date: 17.12.19

**TENDER CALL NOTICE**

Sealed tenders are invited under three bid system from reputed Manpower Agencies/Service Providers to provide the services of Watch man-cum-Sweeper (one number) for engagement on contract basis for day to day office work in sub Treasury Office Marshaghai. The detailed guidelines for engagement of WCS as laid down in provision contained in the FD Office Memorandum No.37323/1 dtd.30.11.2018. The tender will be received upto 5. P.M. of 31.12.2019

Sd./-
District Treasury Officer
Kendrapara



सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Regional Institute-VII, Plot No. : E-04, Near Gandhi Park, Samantapuri, PO : RRL, Bhubaneswar - 751013 (Odisha)

**e-TENDER NOTICE**

Offers are invited for CMPDI, Regional Institute-VII, Plot No. : E-04, Near Gandhi Park, Samantapuri, Bhubaneswar through e-Tendering (ON-LINE BIDDING) only :- **Tender Notice No. : CMPDI/RI-VII/E&M/e-T/2019-20/735 Dtd. : 11.12.2019. Description :** AMC for upkeep & maintenance of electrical installations including 11 kV substation operation and maintenance at RI-VII, CMPDI Office, Bhubaneswar for one year. **Estimated Value of Work including GST (in Rs.) :** Rs. 11,97,826.00. **Period of Completion (Months) :** 12 (Twelve). Detailed tender notice & Tender documents including terms and conditions of works shall be available on e-tendering portal https://coalindiatenders.nic.in and Tender Notice only shall be available at websites www.cmpdi.co.in and www.eprocure.gov.in **from 19.12.2019 to 30.12.2019. Important Note to all prospective bidders :** For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at https://coalindiatenders.nic.in. For any query, contact **HOD (E&M), CMPDI, RI-VII, Bhubaneswer, Tel. No. 0674-2976040, Mobile No. 9438881021, 9438881083, 9438881075 & Fax No. 0674-2301762.**



**ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର**

**ବିଜ୍ଞାପନ**

ପତ୍ର ସଂଖ୍ୟା.୨୮୨୯ ତାରିଖ:୧୭।୧୨।୨୦୧୯

ଏତଦ୍ୱାରା ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀରର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି କି ଆସନ୍ତା ତା୧୦।୦୧।୨୦୨୦ରିଖ ପୂର୍ବାହ୍ନ ଘ.୧୧.୩୦ ସମୟରେ ବଲାଙ୍ଗୀର ଟାଉନ୍ ହଲ୍‌ଠାରେ ବ୍ୟାଙ୍କର ୫୮ ତମ ବାର୍ଷିକ ସାଧାରଣ ସଭା ଲିଖିତ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି। ଉକ୍ତ ସଭାରେ ଯୋଗଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

ବି.ଦ୍ର.- ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ।

ସଭାପତିଙ୍କ ଆଦେଶକ୍ରମେ
ସ୍ୱା./-(ଶ୍ରୀ ବାଙ୍କାନିଧି ରାୟଗୁରୁ), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗୀର

କାର୍ଯ୍ୟସୂଚୀ.- ୧. ସଭାପତିଙ୍କ ଦ୍ୱାରା ଭାଷଣ। ୨. ଗତ ୫୭ ତମ ସାଧାରଣ ସଭାରେ ଗୃହୀତ ନିର୍ଦ୍ଧାରଣଗୁଡିକ ପଠନ ଓ ଦୃଢୀକରଣ। ୩. ବ୍ୟାଙ୍କର ୨୦୧୮-୧୯ ବର୍ଷର ସମୀକ୍ଷା ପତ୍ର ପଠନ ଓ ଦୃଢୀକରଣ। ୪. ବ୍ୟାଙ୍କର ୨୦୨୦-୨୧ ଆର୍ଥିକ ବର୍ଷର କାର୍ଯ୍ୟକ୍ରମ ଓ ବଜେଟ ଅନୁମୋଦନ। ୫. ବ୍ୟାଙ୍କର ଉପବିଧି ସଂଶୋଧନ ପାଇଁ ଆଲୋଚନା। ୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)



**ନିୟନ୍ତ୍ରିତ ବଜାର କମିଟି, ଚାନ୍ଦବାଲି, ଭଦ୍ରକ, ଓଡ଼ିଶା**

**୨୦୧୯-୨୦ ବିପଣନ ବର୍ଷର ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା।**

ବିଜ୍ଞାପନ ନଂ-୮୩୧ ତା- ୧୭।୧୨।୨୦୧୯ରିଖ

ଏତଦ୍ୱାରା ଭଦ୍ରକ ଜିଲ୍ଲାର ସମସ୍ତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶ ଓ ଭଦ୍ରକ ଜିଲ୍ଲା ପ୍ରଶାସନର ନିଷ୍ପତ୍ତିକ୍ରମେ ଚଳିତ ଖରିଫ ବର୍ଷ ୨୦୧୯-୨୦ ପାଇଁ ସରକାରୀ ସ୍ତରରେ ଧାନ କ୍ରୟ ପାଇଁ ଜିଲ୍ଲାର ୯୯ ଗୋଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ଓ ୨୭ ଗୋଟି ମନୋନୀତ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତା୨୦।୧୨।୨୦୧୯ ରିଖରୁ ଆରମ୍ଭ ହୋଇ ଆସନ୍ତା ୩୧।୦୩।୨୦୨୦ରିଖ ପର୍ଯ୍ୟନ୍ତ ସପ୍ତାହରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଦିବସମାନଙ୍କରେ ଚାଲୁ ରହିବ। ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀ ଭାଇଭଉଣୀମାନେ ସେମାନଙ୍କ ବଳକା ବିକ୍ରି ଯୋଗ୍ୟ ଶୁଖିଲା, ସଫାସୁତୁରା ଧାନ ସେମାନଙ୍କ ଅଞ୍ଚଳ ଅନ୍ତର୍ଗତ ପ୍ରାଥମିକ ସେବା ସମବାୟ ସମିତି ଅଧୀନ ଧାନ କ୍ରୟ କେନ୍ଦ୍ରକୁ କିମ୍ବା ମନୋନୀତ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କ୍ରୟ କେନ୍ଦ୍ରକୁ ବିକ୍ରି ପାଇଁ ଆଣି ଚଳିତ ବର୍ଷ ପାଇଁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ (FAQ) କୁଇଣ୍ଟାଲ ପ୍ରତି ୧୮୧୫/- ଟଙ୍କା ଏବଂ ଗ୍ରେଡ୍ 'ଏ' ଧାନ ପ୍ରତି କ୍ୟୁ. ୧୮୩୫/- ମୂଲ୍ୟ ପାଇବାରେ ସମର୍ଥ ହୁଅନ୍ତୁ। ଏହି ଧାନ ବିକ୍ରୟ ପାଇଁ ଚାଷୀମାନେ ନିର୍ଦ୍ଧାରିତ ଦିନ ସକାଳ ୮ ଘଣ୍ଟାରୁ ଦିବା ୨ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ପରିମାଣର ଧାନ ଆଣି କ୍ରୟ କେନ୍ଦ୍ରରେ ପହଞ୍ଚାଇବେ। ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସମସ୍ତ ୨୧ ଗୋଟି ପ୍ରାଥମିକ ସେବା ସମବାୟ ସମିତି (ସୁନ୍ଦରପୁର ସେବା ସମବାୟ ବ୍ୟତୀତ) ଓ ସୁନ୍ଦରପୁର ଓ ଓଳଗ ମହିଳା ମହାସଂଘ ଚଳିତ ବର୍ଷ ଧାନ କ୍ରୟ କରିବେ। ଚାଷୀ ଭାଇଭଉଣୀମାନେ ସେବା ସମବାୟ ସମିତି ଓ ଉକ୍ତ ମହିଳା ମହାସଂଘ ସହିତ ଯୋଗାଯୋଗ କରି ଧାନ ବିକ୍ରୟର ସୁବିଧା ନିଅନ୍ତୁ। ଧାନର ସାଧାରଣ ମାନ (ଏଫ୍.ଏ.କ୍ୟୁ.) ନିର୍ଦ୍ଧାରଣ ପାଇଁ ନିୟନ୍ତ୍ରିତ ବଜାର କମିଟି, ଚାନ୍ଦବାଲି ତରଫରୁ ଆବଶ୍ୟକ ଯନ୍ତ୍ରପାତି କ୍ରୟ କେନ୍ଦ୍ରମାନଙ୍କୁ ଯୋଗାଇ ଦିଆଯାଇଅଛି।

ନିବେଦକ, ନିୟନ୍ତ୍ରିତ ବଜାର କମିଟି, ଚାନ୍ଦବାଲି



No.: E-587

**Odisha State Health & Family Welfare Society, Govt. of Odisha**
**Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79

Advt. No.:- 58/19 **CONTRACTUAL APPOINTMENT** Date:- 19.12.2019

Applications are invited from eligible candidates for filling up the following position under National Health Mission, Odisha on contractual basis with monthly remuneration as noted against the position and subject to renewal as per OSH&FW Society terms and conditions. The position is purely temporary and co-terminus with the scheme. Lower age limit for the following position is 21 years as on dt. 01.10.2019.

| Sl. No. | Name of the Position | Remuneration (in Rs.), Performance Incentive & other allowances as admissible |
|---|---|---|
| 01 | District Consultant, NTCP | Rs.32,761/- + PI |

Interested candidates can log on to www.nhmodisha.gov.in for details of vacancy, eligibility criteria, ToR, age, selection procedure etc. Online application form will be available from 20.12.2019 to 27.12.2019 by 11.59 P.M. Last date for receipt of the system generated application duly signed by the candidate along with self attested copies of all supportive documents is 04.01.2020 (by 5.00 P.M.).

Sd/-
Mission Director, NHM
Member Secretary, OSH&FWS, Odisha

10084/11/0042/1920



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଲପଡା**

ବିଜ୍ଞାପନ ସଂଖ୍ୟା: 2952 ତା. 13/12/19

ଏତଦ୍ୱାରା ବେଲପଡା ପଞ୍ଚାୟତ ସମିତିର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଜିଲ୍ଲାପାଳ ତଥା ପ୍ରକଳ୍ପ ସଂଯୋଜକ ବଲାଙ୍ଗିରଙ୍କ ପତ୍ର ସଂଖ୍ୟା ୪୧୦୬ ତା.୦୨।୧୨।୧୯ ଅନୁସାରେ ଆସନ୍ତା ତା.୧୯।୧୨।୨୦୧୯ଠାରୁ ୨୦।୦୨।୨୦୨୦ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଆର୍ଥିକ ବର୍ଷ ୨୦୧୯-୨୦ ସମୀକ୍ଷା ପର୍ଯ୍ୟାୟ ୦୧।୦୪।୨୦୧୯ଠାରୁ ୩୦।୦୯।୨୦୧୯ ଅନ୍ତର୍ଗତ ହୋଇଥିବା ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଯୋଜନାର ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ଗ୍ରା.ପ.ଗୁଡ଼ିକରେ ସକାଳ ୧୦.୦୦ ଘଟିକାରେ ଆରମ୍ଭ ହେବ। ଏଣୁ ସର୍ବସାଧାରଣ ନାଗରିକ, ଅଣକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଆଦିଙ୍କୁ ବହୁ ସଂଖ୍ୟାରେ ଉପସ୍ଥିତ ରହିବାକୁ ଆହ୍ୱାନ କରାଯାଉଅଛି।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା | | | ଜନ ଶୁଣାଣି ବ୍ଲକ ସ୍ତରୀୟ | ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମ ସଭା ତାରିଖ | | |
| ପ୍ରଥମ | ବାଗଦୋର, ସରମୁହାଣ, ବେଲପଡ଼ା, ନୁନହାଡ଼, ବାହାବଲ | ୧୯।୧୨।୨୦୧୯ | ୩୧।୧୨।୨୦୧୯ | ୩୧।୧୨।୨୦୧୯ | ୧୯।୦୩।୨୦୨୦ | AFO, APO, AEE, JE2 (RWSS), BDO |
| ଦ୍ୱିତୀୟ | ଧୁମାଭଟା, ତେନ୍ତୁଲିମୁଣ୍ଡା, ଜୁବା, ମଧୁପୁର, ମଣ୍ଡଳ | ୦୩।୦୧।୨୦୨୦ | ୧୩।୦୧।୨୦୨୦ | ୧୩।୦୧। ୨୦୨୦ | | BPM, AFO, AEE, JE2 (RWSS), APO |
| ତୃତୀୟ | ସୁଲେକେଲା, କାନୁଟ, ପଣ୍ଡରୀଯୋର, ସିହିନି | ୧୪।୦୧।୨୦୨୦ | ୨୪।୦୧।୨୦୨୦ | ୨୪।୦୧।୨୦୨୦ | | AFO, WEO, AEE, BDO, ABDO |
| ଚତୁର୍ଥ | ସଲଣ୍ଡି, ଭରୁଆପାଲି, ଘାଗୁର୍ଲି, ଭରୁଆମୁଣ୍ଡା, ପର୍ଲିମାଲ | ୨୭।୦୧।୨୦୨୦ | ୦୬।୦୨।୨୦୨୦ | ୦୬।୦୨।୨୦୨୦ | | BPM, AFO, AEE, APO |
| ପଞ୍ଚମ | କପାଣି, ବାଲିଖମାର, ଗମ୍ଭାରି, ଦର୍ଲିପାଲି, କନ୍ଧେନଝୁଲା | ୧୦।୦୨।୨୦୨୦ | ୨୦।୦୨।୨୦୨୦ | ୨୦।୦୨।୨୦୨୦ | | BDO, APO, BPM, BSSO, ABDO |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଲପଡ଼ା



**OFFICE OF THE MUNICIPAL COUNCIL, PHULBANI**

Tender Notice No.: 7162 Date: 18.12.2019

Sealed tenders are invited from the intending Phulbani Municipality general public only to let out the Ten (10) Nos. of Shop Rooms on the monthly rent basis under Phulbani Municipality in front of Biju Kalyan Mandap, Phulbani. Sealed tenders will be received by Registered Post/Courier Service during office hours from 19.12.2019 to 30.12.2019 (i.e. 10 A.M. to 5 P.M. except holidays). The last date of receipt of tenders is 30.12.2019 by 2.00 P.M. The sealed tenders will be opened on 30.12.2019 by 4.00 P.M. by the undersigned in his office in presence of the tenderers or their authorized agent. Bids must be accompanied by EMD/Bid Security amount of minimum Rs.2,00,000/- (Rupees Two Lakh) only specified above in shape of Demand Draft drawn on any Nationalized Bank in favour of Executive Officer, Phulbani Municipality, "Payable at Phulbani" only.

The terms and conditions are detailed below:

1. The bidder must be a resident of Phulbani Municipality area. 2. The tender papers can be procured from the Cashier of Phulbani Municipality on deposit of Rs.2000/- (Rupees Two Thousand) only in cash, which is non-refundable. 3. The tender shall accompany with original money receipt of Rs.2000/- Voter ID/Aadhaar Card/Proof of Residential Certificate. 4. Monthly rent of Rs.2000/- per room must be deposited regularly by 1st week of every month. 5. The tender papers attached with the highest deposited of Security exceeding fixed security will be selected and rooms from Municipality will be allotted as per his/her choice. 6. The alloted room cannot be used for any other purpose. 7. Electric bill should be deposited regularly for each month. 8. The allotted room cannot be used for any or lock activity. 9. The allotted room proper care net and clean of room. 10. The room cannot be sub-let of any person. 11. The allotted room cannot be spared for any alcohol, non-veg & non-veg items. 12. The undersigned will not be held responsible for any postal/courier delay. 13. The tender committee reserves the right to reject any or all tenders received without assigning any reason thereof.

Sd./- Executive Officer, Phulbani Municipality

## ସଂକ୍ଷେପରେ



ସର୍ବିୟାର ପାରାସିନଠାରେ ଅନୁଷ୍ଠିତ ଓର୍ବସ-୩ ଟୁର୍ନାମେଣ୍ଟରେ କ୍ୟାରିୟରର ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲ କରି ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଚେସ ପ୍ରତିଭା ସାଇନା ସାଲୋନିକା। ଭୁବନେଶ୍ୱର ବିମାନ ବନ୍ଦରରେ ସାଇନାଙ୍କୁ କ୍ରୀଡ଼ାପ୍ରେମୀ, ଶୁଭେଚ୍ଛୁ ଓ ପରିବାର ପକ୍ଷରୁ ସ୍ୱାଗତ କରାଯାଇଥିଲା।

## ଓଡ଼ିଶା-କର୍ଣ୍ଣାଟକ ଫାଇନାଲ ଆଜି

ନୂଆଦିଲ୍ଲୀ, ୧୮।୧୨ (ପି.ଟି.)-ଡିଡିଏ ସ୍ପୋର୍ଟସ କମ୍ପ୍ଲେକ୍ସରେ ଚାଲିଥିବା ଜାତୀୟ ମହିଳା ଦୃଷ୍ଟିହୀନ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ଫାଇନାଲରେ କର୍ଣ୍ଣାଟକକୁ ଭେଟିବ ଓଡ଼ିଶା। ଗ୍ରୁପ୍-ଏ'ରେ କର୍ଣ୍ଣାଟକ ଏହାର ୩ଟି ଯାକ ମ୍ୟାଚ୍ ଜିତି ୯ ପଏଣ୍ଟ ସହ ଶୀର୍ଷରେ ରହି ଫାଇନାଲକୁ ଯୋଗ୍ୟତା ହାସଲ କରିଥିଲା। ଅପରପକ୍ଷରେ ଗ୍ରୁପ୍-ବି'ରେ ଓଡ଼ିଶା ମଧ୍ୟ ଶୀର୍ଷରେ ରହି ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ କର୍ଣ୍ଣାଟକ ୧୦ ଉଇକେଟ୍‌ରେ ପଶ୍ଚିମବଙ୍ଗ ବିପକ୍ଷରେ ବୃହତ୍ ବିଜୟ ହାସଲ କରିଥିଲା। ପ୍ରଥମେ ବ୍ୟାଟିଂ କରି ପଶ୍ଚିମବଙ୍ଗ ୨୦ ଓଭରରେ ୩ ଉଇକେଟ୍ ହରାଇ ୧୦୧ ରନ କରିଥିଲା। ଜବାବରେ କର୍ଣ୍ଣାଟକ ୧୦.୩ ଓଭରରେ କୌଣସି ଉଇକେଟ୍ ନ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଓଡ଼ିଶା ୧୧୦ ରନର ବୃହତ୍ ବ୍ୟବଧାନରେ ମହାରାଷ୍ଟ୍ରକୁ ମାତ୍ ଦେଇଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମୁନି ପୂର୍ତ୍ତୀ (୮୯ ରନ, ୬୯ ବଲ) ଓ ବାସନ୍ତି ହାଁସଦା (୭୧ ରନ, ୫୮ ବଲ)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ କୌଣସି ଉଇକେଟ୍ ନ ହରାଇ ୨୪୨ ରନ କରିଥିଲା। ଜବାବରେ ମହାରାଷ୍ଟ୍ର ୨ ଉଇକେଟ୍ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା।



ଯେତେବେଳେ ଜଣେ ଖେଳାଳି ପ୍ରଦର୍ଶନ ଖରାପ କରୁଛି, ସେତେବେଳେ ସମାଲୋଚନା କରିବା ଉଚିତ୍।

–ଆଝାର ଅଲୀ, ପାକିସ୍ତାନ ଟେଷ୍ଟ ଅଧିନାୟକ



ତିନୋଟି ଯାକ ଫର୍ମାଟ୍‌ରେ ଗ୍ଲେନ ମ୍ୟାକ୍ସୱେଲ ଜଣେ ପ୍ରମୁଖ ଖେଳାଳି। ଖୁବ୍ ଶୀଘ୍ର ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ ସୀମିତ ଓଭର ଅଧିନାୟକ

# ଭାରତର ବୃହତ୍ ବିଜୟ, ବାରବାଟୀକୁ ଅପେକ୍ଷା

ବିଶାଖାପାଟଣା,୧୮।୧୨

ରୋହିତ ଶର୍ମା ଓ ଲୋକେଶ ରାହୁଲଙ୍କ ଶତକ ସହ ଦ୍ୱିଶତକୀୟ ଓପନିଂ ଭାଗୀଦାରି ଏବଂ କୁଲଦୀପ ଯାଦବଙ୍କ ହ୍ୟାଟ୍ରିକ ବଳରେ ଭାରତ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୧୦୭ ରନ୍‌ରେ ପରାସ୍ତ କରିଛି। ଏଥିସହିତ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ୧-୧ ସମାନ ସ୍ତରରେ ପହଞ୍ଚିଛି। କଟକର ବାରବାଟୀ ଷ୍ଟାଡିୟମରେ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ ୨୨ ତାରିଖରେ ଅନୁଷ୍ଠିତ ହେବ। ତେଣୁ ସିରିଜକୁ ନିଜ ପକ୍ଷକୁ ନେବାପାଇଁ ଉଭୟ ଦଳ ଏବେ ବାରବାଟୀ ମ୍ୟାଚକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

ଟସ୍ ଜିତି ୱେଷ୍ଟଇଣ୍ଡିଜ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୮୭ ରନ୍ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୪୩.୩ ଓଭରରେ ୨୮୦ ରନ୍ କରି ଅଲ୍‌ଆଉଟ ହୋଇଥିଲା। ରୋହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ୩୮୮ ରନ୍ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛାକରି ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲା। ଇଭିନ ଲୁଇସ୍ ଓ ସାଇ ହୋପ୍ ପ୍ରଥମ ଉଇକେଟରେ ୬୧ ରନ୍ ସଂଗ୍ରହ କରିଥିଲେ। ଲୁଇସ୍ ୩୦ ରନ୍ କରି ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଏହାପରେ ଶିମରନ ହେଟମେର ଓ ରଷ୍ଟନ ଚେଜ୍ ଶୀଘ୍ର ଆଉଟ ହୋଇ ଯାଇଥିଲେ। ନିକୋଲାସ ପୁରନ ୪୭ ବଲ୍‌ରୁ ୬ ଚୌକା ଓ ୬ ଛକା ସହ ୭୫ ରନ୍ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। କୁଲଦୀପଙ୍କ ହ୍ୟାଟ୍ରିକ ମ୍ୟାଚର ଅନ୍ୟତମ ଆକର୍ଷଣ ଥିଲା। ସେ ୩୩ ଓଭରରେ ଶାଇ ହୋପ୍, ଜାସନ ହୋଲ୍ଡର ଓ ଅଲଜାରି ଜୋଶେଫଙ୍କୁ ଚତୁର୍ଥ, ପଞ୍ଚମ ଓ ଷଷ୍ଠ ବଲ୍‌ରେ ଆଉଟ କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ହୋପ ୮୫ ବଲ୍‌ରୁ ୭ ଚୌକା ଓ ୩ ଛକା ସହ ୭୮ ରନ୍ କରିଥିବା ବେଳେ କୁଲଦୀପଙ୍କ ବଲ୍‌ରେ ଡିପ୍ ମିଡ୍ ଉଇକେଟରେ କୋହଲିଙ୍କୁ କ୍ୟାଚ୍ ଦେଇଥିଲେ। ୨୧ ରନ୍ କରିଥିବା ବେଳେ ଖାରି ପିଏର ମିଡ୍ ଉଇକେଟରେ କୋହଲିଙ୍କୁ କ୍ୟାଚ୍ ଦେଇ ଜାଡେଜାଙ୍କ ଶିକାର ହୋଇଥିଲେ। ଶେଷରେ ୪୨ ବଲ୍‌ରୁ ୪ ଚୌକା, ୩ ଛକା ସହ କିମୋ ପଲ ୪୬ ରନ୍ କରି ସାମିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ସାମି ଓ କୁଲଦୀପ ୩ଟି ଲେଖାଏ, ଜାଡେଜା ୨ ଓ ଠାକୁର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ମ୍ୟାଚ୍‌ର ତ୍ରୁଟି ନ ଦୋହରାଇ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ରୋହିତ ଶର୍ମା ଓ ଲୋକେଶ ରାହୁଲ ପଡିଆର ଚାରିଆଡକୁ ଶଟ୍‌ମାନ ଖେଳି ଘରୋଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଦୁଇଜଣ ଶତକ ହାସଲ କରି ପ୍ରଥମ ଉଇକେଟରେ ୨୨୭ ରନ୍‌ର ଭାଗୀଦାରି ସ୍ଥାପନ କରିଥିଲେ। ୧୦୪ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ରାହୁଲ ୧୦୨ ରନ୍‌ର ଶତକୀୟ ପାଳି ଖେଳିଥିଲେ। ଅଲଜାରି ଜୋଶେଫଙ୍କ ବଲ୍‌କୁ ଖେଳିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍ କଡ଼ରେ ବାଜିଥିଲା ଓ ଥାର୍ଡ ମ୍ୟାନ୍‌ରେ ରୋଷ୍ଟନ ଚେଜ୍‌ଙ୍କ ହାତରେ ଧରାପଡି ସେ ପ୍ରଥମେ ଆଉଟ ହୋଇଥିଲେ। ଏଥିସହ ରାହୁଲ ଦିନିକିଆରେ ତୃତୀୟ ଶତକ ଅର୍ଜନ କରିଛନ୍ତି। ଏହାପରେ ଅଧିନାୟକ କୋହଲି ବ୍ୟାଟିଂ କରିବାକୁ ଆସି ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ। ଖାତା ଖୋଲିବା ପୂର୍ବରୁ କିରନ ପୋଲାର୍ଡଙ୍କ ଅଫ୍‌ଷ୍ଟମ୍ପ ବାହାରର ଶର୍ଟ ବଲ ଖେଳିବାକୁ ଯାଇ ସେ ଶର୍ଟ ମିଡ୍‌ଉଇକେଟରେ ଚେଜ୍‌ଙ୍କୁ ଏକ ସହଜ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିବା ରୋହିତ ଦ୍ୱିଶତକ ଆଡ଼କୁ ଅଗ୍ରସର ହେଉଥିବା ବେଳେ କଟ୍ ବିହାଇଣ୍ଡ ହୋଇଥିଲେ। ୧୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ୫ ଛକା ସହ ୧୫୯ ରନ୍ କରିଥିବା ବେଳେ ସେ ଶେଲଡନ କଟ୍ରେଲଙ୍କ ବଲ୍‌ରେ ଉଇକେଟକିପର ସାଇ ହୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଏଥିସହିତ ରୋହିତ କ୍ୟାରିୟର ୨୮ତମ ଦିନିକିଆ ଶତକ ହାସଲ କରିଛନ୍ତି। ଏହାପରେ ଦୁଇ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଶ୍ରେୟାସ ଆୟାର ଛକା ଚୌକା ବୃଷ୍ଟିକରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଦୁହେଁ ୮ଟି ଛକା ମାରିଥିଲେ। ଚତୁର୍ଥ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ମାତ୍ର ୨୫ ବଲ୍‌ରୁ ଦ୍ରୁତ ୭୩ ରନ୍ ସଂଗ୍ରହ କରିଥିଲେ। ପନ୍ତ ୧୬ଟି ବଲ୍ ଖେଳି ୩ ଚୌକା ଓ ୪ ଛକା ସହ ୩୯ ରନ୍ କରି କିମୋ ପଲଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇଥିଲେ। ସୁଇପର କଭରରୁ ଦୌଡ଼ିଆସି ନିକୋଲାସ ପୁରନ ପନ୍ତଙ୍କ କ୍ୟାଚ୍ ନେଇଥିଲେ। ଏହାପରେ ୩୨ଟି ବଲ୍‌ରୁ ୩ ଚୌକା ଓ ୪ ଛକା ସହ ୫୩ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ଆୟାର କଟ୍ରେଲଙ୍କ ବଲରେ ପୁଲ ଶଟ୍ ଖେଳିବାକୁ ଯାଇ ଉଇକେଟକିପର ହୋପ୍‌ଙ୍କୁ କ୍ୟାଚ୍ ଦେଇଥିଲେ। କେଦାର ଯାଦବ ୩ ଚୌକା ସହ ୧୦ ବଲ୍‌ରୁ ୧୬ ଓ ରବୀନ୍ଦ୍ର ଜାଡେଜା ବିନା ସ୍କୋରରେ ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ବୋଲରମାନେ ପ୍ରଭାବହୀନ ମନେହେଉଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜର କଟ୍ରେଲ ୨, ପଲ, ଜୋଶେଫ ଓ ପୋଲାର୍ଡ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୮୭/୫ (ରୋହିତ- ୧୫୯, ରାହୁଲ- ୧୦୨, ଆୟାର- ୫୩, ପନ୍ତ- ୩୯, କେଦାର- ୧୬*, କଟ୍ରେଲ- ୨/୮୩, ପଲ- ୧/୫୭, ଜୋଶେଫ- ୧/ ୬୮, ପୋଲାର୍ଡ- ୧/୨୦)।

ୱେଷ୍ଟଇଣ୍ଡିଜ ୪୩.୩ ଓଭରରେ ୨୮୦ ଅଲଆଉଟ (ହୋପ୍- ୭୮, ପୁରନ- ୭୫, କିମୋ ପଲ- ୪୬, ଲୁଇସ୍- ୩୦, ପିଏର- ୨୧, ସାମି- ୩/୩୯, କୁଲଦୀପ- ୩/୫୨, ଜାଡେଜା- ୨/୭୪, ଠାକୁର- ୧/୪୫)।

### କଟକ ମ୍ୟାଚର ଗୁରୁତ୍ୱ ବଢ଼ିଲା

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି) ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ୨୨ ତାରିଖରେ ଅନୁଷ୍ଠିତ ହେବ। ଚେନ୍ନାଇଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ ୮ ଉଇକେଟରେ ବିଜୟୀ ହୋଇଛି। ବିଶାଖାପାଟଣାରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ଭାରତ ୧୦୭ ରନରେ ବିଜୟ ହାସଲ କରିଛି। ତେଣୁ ବାରବାଟୀ ମ୍ୟାଚର ଗୁରୁତ୍ୱ ବଢ଼ି ଯାଇଛି। କାରଣ ଏହା ହେବ ସିରିଜର ନିର୍ଣ୍ଣାୟକ ମ୍ୟାଚ। ଏହି ମ୍ୟାଚ ଯେଉଁ ଦଳ ଜିତିବ ସେ ସିରିଜ ଜିତିବ। ଏଥିପାଇଁ ଭାରତୀୟ କ୍ରିକେଟ ପ୍ରେମୀଙ୍କ ନଜର ଏବେ ସ୍ୱତଃ ବାରବାଟୀ ମ୍ୟାଚ ଉପରେ ନିବଦ୍ଧ ରହିଛି।

### ଦିନିକିଆରେ ଭାରତର ହ୍ୟାଟ୍ରିକ

- ଚେତନ ଶର୍ମା: ବନାମ ନ୍ୟୁଜିଲାଣ୍ଡ, ନାଗପୁର, ୧୯୮୭
- କପିଳ ଦେବ: ବନାମ ଶ୍ରୀଲଙ୍କା, କୋଲକାତା, ୧୯୯୧
- କୁଲଦୀପ ଯାଦବ: ବନାମ ଅଷ୍ଟ୍ରେଲିଆ, କୋଲକାତା, ୨୦୧୭
- ମହମ୍ମଦ ସାମି: ବନାମ ଆଫଗାନିସ୍ତାନ, ସାଉଥମ୍ପଟନ, ୨୦୧୯
- କୁଲଦୀପ ଯାଦବ: ବନାମ ୱେଷ୍ଟଇଣ୍ଡିଜ, ବିଶାଖାପାଟଣା, ୨୦୧୯



ହ୍ୟାଟ୍ରିକ ହାସଲ ପରେ କୁଲଦୀପଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା

- ୭୭: ରୋହିତ ଶର୍ମା(୨୦୧୯)
- ୭୪: ରୋହିତ ଶର୍ମା(୨୦୧୮)
- ୬୫: ରୋହିତ ଶର୍ମା(୨୦୧୭)
- ୬୩: ଏବି ଡିଭିଲର୍ସ(୨୦୧୫)
- ୬୦: ଇଅନ ମୋର୍ଗାନ(୨୦୧୯)

### ଦିନିକିଆରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ସର୍ବାଧିକ ସ୍କୋର

- ୪୧୮/୫, ଇନ୍ଦୋର, ୨୦୧୧
- ୩୮୭/୫, ଭାଇଜାଗ୍, ୨୦୧୯
- ୩୭୭/୫, ମୁମ୍ବାଇ, ୨୦୧୮

### ଦିନିକିଆରେ ଏକାଧିକ ହ୍ୟାଟ୍ରିକ

- ୩: ଲସିଥ ମାଲିଙ୍ଗା
- ୨: ୱାସିମ ଆକ୍ରମ
- ୨: ସାକଲେନ ମୁସ୍ତାକ
- ୨: ଚାମିଣ୍ଡା ଭାସ
- ୨: ଟ୍ରେଣ୍ଟ ବୋଲ୍ଟ
- ୨: କୁଲଦୀପ ଯାଦବ

# ମୁକ୍ତିଙ୍କ କ୍ଲିନିକ୍‌ରେ ସର୍ଦ୍ଦାର, ଧରମବୀର

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି)

କେବଳ ଓଡ଼ିଶାର ନୁହେଁ, ଭାରତର ଅନ୍ୟତମ ପ୍ରତିଷ୍ଠିତ ଫିଜିଓ ଡ. ମୁକ୍ତି ପ୍ରସାଦ ଦାଶଙ୍କ ପାଇଁ ବୁଧବାର ସନ୍ଧ୍ୟା ଆଣିଥିଲା ସ୍ମରଣୀୟ ମୁହୂର୍ତ୍ତ। ସହିଦ ନଗରସ୍ଥିତ ତାଙ୍କ ଗ୍ଲୋବାଲ ଫିଜିଓ ସେଲ୍‌ରେ ପହଞ୍ଚିଥିଲେ ଭାରତୀୟ ହକି ଦଳର ଦୁଇ ତାରକା ଖେଳାଳି ସର୍ଦ୍ଦାର ସିଂ ଓ ଧରମବୀର ସିଂ। ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପୋଲିସ ହକି ଟୁର୍ନାମେଣ୍ଟରେ ଖେଳିବା ପାଇଁ ଉଭୟ ଖେଳାଳି ଭୁବନେଶ୍ୱର ଆସିଛନ୍ତି। ସର୍ଦ୍ଦାର ହରିୟାଣା ଓ ଧରମବୀର ପଞ୍ଜାବ ପୋଲିସ ପକ୍ଷରୁ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରୁଛନ୍ତି। ଆହତଜନିତ ସମସ୍ୟା ସମ୍ପର୍କିତ କିଛି ପରାମର୍ଶ ନେବା ପାଇଁ ଏବଂ ବ୍ୟକ୍ତିଗତ ସାକ୍ଷାତ ପାଇଁ ଉଭୟ ଖେଳାଳି ମୁକ୍ତିଙ୍କ କ୍ଲିନିକ୍‌ରେ ପହଞ୍ଚିଥିବା ଜଣାଯାଇଛି।



ରୋଶନାରା ପରବିନ, ସର୍ଦ୍ଦାର ସିଂ, ଡ. ମୁକ୍ତି ପ୍ରସାଦ ଦାଶ ଓ ଧରମବୀର ସିଂ

ଏହା ମୁକ୍ତିଙ୍କୁ ବେଶ୍ ଉଲ୍ଲସିତ କରିଥିଲା। ସେତେବେଳେ କ୍ଲିନିକ୍‌ରେ ଉପସ୍ଥିତ ଥିବା ଓଡ଼ିଶାର ଅନ୍ତର୍ଜାତୀୟ ମହିଳା କ୍ରିକେଟର ରୋଶନାରା ପରବିନ ଓ ଚିକିତ୍ସାଧୀନ ଥିବା ଅନ୍ୟ ବ୍ୟକ୍ତିମାନେ ଏହି ଦୁଇ ତାରକା ଖେଳାଳିଙ୍କ ଉପସ୍ଥିତିରେ ନିଆରା ଅନୁଭୂତି ଲାଭ କରିଥିଲେ। ଏହି ଅବସରରେ ମୁକ୍ତିଙ୍କ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିବା ବ୍ୟକ୍ତିମାନେ ସର୍ଦ୍ଦାର ଓ ଧରମବୀରଙ୍କ ସହ ଫଟୋ ଉଠାଇବାର ସୁଯୋଗକୁ ହାତଛଡ଼ା କରି ନ ଥିଲେ। ମୁକ୍ତିପ୍ରସାଦ ଭାରତୀୟ ଜୁନିୟର ହକି ଦଳର ଫିଜିଓ ଥିବାବେଳେ ଧରମବୀର ଖେଳୁଥିଲେ। ତେଣୁ ଅତୀତର ସ୍ମୃତି ଧରମବୀରଙ୍କୁ ମୁକ୍ତିଙ୍କ କ୍ଲିନିକ୍ ପର୍ଯ୍ୟନ୍ତ ଟାଣି ଆଣିଥିଲା। "କିମ୍ବଦନ୍ତୀ ହକି ଖେଳାଳି ସର୍ଦ୍ଦାର ଆହତଜନିତ ସମସ୍ୟା ସମ୍ପର୍କିତ କେତେକ ପରାମର୍ଶ ନେବାକୁ ମୋ ନିକଟକୁ ଆସିଥିଲେ। ଧରମବୀର କିନ୍ତୁ କେବଳ ସାକ୍ଷାତ ପାଇଁ କ୍ଲିନିକ୍‌ରେ ପହଞ୍ଚିଥିଲେ। ରୋଶନାରା ସେହି ସମୟରେ କ୍ଲିନିକ୍‌ରେ ଥିଲେ। ତେଣୁ ଏକାବେଳେ ୩ ଜଣ ଅନ୍ତର୍ଜାତୀୟ ଖେଳାଳିଙ୍କ ଉପସ୍ଥିତି ମୋତେ ବେଶ୍ ଉତ୍ସାହିତ କରିଥିଲା। ମୁଁ ଦୁଇ ହକି ତାରକାଙ୍କୁ ଭୁବନେଶ୍ୱରକୁ ସ୍ୱାଗତ କରିଥିଲି। ସେମାନଙ୍କ ଉପସ୍ଥିତି ମୋ ପାଇଁ ଅନନ୍ୟ ଅନୁଭୂତି ଥିଲା" ବୋଲି ମୁକ୍ତି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ୨ ହ୍ୟାଟ୍ରିକ ନେବାରେ କୁଲଦୀପ ପ୍ରଥମ ଭାରତୀୟ

ବିଶାଖାପାଟଣା,୧୮।୧୨ (ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ହ୍ୟାଟ୍ରିକ ଉଇକେଟ ହାସଲ କରିଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ଦୁଇଟି ହ୍ୟାଟ୍ରିକ ଅର୍ଜନ କରି ଇତିହାସ ସୃଷ୍ଟି କରିଛନ୍ତି। ୩୩ତମ ଓଭରର ଚତୁର୍ଥ, ପଞ୍ଚମ ଓ ଷଷ୍ଠ ବଲ୍‌ରେ ସେ ଯଥାକ୍ରମେ ସାଇ ହୋପ୍, ଜାସନ ହୋଲ୍ଡର ଓ ଅଲଜାରି ଜୋଶେଫଙ୍କୁ ଆଉଟ କରି ଏହି ସଫଳତା ପାଇଛନ୍ତି। ଏହା ପୂର୍ବରୁ ସେ ୨୦୧୭ରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ମ୍ୟାଚ୍‌ରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହି କ୍ରମରେ ସେ ପାକିସ୍ତାନର ୱାସିମ୍ ଆକ୍ରମ, ସାକଲେନ ମୁସ୍ତାକ, ଶ୍ରୀଲଙ୍କାର ଚାମୁଣ୍ଡା ଭାସ, ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟଙ୍କ ସମକକ୍ଷ ହୋଇଛନ୍ତି। ଏମାନେ ପୂର୍ବରୁ ଦୁଇଟି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ତେବେ ଲସିଥ ମାଲିଙ୍ଗା ସର୍ବାଧିକ ୩ଟି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଭାରତୀୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ପଞ୍ଚମ ହ୍ୟାଟ୍ରିକ ସାବ୍ୟସ୍ତ ହୋଇଛି। ପୂର୍ବରୁ ଚେତନ ଶର୍ମା, କପିଳ ଦେବ, କୁଲଦୀପ, ମହମ୍ମଦ ସାମି ହ୍ୟାଟ୍ରିକ ନେଇଥିଲେ। ଏଥିସହିତ ଚଳିତବର୍ଷ ୪ ଜଣ ଭାରତୀୟ ବୋଲର ୩ଟି ଫର୍ମାଟ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଦୀପକ ଚହର ଚଳିତବର୍ଷ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୨୦୧୯ ପୂର୍ବରୁ ଭାରତୀୟ ବୋଲରମାନେ ୫ ହ୍ୟାଟ୍ରିକ ନେଇଥିଲେ ଓ ଏହି ବର୍ଷ ୪ଟି ହ୍ୟାଟ୍ରିକ ନେଇଛନ୍ତି।

### ଗୋଟିଏ ବର୍ଷରେ ସର୍ବାଧିକ ଦିନିକିଆ ଶତକ



ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ଓପନର ରୋହିତ ଶର୍ମା (୧୫୯) ଶତକ ହାସଲ କରିଛନ୍ତି। ତାଙ୍କ ଇନିଂସରେ ସାମିଲ ରହିଛି ୧୭ ଚୌକା ଓ ୫ ଛକା। ଏହା ଚଳିତବର୍ଷ ରୋହିତଙ୍କ ୭ମ ଦିନିକିଆ ଶତକ। ଗୋଟିଏ ବର୍ଷରେ ସର୍ବାଧିକ ଦିନିକିଆ ଶତକ କରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଅଷ୍ଟ୍ରେଲିଆର ଡେଭିଡ ୱାର୍ନର ଓ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସହ ରୋହିତ ସମକକ୍ଷ ହୋଇଛନ୍ତି। ୱାର୍ନର (୨୦୧୬) ଓ ଗାଙ୍ଗୁଲି (୨୦୦୦) ୭ ଶତକ ହାସଲ କରିଥିଲେ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଏହି ତାଲିକା ଶୀର୍ଷରେ ରହିଛନ୍ତି। ସେ ୧୯୯୮ରେ ୯ ଶତକ ହାସଲ କରିଥିଲେ।

# ଫୋକସ୍‌ରେ ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ ତାରକା

କୋଲକାତା, ୧୮।୧୨ (ପି.ଟି.)

ବିଶ୍ୱର ସବୁଠାରୁ ବ୍ୟୟବହୁଳ ଟି୨୦ କ୍ରିକେଟ୍ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ତ୍ରୟୋଦଶ ସଂସ୍କରଣର ଖେଳାଳି ନିଲାମ ପ୍ରକ୍ରିୟା ଗୁରୁବାର କୋଲକାତାରେ ଅନୁଷ୍ଠିତ ହେବ। ପ୍ରଥମଥର ଲାଗି ଏହି ହାଇପ୍ରୋଫାଇଲ ଲିଗ୍‌ର ଖେଳାଳି ନିଲାମ ବେଙ୍ଗାଲୁରୁ ବାହାରେ ଅନୁଷ୍ଠିତ ହେବାକୁ ଯାଉଛି। କ୍ରିକେଟ୍‌ର ସବୁଠାରୁ ଛୋଟିଆ ଫର୍ମାଟ୍ ଟି୨୦ରେ ୱେଷ୍ଟଇଣ୍ଡିଜ ଓ ଅଷ୍ଟ୍ରେଲିଆ ଖେଳାଳିଙ୍କ ପ୍ରଦର୍ଶନ ସର୍ବଦା ଆଖିଦୃଶିଆ ରହିଥାଏ। ତେଣୁ ଗୁରୁବାର ନିଲାମରେ ଏହି ୨ଟି ଦେଶର ଖେଳାଳିଙ୍କ ଉପରେ ସବୁ ଫ୍ରାଞ୍ଚାଇଜଙ୍କ ନଜର ରହିବ। କିନ୍ତୁ କିଛି ଅଳ୍ପ ପରିଚିତ ଘରୋଇ ଖେଳାଳି ମଧ୍ୟ ବହୁମୂଲ୍ୟରେ ନିଲାମ ପ୍ରକ୍ରିୟାରେ କ୍ରୟ ହୋଇ ଚର୍ଚ୍ଚାରେ ରହିବେ ବୋଲି ଆଶା କରାଯାଉଛି। ଆଇସିସି ଟି୨୦ ବିଶ୍ୱକପ୍ ମଧ୍ୟ ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବାରୁ ଖେଳାଳି ନିଲାମର ଗୁରୁତ୍ୱ ମଧ୍ୟ ବଢ଼ିଯାଇଛି। ନିଲାମ ପାଇଁ ୮ଟି ଫ୍ରାଞ୍ଚାଇଜ ମୋଟ୍ ୭୩ ଖେଳାଳିଙ୍କୁ କ୍ରୟ କରିବେ। କିନ୍ତୁ ଚୂଡ଼ାନ୍ତ ତାଲିକାରେ ମୋଟ୍ ୩୩୨ ଖେଳାଳି ନିଲାମରେ ସେମାନଙ୍କ ଭାଗ୍ୟ ପରୀକ୍ଷା ଲକ୍ଷ୍ୟରେ ରହିଛନ୍ତି।

**ନିଲାମରେ ନୁର୍ ସର୍ବକନିଷ୍ଠ ଖେଳାଳି–** ଚଳିତ ବର୍ଷ ଆଇପିଏଲ୍ ନିଲାମ ପ୍ରକ୍ରିୟାରେ ଆଫଗାନିସ୍ତାନର ନୁର୍ ଅହମ୍ମଦ ସର୍ବକନିଷ୍ଠ ଖେଳାଳି ଭାବେ ତାଲିକାରେ ସ୍ଥାନ ପାଇଛନ୍ତି। ନୁର୍‌ଙ୍କୁ ବର୍ତ୍ତମାନ ୧୪ ବର୍ଷ ୩୫୦ ଦିନ (ବୁଧବାର ସୁଦ୍ଧା)। ଏହି ବାମହାତୀ ଚାଇନାମ୍ୟାନ ବୋଲରଙ୍କ ମୂଳ ନିଲାମ ମୂଲ୍ୟ ୩୦ ଲକ୍ଷ ଟଙ୍କା ରହିଛି। ଭାରତ ବିପକ୍ଷ ଗତ ୧୯ ବର୍ଷରୁ କମ୍ ସିରିଜରେ ସେ ୯ଟି ଉଇକେଟ୍ ନେଇଥିଲେ। ନିଲାମରେ ଏହି ଯୁବ ରିଷ୍ଟ ସ୍ପିନର ବିଭିନ୍ନ ଫ୍ରାଞ୍ଚାଇଜଙ୍କ ଡିମାଣ୍ଡ ଖେଳାଳି ରହିବେ ବୋଲି ଆକଳନ କରାଯାଉଛି। ପୂର୍ବରୁ ଆଫଗାନିସ୍ତାନ ପକ୍ଷରୁ ରଶିଦ୍ ଖାଁ ଓ ମହମ୍ମଦ ନବି ଆଇପିଏଲ୍ ଖେଳିସାରିଛନ୍ତି।

**ନିଲାମରେ ଓଡ଼ିଶାରୁ ଶୁଭ୍ରାଂଶୁ–** ଚଳିତ ବର୍ଷ ଆଇପିଏଲ୍ ନିଲାମ ପ୍ରକ୍ରିୟାରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଶୁଭ୍ରାଂଶୁ ସେନାପତି ଚୂଡ଼ାନ୍ତ ତାଲିକାରେ ରହିଛନ୍ତି। ଶୁଭ୍ରାଂଶୁ ବର୍ତ୍ତମାନ ଓଡ଼ିଶା ଦଳର ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି। ଗତ ସୀମିତ ଓଭର ଘରୋଇ କ୍ରିକେଟ୍ ପ୍ରତିଯୋଗିତାରେ ଏହି ଯୁବ ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା।

### ଆଇପିଏଲ୍ ନିଲାମ ଆଜି

- ସ୍ଥାନ- କୋଲକାତା
- ଆରମ୍ଭ- ଅପରାହ୍ନ ୨:୩୦ରୁ
- ସିଧା ପ୍ରସାରଣ- ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ




# ଓଡ଼ିଶା ଇନିଂସ ଅଗ୍ରଣୀ

**ରଣଜୀ ଟ୍ରଫି**

କଟକ ଅଫିସ,୧୮।୧୨

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ସର୍ଭିସେସ ରଣଜୀ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ବୁଧବାର ଶେଷ ହୋଇଛି। ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଓଡ଼ିଶା ଦଳ ୬ ଉଇକେଟ ବିନିମୟରେ ୨୮୦ରନ ସଂଗ୍ରହ କରିବା ସହ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି। ସର୍ଭିସେସ୍ ପ୍ରଥମ ଇନିଂସରେ ସମସ୍ତ ଉଇକେଟ ହରାଇ ୨୭୧ରନ କରିଥିଲା। ଓଡ଼ିଶା ପକ୍ଷରୁ ଦେବାଶିଷ ସାମନ୍ତରାୟ ୯୬ରନରେ ଅପରାଜିତ ଅଛନ୍ତି।

ସର୍ଭିସେସ୍ ପ୍ରଥମ ଇନିଂସରେ ୨୭୧ରନରେ ଅଲଆଉଟ ହେବା ପରେ ଓଡ଼ିଶା ମଙ୍ଗଳବାର ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ବିନା ଉଇକେଟରେ ୪୩ରନ କରିଥିଲା। ଓପନର ଅନୁରାଗ ଷଡ଼ଙ୍ଗୀ ୩୩ରନରେ ଓ ଶାନ୍ତନୁ ମିଶ୍ର ୧୦ରନରେ ଅପରାଜିତ ଥିଲେ। ୫୧ରନରେ ଓଡ଼ିଶା ପ୍ରଥମ ଉଇକେଟ ହରାଇଥିଲା। ଓପନର ଅନୁରାଗ ବ୍ୟକ୍ତିଗତ ୪ରନ ଯୋଡ଼ିବା ପରେ ୩୭ରନରେ ସାଦବ ନଜାରଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ଶାନ୍ତନୁ ୩୬ରନରେ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ୮୬ରନରେ ଓଡ଼ିଶା ୩ଟି ଉଇକେଟ ହରାଇଥିଲା। ପରେ ୪ର୍ଥ ଉଇକେଟ ଭାଗୀଦାରିରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ୧୧୩ରନ ସଂଗ୍ରହ କରିଥିଲା। ଦେବାଶିଷ ଓ ବିପ୍ଳବ ସାମନ୍ତରାୟ ଏହି ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୩୨ବଲରୁ ୯ଟି ଚୌକା ଓ ଗୋଟିଏ ଛକା ବଳରେ ୭୩ରନ କରିଥିବା ବେଳେ ବିପ୍ଳବ ଦିୱେଶ ପଠାନିଆଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ବିପ୍ଳବଙ୍କର ଏହା ୧୯ତମ ଅର୍ଦ୍ଧଶତକୀୟ ଇନିଂସ ଥିଲା। ବ୍ୟାଟିଂ କ୍ରମ ୬ନଂରେ ଆସିଥିବା ଅଭିଶେକ ରାଉତ ୧ରନ କରିଥିବା ବେଳେ ପଠାନିଆଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଉଇକେଟ କିପର ସୁଜିତ ଲେଙ୍କା ୨୭ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳି ନଜାରଙ୍କ ବଲରେ କ୍ୟାଚ୍ ଆଉଟ ହୋଇଛନ୍ତି। ଦେବବ୍ରତ ପ୍ରଧାନ ୮ରନରେ ଓ ଦେବାଶିଷ ୯୬ରନରେ ଅପରାଜିତ ଅଛନ୍ତି। ୨୩୪ବଲ ଖେଳିଥିବା ଦେବାଶିଷ ୧୩ଟି ଚୌକା ସହାୟତାରେ ଉକ୍ତ ରନ ସଂଗ୍ରହ କରିଛନ୍ତି। ସର୍ଭିସେସ୍ ପକ୍ଷରୁ ପଠାନିଆ, ନଜାର ଓ ସଚ୍ଚିଦାନନ୍ଦ ପାଣ୍ଡେଙ୍କୁ ୨ଟି ଲେଖାଏ ଉଇକେଟ ମିଳିଛି।



୯୬ ରନ୍‌ରେ ଅପରାଜିତ ଥିବା ଦେବାଶିଷ ସାମନ୍ତରାୟ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୯, ୨୦୧୯



“ ଟୋକିଓ ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟରେ ଏମ୍‌ସି ମେରୀକମ୍‌ଙ୍କ ବିପକ୍ଷ ମୁକାବିଲାରେ ନିରପେକ୍ଷତା ନେଇ ସନ୍ଦେହ ରହିଛି ।

–ନିଖାତ୍ ଜରିନ, ଭାରତୀୟ ମହିଳା ବକ୍ସର



“ ଥାଇଲାଣ୍ଡ ବିପକ୍ଷ ବିଜୟ ଆମ ଦଳର ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ାଇବାରେ ବହୁତ ଗୁରୁତ୍ୱପୂର୍ଣ୍ଣ ରହିଥିଲା ।

–ଥୋମାସ ଡେନରବେ, ଜୁନିୟର ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



## ସଂକ୍ଷେପରେ

### ପ୍ରଥମଥର ଲାଗି ଗୋଲ୍ଡେନ ଡକ୍

ବିଶାଖାପାଟନମ୍, ୧୮।୧୨- ଏକଦିବସୀୟ କ୍ରିକେଟ୍‌ର ୪୮ ବର୍ଷର ଇତିହାସରେ ପ୍ରଥମଥର ଲାଗି ଏକ ମ୍ୟାଚ୍‌ରେ ଉଭୟ ଦଳର ଅଧିନାୟକ ପ୍ରଥମ ବଲରେ ଖାତା ଖୋଲିବା ପୂର୍ବରୁ ‘ଶୂନ’ରେ ଆଉଟ୍ ହୋଇଛନ୍ତି। ବୁଧବାର ଏଠାରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନୁଷ୍ଠିତ ୨ୟ ଦିନିକିଆ ମ୍ୟାଚ୍ ଅବସରରେ ଏହି ବିରଳ ଘଟଣା ଦେଖିବାକୁ ମିଳିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଇନିଂସରେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା କୋହଲି ପ୍ରଥମ ବଲରେ ଅଧିନାୟକ କିରନ ପୋଲାର୍ଡଙ୍କ ବଲ୍‌କୁ କଟ୍ ଶଟ୍ ମାରିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ଦିନିକିଆରେ କୋହଲି ୩ୟଥର ପାଇଁ ଗୋଲ୍ଡେନ ଡକ୍ (ପ୍ରଥମ ବଲରେ ଆଉଟ୍) ହୋଇଛନ୍ତି। ୨୦୧୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ପ୍ରଥମେ ଗୋଲ୍ଡେନ ଡକ୍‌ରେ ଆଉଟ୍ ହୋଇଥିଲେ। ଅପରପକ୍ଷରେ ୱେଷ୍ଟଇଣ୍ଡିଜ ଇନିଂସର ୬ ନମ୍ବର ସ୍ଥାନରେ ବ୍ୟାଟିଂ ପାଇଁ ଆସିଥିବା ପୋଲାର୍ଡ ପ୍ରଥମ ବଲରେ ଖାତା ଖୋଲିବା ପୂର୍ବରୁ ରନ୍ ଆଉଟ୍ ହୋଇଥିଲେ।

### କାତାର ଟି୧୦ ଲିଗ୍‌ର ତଦନ୍ତ କରିବ ଆଇସିସି

ଦୁବାଇ,୧୮।୧୨(ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କାତାର ଟି୧୦ ଲିଗ୍‌ରେ ଫିକ୍ସିଂ ହୋଇଥିବା ସନ୍ଦେହରେ ତଦନ୍ତ କରୁଛି। ୧୨ ମାସ ପୂର୍ବେ ଆୟୋଜକଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟକୁ ଭିତ୍ତିକରି ଇଭେଣ୍ଟକୁ ଆଇସିସି ସ୍ୱୀକୃତି ପ୍ରଦାନ କରିଥିଲା। ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଫ୍ରାଞ୍ଚାଇଜ ମାଲିକ ଓ ଆୟୋଜକଙ୍କ ମଧ୍ୟରେ କିଛି ପରିବର୍ତ୍ତନ କରାଯାଇଥିଲା। ଏଥିଯୋଗୁ ଆଇସିସିର ସନ୍ଦେହ ସୃଷ୍ଟି ହୋଇଥିଲା ଓ ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରୁ ବହୁ ବ୍ୟକ୍ତିଙ୍କ ନାମ ସାମ୍ନାକୁ ଆସିଛି, ଯେଉଁମାନେ ଫିକ୍ସିଂ ପାଇଁ ପ୍ରସ୍ତୁତ ରହିଛନ୍ତି। ଆଇସିସିର ଆଣ୍ଟି କରପଶନ ବିଭାଗ (ଏସିୟୁ) ଆୟୋଜକଙ୍କ ସହ ମିଳିତ ଭାବେ ଲିଗ୍ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କାତାର କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ କାତାର ଟି୧୦ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣ ଗତବର୍ଷ ଡିସେମ୍ବର ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ ଦଳ ୨୪ ଅନ୍ତର୍ଜାତୀୟ ଖେଳାଳି, ୧୨ ଆଇସିସି ଆସୋସିଏଶଟ ଖେଳାଳି ଓ ଘରୋଇ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ସୁଇଫ୍ଟ ଗାଲପର୍ସଙ୍କୁ ୪ ଉଇକେଟରେ ହରାଇ ଫାଲକନ ହଣ୍ଟର୍ସ ଚାମ୍ପିୟନ ହୋଇଥିଲା। ଭାରତ ପାଇଁ ଦୁଇଟି ଦିନିକିଆ ଖେଳାଳି ମନପ୍ରୀତ ଗୋନି ଏକମାତ୍ର ଭାରତୀୟ ଭାବେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାକିସ୍ତାନର କମରାନ ଆକମଲ, ମହମ୍ମଦ ହାଫିଜ, ଶୋହେଲ ତାନବୀର ଓ ଦକ୍ଷିଣ ଆଫ୍ରିକାର ହାସିମ ଆମଲାଙ୍କ ଭଳି ଖେଳାଳିଙ୍କୁ ଲିଗ୍‌ରେ ଦେଖିବାକୁ ମିଳିଥିଲା।

### ନେଟ୍ସକୁ ଫେରିଲେ ବୋଲ୍ଟ

ମେଲବୋର୍ନ,୧୮।୧୨: ନ୍ୟୁଜିଲାଣ୍ଡ ପେସ ବୋଲର ଟ୍ରେଣ୍ଟ ବୋଲ୍ଟ ବୁଧବାର ନେଟ୍ସକୁ ଫେରିଛନ୍ତି। ଏଥିଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ତଥା ବକ୍ସିଂ ଡେ ଟେଷ୍ଟରେ ସେ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ଆହତ ସମସ୍ୟା କାରଣରୁ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରୁ ବୋଲ୍ଟ ବାଦ୍ ପଡ଼ିଥିଲେ।

# ଆଜି ପହଞ୍ଚିବେ ଦଳ, କାଉଣ୍ଟରରେ ଟିକେଟ୍ ବିକ୍ରି

**ବାରବାଟୀ ଦିନିକିଆ ଆଉ ୩ ଦିନ**

କଟକ ଅଫିସ,୧୮।୧୨

ଆସନ୍ତା ରବିବାର ବାରବାଟୀରେ ହେବାକୁ ଥିବା ଭାରତ–ୱେଷ୍ଟଇଣ୍ଡିଜ ୩ୟ ଏକଦିବସୀୟ କ୍ରିକେଟ ମ୍ୟାଚ୍ ପାଇଁ ଉଭୟ ଦଳ ଗୁରୁବାର ମଧ୍ୟାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ। ଗୁରୁବାର ଦିନ ୧୨.୧୦ରୁ ୧.୧୦ ମଧ୍ୟରେ ଉଭୟ ଦଳ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଭୁବନେଶ୍ୱରର ଏକ ତାରକା ହୋଟେଲକୁ ନିଆଯିବ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଉଭୟ ଦଳକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ପରେ ଉଭୟ ଦଳ ପର୍ଯ୍ୟାୟକ୍ରମେ ଶୁକ୍ରବାର ଓ ଶନିବାର ଅଭ୍ୟାସ ପାଇଁ ବାରବାଟୀ ଷ୍ଟାଡିୟମ ଆସିବେ। ଅନ୍ୟପକ୍ଷରେ ଗୁରୁବାରଠାରୁ ଦୁଇ ଦିନ ଧରି ଉକ୍ତ ମ୍ୟାଚ୍ ନିମନ୍ତେ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହେବ।

**ପୋଲିସ୍‌ର ମକଡ୍ରିଲ୍**

ଉଭୟ ଦଳର ଖେଳାଳି କିପରି ସୁରକ୍ଷିତ ଭାବେ ଷ୍ଟାଡିୟମ ପହଞ୍ଚିବେ ସେ ନେଇ ବୁଧବାର କମିଶନରେଟ୍ ପୋଲିସ ପକ୍ଷରୁ ମକଡ୍ରିଲ କରାଯାଇଥିଲା। କଡ଼ା ସୁରକ୍ଷା ବଳୟରେ ଉଭୟ ଦଳର ବସ୍ ଅପରାହ୍ନ ୪ଟା ୪୫ରେ ଭୁବନେଶ୍ୱରରୁ ବାହାରିଥିଲା। ପରେ ଭୁବନେଶ୍ୱର–କଟକ ଜାତୀୟ ରାଜପଥ ଦେଇ ଶିଖରପୁରରେ ପହଞ୍ଚିବା ପରେ ସେଠାରୁ ଷ୍ଟାଡିୟମ ଅଭିମୁଖେ ଯାଇଥିଲା। ଷ୍ଟାଡିୟମ ନିକଟରେ ପହଞ୍ଚିବା ପୂର୍ବରୁ ପୋଲିସ ପକ୍ଷରୁ ଏହି ରାସ୍ତାରୁ ଟ୍ରାଫିକ ବ୍ୟବସ୍ଥା ଉଚ୍ଛେଦ କରାଯାଇଥିଲା। ବସ୍ ଷ୍ଟାଡିୟମ ନିକଟରେ ପହଞ୍ଚିବା ପରେ ସେଣ୍ଟଜାଭିୟର୍ସ ସ୍କୁଲ ଗେଟ ଦେଇ ପାର୍କିଂ ସ୍ଥଳ ପର୍ଯ୍ୟନ୍ତ ନିଆଯାଇଥିଲା। ପୋଲିସ ବଳୟ ଭିତରେ ପ୍ରଥମେ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ବସ୍ ରହିଥିଲା। ତା ପଛକୁ ପୋଲିସ ସୁରକ୍ଷା ସହିତ ଆସିଥିଲା ଟିମ ଇଣ୍ଡିଆ ବସ୍।

**୧୦,୦୩୯ ଟିକେଟ୍**

ଦର୍ଶକମାନଙ୍କ ନିମନ୍ତେ କାଉଣ୍ଟରରେ ମୋଟ୍ ୧୦,୦୩୯ଟି ଟିକେଟ ବିକ୍ରି ପାଇଁ ରଖାଯାଇଛି। ଏହା ମଧ୍ୟରେ ଗ୍ୟାଲେରି ନଂ–୧ର ୩୪୯୮ଟି ଟିକେଟ, ଗ୍ୟାଲେରି ନଂ–୨ର ୪୭୭ଟି ଟିକେଟ, ଗ୍ୟାଲେରି ନଂ–୩ର ୩୭୩୬ଟି ଟିକେଟ, ଗ୍ୟାଲେରି ନଂ–୪ର ୯୮୨ଟି ଟିକେଟ୍, ଗ୍ୟାଲେରି ନଂ–୬ର ୧୫ଟି ଟିକେଟ୍, ସ୍ପେଶାଲ ଏନକ୍ଲୋଜରର ୧୧୮୦ଟି ଟିକେଟ୍, ନ୍ୟୁ ପ୍ୟାଭିଲିୟନର ୮୬ଟି ଟିକେଟ ଓ କର୍ପୋରେଟ ବକ୍ସର ୬୫ଟି ଟିକେଟ ରହିଛି। ମୋଟ ୧୨ଟି କାଉଣ୍ଟର ଦର୍ଶକମାନଙ୍କ ନିମନ୍ତେ ଖୋଲାଯିବ। ସମସ୍ତ ଗ୍ୟାଲେରି ଟିକେଟ କାଉଣ୍ଟର ୧ରୁ ୧୦ ମଧ୍ୟରେ ବିକ୍ରି କରାଯିବ। କାଉଣ୍ଟର ନଂ–୧୧ ଓ ୧୨ରେ ସ୍ପେଶାଲ ଏନକ୍ଲୋଜର, ନ୍ୟୁ ପ୍ୟାଭିଲିୟନ ଓ କର୍ପୋରେଟ ବକ୍ସର ଟିକେଟ ମିଳିବ।




ଟିକେଟ କିଣିବା ପାଇଁ ବୁଧବାର ରାତିରୁ କାଉଣ୍ଟର ନିକଟରେ ଲୋକଙ୍କ ଭିଡ଼। (ଫଟୋ: ରାଜକିଶୋର ମହାନ୍ତି)




କମିଶନରେଟ ପୋଲିସ ପକ୍ଷରୁ ମକ୍ ଡ୍ରିଲ।



କଡ଼ା ସୁରକ୍ଷା ବ୍ୟବସ୍ଥା।

## ଶୀର୍ଷରେ ବେଙ୍ଗାଲୁରୁ

ଗୁଆହାଟୀ, ୧୮।୧୨ (ପି.ଟି.)

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯାଇଥିବା ଏକ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ୨–୦ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ବେଙ୍ଗାଲୁରୁ ପ୍ରଭାବ ବିସ୍ତାର କରି ୨ଟି ଗୋଲ ଦେବରେ ସଫଳ ହୋଇଥିଲା। ଦଳର ଷ୍ଟାର ଖେଳାଳି ତଥା ଅଧିନାୟକ ସୁନୀଲ ଛେତ୍ରୀ ମ୍ୟାଚ୍‌ର ୬୮ତମ ମିନିଟ୍‌ରେ ପ୍ରଥମ ଗୋଲସ୍କୋର କରିଥିଲେ। ମିଳିଥିବା ପେନାଲ୍ଟି ସୁଯୋଗକୁ କୌଣସି ତ୍ରୁଟି ନ କରି ଛେତ୍ରୀ ଦଳକୁ ୧–୦ରେ ଅଗ୍ରଣୀ କରିଥିଲେ। ଏହାପରେ ୮୦ତମ ମିନିଟ୍‌ରେ ଆଲବର୍ଟ ସେରାନ ଦଳ ପାଇଁ ଆଉ ଏକ ଗୋଲ କରି ୨–୦ରେ ବିଜୟୀ କରାଇଥିଲେ। ଏଥିସହ ୯ ମ୍ୟାଚ୍‌ରୁ ୪ର୍ଥ ବିଜୟ ହାସଲ କରି ବେଙ୍ଗାଲୁରୁ ୧୬ ପଏଣ୍ଟ ସହିତ ଟେବୁଲ ତାଲିକାର ଶୀର୍ଷକୁ ଉଠିଛି। ପୂର୍ବ ମ୍ୟାଚ୍‌ରେ ବେଙ୍ଗାଲୁରୁ ୨–୩ ଗୋଲରେ ମୁମ୍ବାଇ ସିଟି ଏଫ୍‌ସି ନିକଟରୁ ପରାସ୍ତ ହୋଇଥିଲା। ଅପରପକ୍ଷରେ ନର୍ଥଇଷ୍ଟ ଶେଷ ୪ ମ୍ୟାଚ୍‌ରୁ ଗୋଟିଏ ହେଲେ ବି ଜିତିବାକୁ ସକ୍ଷମ ହୋଇନାହିଁ।

## ଟୋକିଓ ଅଲିମ୍ପିକ୍ସ: ଟିକେଟ ଚାହିଦା ଆକାଶଛୁଆଁ

ଟୋକିଓ,୧୮।୧୨(ଏପି)

ଟୋକିଓରେ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସ ଟିକେଟର ଚାହିଦା ଆକାଶଛୁଆଁ ହୋଇଛି। ଖାସ୍ କରି ଜାପାନରେ ଟିକେଟକୁ ନେଇ ଚାହିଦାରେ ଆଶାତୀତ ହୋଇଛି। ଗତ ଲଟେରିରେ ଜାପାନ ଅଧିବାସୀଙ୍କ ପାଇଁ ୨୩ ମିଲିୟନ ଟିକେଟ ବ୍ୟବସ୍ଥା ଲାଗି ଅନୁରୋଧ କାରାଯାଇଛି। ତେବେ କେବଳ ଗୋଟିଏ ମିଲିୟନ ଟିକେଟ ମିଳିପାରିବ ବୋଲି କୁହାଯାଇଛି। ଅର୍ଥାତ ପ୍ରାୟ ସମସ୍ତଙ୍କୁ ଖାଲି ହାତରେ ଯିବାକୁ ପଡିବ ବୋଲି ଆୟୋଜକ ତରଫରୁ କୁହାଯାଇଛି। ଏହି ଅଲିମ୍ପିକ୍ସର ଲୋକପ୍ରିୟତା ଆଶାତୀତ ବୃଦ୍ଧି ପାଇଛି। ପୂର୍ବରୁ ଜାପାନ କ୍ରୀଡ଼ାପ୍ରେମୀଙ୍କ ପାଇଁ ଗତ ଲଟେରିଗୁଡିକରେ ୩.୫୭ ମିଲିୟନ ଟିକେଟ ଦିଆଯାଇଛି। ତେବେ ପ୍ରଥମଥର ଏହାର ୨୦ ଗୁଣା ଅଧିକ ଅର୍ଥାତ୍ ୬୦ ମିଲିୟନ ଟିକେଟ ପାଇଁ ଅନୁରୋଧ କରାଯାଇଥିଲା।

ଏବେ ଆସନ୍ତାବର୍ଷ ପ୍ରାରମ୍ଭରେ ଜାପାନରେ ଟିକେଟ ପ୍ରଦାନ କରାଯିବ। ଜାପାନ ଓ ଅଣ ଜାପାନ ଲୋକଙ୍କ ପାଇଁ ଫାଷ୍ଟ କମ୍ ଫାଷ୍ଟ ବେସିସ୍‌ରେ ଏହି ଟିକେଟ ମିଳିପାରିବ। ମୋଟାମୋଟି ଉପରେ ସବୁ ଇଭେଣ୍ଟ ପାଇଁ ୭.୮ ମିଲିୟନ ଟିକେଟ ମିଳିବାର ବ୍ୟବସ୍ଥା କରାଯାଇଛି। ଅତିକମ୍ ୭୦ ପ୍ରତିଶତ ଟିକେଟ ଜାପାନ ଲୋକଙ୍କୁ ମିଳିବ। କେବଳ ସେତିକି ନୁହଁ ପ୍ରାୟୋଜକ, ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ, ନ୍ୟାଶନାଲ ଅଲିମ୍ପିକ କମିଟି ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିଗୁଡିକ ପାଇଁ ମଧ୍ୟ ଟିକେଟର ବ୍ୟବସ୍ଥା କରାଯାଇଛି। ଜାପାନ ବାହାରେ ମଧ୍ୟ କେତେ ମିଲିୟନ ଟିକେଟ ବିକ୍ରି ହୋଇଛି। ଅଫିସିଆଲ ଅଲିମ୍ପିକ ଟିକେଟ ରିସେଲରମାନେ ଏହି ଟିକେଟ ବିକ୍ରି କରିଛନ୍ତି।

ଜୁଲାଇ ୨୪ରେ ଆୟୋଜନ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ଟିକେଟଗୁଡିରେ ଦାମ ବେଶ୍ ଅଧିକ ରହିଛି। ଗୋଟିଏ ଟିକେଟର ମୂଲ୍ୟ ୩ ଲକ୍ଷ ୟେନ ବା ୨, ୭୦୦ ଆମେରିକୀୟ ଡଲାର ରହିଛି। ସେହିପରି ଉଦ୍‌ଯାପନୀ ଉତ୍ସବର ଟିକେଟ ମୂଲ୍ୟ ୨୨୦,୦୦୦ ୟେନ ବା ୨,୦୦୦ ଡଲାର ରହିଛି। ଟିକେଟ କଳାବଜାରକୁ ରୋକିବା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିରେ ଦୋଷୀ ସାବ୍ୟସ୍ତ ହେଲେ ଜଣେ ବ୍ୟକ୍ତିଙ୍କୁ ୯,୧୦୦ ଡଲାର ଜରିମାନା ସହ ଏକ ବର୍ଷ ଜେଲ ଦଣ୍ଡାଦେଶର ବ୍ୟବସ୍ଥା ରହିଛି।

## ରାଜ୍ୟ ବଧିର ଚେସ୍ ୨୨ରେ

କଟକ ଅଫିସ,୧୮।୧୨

ଦେଉଳସାହିସ୍ଥିତ ମୋନାଲିସା ପ୍ୟାଲେସରେ ୨୨ତମ ରାଜ୍ୟ ବଧିର ଚେସ୍ ପ୍ରତିଯୋଗିତା ଆସନ୍ତା ୨୨ତାରିଖରେ ଅନୁଷ୍ଠିତ ହେବ। ଓଡ଼ିଶା ସ୍ପୋର୍ଟ୍ସ କାଉନସିଲ ଅଫ ଡିଫ୍ ଓ କଟକ ଜିଲା ବଧିର ସଂଘର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତା ୫ରାଉଣ୍ଡ ବିଶିଷ୍ଟ ଖେଳାଯିବ। ଏଥିରେ ଜୁନିୟର ବାଳିକା ଓ ବାଳକ, ସିନିୟର ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ଟୁର୍ନାମେଣ୍ଟରୁ ଶ୍ରେଷ୍ଠ ୨୦ଜଣ ଖେଳାଳି ବଛାଯିବେ। ଆସନ୍ତା ଜାନୁୟାରୀ ୮ରୁ କର୍ଣାଟକରେ ହେବାକୁ ଥିବା ଜାତୀୟ ବଧିର ପ୍ରତିଯୋଗିତାରେ ବଛାଯାଇଥିବା ଶ୍ରେଷ୍ଠ ଖେଳାଳିମାନେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ରାଜ୍ୟ ବଧିର ସଂଘ ସମ୍ପାଦକ ନିରଞ୍ଜନ ଜୋଷୀ ସୂଚନା ଦେଇଛନ୍ତି। ଟୁର୍ନାମେଣ୍ଟ ସମ୍ପର୍କରେ ଅଧିକ ବିବରଣୀ ଜାଣିବା ନିମନ୍ତେ ଏସ୍‌ଆର୍ ଚେସ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ପି.କେ. ମହାପାତ୍ରଙ୍କ ସହ ଯୋଗାଯୋଗ କରିବାକୁ କଟକ ଜିଲା ବଧିର ସଂଘ ସଙ୍ଗଠନ ସମ୍ପାଦକ ଜିତେନ୍ଦ୍ର ନନ୍ଦ ନିବେଦନ କରିଛନ୍ତି ।

■ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ

## ବିଜୟ ପଥକୁ ଫେରିଲେ ଓଡ଼ିଶା ଖେଳାଳି

ଭୁବନେଶ୍ୱର, ୧୮।୧୨(କ୍ରୀଡ଼ା ପ୍ରତିନିଧି)



ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଇଷ୍ଟକୋଷ୍ଟ ରେଳୱେ ଇନ୍‌ଡୋର ଷ୍ଟାଡିୟମ ଏବଂ ସହିଦ ନଗରସ୍ଥିତ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ପ୍ରଥମ ଦିବସର ନୈରାଶ୍ୟପରେ ଦ୍ୱିତୀୟ ଦିବସରେ ଓଡ଼ିଶା ଖେଳାଳିମାନେ ଆକର୍ଷଣୀୟ ପ୍ରଦର୍ଶନ ପରେ ବିଜୟ ପଥକୁ ଫେରିଛନ୍ତି। ୧୭ ବର୍ଷରୁ କମ ସିଙ୍ଗଲ୍ସରେ ୭ମ ସିଡ୍ ଆୟୁଷ ପଟ୍ଟନାୟକ ୨୧–୧୨, ୧୨–୨୧, ୨୩–୨୧ରେ ରାଜସ୍ଥାନର ହିମାଂଶୁ ଖତାନାଙ୍କୁ ପରାସ୍ତ କରିଛନ୍ତି। ସେହିପରି ଆୟୁଷ ଦାଶ ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଉତ୍ତରାଖଣ୍ଡର ଚୟନିତ ଜୋଶୀଙ୍କୁ୨୧–୧୨, ୧୩–୨୧,୨୧–୧୩ରେ ହରାଇ ଦେଇଛନ୍ତି।

ଓଡ଼ିଶାର ଟାଇଟଲ ଆଶାୟୀ ଶ୍ୱେତପର୍ଣ୍ଣା ପଣ୍ଡା ଆୟୋଜକଙ୍କ ପାଇଁ ଅଧିକ ଖୁସି ଆଣିଦେଇଛନ୍ତି। କର୍ନାଟକର ସାତ୍ୱିକ ରେଡ୍ଡୀଙ୍କୁ ସାଥିକରି ଖେଳୁଥିବା ଶ୍ୱେତପର୍ଣ୍ଣା ୧୫ ବର୍ଷରୁ କମ ମକ୍ସଡ୍ ଡବଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଶୀର୍ଷ ସିଡ ପ୍ରାପ୍ତ ଶ୍ୱେତାପର୍ଣ୍ଣା ଏବଂ ସାତ୍ୱିକ ଯୋଡ଼ି ହରିୟାଣାର ଇଶାନ ରୋହିଲା ଏବଂ ଚିତ୍ତନ ଖତ୍ରୀଙ୍କୁ ୨୧–୧୩, ୨୧–୧୦ ବ୍ୟବଧାନରେ ହରାଇ ପ୍ରି କ୍ୱାଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଶୀର୍ଷ ସିଡ୍ ରାଘବ (୧୫ବର୍ଷରୁ କମ୍ ବାଳକ), ପ୍ରଣଭ ରାଓ ଗନ୍ଧମ(୧୭ବର୍ଷରୁ କମ୍ ବାଳକ) ଏବଂ ତାରା ଶାହ(୧୫ବର୍ଷରୁ କମ ବାଳିକା) ନିଜର ସିଙ୍ଗଲ୍ସ ମ୍ୟାଚରେ ସହଜ ବିଜୟ ସହିତ ଅଭିଯାନ ଆରମ୍ଭ କରିଛନ୍ତି। ହରିୟାଣାର ରାଘବ ସିକ୍କିମର ଟୋପଜାଙ୍ଗ୍ ଲେପ୍‌ଚାଙ୍କୁ ୨୧–୧୮,୨୧–୭ରେ, ତେଲଙ୍ଗାନାର ଗନ୍ଧମ ହରିୟାଣାର ପଙ୍କଜଙ୍କୁ ୨୧–୮,୨୧–୯ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୫ ବର୍ଷରୁ କମ ବାଳିକା ସିଙ୍ଗଲ୍ସରେ ମହାରାଷ୍ଟ୍ରର ତାରା ୨୧–୧୯, ୨୧–୮ରେ ପ୍ରତୀକ୍ଷା ଯୋଶୀଙ୍କୁ ପରାସ୍ତ କରିଛନ୍ତି। ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ୨ଟି ବିପର୍ଯ୍ୟୟ ଦେଖିବାକୁ ମିଳିଛି। ରାଜସ୍ଥାନର ଭୁବନ ସିଂ ୧୫ତମ ସିଡ୍ ପଞ୍ଜାବର ଆକର୍ଷିତ ଶର୍ମାଙ୍କୁ ୨୧–୧୩, ୨୧–୧୧ ଏବଂ ହରିୟାଣାର ସନ୍ନି ନେହରା ୧୬ତମ ସିଡ୍ ଉତ୍ତରାଖଣ୍ଡର ସୌର୍ଯ୍ୟ ପନ୍ତଙ୍କୁ ୨୧–୧୯, ୧୭–୨୧, ୨୧–୧୫ ପଏଣ୍ଟରେ ପରାସ୍ତ କରିଛନ୍ତି।

ମନେ ପଡ଼ନ୍ତି

୭ମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ନୀଳିମା ଜେନା
ଆବିର୍ଭାବ: ୦୪।୦୨।୧୯୬୯
ସ୍ୱର୍ଗାରୋହଣ: ୦୪।୦୧।୨୦୧୩
ଆମମାନଙ୍କ ପ୍ରତି ତୁମର ସ୍ନେହ ତଥା ଅବଦାନ ଆମେ କେବେବି ଭୁଲି ପାରିବୁ ନାହିଁ ।
ତୁମର ସ୍ୱାମୀ: ମାନଗୋବିନ୍ଦ ଓ ପୁଅ: ବାପ୍‌ଲୁ
ଧ–୧୫୭୮୯

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କସ୍ତୁରୀ ଚରଣ ସ୍ୱାଇଁ
ଭିରଙ୍ଗ, ଏରସମା, ଜଗତ୍‌ସିଂହପୁର
ଆବିର୍ଭାବ: ୨୧।୦୪।୧୯୪୦
ତିରୋଧାନ: ୧୦।୧୨।୨୦୧୯
ସେ ଜଣେ ସମାଜସେବୀ ଏବଂ ଉନ୍ନତିମୂଳକ କାର୍ଯ୍ୟରେ ନିୟୋଜିତ ଥିଲେ। ଲକ୍ଷ୍ମୀନୃସିଂହ ସଂସ୍କୃତ ମହାବିଦ୍ୟାଳୟ, ଖଡ଼ଗପୁର, ତିର୍ତ୍ତୋଲରେ ଶିକ୍ଷକତା କରୁଥିଲେ। ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର ସିନେଟ୍ ମେମ୍ବର ଥିଲେ। ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୋଠି, ଜଗତ୍‌ସିଂହପୁର ଏବଂ ଭିରଙ୍ଗ ବିଦ୍ୟାଳୟର ପ୍ରତିଷ୍ଠାତା ମଧ୍ୟ ଥିଲେ। ଆପଣମାନେ ଆମର ଭିରଙ୍ଗ ସ୍ଥିତ ବାସଭବନରେ ଶୁଦ୍ଧିକ୍ରିୟାରେ ଯୋଗଦାନ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ହେବେ।
ଶୋକସନ୍ତପ୍ତ:
ବିଭୂତି ଭୂଷଣ ସ୍ୱାଇଁ, ଶାରଦା ପ୍ରସନ୍ନ ସ୍ୱାଇଁ, ବନୋଦିନୀ ସ୍ୱାଇଁ, ମିନାସିନି ଲେଙ୍କା, ସୁଧୀର ଲେଙ୍କା, ନାତୁଣୀ, ଭଣଜା ଓ ପରିବାରବର୍ଗ ।
ଧ–୧୫୭୫୭

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ରାଜକିଶୋର ଶତପଥି (ବରିଷ୍ଠ ଠିକାଦାର)
ପତୁକା ଶାସନ, ପାଳସିଆ, ବାଲେଶ୍ୱର
ଆବିର୍ଭାବ: ୨୬।୦୫।୧୯୬୭
ତିରୋଧାନ: ୦୯।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ ।
ଧ–୧୫୭୯୬

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପଦ୍ମାରାଣୀ ପତି
ସ୍ୱାମୀ– ବିଷ୍ଣୁଚରଣ ପତି
ଗ୍ରାମ: କାକରୁଦ୍ରପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୫୪
ତିରୋଧାନ: ୦୮।୧୨।୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ଦିଅର, ଯା’, ନାତି, ନାତୁଣୀ ଏବଂ ପତି ପରିବାରବର୍ଗ ।
ଧ–୧୫୭୯୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ: ୨୮।୦୫।୧୯୬୮
ତିରୋଧାନ: ୧୭।୧୨।୨୦୧୯
ମୋର ସହଧର୍ମିଣୀ ଆଲୋଚନା ପାଇକରାୟଙ୍କ ଗତ ୧୭ ତାରିଖ ଦିନ ଅକାଳ ମୃତ୍ୟୁ ହୋଇ ଯାଇଛି। ତାଙ୍କର ମୃତ୍ୟୁରେ ମୋର ସପରିବାର, ବନ୍ଧୁବର୍ଗ, ନରିଶୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମ୍ରିୟମାଣ ହୋଇ ପଡିଛନ୍ତି। ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ଆମେ ପ୍ରାର୍ଥନା କରୁଅଛୁ।
ଉପେନ୍ଦ୍ରନାଥ ପାଇକରାୟ, ଗ୍ରାମ– ବାରାସିଲ, ପୋଷ୍ଟ– ପାଟସୁନ୍ଦରପୁର, ବ୍ଲକ– କଣ୍ଟାପଡା, ଜିଲ୍ଲା– କଟକ
ଧ–୧୫୭୯୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୯/୨୦୧୯ Bhubaneswar, Thursday, December 19/ 2019

## ଲୁଣାନଦୀ ସେତୁ ଉପରୁ ଖସି ବୃଦ୍ଧ ମୃତ

ଡେଲାଙ୍ଗ,୧୮।୧୨(ଡି.ଏନ.ଏ.)

ଡେଲାଙ୍ଗ ହାଟ ବଜାର ନିକଟ ପଟଣପୁର ଗ୍ରାମକୁ ସଂଯୋଗ ହୋଇଥିବା ଲୁଣାନଦୀ ସେତୁ ଉପରୁ ଖସିପଡ଼ି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡେଲାଙ୍ଗ କୋଠବାଡ ପଞ୍ଚାୟତର ପଟଣପୁର ଗ୍ରାମର କେଲୁଚରଣ ସାହୁ (୭୦)। ସୂଚନାଯୋଗ୍ୟ, ସନ୍ଧ୍ୟା ୬ଟାରେ ଡେଲାଙ୍ଗ ବଜାରରୁ ବୃଦ୍ଧଜଣକ ଘରକୁ ଫେରୁଥିଲେ। ସେତୁ ଉପରେ ଚାଲି ଚାଲି ଆସୁଥିବାବେଳେ ୨ ପାର୍ଶ୍ୱରେ ୱାଲ ନ ଥିବାବେଳେ ସ୍ଥାନଟି ଅନ୍ଧାର ଥିବାରୁ ବୃଦ୍ଧଜଣକ ଅସାବଧାନତାବଶତଃ ତଳକୁ ଖସିପଡିଥିଲେ। ସ୍ଥାନୀୟ ଲୋକେ ଜାଣି ବୃଦ୍ଧଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଅର୍ଦ୍ଧ ନିର୍ମିତ ସେତୁକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲୋକେ ଦାବି କରିଥିଲେ। ଏ ନେଇ ଉପଜିଲାପାଳ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଶାସନର ନିର୍ଦ୍ଦେଶକୁ ଦୁଇମାସ ବିତିଯାଇଥିଲେ ମଧ୍ୟ ଏହି କାର୍ଯ୍ୟ ନ ହେବାରୁ ଏଭଳି ଘଟଣା ଘଟିଗଲା।

## ଛତିଶା ନିଯୋଗ ବୈଠକ
# ଅଙ୍ଗାରକୁ ନେଇ ତୁମ୍ବିତୋଫାନ

ପୁରୀ ଅଫିସ, ୧୮।୧୨

ଶ୍ରୀମନ୍ଦିର ଭିତରକୁ ଆସୁଛି ବାହାର ଅଙ୍ଗାର। ତାହା ପୁଣି ରୋଷଘରେ ବ୍ୟବହାର ହେଉଛି। ପ୍ରସ୍ତୁତ କରାଯାଉଛି ଆନନ୍ଦ ବଜାରରେ ବିକ୍ରି କରାଯାଉଥିବା ଭୋଗ (କୋଠଭୋଗ ନୁହେଁ)। ଅଳ୍ପ କେତେଜଣ ସୁଆର ସେବକ ଏଭଳି ଲାଭଖୋର ମନୋବୃତ୍ତି ରଖି ହିତାହିତ ଭୁଲିଯାଉଛନ୍ତି। ଭକ୍ତଙ୍କ ଭାବନା ସହିତ ଖେଳ ଖେଳୁଛନ୍ତି। ଜଣେ ସେବକ ଏଭଳି ଅଭିଯୋଗ କରିବା ପରେ ଏହାକୁ ନେଇ ବୁଧବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ବେଶ୍ ତୁମ୍ବିତୋଫାନ ହୋଇଥିଲା। ଏହା ଉପରେ ତୁରନ୍ତ ଅଙ୍କୁଶ ଲଗାଇବା ପାଇଁ ସମ୍ପୃକ୍ତ ସେବକ ଦାବି କରିଥିଲେ।

ଶ୍ରୀମନ୍ଦିର ରୋଷଘରେ ସୁଆର ସେବକମାନେ ଭୋଗ ପ୍ରସ୍ତୁତ କରିଥାନ୍ତି। ଏହି ଭୋଗ ଆନନ୍ଦ ବଜାରରେ ବିକ୍ରି କରାଯାଉଥିବାବେଳେ ଲୋକେ ମଧ୍ୟ ବରାଦି ଦେଇ ନେଇଥାନ୍ତି। ଶୁଦ୍ଧପୂତ ଭାବେ ଏହି ଭୋଗ ପ୍ରସ୍ତୁତ କରାଯିବାର ନିୟମ ରହିଛି। ଏଥିପାଇଁ ଆବଶ୍ୟକ



ଡାଲି, ଚାଉଳ, ପନିପରିବା ଆଦିରେ ଶୁଦ୍ଧତା ରହିବା ବି ଅପରିହାର୍ଯ୍ୟ। ଏହିସବୁ ସାମଗ୍ରୀ ଯାଞ୍ଚ ପାଇଁ ମଧ୍ୟ ସ୍ୱତନ୍ତ୍ର ସେବକ ରହିଛନ୍ତି। ଏହି ଭୋଗ କେବଳ କାଠଚୁଲାରେ ପ୍ରସ୍ତୁତ କରାଯାଏ, ତାହା ପୁଣି ସବୁ କାଠରେ ନୁହେଁ। କିନ୍ତୁ କିଛି ସୁଆର ସେବକ ଏ ସବୁକୁ ମାନୁନାହାନ୍ତି। ଅଧିକ ଲାଭ ଆଶାରେ ବେନିୟମ କାମ କରୁଛନ୍ତି। ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ଭକ୍ତଙ୍କ ଯେଉଁ ଭାବନା ଓ ବିଶ୍ୱାସ ରହିଛି, ତାହାକୁ ସେମାନେ ସମ୍ପୂର୍ଣ୍ଣ ପାଶୋରି ଦେଉଛନ୍ତି। ପୂର୍ବରୁ ଚାଉଳର ମାନ ଓ ଡାଲ୍ଡା ବ୍ୟବହାର କରାଯାଉଥିବାରୁ

### ଭୋଗ ପ୍ରସ୍ତୁତିରେ ବ୍ୟବହାର ହେଉଛି ବାହାର ଅଙ୍ଗାର

ଏହାକୁ ନେଇ ଏକାଧିକ ଥର ଅଭିଯୋଗ ଉଠିଛି। କିନ୍ତୁ ସମ୍ପୂର୍ଣ୍ଣ ସୁଧାର ଆସିପାରି ନ ଥିବାବେଳେ ଏବେ ଭୋଗର ଜାଳେଣିକୁ ନେଇ ଉଠିଛି ପ୍ରଶ୍ନ। ବୁଧବାର ଛତିଶା ନିଯୋଗ ବୈଠକରେ ଜଣେ ସେବକ ଏହି ପ୍ରସଙ୍ଗ ଉଠାଇଥିଲେ। ବାହାର ଅପବିତ୍ର ସ୍ଥାନରୁ ଅଙ୍ଗାର ଆଣି ରୋଷଘରେ ପୂରାଯାଉଛି ବୋଲି ସେ କହିଥିଲେ। ଏହା ବେଆଇନ କାମ ବୋଲି ସେବକଙ୍କୁ କୁହାଗଲେ ମଧ୍ୟ ସେମାନେ କିଛି ଶୁଣୁନାହାନ୍ତି। ବାହାରୁ ବସ୍ତା ବସ୍ତା ଅଙ୍ଗାର ଭିତରକୁ ଯାଉଥିବାବେଳେ ସୁରକ୍ଷା କର୍ମୀମାନେ ଜାଣିପାରୁ ନାହାନ୍ତି କେମିତି ବୋଲି ସେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ସମ୍ପୃକ୍ତ ସେବକଙ୍କୁ କେତେଜଣ ଘେରିଥିଲେ। ଫଳରେ କିଛି ସମୟ ଧରି ହୋହଲ୍ଲା ହୋଇଥିଲା। ଏ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରଶାସନିକ ଅଧିକାରୀ କହିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରେ କହିଛନ୍ତି, ବୈଠକରେ ଆଲୋଚନା ହୋଇଥିବା ପ୍ରସଙ୍ଗ ଉପରେ ପ୍ରୋସିଡିଂ ବାହାରିବା ପରେ ଯାହା କିଛି ଜଣାପଡ଼ିବ।

ଶାସ୍ତ୍ରରେ ଉଲ୍ଲେଖ ରହିଛି, ଅବଢ଼ା କଣିକାଏ ପାଇଲେ ଜୀବ ମୁକ୍ତି ଲାଭ କରେ। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତମାନେ ଏହାକୁ ପାଇବା ସକାଶେ ଚାହିଁ ରହିଥାନ୍ତି। ତେଣୁ ଏହି ଭୋଗ ପ୍ରସ୍ତୁତିରେ କୌଣସି ପ୍ରକାର ଅଶୁଦ୍ଧତା ରହିବା ଉଚିତ ନୁହେଁ। ମହାପ୍ରସାଦ ପ୍ରତି ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ରହିଛି। ମହାପ୍ରସାଦକୁ ଅନ୍ନବ୍ରହ୍ମ ବୋଲି କୁହାଯାଇଥାଏ। କୁହାଯାଇଛି ଭଗବାନଙ୍କୁ ନିନ୍ଦିଲେ ଚଳିବ, କିନ୍ତୁ ତାଙ୍କ କୈବଲ୍ୟକୁ ନିନ୍ଦା କରିବା ଉଚିତ ନୁହେଁ। ଶାସ୍ତ୍ରରେ ଏହା ମଧ୍ୟ କୁହାଯାଇଛି– ଶ୍ୱାନ ମୁହଁରୁ ଯଦି ମହାପ୍ରସାଦ ପଡ଼ିଯାଇଛି ତାକୁ ସ୍ୱୟଂ ବ୍ରାହ୍ମଣ ମଧ୍ୟ ଗ୍ରହଣ କରିପାରିବେ। ତେଣୁ ମହାପ୍ରସାଦ ପ୍ରସ୍ତୁତି ଅତ୍ୟନ୍ତ ଶୁଦ୍ଧପୂତ ଭାବେ କରାଯିବା ଉଚିତ ବୋଲି ଶ୍ରଦ୍ଧାଳୁ ମତ ରଖିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ନୀତି ଆବଶ୍ୟକ




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

ରାଜ୍ୟରେ ଅଭାବୀ ଶ୍ରମିକ ସ୍ଥାନାନ୍ତରଣ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକଙ୍କ ଆଇନ ଅନୁଯାୟୀ କେବଳ ପୁରୁଷଙ୍କୁ ପଞ୍ଜୀକରଣ କରାଯାଉଥିବାବେଳେ ମହିଳା ଓ ଶିଶୁଙ୍କୁ ବାଦ୍ ଦିଆଯାଉଛି। ବର୍ତ୍ତମାନ କେନ୍ଦ୍ର ସରକାର ଶ୍ରମ ଆଇନରେ ବ୍ୟାପକ ସଂଶୋଧନ ଆଣୁଥିବାବେଳେ ପ୍ରବାସୀ ଶ୍ରମିକଙ୍କ ଅଧିକାର ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବାର ଆବଶ୍ୟକତା ରହିଛି। ବୁଧବାର ଅନ୍ତର୍ଜାତୀୟ ପ୍ରବାସୀ ଶ୍ରମିକ ଦିବସ ପାଳନ ଅବସରରେ ଏଡ୍ ଆଟ୍ ଆକ୍ସନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଶ୍ରମିକଙ୍କ ଅଧିକାର ସମ୍ପର୍କିତ କର୍ମଶାଳାରେ ସଂଗଠନର ଉମି ଡାନିଏଲ୍ କହିଛନ୍ତି।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ସଦସ୍ୟ ଅସୀମ ଅମିତାଭ ଦାଶ କହିଲେ, ପ୍ରବାସୀ ଶ୍ରମିକଙ୍କ ଅଧିକାର ସୁରକ୍ଷା କ୍ଷେତ୍ରରେ କମିଶନ ଯତ୍ନବାନ ରହିଛି। ରାଜ୍ୟ କୋଠାବାଡି ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବୋର୍ଡ ତରଫରୁ ନିଆଯାଉଥିବା ବିଭିନ୍ନ ଶ୍ରମିକ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଦାଦନ ସମସ୍ୟାର ସମାଧାନ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ।

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟ ହରିହର ନାଏକ, ପଶ୍ଚିମ ଓଡିଶା ମାଇଗ୍ରେଶନ ନେଟ୍‌ୱର୍କର ପ୍ରଶାନ୍ତ ନାୟକ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁନ୍ତିରାଣୀ ପ୍ରଧାନ ପ୍ରମୁଖ ନିଜ ମତ ରଖିଥିଲେ। ଏଡ୍ ଆଟ୍ ଆକ୍ସନ ସଂଗଠନର ସରୋଜ କୁମାର ବାରିକ ପରିଚାଳନା କରିଥିଲେ।

## ଶୁକ୍ରବାର କଟକ ବଦଳରେ ନରାଜ ଦେଇ ଯିବ ୪ ଟ୍ରେନ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଗୁରୁଡ଼ିଝାଟିଆ ରେଳ ଷ୍ଟେଶନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଶୁକ୍ରବାର ୪ଟି ଟ୍ରେନ ନରାଜ ଷ୍ଟେଶନ ଦେଇ ଚଳାଚଳ କରିବ। ୧୮୪୨୫ ପୁରୀ–ଦୁର୍ଗ ଏକ୍ସପ୍ରେସ, ୧୨୮୩୨ ଭୁବନେଶ୍ୱର–ଧାନବାଦ ଗରିବ ରଥ ଏକ୍ସପ୍ରେସ, ୧୮୪୫୨ ପୁରୀ–ହାଟିଆ ତପସ୍ୱିନୀ ଏକ୍ସପ୍ରେସ, ୧୮୧୧୮ ଗୁଣପୁର–ରାଉରକେଲା ରାଜରାଣୀ ଏକ୍ସପ୍ରେସ ଏହି ମାର୍ଗରେ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ସୂଚନା ଦେଇଛି। ସେହିଭଳି ଏହିଦିନ ଉପରୋକ୍ତ ଟ୍ରେନଗୁଡ଼ିକ କଟକ ବଦଳରେ

### ଯାତ୍ରୀଙ୍କ ପାଇଁ କଟକ ଷ୍ଟେଶନରୁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା

ନରାଜରେ ରହଣି କରିବ। ଯାତ୍ରୀଙ୍କ ସୁବିଧା ପାଇଁ କଟକ ଓ ନରାଜ ଷ୍ଟେଶନ ମଧ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ବସ୍ ସେବା ଯୋଗାଇ ଦିଆଯାଇଛି। କଟକ ଷ୍ଟେଶନରେ ଟ୍ରେନ୍ ଚଢ଼ିବାକୁ ଥିବା ଯାତ୍ରୀଙ୍କୁ କଟକ ଷ୍ଟେଶନରେ ଯଥେଷ୍ଟ ସମୟ ପୂର୍ବରୁ ପହଞ୍ଚିବାକୁ ପୂର୍ବତଟ ରେଳପଥ ଅନୁରୋଧ କରିଛି। ସେହିଭଳି ନରାଜ ଷ୍ଟେଶନରେ ଓହ୍ଲେଇଥିବା ଯାତ୍ରୀଙ୍କୁ ମଧ୍ୟ ବସ୍‌ରେ କଟକ ଷ୍ଟେଶନ ନିକଟରେ ଛାଡ଼ିବାକୁ ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ମିଳିଛି।

## 'ମୋ ସରକାର' କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବୁଝିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)– ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ମୋ ସରକାର' କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ବିଭିନ୍ନ ଜିଲାର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ କଥା ହୋଇଛନ୍ତି। ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲର ସ୍ଥିତି, ନୂତନ ଭାବେ ପ୍ରଚଳିତ ହେବାକୁ ଥିବା ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡ଼ି ବ୍ୟବସ୍ଥା, ମେଡିକାଲର ନିର୍ମାଣ କାର୍ଯ୍ୟ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।

## ଇତିହାସ ଅଧ୍ୟାପକ ପରୀକ୍ଷା ବାତିଲ୍ କଲେ ହାଇକୋର୍ଟ
# ସାନି ପରୀକ୍ଷା ପାଇଁ ଆଦେଶ

କଟକ ଅଫିସ, ୧୮।୧୨

ଅଣଅନୁଦାନପ୍ରାପ୍ତ କଲେଜଗୁଡ଼ିକ ନିମନ୍ତେ ୮୧ଟି ଇତିହାସ ଅଧ୍ୟାପକ ପଦବୀ ପାଇଁ ଗତ ମାର୍ଚ୍ଚ ୧୦ ତାରିଖରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମାତ୍ର ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି ରହିଥିଲା। ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ଷ୍ଟେଟ୍ ସିଲେକ୍ସନ ବୋର୍ଡ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ଫଳରେ ଏ ସମ୍ପର୍କରେ ସଂଗ୍ରାମ ସାହୁ, ଜିତେନ୍ଦ୍ର ପଲାଇଙ୍କ ସମେତ ୧୮ ଜଣ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଉକ୍ତ ପରୀକ୍ଷାକୁ ରଦ୍ଦ କରିବା ସହିତ ସାନି ପରୀକ୍ଷା ପାଇଁ ସିଲେକ୍ସନ ବୋର୍ଡକୁ ଆଦେଶ ଦେଇଛନ୍ତି। ସାନି ପରୀକ୍ଷା ନିମନ୍ତେ ନୂଆ ଆଡମିଟ କାର୍ଡ ଇସୁ କରାଯିବନାହିଁ। ଯେଉଁମାନେ ଗତ ମାର୍ଚ୍ଚ ୧୦ ତାରିଖରେ ହୋଇଥିବା ପରୀକ୍ଷାରେ ସାମିଲ ହୋଇଥିଲେ ସେମାନଙ୍କୁ କେବଳ ସାନି ପରୀକ୍ଷାରେ ସୁଯୋଗ ମିଳିବ ବୋଲି ହାଇକୋର୍ଟ କହିଛନ୍ତି। ଏହାବାଦ୍ ହେବାକୁ ଥିବା ସାନି ପରୀକ୍ଷା ପ୍ରଶ୍ନପତ୍ରକୁ ନିର୍ଭୁଲ ରଖିବା ପାଇଁ ମଧ୍ୟ ହାଇକୋର୍ଟ ସିଲେକ୍ସନ ବୋର୍ଡକୁ ତାଗିଦ୍ କରିଛନ୍ତି। କୋର୍ଟ କହିଛନ୍ତି, ପରୀକ୍ଷା ପରିଚାଳନାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିବା ଆବଶ୍ୟକ। ଅନେକ ଆଶାୟୀ କଷ୍ଟ କରି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ମାତ୍ର ଏଭଳି ଘଟଣା ସେମାନଙ୍କ ଭବିଷ୍ୟତକୁ ପ୍ରଭାବିତ କରୁଛି। ତେଣୁ ସିଲେକ୍ସନ ବୋର୍ଡ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ।




## ବାଲି ଚାଲାଣ ଗାଡ଼ିରୁ ୧ଲକ୍ଷ ଜରିମାନା ଆଦାୟ

ବାରଙ୍ଗ,୧୮।୧୨(ଡି.ଏନ.ଏ.)

ଗତ କିଛିଦିନ ହେବ ବାରଙ୍ଗର ବିଭିନ୍ନ ଅଞ୍ଚଳରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଛି। ସନ୍ଧ୍ୟାହେବା ମାତ୍ରେ ଶହଶହ ବାଲି ବୋଝେଇ ଗାଡି ଦ୍ରୁତଗତିରେ ଯାତାୟାତ କରୁଥିବାରୁ ଛୋଟବଡ ଦୁର୍ଘଟଣାମାନ ଘଟୁଛି । ଏ ନେଇ ଅଭିଯୋଗ ହେବା ପରେ ବୁଧବାର ରାତିରେ କଟକ ଜିଲାପାଳଙ୍କ ନିର୍ଦ୍ଦେଶରେ ଏକ ଟିମ ଆସି ବାରଙ୍ଗ ଥାନାଠାରୁ ଅଳ୍ପଦୂରରେ ଛିଡାହୋଇ ବାଲିଗାଡି ଚେକିଂ କରୁଥିଲେ। ଏହି ସମୟରେ ଆସୁଥିବା ନଂ. ଓଡି୦୨–ଏବି–୮୨୫୧ ଓ ଓଡି୦୫–ଟି–୯୮୮୬ ବିଶିଷ୍ଟ ଦୁଇଟି ବାଲି ବୋଝେଇ ହାଇୱା ଅଟକି ନ ଥିଲା। ଫଳରେ ଏହି ଟିମ ବାଲିଗାଡିକୁ ଗୋଡାଇ ଗୋଡାଇ ଆସି ନନ୍ଦନକାନନ ଥାନା ପାଖରେ ରୋକିବା ସହ ଉଭୟ ଗାଡ଼ିକୁ ୫୦ହଜାର ୫୦୦ଟଙ୍କା ଲେଖାଏଁ ଜରିମାନା କରିବା ସହ ଗାଡିଦୁଇଟି ଥାନାକୁ ନେଇଆସିଥିଲେ। ପରେ ଉଭୟ ଗାଡି ମାଲିକ ଜରିମାନା ଦେଇ ଥାନାରୁ ଗାଡ଼ି ନେଇଥିଲେ।

## ପ୍ରେମରେ ବିଫଳତାରୁ ଆତ୍ମହତ୍ୟା
# ଷଷ୍ଠ ସ୍ଥାନରେ ଓଡ଼ିଶା

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

ପ୍ରେମ ସମ୍ପର୍କରେ ବିଫଳ ହେବା ବା ପ୍ରତାରଣାର ଶିକାର ହେବା ପରେ ଅନେକେ ଆତ୍ମହତ୍ୟାର ପନ୍ଥା ବାଛି ନେଉଛନ୍ତି। ଏକ୍ଷେତ୍ରରେ ଓଡ଼ିଶାରେ ସ୍ଥିତି ଉଦ୍‌ବେଗଜନକ ରହିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ, ସମଗ୍ର ଦେଶରେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ୨୦୧୬ରେ ରାଜ୍ୟରେ ୧୪୪ ଯୁବତୀ ଓ ୧୯୭ ଯୁବକ ପ୍ରେମଜନିତ ବିଫଳତାରୁ ଆତ୍ମହତ୍ୟା କରିଥିଲେ। ୨୦୧୭ରେ ଏହି ସଂଖ୍ୟା ବଢ଼ିବା ସହ ୭୪ ଝିଅ ଏବଂ ୨୧୫ ପୁଅ ଆତ୍ମହତ୍ୟା କରିଥିଲେ। ଖୋର୍ଦ୍ଧା, ବାଲେଶ୍ୱର ଏବଂ କେନ୍ଦ୍ରାପଡା ଜିଲାରେ ଏହି ହାର ଅଧିକ ରହିଛି। ଅନ୍ୟପକ୍ଷରେ ଏ କ୍ଷେତ୍ରରେ ପଶ୍ଚିମବଙ୍ଗ ଦେଶରେ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟରେ ତାମିଲନାଡୁ ଓ ତୃତୀୟରେ ମଧ୍ୟପ୍ରଦେଶ ରହିଛି। ସେହିପରି ଚତୁର୍ଥ ଗୁଜରାଟ ଓ ପଞ୍ଚମ ସ୍ଥାନରେ ମହାରାଷ୍ଟ୍ର ରହିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଗୋଟିଏ ମାଆ ଲକ୍ଷେ ଧର୍ମ
ଉପଦେଷ୍ଟାଙ୍କ ସଙ୍ଗେ ସମାନ।
-ସକ୍ରେଟିସ୍



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ସାଲେପୁର, ୧୮।୧୨(ଡି.ଏନ୍.ଏ.):** କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଛକଠାରୁ କିଛି ଦୂରରେ ବୁଧବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିଶ୍ଚିନ୍ତକୋଇଲି ବ୍ଲକ ଜିମ୍ପିପୁର ପଞ୍ଚାୟତ ଅନ୍ତର୍ଗତ ପାଟପୁର ଗ୍ରାମର ମୁରଲୀଧର ରାଉଲଙ୍କ ପୁଅ ଜୟନ୍ତ କୁମାର ରାଉଳ (୨୪)। ସେ ଏକ ବାଇକ୍‌ରେ ସାଲେପୁରରୁ ଘରକୁ ଫେରୁଥିବା ବେଳେ ଥାନା ନିକଟରେ ଏକ ଅଜଣା ଗାଡି ସହ ଧକ୍କା ହୋଇଥିଲା। ଫଳରେ ଦୁର୍ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ସାଲେପୁର ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସେଠାରେ ପହଞ୍ଚି ଜୟନ୍ତଙ୍କ ମୃତଦେହ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପୋଲିସ ମୃତଦେହକୁ ଜବତ କରିବା ପରେ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବ ବୋଲି ସୂଚନା ମିଳିଛି।

### ଧାନ କାଟୁଥିବା ସମୟରେ ଚାଷୀଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୧୮।୧୨(ସ୍ୱ.ପ୍ର.)- ନିଶ୍ଚିନ୍ତକୋଇଲି ପଞ୍ଚାୟତ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଗ୍ରାମର ଜଣେ ଚାଷୀଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଭୋଇସାହିର ହରେକୃଷ୍ଣ କାଣ୍ଡି(୭୦)। ସେ ସକାଳେ ବିଲରେ ଧାନ କାଟୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସ୍ଥାନୀୟ ଚାଷୀ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ହରେକୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ସମ୍ପୃକ୍ତ ଚାଷୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ସେଠୀ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଥିଲେ।

### ସେକ୍ ଅବ୍ରାରଙ୍କୁ ମିଳିଲା ଟିଚର୍ ଇନୋଭେସନ୍ ଆୱାର୍ଡ

**ସାଲେପୁର,୧୮।୧୨(ଡି.ଏନ୍.ଏ.):** ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ୍ ବିଭାଗ ଅଧାପକ ସେକ୍ ଅବ୍ରାର୍ ଅହମ୍ମଦଙ୍କୁ ଟିଚର୍ ଇନୋଭେସନ୍ ଆୱାର୍ଡ ପ୍ରଦାନ କରାଯାଇଛି। ଜାତୀୟସ୍ତରରେ ଅରବିନ୍ଦ ସୋସାଇଟି ପକ୍ଷରୁ ହାଇଦ୍ରାବାଦ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସେକ୍ ଅବ୍ରାରଙ୍କୁ ସମ୍ମାନିତ କରାଯାଇଛି। ବିଶେଷକରି ଇଂଲିଶ୍ ଭାଷା ସାହିତ୍ୟରେ ନୂତନ ଓ ଅଭିନବ ଶୈଳୀରେ ଶିକ୍ଷା ପ୍ରଦାନର କାର୍ଯ୍ୟଦକ୍ଷତା ପାଇଁ ୨୦୧୯ ବର୍ଷ ନିମନ୍ତେ ତାଙ୍କୁ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ଏନେଇ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପିକା ଅଧାପକ ଏବଂ ଅଧକ୍ଷ ଉମେଶ ଚନ୍ଦ୍ର ପତି ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ୩ ପ୍ରତିଭା ପାଇବେ ଶ୍ୟାମାମଣି ସଙ୍ଗୀତ ସମ୍ମାନ

**କଟକ ଅଫିସ, ୧୮।୧୨:** କଥାଶିଳ୍ପୀ ପଣ୍ଡିତ ଏ. ମହେଶ୍ୱର ରାଓ ଶ୍ୟାମାମଣି ସଙ୍ଗୀତ ସମ୍ମାନ, କଣ୍ଠଶିଳ୍ପୀ ଡ. ସଙ୍ଗୀତା ଗୋସ୍ୱାମୀ କୋକିଳକଣ୍ଠୀ ଶ୍ୟାମାମଣି ସମ୍ମାନ ଓ ମର୍ଦ୍ଦଳ ବାଦକ ନିରଞ୍ଜନ ପାତ୍ର ସୁରସାମ୍ରାଜ୍ଞୀ ଶ୍ୟାମାମଣି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୧ ତାରିଖ ସନ୍ଧ୍ୟାରେ କଟକ ସାରଳା ଭବନଠାରେ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଡ. ଶ୍ୟାମାମଣି ଦେବୀଙ୍କ ସଙ୍ଗୀତ ସାଧନାର ୭୦ବର୍ଷ ପୂର୍ତ୍ତି ଉତ୍ସବରେ ଉପରୋକ୍ତ ପ୍ରତିଭାମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ସଞ୍ଜିତ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

### ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ

**ବାଙ୍କୀ,୧୮।୧୨(ସ୍ୱ.ପ୍ର.):** ବାଙ୍କୀ ଉପଖଣ୍ଡ ଡମପଡ଼ା ତହସିଲ କାର୍ଯ୍ୟାଳୟରେ ବୁଧବାର ଗୟଳବାଙ୍କର ପାଞ୍ଚଜଣ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ଘରଡ଼ିହ ପଟା ବଣ୍ଟନ କରାଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏଥିରେ ଯୋଗଦେଇ ଶରତ ଦେହୁରୀ, ଯୁଧିଷ୍ଠିର ଦେହୁରୀ, ବିଳାସ ସ୍ୱାଇଁ, ବିପିନ ନାୟକ ଓ ଅଜୟ ସ୍ୱାଇଁଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ କରିଥିଲେ। ଡମପଡ଼ା ତହସିଲଦାର କ୍ଷୀତିସ୍ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ୩ ଜଣଙ୍କୁ ମ୍ୟୁଟେସନ୍ କରାଯାଇଥିବା ସାଧାରଣ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିନ୍ତାମଣି ସିଂହ ଓ ବିରଞ୍ଚି ପାତ୍ର ସହଯୋଗ କରିଥିଲେ।

# ଏସ୍‌ସିବି ମେଡିକାଲ: ୟୁଜର୍ସ ପାଣ୍ଠିରୁ ଠକେଇ

**କଟକ ଅଫିସ, ୧୮।୧୨**



■ଲୋକାଲ ଅଡିଟ୍‌ରୁ ଧରାପଡିଥିଲା
■ସ୍ପେଶାଲ ଅଡିଟ ପାଇଁ ସୁପାରିସ

ଏସ୍‌ସିବି ମେଡିକାଲ ୟୁଜର୍ସ ପାଣ୍ଠିରୁ ବଡ଼ଧରଣର ଠକେଇ କରାଯାଇଛି। ମେଡିକାଲରେ ୟୁଜର୍ସ ଫି' ଆଦାୟ ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥା ଏହି ଠକେଇ କରିଛି। ଲୋକାଲ ଅଡିଟ୍‌ରୁ ଠକେଇ ଧରାପଡ଼ିବା ପରେ ସମ୍ପୃକ୍ତ ଘରୋଇ ସଂସ୍ଥା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରସ୍ତ ଦେଇଛି। ଏହାପରେ ମେଡିକାଲ ପ୍ରଶାସନ ପକ୍ଷରୁ ଘଟଣାର ସ୍ପେଶାଲ ଅଡିଟ ପାଇଁ ସୁପାରିସ କରାଯାଇଛି। ସ୍ପେଶାଲ ଅଡିଟ୍‌ରୁ ଯାହା ଧରାପଡ଼ିବ ଉକ୍ତ ସଂସ୍ଥା ସେତକ ଟଙ୍କା ଫେରସ୍ତ ଦେବା ପାଇଁ ଅଣ୍ଡରଟେକିଂ ଲେଖିଛି ବୋଲି ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ସଂସ୍ଥା ୟୁଜର୍ସ ଫି' ହରିଲୁଟ କରିଥିବା ସମସ୍ତ ପ୍ରମାଣ ମିଳିଥିଲେ ମଧ୍ୟ ଅଦ୍ୟାବଧି ସେ ମେଡିକାଲରେ କାର୍ଯ୍ୟ କରୁଛି। ଏ ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ ବେହେରା କହିଛନ୍ତି, ମୋ ପୂର୍ବରୁ ଉକ୍ତ ସଂସ୍ଥାର ଏଗ୍ରିମେଣ୍ଟକୁ ନବୀକରଣ କରାଯାଇଛି। ପରବର୍ତ୍ତୀ ଅର୍ଡର ନ ହେବା ପର୍ଯ୍ୟନ୍ତ ଉକ୍ତ ସଂସ୍ଥା ମେଡିକାଲରେ କାର୍ଯ୍ୟ କରିବ ବୋଲି ନବୀକରଣରେ କୁହାଯାଇଛି। ତେଣୁ ଉକ୍ତ ସଂସ୍ଥାକୁ ମେଡିକାଲରୁ ବାହାର କରିବା ସହଜ ହେଉନାହିଁ। ତଥାପି ବର୍ତ୍ତମାନ ସରକାର ଆଉ ଏକ ସଂସ୍ଥାକୁ ମେଡିକାଲରେ ନିୟୋଜିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନୂଆବର୍ଷରୁ ଉକ୍ତ ସଂସ୍ଥା କାର୍ଯ୍ୟ ଆରମ୍ଭ କରିବା ପରେ ଟଙ୍କା ହରିଲୁଟ କରିଥିବା ସଂସ୍ଥାକୁ ମେଡିକାଲରୁ ହଟାଇ ଦିଆଯିବ ବୋଲି ସେ କହିଛନ୍ତି। ଭିତିରି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ସଂସ୍ଥା ୟୁଜର୍ସ ପାଣ୍ଠିରୁ ପାଖାପାଖି ୨୦ ଲକ୍ଷ ଟଙ୍କା ଆତ୍ମସାତ କରିଛି। ଏସ୍‌ସିବି ମେଡିକାଲରେ ଚିକିତ୍ସା ବ୍ୟବସ୍ଥା ମାଗଣା ହେବା ପୂର୍ବରୁ ରୋଗୀଙ୍କଠାରୁ ବିଭିନ୍ନ ପରୀକ୍ଷା ନିରୀକ୍ଷା ବାବଦରେ ୟୁଜର୍ସ ଫି ଆଦାୟ କରାଯାଉଥିଲା। ଉକ୍ତ ସଂସ୍ଥା ରୋଗୀଙ୍କଠାରୁ ୟୁଜର୍ସ ଫି ଆଦାୟ କରିଥାଏ। ହେଲେ ଅଭିନବ ଉପାୟରେ ସଂସ୍ଥା ପକ୍ଷରୁ ଟଙ୍କା ହଡ଼ପ କରାଯାଇଛି। ଉଦାହରଣ ଭାବେ ଅଲଟ୍ରାସାଉଣ୍ଡ ପାଇଁ ସରକାରୀ ଦେୟ ୧୫୦ ଟଙ୍କା ରଖାଯାଇଥିଲା। ଅଲଟ୍ରାସାଉଣ୍ଡ କରିଥିବା ରୋଗୀ ୧୫୦ ଟଙ୍କା ଦାଖଲ କରିଥିଲେ। ମାତ୍ର ୧୫୦ରୁ ୦କୁ କାଟିଦେଇ ସଂସ୍ଥା ପକ୍ଷରୁ ମାତ୍ର ୧୫ ଟଙ୍କା ମେଡିକାଲ ତହବିଲରେ ଦାଖଲ କରାଯାଇଥିଲା। ଲୋକାଲ ଅଡିଟ ସମୟରେ କ'ଣ ପାଇଁ ରୋଗୀଙ୍କଠାରୁ ୧୫ ଟଙ୍କା ଆଦାୟ କରାଯାଇଥିଲା ସେ ନେଇ ଖୋଳତାଡ଼ କରାଯାଇଥିଲା। ଖୋଳତାଡ଼ରୁ ଏହି ଠକେଇ ସମ୍ପର୍କରେ ଜଣାପଡିଥିଲା। କେବଳ ଅଲଟ୍ରାସାଉଣ୍ଡ ନୁହେଁ ସିଟି ସ୍କାନ, ଏମ୍ଆର୍ଆଇ ଆଦି ବ୍ୟୟବହୁଳ ପରୀକ୍ଷାଗୁଡ଼ିକରେ ଉକ୍ତ ସଂସ୍ଥା ରୋଗୀଙ୍କଠାରୁ ଟଙ୍କା ଲୁଟ୍ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ଉକ୍ତ ଘରୋଇ ସଂସ୍ଥା ସହିତ ମେଡିକାଲର କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଏ ସମ୍ପର୍କରେ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଛି। ଏ ନେଇ କଟକ ଭିଜିଲାନ୍ସ ଡିଭିଜନର ଏସ୍‌ପି ଶଶିଭୂଷଣ ମିଶ୍ର କୁହନ୍ତି, ଆମେ ଏସ୍‌ସିବି ମେଡିକାଲରୁ କେତେକ ଘରୋଇ ସଂସ୍ଥାର କାଗଜପତ୍ର ଆଣିଛୁ। ଏହା ଉପରେ ତଦନ୍ତ ଜାରି ରହିଛି। ସୂଚନାଥାଉ କି, କେବଳ ଏହି ଗୋଟିଏ ଘଟଣା ନୁହେଁ ପୂର୍ବରୁ ଏସ୍‌ସିବି ମେଡିକାଲରେ ୟୁଜର୍ସ ଫି'ରୁ ୧୫ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିଲା। ଏଥିରେ ମେଡିକାଲର କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିଲା। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ତତ୍କାଳୀନ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଶ୍ୟାମା କାନୁନ୍‌ଗୋ ମଙ୍ଗଳାବାଗ ଥାନାରେ ଏତଲା ଦାଏର କରିଥିଲେ। ଉକ୍ତ ଘଟଣାରେ ୩ ଜଣ କର୍ମଚାରୀଙ୍କୁ ଚାକିରିରୁ ସରକାର ନିଲମ୍ବନ କରିଥିଲେ।

## ବ୍ୟାଙ୍କରେ ଋଣ ପାଇଁ ଟାଳଟୁଳ ନୀତି: ଯୁବକଙ୍କ ଧାରଣା



ବ୍ୟାଙ୍କ ସମ୍ମୁଖରେ ବିଶ୍ୱଭୂଷଣ ସ୍ୱାଇଁ ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

**ମାହାଙ୍ଗା,୧୮।୧୨(ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମରେ ଋଣ ଦେବା ପାଇଁ ବ୍ୟାଙ୍କ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏଭଳି ଅଭିଯୋଗ କରି ମାହାଙ୍ଗା ଥାନା ହଳଦିଆ ପଞ୍ଚାୟତ ଅନ୍ତର୍ଗତ ବାଏନପୁରଗ୍ରାମର ବିଶ୍ୱଭୂଷଣ ସ୍ୱାଇଁ ସହଯୋଗୀଙ୍କ ସହ ବୁଧବାର ଏକ ବ୍ୟାଙ୍କ ଶାଖା ସମ୍ମୁଖରେ ଧାରଣାରେ ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଭଦ୍ରେଶ୍ୱରଠାରେ ଥିବା ଏହି ବ୍ୟାଙ୍କ ଶାଖାରୁ ସେ ପିଏମଇଜିପି ଋଣ ପାଇଁ ଆବେଦନ କରିଥିଲେ। ଏହି ଋଣ ଦେବା ପାଇଁ ବ୍ୟାଙ୍କ ଶାଖା ପରିଚାଳକ ୪ ମାସ ହେବ ପ୍ରତିଶ୍ରୁତି ଦେଇଚାଲିଥିଲେ। ମାତ୍ର ଗତ ୩ ତାରିଖରେ ଋଣ ଦେବାକୁ ମନା କରିଦେଇଥିଲେ। ଏହାର ପ୍ରତିବାଦରେ ସ୍ୱାଇଁ ଧାରଣାରେ ଦେଇଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟାଙ୍କର ପରିଚାଳକ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ଖବରପାଇ ମାହାଙ୍ଗା ଥାନା ଆଇଆଇସି ରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ପରେ ଏହା ପ୍ରତ୍ୟାହୃତ ହୋଇଥିଲା।

## ଦୋକାନର ମାଲିକାନା ଦାବି: ମହିଳାଙ୍କ ଧାରଣା



ଦୋକାନ ସମ୍ମୁଖରେ ଉର୍ମିଳା ଖୁଣ୍ଟିଆ ଧାରଣାରେ ବସିଛନ୍ତି।

**ନିଶ୍ଚିନ୍ତକୋଇଲି,୧୮।୧୨(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ବଜାରରେ ଥିବା ଏକ ଜଳଖିଆ ଦୋକାନର ମାଲିକାନା ଦାବି କରି ବୁଧବାର ଜଣେ ବୟସ୍କ ମହିଳା ଧାରଣାରେ ବସିଛନ୍ତି। ସେ ହେଲେ ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ କୁଲଗାଁଇଶାଳ ଗ୍ରାମର ସ୍ୱର୍ଗତ ଗଣେଶ ଚନ୍ଦ୍ର ଖୁଣ୍ଟିଆଙ୍କ ସ୍ତ୍ରୀ ଉର୍ମିଳା (୫୫)।

ଏହି ଦୋକାନକୁ ସେ ନିଜର ବୋଲି ଦାବି କରି ସେ ଧାରଣା ଦେଇଛନ୍ତି। ପ୍ରକାଶ ଯେ, ଗଣେଶ କଟିକଟା ବଜାରସ୍ଥିତ ଏକ ସରକାରୀ ଜମିରେ ଘର କରି ଦୀର୍ଘ ବର୍ଷ ହେବ ଦୋକାନ କରିଥିଲେ। ତାଙ୍କ ମୃତ୍ୟୁପରେ ଉକ୍ତ ଦୋକାନ ଘରେ ହରିରାଜପୁର ଗ୍ରାମର କାର୍ତ୍ତିକ ବେହେରା ଓ ଧନେଶ୍ୱର ବେହେରା ଜଳଖିଆ ଦୋକାନ କରିଆସୁଥିଲେ। ମାତ୍ର ଦୋକାନ ଘରର ମାଲିକାନାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏଥିରେ ବଜାର କମିଟି ହସ୍ତକ୍ଷେପ କରିବା ସହ ଉଭୟ ପକ୍ଷରୁ ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ଚାଲିଥିବା ବେଳେ ଗଣେଶଙ୍କ ସ୍ତ୍ରୀ ଉର୍ମିଳା ଦୋକାନରେ ପହଞ୍ଚି ନିଜର ବୋଲି ଦାବି କରି ଧାରଣା ଦେଇଛନ୍ତି। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ସେଠାରେ ପହଞ୍ଚି ଉର୍ମିଳାଙ୍କୁ ବୁଝାଶୁଝା କରିଥିଲା। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେ ଧାରଣାରେ ବସିରହିଥିଲେ। ଏସମ୍ପର୍କରେ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା କହିଛନ୍ତି, ଉର୍ମିଳାଙ୍କୁ ଧାରଣାରୁ ଓହରିବା ପାଇଁ ନିବେଦନ କରାଯାଇଛି। ମାତ୍ର ସେ ଜିଦ୍‌ରେ ଅଟଳ ରହିଛନ୍ତି। ତେବେ ସରକାରୀ ଜାଗାରେ ଦୋକାନ ଥିବାରୁ ଆବଶ୍ୟକ ପଡିଲେ ସ୍ଥାନୀୟ ତହସିଲଦାରଙ୍କ ସହାୟତା ନିଆଯିବ ବୋଲି ପରିଡା ସୂଚନା ଦେଇଛନ୍ତି।

## ଗ୍ରାମ୍ୟ ରାସ୍ତା ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ବାଙ୍କୀ, ୧୮।୧୨ (ସ୍ୱ.ପ୍ର.)**

ବାଙ୍କୀ ଆଦିମାତା ଛକ ପୂର୍ତ୍ତ ବିଭାଗ ରାସ୍ତାରୁ ଚକାପଦା ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏଥିରେ ଯୋଗଦେଇ ପୂର୍ତ୍ତ ବିଭାଗ ରୋଡଠାରୁ ପାଟପୁର, ଗୋପାଳପୁର ପର୍ଯ୍ୟନ୍ତ ରାସ୍ତାର ମଧ୍ୟ ଭୂମି ପୂଜନ କରିଛନ୍ତି। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଯୋଗଦେଇ ବାଙ୍କୀ ଲୋକଙ୍କ ବହୁଦିନର ଆଶା ଏହି ରାସ୍ତା ଯୋଗୁ ପୂରଣ ହୋଇଛି ବୋଲି କହିଥିଲେ। ଏହି ଉପଲକ୍ଷେ ଏକ ସଭା ମନ୍ତ୍ରୀସାହିରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପଭାତ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଦେବୀ ରଞ୍ଜନ ଯୋଗଦେଇ କହିଥିଲେ,ଏହି ରାସ୍ତା ନିର୍ମାଣ ହେଲେ ବାଙ୍କୀ ଲୋକଙ୍କ ଗମନାଗମନ ସୁବିଧା ହେବା ସହ ଏନ୍‌ଏସିର ୪ଟି ୱାର୍ଡ ସମେତ ଗୋପାଳପୁର ଓ ବିଲିପଡା ପଞ୍ଚାୟତର ଲୋକେ ଉପକୃତ ହେବେ ବୋଲି କହିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟ ପ୍ରଣବ ପଟେଲ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ରଣା, କଟକ ଜିଲା ବିଜେଡି ସମ୍ପାଦକ ସନାତନ ବେହେରା, ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ ଓ ଡମପଡ଼ା ବ୍ଲକ ଉପାଧ୍ୟକ୍ଷ ରେବତୀ ଜେନା ପ୍ରମୁଖ ଯୋଗଦେଇଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରି-ବିଡିଂ ବୈଠକ

# 'କମ୍ପାନୀ ହାତକୁ ଯିବାକୁ ଲାଗିବ ୨ ମାସ'

**କଟକ ଅଫିସ,୧୮।୧୨**

କଟକ ମହାନଗର ନିଗମ(ସିଏମ୍‌ସି)ର କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆହୁତ ଗ୍ଲୋବାଲ ଟେଣ୍ଡରର ବୁଧବାର ପ୍ରି-ବିଡିଂ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି କମ୍ପାନୀର ପ୍ରାୟ ୧୨ଜଣ ପ୍ରତିନିଧି ଯୋଗଦେଇଥିଲେ। ଆସନ୍ତା ୧୪ତାରିଖରେ ଟେକ୍ନିକାଲ ବିଡ୍ ବୈଠକ ଅନୁଷ୍ଠିତ ହେବ। ତେବେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱ କେଉଁ କମ୍ପାନୀ ହାତକୁ ଯିବ ତାହା ଆଉ ଦୁଇମାସ ଲାଗିବ ବୋଲି ସିଏମ୍‌ସି ଡେପୁଟି କମିଶନର ସଞ୍ଜିବିତା ରାୟ କହିଛନ୍ତି। ସୂଚନାଥାଉ କି, ରାମ୍‌କୀ ନାମକ ଏକ ସଂସ୍ଥା କଟକ ସହରର ସଫେଇ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱ ୨୦୧୧ରେ ନେଇଥିଲା। ୨୦୧୬ରେ ଏହାର ଅବଧି ଶେଷ ହୋଇଥିଲା। ତେବେ ପୁନର୍ବାର ଟେଣ୍ଡର ହୋଇ ନ ପାରିବାରୁ ଏହି ସଂସ୍ଥାର ଚୁକ୍ତିକୁ ୨ବର୍ଷ ବୃଦ୍ଧି କରାଯାଇଥିଲା। ମାତ୍ର ରାମ୍‌କୀ ଏଥିରୁ ଓହରି ଯିବାରୁ ବିବିଜି ମେଟାଲ୍ସ ସିଣ୍ଡିକେଟ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ଏକ ସ୍ୱଳ୍ପ ମିଆଦ ସର୍ତ୍ତରେ ୨୦୧୮ରୁ ଆଜି ପର୍ଯ୍ୟନ୍ତ ବିବିଜି ମେଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଏହି କାର୍ଯ୍ୟ କରିଆସୁଥିଲାବେଳେ ଗତ ନଭେମ୍ବର ୨୮ରେ ଗ୍ଲୋବାଲ ଟେଣ୍ଡର ଡକାଯାଇଥିଲା। ଟେଣ୍ଡର ସର୍ତ୍ତାବଳୀ ଅନୁଯାୟୀ, ସିଏମ୍‌ସିକୁ ୪ଟି ଜୋନରେ ବିଭକ୍ତ କରାଯାଇଛି। ଜୋନ୍ ୧ରେ ୧୮ ୱାର୍ଡ, ଜୋନ୍ ୨ରେ ୧୭ ୱାର୍ଡ, ଜୋନ୍ ୩ରେ ୧୮ ୱାର୍ଡ, ଜୋନ୍ ୪ରେ ୬ ୱାର୍ଡ ସହିତ ସତୀଚୌରା ଡମ୍ପିଂୟାର୍ଡ ଓ ବାଙ୍କୀର ଚକ୍ରଧରପୁର ଡମ୍ପିଂୟାର୍ଡ ଅନ୍ତର୍ଭୁକ୍ତ। ଏହି ଜୋନ୍‌ଗୁଡିକ ପାଇଁ ଟେଣ୍ଡରରେ ଭାଗ ନେଉଥିବା କମ୍ପାନୀମାନେ ଇଏମଡି ବାବଦକୁ ଯଥାକ୍ରମେ ୯ଲକ୍ଷ ୭୫ହଜାର, ୯ଲକ୍ଷ ୧ହଜାର, ୯ଲକ୍ଷ ୭୨ହଜାର ଓ ୫ଲକ୍ଷ ୬୨ହଜାର ଅର୍ଥ ଜମା କରିବେ। ସେହିପରି ମାତ୍ରାଧିକ ଗୋଟିଏ କମ୍ପାନୀ ଦୁଇଟି ଜୋନ୍‌ର ପରିଚାଳନା ଦାୟିତ୍ୱ ନେଇ ପାରିବେ ବୋଲି ସର୍ତ୍ତରେ ଉଲ୍ଲେଖ ରହିଛି। ପ୍ରି-ବିଡିଂ ବୈଠକରେ ଟେଣ୍ଡର ସର୍ତ୍ତାବଳୀରେ କେତେକ ତ୍ରୁଟି ରହିଥିବା ବିଶେଷଜ୍ଞମାନେ ଆଲୋଚନାବେଳେ ଜାଣି ପାରିଥିଲେ। ଫଳରେ ଖୁବ୍‌ଶୀଘ୍ର ଏଥିରେ କେତେକ ସର୍ତ୍ତରେ ପରିବର୍ତ୍ତନ ହେବ ବୋଲି କୁହାଯାଉଛି।

# ହାତୀ ଉପଦ୍ରବ, ଲୋକେ ଆତଙ୍କିତ

**ଖୁଣ୍ଟୁଣୀ/ ଚୌଦ୍ୱାର, ୧୮।୧୨(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଓ ତଳଗଡ଼ ଗ୍ରାମରେ ହାତୀପଲ ପଶି ଫସଲ ନଷ୍ଟ କରିବା ସହ ଧାନ, ପନିପରିବା ଖାଇଦେଇଛନ୍ତି। ଡାଳଭାଗ ଗ୍ରାମର ନିଧି ମହାନ୍ତିଙ୍କ ବାରିରୁ ୬୦ ହଳା ଓ ଲକ୍ଷ୍ମୀଧର ମହାନ୍ତିଙ୍କ ବାରିରୁ ୪୦ ହଳା ପାଚିଲା ଧାନ ଖାଇଦେଇଥିବା ଜଣାପଡିଛି। ଏ ନେଇ ସେମାନେ ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ସେହିଭଳି ତଳଗଡ଼ ଗ୍ରାମରେ ମଧ୍ୟ ପ୍ରାଣବନ୍ଧୁ ରଣା, ପ୍ରଭାକର ରଣାଙ୍କ ସପ୍ତେଶ୍ୱର ମନ୍ଦିର ପାର୍ଶ୍ୱର ୨ଏକର ଜମିରେ ପଶି ଫସଲ ଖାଇବା ସହ ନଷ୍ଟ କରିଦେଇଛନ୍ତି। ଗୋକୁଳ ପଣ୍ଡାଙ୍କ ୧ଏକର ଧାନ ଫସଲକୁ ନଷ୍ଟ କରିଦେଇଛନ୍ତି। ଅଭିଯୋଗ ପରେ ଆଠଗଡ଼ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର ମଙ୍ଗଳପୁର କାଜୁ ଜଙ୍ଗଲରେ ୧୮ବିଶିଷ୍ଟ ହାତୀପଲ ଲୁଚି ରହିଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଭୟର ବାତାବରଣ ଲାଗି ରହିଛି। ଏହି ହାତୀପଲ ରବିବାର ବିଳମ୍ବିତ ରାତିରେ ଡାଳିଯୋଡା ସଂରକ୍ଷିତ ଜଙ୍ଗଲରୁ ବାହାରି ଏହି ଜଙ୍ଗଲରେ ଲୁଚି ରହିଛନ୍ତି। ଏହି ହାତୀପଲ ଭାଗଭାଗ ହୋଇଯାଇଥିବାରୁ ସେମାନଙ୍କୁ ଘଉଡାଇବା କଷ୍ଟକର ହୋଇପଡୁଥିବା ଚୌଦ୍ୱାର ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ୧୮ଟି ହାତୀ ମଧ୍ୟରୁ ୨ଟି ହାତୀ ଛତିଷାପାଟ ଅଭିମୁଖେ ଯାଇଥିବା ଜନୈକ ବନ କର୍ମଚାରୀ କହିଛନ୍ତି। ବନ କର୍ମଚାରୀ ହାତୀଙ୍କୁ ଘଉଡ଼ାଇବାରେ ବିଫଳ ହୋଇଥିବା ବେଳେ ଧାନ ବିଲକୁ ହାତୀପଲ ନ ପଶିବା ପାଇଁ ଗ୍ରାମବାସୀ ନିଆଁହୁଳା ଜାଳି ଜଗି ରହିଥିବା ଦେଖାଦେଇଥିଲା।

## ନରସିଂହପୁର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

# ସମାଜକୁ ଦିଗ୍‌ଦର୍ଶନ ଦେଇଛି ଗଣମାଧ୍ୟମ

**ନରସିଂହପୁର,୧୮।୧୨ (ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ପର୍ଯ୍ୟଟନ ବାଖ୍ୟାନ କେନ୍ଦ୍ର ପରିସରରେ ନରସିଂହପୁର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉଦ୍‌ଘାଟକ ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ, ମୁଖ୍ୟଅତିଥି ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଂଘର ସଭାପତି ଦେବୀପ୍ରସାଦ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂଘର ସମ୍ପାଦକ ଭୂପେନ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ବିଧାୟକ ମିଶ୍ର କହିଥିଲେ, ଆଧୁନିକ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ସମାଜକୁ ଦିଗ୍‌ଦର୍ଶନ ଦେବାରେ ସଫଳ ହୋଇଛି। ବ୍ଲକ ଅଧ୍ୟକ୍ଷ ମିଶ୍ର କହିଥିଲେ, ଗଣମାଧ୍ୟମ ସମାଜର ଦର୍ପଣ ସଦୃଶ। ଉତ୍ସବରେ ସାମ୍ବାଦିକ ସଂଘର ଉପଦେଷ୍ଟା ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ। ଏଥିରେ ବିଭିନ୍ନ ଖବରଦାତା ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ନରସିଂହପୁର ବ୍ଲକରେ ପାରଦର୍ଶିତା ଲାଭ କରିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମାନପତ୍ର, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁରେଶ ମହାନ୍ତି, ଦିବ୍ୟଲୋଚନ ମହାନ୍ତି, ପ୍ରଦୀପ କୁମାର ନାୟକ, ଗୋପାଳ ଚନ୍ଦ୍ର ବେହେରା, ଦିଲୀପ କୁମାର ପଣ୍ଡା, ବିପିନ ବିହାରୀ ପଣ୍ଡା ଓ ମନମୋହନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୨ ସେବା ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

# ଚାଷୀଙ୍କୁ ହଇରାଣ ନ କରିବାକୁ ନିର୍ଦ୍ଦେଶ



ବଡ଼ମ୍ବାରେ ଧାନମଣ୍ଡିର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବଡମ୍ବା,୧୮।୧୨(ଡି.ଏନ୍.ଏ)**

ବଡମ୍ବା ବ୍ଲକ୍ ଅନ୍ତର୍ଗତ ଗୋପପୁର ଓ ବଡମ୍ବା ସେବା ସମବାୟ ସମିତି ଆନୁକୂଲ୍ୟରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବଡମ୍ବା ଓ ଗୋପପୁରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇଥିଲେ । ଚାଷୀଙ୍କୁ ନିୟୋଜିତ ମିଲର ଯେପରି ହଇରାଣ ନ କରିବ ସେଥିପ୍ରତି ଧାନ ଦେବାକୁ ମିଶ୍ର ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଡମ୍ବାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବଡମ୍ବା ସେବା ସମବାୟ ସମିତି ସଭାପତି ମୁରଲୀଧର ମହାପାତ୍ର ପୌରୋହିତ୍ୟ କରିଥିଲେ । ସମ୍ମାନିତ ଅତିଥିଭାବେ ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରଘୁପତି ମହାନ୍ତି, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ବଡମ୍ବା ଶାଖା ପରିଚାଳକ ବ୍ରଜବିହାରୀ ସାହୁ ଓ ସାମାଜିକ କର୍ମୀ ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବଡମ୍ବା ସେବା ସମବାୟ ସମିତି ସମ୍ପାଦକ କେଶବ ଚନ୍ଦ୍ର ତରାସିଆ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମିତି ପୂର୍ବତନ ସଭାପତି ରବୀନ୍ଦ୍ର କିଶୋର ରଣା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଗୋପପୁରରେ ଅନୁଷ୍ଠିତ ଧାନମଣ୍ଡି ଉତ୍ସବରେ ଗୋପପୁର ସେବା ସମବାୟ ସମିତି ସଭାପତି ନରସିଂହ ସାହୁ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବ ସଭାପତି ସର୍ବେଶ୍ୱର ସ୍ୱାଇଁ, ସାମାଜିକ କର୍ମୀ ସନ୍ତୋଷ କୁମାର ପଣ୍ଡା ଓ ପ୍ୟାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଗୋପପୁର ସେବା ସମବାୟ ସମ୍ପାଦକ ସୂର୍ଯ୍ୟମଣି ସାମନ୍ତରାୟଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ।

## ପିକୋଲରେ ୨ ପ୍ରକଳ୍ପ ଉଦ୍‌ଘାଟିତ

**ସାଲେପୁର, ୧୮।୧୨(ଡି.ଏନ୍.ଏ)**

ସାଲେପୁର ବ୍ଲକ୍ ଅନ୍ତର୍ଗତ ପିକୋଲରେ ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ବୁଧବାର ଉଦ୍‌ଘାଟନ କରାଯାଇଛି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ବେଳେ ଅଙ୍ଗନୱାଡି ନିମନ୍ତେ ୫ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଉଭୟ ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପିକୋଲ ସରପଞ୍ଚ ରଣଜିତ୍ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ୍ କୁମାର ଦାଶ, ସାଲେପୁର ବିଡ଼ିଓ ଦେବରାଜ ସେଠୀ, ଅତିରିକ୍ତ ତହସିଲଦାର୍ ସୁଶ୍ରୀ କଳ୍ପନା ତପସ୍ୱିନୀ ନାୟକ, ରାଜସ୍ୱ ନିରୀକ୍ଷକ ରତ୍ନାକର ସେଠୀ, ନରୋତ୍ତମ ଦାସ, ସିଦ୍ଧାର୍ଥ ଶେଖର, ଜୟନ୍ତୀ ନାୟକ ଓ ବିଜୟ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ।



ଗୋଟିଏ ମାଆ ଲକ୍ଷେ ଧର୍ମ ଉପଦେଷ୍ଟାଙ୍କ ସଙ୍ଗେ ସମାନ।
-ସକ୍ରେଟିସ୍



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଣ୍ଟାପଡ଼ା,୧୮।୧୨(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ପାଟସୁନ୍ଦରପୁର ଗ୍ରାମରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ବିଶ୍ୱରଞ୍ଜନ ସ୍ୱାଇଁ। ସୂଚନା ଅନୁଯାୟୀ, ବିଶ୍ୱରଞ୍ଜନ ପାରିବାରିକ ସମସ୍ୟା ଓ ଶାରୀରିକ ଅସୁସ୍ଥତା କାରଣରୁ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ। ପାଟସୁନ୍ଦରପୁର ନଇକୂଳ ସାହି ଟୁଙ୍ଗି ନିକଟରେ ଥିବା ଏକ ଆମ୍ବଗଛରେ ତାଙ୍କ ମୃତଦେହ ଝୁଲୁଥିବା ବୁଧବାର ସକାଳୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯)ରୁଜୁକରି ତଦନ୍ତ ଚଳାଇଛି।

### ଜବରଦଖଲ ଉଚ୍ଛେଦ

**କଣ୍ଟାପଡ଼ା,୧୮।୧୨(ଡି.ଏନ୍.ଏ.):** ଅଡ଼ଶପୁର ରାଜସ୍ୱ ସର୍କଲରେ ଥିବା ସରକାରୀ ଜମିରୁ କଣ୍ଟାପଡ଼ା ତହସିଲ ପ୍ରଶାସନ ବୁଧବାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଅଡ଼ଶପୁର ରାଜସ୍ୱ ସର୍କଲ ଅଧୀନରେ ଥିବା ଗୋଦଣ୍ଡା ଖାତା ନଂ.୧୨୭୮ ଓ ପ୍ଲଟ ନଂ. ୧୦୧୬ରେ ଥିବା ୮୦ ଡେସିମିଲ ଜମିରେ କେତେଜଣ ବ୍ୟକ୍ତି ଜବରଦଖଲ କରିବା ସହ ସେଠାରେ ଦୋକାନ କରି ଭଡ଼ା ଲଗାଇଥିଲେ। ଉକ୍ତ ଜମିରେ ଥିବା ୩୦ରୁ ଊର୍ଦ୍ଧ୍ୱ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଗତ ୨୫ଜୁଲାଇ ୨୦୧୯ରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତି କୋର୍ଟରୁ ରହିତାଦେଶ ଆଣିବା ଫଳରେ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା। ବୁଧବାର ସକାଳୁ କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଲିକ ପୋଲିସ ଫୋର୍ସ ସହ ପହଞ୍ଚି ଉଚ୍ଛେଦ କରିଥିଲେ। ଏ ସମ୍ପର୍କରେ ତହସିଲଦାର ମଲ୍ଲିକ କୁହନ୍ତି, କୋର୍ଟ ଆଦେଶକୁ ଅପେକ୍ଷା କରାଯାଇଛି। ଆଦେଶ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଗାଡି ଧକ୍କାରେ ଜଣେ ମୃତ

**କଟକ ଅଫିସ,୧୮।୧୨:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗଣ୍ଡରପୁର ପେଟ୍ରୋଲ ପମ୍ପ ସମ୍ମୁଖ ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତ ଯୁବକ ଜଣଙ୍କ ପରିଚୟ ମିଳିପାରି ନ ଥିବାବେଳେ ଗୁରୁତର ହୋଇଥିବା ଯୁବକ ହେଉଛନ୍ତି ଚୌଦ୍ୱାର ଅଞ୍ଚଳର ଆଲୋକ ପ୍ରଧାନ। ମିଳିଥିବା ସୂଚନା ଅନୁଯାୟୀ, ଆଲୋକ ଓ ମୃତ ଯୁବକ ଫୁଲନଖରାସ୍ଥିତ ଏକ ଗାଡି ସୋ-ରୁମ୍‌ରେ କାମ କରନ୍ତି। ବୁଧବାର ସୋରୁମ୍ ବନ୍ଦ ହେବା ପରେ ଉଭୟ ଚୌଦ୍ୱାର ଫେରୁଥିବାବେଳେ ଗଣ୍ଡରପୁର ପେଟ୍ରୋଲ ପମ୍ପ ନିକଟରେ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଉଭୟ ରାସ୍ତାରେ ପଡି ଛଟପଟ ହେଉଥିବାବେଳେ ସେହି ବାଟ ଦେଇ ଯାଉଥିବା ଯାତ୍ରୀ ଆମ୍ବୁଲାନ୍ସ ଓ ଚାଉଳିଆଗଞ୍ଜ ଥାନାକୁ ଖବର ଦେଇଥିଲେ। ପରେ ଉଭୟ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

### ଚୋରି ଘଟଣା: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୮।୧୨:** ମଙ୍ଗଳାବାଗ ଥାନା ଅଞ୍ଚଳରେ ଘଟିଥିବା ଚୋରି ଘଟଣାରେ ପୋଲିସ ଆଉଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ଗଞ୍ଜାମ ଜିଲା ବୁଗୁଡା ଥାନା ଅନ୍ତର୍ଗତ ହରିଜନ ସାହିର ସମୀର ନାଏକ(୩୦)। ଏହି ଘଟଣାରେ ପୂର୍ବରୁ ପୋଲିସ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନାଏକ(୨୨)ଙ୍କୁ ଗିରଫ କରିଥିବାବେଳେ ସମୀର ଫେରାର ହୋଇଯାଇଥିଲେ। ଅଭିଯୋଗ ଅନୁଯାୟୀ, ଉଭୟ ସ୍ତ୍ରୀ ଓ ସ୍ୱାମୀ ପ୍ରଫେସରପଡ଼ାସ୍ଥିତ ସନାତନ ସାହୁଙ୍କ ଘରେ ଭଡାରେ ରହୁଥିଲେ। ଗତ ରବିବାର ସନାତନଙ୍କ ପରିବାର ଲୋକେ ଘରେ ନ ଥିବା ସୁଯୋଗ ନେଇ ଏହି ଦମ୍ପତି ତାଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ନେଇଥିଲେ। ଏ ନେଇ ସନାତନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩୮/୧୯) ରୁଜୁ କରିଥିଲା।

# ଏସ୍‌ସିବି ମେଡିକାଲ: ୟୁଜର୍ସ ପାଣ୍ଠିରୁ ଠକେଇ

**କଟକ ଅଫିସ, ୧୮।୧୨**



■ଲୋକାଲ ଅଡିଟ୍‌ରୁ ଧରାପଡିଥିଲା

■ସ୍ୱେଶାଲ ଅଡିଟ ପାଇଁ ସୁପାରିସ

ଏସ୍‌ସିବି ମେଡିକାଲ ୟୁଜର୍ସ ପାଣ୍ଠିରୁ ବଡ଼ଧରଣର ଠକେଇ କରାଯାଇଛି। ମେଡିକାଲରେ ୟୁଜର୍ସ ଫି' ଆଦାୟ ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥା ଏହି ଠକେଇ କରିଛି। ଲୋକାଲ ଅଡିଟ୍‌ରୁ ଠକେଇ ଧରାପଡ଼ିବା ପରେ ସମ୍ପୃକ୍ତ ଘରୋଇ ସଂସ୍ଥା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରସ୍ତ ଦେଇଛି। ଏହାପରେ ମେଡିକାଲ ପ୍ରଶାସନ ପକ୍ଷରୁ ଘଟଣାର ସ୍ୱେଶାଲ ଅଡିଟ ପାଇଁ ସୁପାରିସ କରାଯାଇଛି। ସ୍ୱେଶାଲ ଅଡିଟ୍‌ରୁ ଯାହା ଧରାପଡ଼ିବ ଉକ୍ତ ସଂସ୍ଥା ସେତକ ଟଙ୍କା ଫେରସ୍ତ ଦେବା ପାଇଁ ଅଣ୍ଡରଟେକିଂ ଲେଖିଛି ବୋଲି ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ସଂସ୍ଥା ୟୁଜର୍ସ ଫି' ହରିଲୁଟ କରିଥିବା ସମସ୍ତ ପ୍ରମାଣ ମିଳିଥିଲେ ମଧ୍ୟ ଅଦ୍ୟାବଧି ସେ ମେଡିକାଲରେ କାର୍ଯ୍ୟ କରୁଛି। ଏ ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ ବେହେରା କହିଛନ୍ତି, ମୋ ପୂର୍ବରୁ ଉକ୍ତ ସଂସ୍ଥାର ଏଗ୍ରିମେଣ୍ଟକୁ ନବୀକରଣ କରାଯାଇଛି। ପରବର୍ତ୍ତୀ ଅର୍ଡର ନ ହେବା ପର୍ଯ୍ୟନ୍ତ ଉକ୍ତ ସଂସ୍ଥା ମେଡିକାଲରେ କାର୍ଯ୍ୟ କରିବ ବୋଲି ନବୀକରଣରେ କୁହାଯାଇଛି। ତେଣୁ ଉକ୍ତ ସଂସ୍ଥାକୁ ମେଡିକାଲରୁ ବାହାର କରିବା ସହଜ ହେଉନାହିଁ। ତଥାପି ବର୍ତ୍ତମାନ ସରକାର ଆଉ ଏକ ସଂସ୍ଥାକୁ ମେଡିକାଲରେ ନିୟୋଜିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନୂଆବର୍ଷରୁ ଉକ୍ତ ସଂସ୍ଥା କାର୍ଯ୍ୟ ଆରମ୍ଭ କରିବା ପରେ ଟଙ୍କା ହରିଲୁଟ କରିଥିବା ସଂସ୍ଥାକୁ ମେଡିକାଲରୁ ହଟାଇ ଦିଆଯିବ ବୋଲି ସେ କହିଛନ୍ତି। ଭିତିରି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ସଂସ୍ଥା ୟୁଜର୍ସ ପାଣ୍ଠିରୁ ପାଖାପାଖି ୨୦ ଲକ୍ଷ ଟଙ୍କା ଆତ୍ମସାତ କରିଛି। ଏସ୍‌ସିବି ମେଡିକାଲରେ ଚିକିତ୍ସା ବ୍ୟବସ୍ଥା ମାଗଣା ହେବା ପୂର୍ବରୁ ରୋଗୀଙ୍କଠାରୁ ବିଭିନ୍ନ ପରୀକ୍ଷା ନିରୀକ୍ଷା ବାବଦରେ ୟୁଜର୍ସ ଫି ଆଦାୟ କରାଯାଉଥିଲା। ଉକ୍ତ ସଂସ୍ଥା ରୋଗୀଙ୍କଠାରୁ ୟୁଜର୍ସ ଫି ଆଦାୟ କରିଥାଏ। ହେଲେ ଅଭିନବ ଉପାୟରେ ସଂସ୍ଥା ପକ୍ଷରୁ ଟଙ୍କା ହଡ଼ପ କରାଯାଇଛି। ଉଦାହରଣ ଭାବେ ଅଲଟ୍ରାସାଉଣ୍ଡ ପାଇଁ ସରକାରୀ ଦେୟ ୧୫୦ ଟଙ୍କା ରଖାଯାଇଥିଲା। ଅଲଟ୍ରାସାଉଣ୍ଡ କରିଥିବା ରୋଗୀ ୧୫୦ ଟଙ୍କା ଦାଖଲ କରିଥିଲେ। ମାତ୍ର ୧୫୦ରୁ ୦କୁ କାଟିଦେଇ ସଂସ୍ଥା ପକ୍ଷରୁ ମାତ୍ର ୧୫ ଟଙ୍କା ମେଡିକାଲ ତହବିଲରେ ଦାଖଲ କରାଯାଇଥିଲା। ଲୋକାଲ ଅଡିଟ ସମୟରେ କ'ଣ ପାଇଁ ରୋଗୀଙ୍କଠାରୁ ୧୫ ଟଙ୍କା ଆଦାୟ କରାଯାଇଥିଲା ସେ ନେଇ ଖୋଳତାଡ଼ କରାଯାଇଥିଲା। ଖୋଳତାଡ଼ରୁ ଏହି ଠକେଇ ସମ୍ପର୍କରେ ଜଣାପଡିଥିଲା। କେବଳ ଅଲଟ୍ରାସାଉଣ୍ଡ ନୁହେଁ ସିଟି ସ୍କାନ, ଏମ୍‌ଆର୍‌ଆଇ ଆଦି ବ୍ୟୟବହୁଳ ପରୀକ୍ଷାଗୁଡ଼ିକରେ ଉକ୍ତ ସଂସ୍ଥା ରୋଗୀଙ୍କଠାରୁ ଟଙ୍କା ଲୁଟ୍ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ଉକ୍ତ ଘରୋଇ ସଂସ୍ଥା ସହିତ ମେଡିକାଲର କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଏ ସମ୍ପର୍କରେ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଛି। ଏ ନେଇ କଟକ ଭିଜିଲାନ୍ସ ଡିଭିଜନର ଏସ୍‌ପି ଶଶିଭୂଷଣ ମିଶ୍ର କୁହନ୍ତି, ଆମେ ଏସ୍‌ସିବି ମେଡିକାଲରୁ କେତେକ ଘରୋଇ ସଂସ୍ଥାର କାଗଜପତ୍ର ଆଣିଛୁ। ଏହା ଉପରେ ତଦନ୍ତ ଜାରି ରହିଛି। ସୂଚନାଥାଉ କି, କେବଳ ଏହି ଗୋଟିଏ ଘଟଣା ନୁହେଁ ପୂର୍ବରୁ ଏସ୍‌ସିବି ମେଡିକାଲରେ ୟୁଜର୍ସ ଫି'ରୁ ୧୫ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିଲା। ଏଥିରେ ମେଡିକାଲର କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିଲା। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ତତ୍କାଳୀନ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଶ୍ୟାମା କାନୁନ୍‌ଗୋ ମଙ୍ଗଳାବାଗ ଥାନାରେ ଏତଲା ଦାଏର କରିଥିଲେ। ଉକ୍ତ ଘଟଣାରେ ୩ ଜଣ କର୍ମଚାରୀଙ୍କୁ ଚାକିରିରୁ ସରକାର ନିଲମ୍ବନ କରିଥିଲେ।



ଓଡ଼ିଶା ହାଇକୋର୍ଟ ବାର୍ କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ଆଇନଜୀବୀ ପ୍ରଫୁଲ୍ଲ କୁମାର ଧଳଙ୍କ ସ୍ମୃତିସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ସିଟି କଲେଜ: ୨ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**କଟକ ଅଫିସ, ୧୮।୧୨**

ବାଦାମବାଡି ଥାନା ଅନ୍ତର୍ଗତ ରାଜାବଗିଚାସ୍ଥିତ ନେତାଜୀ ସୁବାସ ମେମୋରିଆଲ ସିଟି କଲେଜରେ ବୁଧବାର ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା(୩୦୩, ୩୦୪/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର କଲେଜରେ କୌଣସି କାରଣକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଏହି ବଚସାକୁ କେନ୍ଦ୍ରକରି ପରେ କ୍ୟାମ୍ପସ ବାହାରେ ପୋଲିସ ଗଡା ନିକଟରେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ସେଠାରେ ପହଞ୍ଚି ପୋଲିସକୁ ଫୋନ୍ କରିବାରୁ ଉଭୟ ଗୋଷ୍ଠୀର ପିଲାମାନେ ପଳାଇଥିଲେ। ପରେ ଉଭୟ ଗୋଷ୍ଠୀ ବାଦାମବାଡି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ କଲେଜ ପରିସରରେ ଛାତ୍ରଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ କଲେଜ ଅଧକ୍ଷ ଡ. ଦେବାଶିଷ ଜେନା କୁହନ୍ତି, ମୋ' ପାଖକୁ ଏ ବିଷୟରେ କୌଣସି ଅଭିଯୋଗ ଆସିନାହିଁ। ଯଦି ଆସେ କଲେଜ ପକ୍ଷରୁ ଯାହା ସମ୍ଭବ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



କଟକ ମାତାମଠଠାରୁ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ମହାନଦୀ ରିଂବନ୍ଧ ରାସ୍ତାର ସୌନ୍ଦର୍ଯ୍ୟକରଣ ପାଇଁ ଫୁଟପାଥ ପାଚେରିକୁ ରଙ୍ଗତୂଳୀରେ ନୂତନ ରୂପରେଖ ଦିଆଯାଉଛି।

## ଧାନଗଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**କଟକ ସଦର,୧୮।୧୨(ଡି.ଏନ୍.ଏ.)**

୪୨ମୌଜା ଫାଣ୍ଡି ଅନ୍ତର୍ଗତ ଟାଇଁକଣା ଗ୍ରାମର ରୋହିତ ସ୍ୱାଇଁଙ୍କ ଧାନଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ବୁଧବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ କଟକ ସଦର ଥାନା ପୋଲିସ ଏକ ମାମଲା (ନଂ.୬୦୫/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ରୋହିତଙ୍କ ଧାନ ଗଦାରେ କେହି ନିଆଁ ଲଗାଇଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୭୦ହଜାର ଟଙ୍କାର ଧାନ ପୋଡ଼ି ପାଉଁଶ ହୋଇଯାଇଛି।

## ନାବାଳିକା ଗର୍ଭବତୀ, ବସ୍ତିଛାଡ଼ି ଯିବାକୁ କହିଲେ ବାସିନ୍ଦା

**କଟକ ଅଫିସ, ୧୮।୧୨**

ନାବାଳିକାଙ୍କ ପ୍ରତି ଯୌନ ଶୋଷଣ ଦିନକୁ ଦିନ ବଢ଼ିଚାଲିଛି। ମର୍କତନଗର ଥାନା ଅଧୀନ ଏକ ବସ୍ତିରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ୧୪ ବର୍ଷିୟା ନାବାଳିକା ଗର୍ଭବତୀ ହେବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଗର୍ଭବତୀ ଥିବା ପରିବାର ଲୋକେ ପଚାରିବାରୁ ଘଟଣା ପଦାକୁ ଆସିଥିଲା। ଏହି ଖବର ପ୍ରଚାରିତ ହେବା ପରେ କେତେଜଣ ବସ୍ତିବାସିନ୍ଦା ଉକ୍ତ ନାବାଳିକାଙ୍କ ପରିବାର ଲୋକଙ୍କୁ ବସ୍ତି ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ। ଏଥିରେ ସେମାନେ ରାଜି ନ ହେବାରୁ ବସ୍ତିର ଲୋକମାନେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିଥିଲେ। ପରେ ସେ ନାବାଳିକାଙ୍କ ପରିବାର ଲୋକଙ୍କୁ ନେଇ ଥାନାକୁ ଯାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ନାବାଳିକାଙ୍କୁ ବସୁନ୍ଧରାକୁ ପଠାଇ ଦିଆଯାଇଛି। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବୟାନ ରେକର୍ଡ କରାଯିବ ବୋଲି ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି।

# ସିଏମ୍‌ସି: ବିଭିନ୍ନ ୱାର୍ଡରେ ବଢୁଛି ମଶା ପ୍ରାଦୁର୍ଭାବ

**କଟକ ଅଫିସ,୧୮।୧୨**

■ଜମି ରହୁଛି ଆବର୍ଜନା, ସଫା ହେଉନି ନାଳ

■ସିଏମ୍‌ସି କମିଶନରଙ୍କୁ ଦାବିପତ୍ର

କଟକ ମହାନଗର ନିଗମ(ସିଏମ୍‌ସି)ର ସମସ୍ତ ୱାର୍ଡ ଅଞ୍ଚଳରେ ମଶା ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ସହରକୁ ମଶାମୁକ୍ତ କରିବା ପାଇଁ ରାଜ୍ୟ ସରକାର କିମ୍ବା ସିଏମ୍‌ସି କର୍ତ୍ତୃପକ୍ଷଙ୍କର ଆନ୍ତରିକତା ନ ଥିବା ଅଭିଯୋଗ ହୋଇଛି। ସହରର ବିଭିନ୍ନ ନାଳ ସଫା କରାଯାଉ ନ ଥିବାରୁ ମଶାବଂଶ ବୃଦ୍ଧି ପାଉଛି। ଏ ନେଇ ବୁଧବାର କଟକ ନଗର(ଜିଲା) କଂଗ୍ରେସ କମିଟିର କର୍ମକର୍ତ୍ତାମାନେ ସିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚି କମିଶନରଙ୍କ ସହିତ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ନଗର କଂଗ୍ରେସର ଅଭିଯୋଗ ଅନୁଯାୟୀ, ସିଏମ୍‌ସିର ବିଭିନ୍ନ ୱାର୍ଡ଼ରେ ଆବର୍ଜନା ଜମି ରହୁଛି। ପେଟାନାଳ, ଗଡ଼ଖାଇ ଓ ମୁଖ୍ୟ ନାଳର ଉଭୟ ପାର୍ଶ୍ୱ ଆଦୌ ସଫା କରାଯାଉନାହିଁ। ଏପରି କି ସିଏମ୍‌ସି ପକ୍ଷରୁ ବୁଦା ସଫେଇ ହେଉନି, ନିୟମିତ ମଶା ତେଲ ପକାଯାଉନି, ମଶା ଧୂଆଁ ଦିଆଯାଉନି, ଆବର୍ଜନା ଗଦା ହେଉଥିବା ସ୍ଥାନରେ ବ୍ଲିଚିଂ ପକାଯାଉନାହିଁ। ଫଳରେ ବିଭିନ୍ନ ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁରେ ସହରବାସୀ ଆକ୍ରାନ୍ତ ହେଉଛନ୍ତି। ଗତ ସପ୍ତାହରେ ସରକାରୀ ତଥ୍ୟ ଅନୁଯାୟୀ, କଟକ ମହାନଗର ନିଗମ ଅଞ୍ଚଳର ମଶା ଘନତ୍ୱ ୬୦କୁ ଟପି ଯାଇଛି। ସହରରେ ମଶା ଦମନ କାର୍ଯ୍ୟ କେବଳ କାଗଜକଲମରେ ହେଉଛି ବୋଲି ନଗର କଂଗ୍ରେସ ପକ୍ଷରୁ ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ଜାଇକା କାର୍ଯ୍ୟ ଶେଷ ହେଉ ନ ଥିବାରୁ ସହରର ବିଭିନ୍ନ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଣା ଘଟୁଛି। ତେଣୁ କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ମଶା ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଓ ଜାଇକା କାର୍ଯ୍ୟ ଶୀଘ୍ର ଶେଷ କରିବା ଲାଗି କମିଶନରଙ୍କ ନିକଟରେ ଦାବି କରାଯାଇଛି। ନଗର କଂଗ୍ରେସ କମିଟିର ଗିରିବାଳା ବେହେରା, ଶୈଳବାଳା ଜେନା, ଗୌରୀ ଦାସ, ଅରୁଣ ସେଠୀ, ସେକ୍ ସମ୍ମିମଉଲ୍ଲା, କିଶୋର କୁମାର କର, ଅନିତା ନାୟକଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

# ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଧାରଣା

**କଟକ ଅଫିସ, ୧୮।୧୨**

ଦେଶରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଥିଲେ। ନାଗରିକତା ସଂଶୋଧନ ଆଇନକୁ ଛାତ୍ରୀଛାତ୍ରମାନେ ବିରୋଧ କରିଥିଲେ। ଏଥିରେ ସ୍ୱାଧୀନ ନାୟକ, ଶ୍ରୀକାନ୍ତ ନାୟକ, ଶୁଭମ ଦାସ, ପବିତ୍ର ପ୍ରଧାନ, ରାଜେଶ ଖଟୁଆ, କାହ୍ନୁ ଦଳାଇ, ସରୋଜ ପାତ୍ର ଓ ସରୋଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ।




ବିଭିନ୍ନ ଦାବି ନେଇ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବୁଧବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ଧାନ କାଟୁଥିବା ସମୟରେ ଚାଷୀଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୮।୧୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ପଞ୍ଚାୟତ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ଗ୍ରାମର ଜଣେ ଚାଷୀଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଭୋଇସାହିର ହରେକୃଷ୍ଣ କାଣ୍ଡି(୭୦)। ସେ ସକାଳେ ବିଲରେ ଧାନ କାଟୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସ୍ଥାନୀୟ ଚାଷୀ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ହରେକୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ସମ୍ପୃକ୍ତ ଚାଷୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଖବରପାଇ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ସେଠୀ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଥିଲେ।

# ହାତୀ ଉପଦ୍ରବ, ଲୋକେ ଆତଙ୍କିତ

**ଖୁଣ୍ଟୁଣୀ/ ଚୌଦ୍ୱାର, ୧୮।୧୨(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ଓ ତଳଗଡ଼ ଗ୍ରାମରେ ହାତୀପଲ ପଶି ଫସଲ ନଷ୍ଟ କରିବା ସହ ଧାନ, ପନିପରିବା ଖାଇଦେଇଛନ୍ତି। ଡାଳଭାଗ ଗ୍ରାମର ନିଧି ମହାନ୍ତିଙ୍କ ବାରିରୁ ୬୦ ହଳା ଓ ଲକ୍ଷ୍ମୀଧର ମହାନ୍ତିଙ୍କ ବାରିରୁ ୪୦ ହଳା ପାଚିଲା ଧାନ ଖାଇଦେଇଥିବା ଜଣାପଡିଛି। ଏ ନେଇ ସେମାନେ ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ସେହିଭଳି ତଳଗଡ଼ ଗ୍ରାମରେ ମଧ୍ୟ ପ୍ରାଣବନ୍ଧୁ ରଣା, ପ୍ରଭାକର ରଣାଙ୍କ ସପ୍ତେଶ୍ୱର ମନ୍ଦିର ପାର୍ଶ୍ୱର ୨ଏକର ଜମିରେ ପଶି ଫସଲ ଖାଇବା ସହ ନଷ୍ଟ କରିଦେଇଛନ୍ତି। ଗୋକୁଳ ପଣ୍ଡାଙ୍କ ୧ଏକର ଧାନ ଫସଲକୁ ନଷ୍ଟ କରିଦେଇଛନ୍ତି। ଅଭିଯୋଗ ପରେ ଆଠଗଡ଼ ବନ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତର ମଙ୍ଗଳପୁର କାଜୁ ଜଙ୍ଗଲରେ ୧୮ବିଶିଷ୍ଟ ହାତୀପଲ ଲୁଚି ରହିଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଭୟର ବାତାବରଣ ଲାଗି ରହିଛି। ଏହି ହାତୀପଲ ରବିବାର ବିଳମ୍ବିତ ରାତିରେ ଡାଳିଯୋଡା ସଂରକ୍ଷିତ ଜଙ୍ଗଲରୁ ବାହାରି ଏହି ଜଙ୍ଗଲରେ ଲୁଚି ରହିଛନ୍ତି। ଏହି ହାତୀପଲ ଭାଗଭାଗ ହୋଇଯାଇଥିବାରୁ ସେମାନଙ୍କୁ ଘଉଡାଇବା କଷ୍ଟକର ହୋଇପଡୁଥିବା ଚୌଦ୍ୱାର ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି। ୧୮ଟି ହାତୀ ମଧ୍ୟରୁ ୨ଟି ହାତୀ ଛତିଷାପାଟ ଅଭିମୁଖେ ଯାଇଥିବା ଜନୈକ ବନ କର୍ମଚାରୀ କହିଛନ୍ତି। ବନ କର୍ମଚାରୀ ହାତୀଙ୍କୁ ଘଉଡ଼ାଇବାରେ ବିଫଳ ହୋଇଥିବା ବେଳେ ଧାନ ବିଲକୁ ହାତୀପଲ ନ ପଶିବା ପାଇଁ ଗ୍ରାମବାସୀ ନିଆଁହୁଳା ଜାଳି ଜଗି ରହିଥିବା ଦେଖାଦେଇଥିଲା।

## ୩ ପ୍ରତିଭା ପାଇବେ ଶ୍ୟାମାମଣି ସଙ୍ଗୀତ ସମ୍ମାନ

**କଟକ ଅଫିସ, ୧୮।୧୨**

କଥାଶିଳ୍ପୀ ପଣ୍ଡିତ ଏ. ମହେଶ୍ୱର ରାଓ ଶ୍ୟାମାମଣି ସଙ୍ଗୀତ ସମ୍ମାନ, କଣ୍ଠଶିଳ୍ପୀ ଡ. ସଙ୍ଗୀତା ଗୋସ୍ୱାମୀ କୋକିଳକଣ୍ଠୀ ଶ୍ୟାମାମଣି ସମ୍ମାନ ଓ ମର୍ଦ୍ଦଳ ବାଦକ ନିରଞ୍ଜନ ପାତ୍ର ସୁରସାମ୍ରାଜ୍ଞୀ ଶ୍ୟାମାମଣି ସମ୍ମାନ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ୨୧ ତାରିଖ ସନ୍ଧ୍ୟାରେ କଟକ ସାରଳା ଭବନଠାରେ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଡ. ଶ୍ୟାମାମଣି ଦେବୀଙ୍କ ସଙ୍ଗୀତ ସାଧନାର ୭୦ବର୍ଷ ପୂର୍ତ୍ତି ଉତ୍ସବରେ ଉପରୋକ୍ତ ପ୍ରତିଭାମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ସଞ୍ଜିତ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରି-ବିଡିଂ ବୈଠକ

# 'କମ୍ପାନୀ ହାତକୁ ଯିବାକୁ ଲାଗିବ ୨ ମାସ'

**କଟକ ଅଫିସ,୧୮।୧୨**

କଟକ ମହାନଗର ନିଗମ(ସିଏମ୍‌ସି)ର କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆହୁତ ଗ୍ଲୋବାଲ ଟେଣ୍ଡରର ବୁଧବାର ପ୍ରି-ବିଡିଂ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି କମ୍ପାନୀର ପ୍ରାୟ ୧୨ଜଣ ପ୍ରତିନିଧି ଯୋଗଦେଇଥିଲେ। ଆସନ୍ତା ୧୪ତାରିଖରେ ଟେକ୍ନିକାଲ ବିଡ୍ ବୈଠକ ଅନୁଷ୍ଠିତ ହେବ। ତେବେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱ କେଉଁ କମ୍ପାନୀ ହାତକୁ ଯିବ ତାହା ଆଉ ଦୁଇମାସ ଲାଗିବ ବୋଲି ସିଏମ୍‌ସି ଡେପୁଟି କମିଶନର ସଞ୍ଜିବିତା ରାୟ କହିଛନ୍ତି। ସୂଚନାଥାଉ କି, ରାମ୍‌କୀ ନାମକ ଏକ ସଂସ୍ଥା କଟକ ସହରର ସଫେଇ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱ ୨୦୧୧ରେ ନେଇଥିଲା। ୨୦୧୬ରେ ଏହାର ଅବଧି ଶେଷ ହୋଇଥିଲା। ତେବେ ପୁନର୍ବାର ଟେଣ୍ଡର ହୋଇ ନ ପାରିବାରୁ ଏହି ସଂସ୍ଥାର ଚୁକ୍ତିକୁ ୨ବର୍ଷ ବୃଦ୍ଧି କରାଯାଇଥିଲା। ମାତ୍ର ରାମ୍‌କୀ ଏଥିରୁ ଓହରି ଯିବାରୁ ବିବିଜି ମେଟାଲ୍ସ ସିଣ୍ଡିକେଟ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସଂସ୍ଥାକୁ ଏହି ଦାୟିତ୍ୱ ଦିଆଯାଇଛି। ଏକ ସ୍ୱଳ୍ପ ମିଆଦ ସର୍ତ୍ତରେ ୨୦୧୮ରୁ ଆଜି ପର୍ଯ୍ୟନ୍ତ ବିବିଜି ମେଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଏହି କାର୍ଯ୍ୟ କରିଆସୁଥିଲାବେଳେ ଗତ ନଭେମ୍ବର ୨୮ରେ ଗ୍ଲୋବାଲ ଟେଣ୍ଡର ଡକାଯାଇଥିଲା। ଟେଣ୍ଡର ସର୍ତ୍ତାବଳୀ ଅନୁଯାୟୀ, ସିଏମ୍‌ସିକୁ ୪ଟି ଜୋନରେ ବିଭକ୍ତ କରାଯାଇଛି। ଜୋନ୍ ୧ରେ ୧୮ ୱାର୍ଡ, ଜୋନ୍ ୨ରେ ୧୭ ୱାର୍ଡ, ଜୋନ୍ ୩ରେ ୧୮ ୱାର୍ଡ, ଜୋନ୍ ୪ରେ ୬ ୱାର୍ଡ ସହିତ ସତୀଚୌରା ଡମ୍ପିଂୟାର୍ଡ ଓ ବାଙ୍କୀର ଚକ୍ରଧରପୁର ଡମ୍ପିଂୟାର୍ଡ ଅନ୍ତର୍ଭୁକ୍ତ। ଏହି ଜୋନ୍‌ଗୁଡିକ ପାଇଁ ଟେଣ୍ଡରରେ ଭାଗ ନେଉଥିବା କମ୍ପାନୀମାନେ ଇଏମଡି ବାବଦକୁ ଯଥାକ୍ରମେ ୯ଲକ୍ଷ ୭୫ହଜାର, ୯ଲକ୍ଷ ୧ହଜାର, ୯ଲକ୍ଷ ୭୨ହଜାର ଓ ୫ଲକ୍ଷ ୬୨ହଜାର ଅର୍ଥ ଜମା କରିବେ। ସେହିପରି ମାତ୍ରାଧିକ ଗୋଟିଏ କମ୍ପାନୀ ଦୁଇଟି ଜୋନ୍‌ର ପରିଚାଳନା ଦାୟିତ୍ୱ ନେଇ ପାରିବେ ବୋଲି ସର୍ତ୍ତରେ ଉଲ୍ଲେଖ ରହିଛି। ପ୍ରି-ବିଡିଂ ବୈଠକରେ ଟେଣ୍ଡର ସର୍ତ୍ତାବଳୀରେ କେତେକ ତ୍ରୁଟି ରହିଥିବା ବିଶେଷଜ୍ଞମାନେ ଆଲୋଚନାବେଳେ ଜାଣି ପାରିଥିଲେ। ଫଳରେ ଖୁବ୍‌ଶୀଘ୍ର ଏଥିରେ କେତେକ ସର୍ତ୍ତରେ ପରିବର୍ତ୍ତନ ହେବ ବୋଲି କୁହାଯାଉଛି।



ଗୋଟିଏ ମାଆ ଲକ୍ଷେ ଧର୍ମ ଉପଦେଷ୍ଟାଙ୍କ ସଙ୍ଗେ ସମାନ।
- ସକ୍ରେଟିସ୍



## ସଂକ୍ଷେପରେ

### କୂଅରେ ପଡ଼ି ଗୁରୁତର ଯୁବକଙ୍କ ମୃତ୍ୟୁ

**ନିରାକାରପୁର,୧୮।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଗେଟବଜାରସ୍ଥିତ ଅମିତ କୁମାର ନରେନ୍ଦ୍ର (୨୯)ଙ୍କ ଘର। ସେ ସାଙ୍ଗମାନଙ୍କ ସହ ସ୍ଥାନୀୟ ଚିତ୍ରକୂଟ ପାହାଡ ପାଦଦେଶରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ବାରି ଭିତରେ ଭୋଜି କରୁଥିଲେ। ପାଖରେ ଥିବା କୂଅରେ ସେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପାଖରେ ଥିବା ଦଳିତସାହିର କେତେଜଣ ମହିଳାପୁରୁଷ ପହଞ୍ଚି ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ପ୍ରଥମେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିଛି। ଶୋକାକୁଳ ପରିବେଶରେ ମୃତଦେହ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି। ସେ ମଳିପଡାସ୍ଥିତ ବିଦ୍ୟୁତ ଫିଡ୍‌କୋରେ କାର୍ଯ୍ୟରତ ଥିଲେ ବୋଲି ସୂଚନା ମିଳିଛି। ତେବେ ସେ କୂଅରେ କିଭଳି ପଡିଲେ ଏଥି ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଉଛି।

### ଜିଓ ଟ୍ୟାଗରେ ନାଁ ସାମିଲ ଦାବି ଜିଲାପାଳ, ବିଡିଓଙ୍କୁ ଭେଟିଲେ ବିପନ୍ନ

**ଖୋର୍ଦ୍ଧା ଅଫିସ, ୧୮।୧୨:** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଦେବାକୁ ଜିଓ ଟ୍ୟାଗରେ ନାଁ ସାମିଲ କରିବାକୁ ଦାବି ହୋଇଛି। ଏ ନେଇ ଖୋର୍ଦ୍ଧା ଜୋନ ନଂ. ୩ର ଫନୀ ବିପନ୍ନମାନେ ଜିଲାପାଳ ଓ ବିଡିଓଙ୍କୁ ଲିଖିତ ଭାବେ ଫେରାଦ୍ ହୋଇଛନ୍ତି। ଅଭିଯୋଗ ଅନୁସାରେ, ବାତ୍ୟା ଫନୀରେ ଯେଉଁମାନଙ୍କର ଘର ଭାଙ୍ଗିଲା ସେମାନଙ୍କ ନାଁକୁ ଜିଓ ଟ୍ୟାଗରେ ସାମିଲ କରାଗଲାନାହିଁ। ଯେଉଁମାନଙ୍କ ନାଁ ଟ୍ୟାଗ କରାଯାଇଛି ସେମାନେ ବିପନ୍ନ ନୁହନ୍ତି। ସ୍ୱଚ୍ଛଳବର୍ଗର ଲୋକମାନେ ଧରାଧରି କରି ସେମାନଙ୍କର ନାଁକୁ ସାମିଲ କରାଇ ନେଇଛନ୍ତି। ଜିଓ ଟ୍ୟାଗରେ କେଉଁମାନେ ଅଛନ୍ତି ସେମାନେ ପାଇବାକୁ ଯୋଗ୍ୟ କି ନୁହେଁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୂପ ଦାବି ରହିଛି।

### ଛତୁଆ କେନ୍ଦ୍ର, କାଠ ମିଲ୍‌ରେ ନିଆଁ ଲାଗିଲା

**ଯାଁଳା,୧୮।୧୨(ଡି.ଏନ.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ଇନ୍‌ଫୋଭ୍ୟାଲି ରୋଡରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ତିଆରି କେନ୍ଦ୍ରରେ ମଙ୍ଗଳବାର ସକାଳେ ନିଆଁ ଲାଗି ଯାଇଥିଲା। ଖବର ପାଇ ଜଟଣୀ ଅଗ୍ନିସେବା ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ଏକ ଲକ୍ଷ ଟଙ୍କାର ଛତୁଆ ଉପକରଣ ନଷ୍ଟ ହୋଇ ଯାଇଥିବା ଅଗ୍ନିଶମ କର୍ମଚାରୀମାନେ କହିଥିଲେ। ନିଆଁ ଲାଗିବାର କାରଣ ଜଣାପଡି ନଥିଲେ ହେଁ କେହି ପ୍ରତିଶୋଧ ପରାୟଣ ହୋଇ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ସେହିପରି ଯାଁଳା ପୋଷ୍ଟ ଅଫିସ ନିକଟ ଏକ କାଠ ମିଲ୍‌ରେ ଥିବା କାଠ ଗଣ୍ଡିରେ ସୋମବାର ନିଆଁ ଲାଗିଯାଇଥିଲା। ଏହାକୁ କର୍ମଚାରୀମାନେ ଠିକ୍ ଭାବେ ଲିଭାଇ ପାରି ନ ଥିଲେ। ଫଳରେ ମଙ୍ଗଳବାର ସକାଳ ୮ଟାରେ ପୁନର୍ବାର କାଠଗଣ୍ଡି ଜଳି ଉଠିଥିଲା। ପାଖରେ ଥିବା ଜଙ୍ଗଲିଆ ଗଛକୁ ନିଆଁ ବ୍ୟାପି ଯାଇଥିଲା। ମିଲ୍‌ରେ ଥିବା ଅନ୍ୟ କାଠରେ ନିଆଁ ଲାଗିବା ପୂର୍ବରୁ ଅଗ୍ନିଶମ କର୍ମଚାରୀ ଓ ଯାଁଳା ଫାଣ୍ଡି ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ପୋଡ଼ାଡିହ ପଞ୍ଚାୟତ ଆବାସ ଦୁର୍ନୀତି

# ଚେତିଲାନି ପ୍ରଶାସନ, ପୁଣି ଅନଶନ

### ଭିଜିଲାନ୍ସ ପକ୍ଷରୁ ଫାଇଲ ଜବତ

ପୋଡାଡିହ ପଞ୍ଚାୟତର ଆବାସ ଯୋଜନା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତ ପଞ୍ଚାୟତର କେତେଗୋଟି ଆବାସ ଯୋଜନା ଫାଇଲକୁ ଭିଜିଲାନ୍ସ ଜବତ କରିଲାଣି। ଭିଜିଲାନ୍ସ ତଦନ୍ତ ପରେ ଭୟର ବାତାବରଣ ଦେଖାଦେଇଛି। ଏଭଳିସ୍ଥଳେ ତଦନ୍ତକୁ ଚାପିଦେବାକୁ ଚାପ ବଢ଼ି ଚାଲିଛି ବୋଲି ଅଭିଯୋଗ ହେଉଛି।

### ଫଟୋ ଉଠାଇଲେ ୫୦୦

ପୋଡାଡିହ ପଞ୍ଚାୟତରେ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିବା ପରେ ଦଲାଲ ସବୁ କିଛି ବୁଝୁଥିଲେ। ଆବାସ ଯୋଜନା ଘର ଆରମ୍ଭ ହେଲେ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ମିଳୁଥିଲା। ପ୍ଲିନ୍ଥ ଲେଭଲ କାମ ଶେଷ ହେଲେ ଫଟୋ ଉଠାଉଥିଲେ ଦଲାଲ। ଆଉ ଫଟୋ ଉଠା ବାବଦକୁ ୫୦୦ ଏବଂ ବିଲ୍ ବାବଦକୁ ୫ ହଜାର ଟଙ୍କା ନେଇ ଯାଉଥିଲେ। ଯିଏ ଦେଉ ନ ଥିଲେ ୨ୟ କିସ୍ତି ଟଙ୍କା ମିଳୁ ନ ଥିଲା। ଜଣେ ହିତାଧିକାରୀଙ୍କଠାରୁ ୪ଟି କିସ୍ତିରେ ଫଟୋ ଉଠା ବାବଦକୁ ୫୦୦ କରି ୨ ହଜାର ଓ ବିଲ୍ ପାଇଁ ୫ ହଜାର କରି ୨୦ ହଜାର ଟଙ୍କା ନେଉଥିଲେ। କାର୍ଯ୍ୟାଦେଶ ମିଳିବା ପୂର୍ବରୁ ୫ ହଜାର ଅଧିକ ଦେବାକୁ ପଡୁଥିଲା ବୋଲି ଜଣେ ହିତାଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।



ଅନଶନରତ ବିଭୂତିଭୂଷଣ ଦାଶଙ୍କୁ ଉପଜିଲାପାଳ ବୁଝାଉଛନ୍ତି।

### ଫଲ୍ସ ବିଲ୍ ପାଇଁ ୪୦ରୁ ୫୦ ହଜାର

ପୋଡାଡିହ ପଞ୍ଚାୟତରେ ଅଧିକାଂଶ ଫଲ୍ସ ବିଲ୍ ହୋଇଛି। ଭୁବନେଶ୍ୱର ସାଲିଆସାହିରେ ଜଣେ ବ୍ୟକ୍ତି ରହୁଥିବା ବେଳେ ତାଙ୍କ ନାମରେ ପୋଡାଡିହରେ କାର୍ଯ୍ୟାଦେଶ କରାଯାଇ ଟଙ୍କା ଉଠାଣ ହୋଇଛି। ଭାଇର ଘରକୁ ଦେଖାଇ ଫଲସ୍ ବିଲ୍ କରାଯାଇଛି। ସେହିପରି ପଙ୍ଗାରସିଂହ ବାସିନ୍ଦା ହୋଇ ବି ଜଣେ ବ୍ୟକ୍ତି ପୋଡାଡିହ ପଞ୍ଚାୟତରେ ଫଲ୍ସ ବିଲ୍ କରି ଟଙ୍କା ହାତେଇଛନ୍ତି। ଏହି ହିତାଧିକାରୀ ଦୁଇ ସ୍ଥାନରେ ଇନ୍ଦିରା ଆବାସର କାର୍ଯ୍ୟାଦେଶ ନେଇଛନ୍ତି। ଫଲ୍ସ ବିଲ୍ କରିବାକୁ ହେଲେ ୪୦ରୁ ୫୦ ହଜାର ଟଙ୍କା ଦେବାକୁ ପଡୁଥିଲା। ତାହା ପୁଣି କିସ୍ତିରେ। ଏଭଳିଆ ଦୁର୍ନୀତିକୁ କେତେଜଣ ରାଜନେତା, ପ୍ରଶାସନିକ ଅଧିକାରୀ, କର୍ମଚାରୀ ଘଷ୍ଟ ଘୋଡାଇ ରଖିବାକୁ ଚେଷ୍ଟା ଜାରି ରଖିଛନ୍ତି। ଏ ନେଇ ସାମାଜିକ କର୍ମୀ ବିଭୂତି କୁହନ୍ତି, ଆବାସ ଦୁର୍ନୀତିର ପର୍ଦ୍ଦାଫାସ ନ ହେଲା ପର୍ଯ୍ୟନ୍ତ ସେ ଚୁପ ରହିବେ ନାହିଁ। ଯଦି ଆସନ୍ତା ୨୧ ତାରିଖ ଭିତରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପନ ନ କରେ ସେ ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ।

**ଖୋର୍ଦ୍ଧା ଅଫିସ, ୧୮।୧୨:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ପ୍ରମାଣିତ ହୋଇଗଲାଣି। ତେବେ କାର୍ଯ୍ୟାନୁଷ୍ଠାନ ନେବାରେ ପ୍ରଶାସନ ସମୟ ଗଡାଇ ଚାଲିଛି। ସାମାଜିକ କର୍ମୀଙ୍କ ଆମରଣ ଅନଶନର ୭ ଦିନ ପରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିବା ଜିଲା ପ୍ରଶାସନ ୨୭ ଦିନ ପରେ ପଦକ୍ଷେପ ନେଇ ପାରିନାହିଁ। ଏଭଳି ବଡଧରଣର ଦୁର୍ନୀତିକୁ ପର୍ଦ୍ଦାଫାଶ ହେବାକୁ ଥିବାବେଳେ ପ୍ରଶାସନ ଚାପରେ ଚେପା ହୋଇଯାଇଥିବା ଅଭିଯୋଗ ଉଠିଥିଲା। ପ୍ରଶାସନର ନୀରବତା ପରେ ପୋଡାଡିହର ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶ ବୁଧବାର ପୁଣି ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ

### ୨୧ରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ

ସମ୍ମୁଖରେ ଆମରଣ ଅନଶନ କରିଥିଲେ। ବିଭୂତିଙ୍କ ଅନଶନ ଦେଖି ପ୍ରଶାସନ ହଡବଡେଇ ଯାଇଥିଲା। ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ଅନଶନସ୍ଥଳକୁ ଆସି ବିଭୂତିଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୨୧ତାରିଖରେ ଆବାସ ଦୁର୍ନୀତିର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ପୂର୍ବାହ୍ନ ସାଢେ ୧୦ଟାରୁ ଆରମ୍ଭ ହୋଇଥିବା ଆମରଣ ଅନଶନକୁ ବିଭୂତି ମଧ୍ୟାହ୍ନ ୧୨ଟାରେ ହଟିଥିଲା। ପ୍ରକାଶଥାଉ କି ନଭେମ୍ବର ୨୧ରେ ପୋଡାଡିହର ସାମାଜିକ କର୍ମୀ ବିଭୂତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ପୋଡାଡିହ ପଞ୍ଚାୟତରେ ସ୍ୱାମୀ ଓ ସ୍ତ୍ରୀ ଆବାସ ଯୋଜନାରେ ଘର ହାତେଇଛନ୍ତି। ଛାତ ଘରଥିବା ଲୋକ କାର୍ଯ୍ୟାଦେଶ ପାଇ ପୁରୁଣା ଘରକୁ ନୂଆ ଘର ଦେଖାଇ ବିଲ୍ କରି ନେବା ଭଳି ଅଭିଯୋଗ କରିଥିଲେ।

### ଟାଙ୍ଗିଆପଡ଼ାରେ ବିଶୁଦ୍ଧ ଜଳ ଏଟିଏମ୍



**ଖୋର୍ଦ୍ଧା ଅଫିସ, ୧୮।୧୨:** ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ବିଶୁଦ୍ଧ ପାନୀୟ ଜଳ ଏଟିଏମ୍ ବୁଧବାର ଉଦ୍‌ଘାଟିତ ହୋଇଛି। ଏଥିରୁ ୧ ଲିଟର ପାଣି ନେଲେ ୩୦ ପଇସା ଦେବାକୁ ପଡିବ। ଏହାକୁ ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ, ଟାଙ୍ଗିଆପଡା ସରପଞ୍ଚ କଲ୍ୟାଣୀ ଦଳେଇ, ନାଏବ ସରପଞ୍ଚ ଆକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ମହାନିଗମ ପରେ ଟାଙ୍ଗିଆପଡାରେ ଏହି ଏଟିଏମ୍ ୨ୟ ବୋଲି କୁହାଯାଇଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ, ୧୮।୧୨:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସିକୋ ପଞ୍ଚାୟତ ନାରଗୋଦା ଗାଁର ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ଶିକ୍ଷକ ଚାକିରିରୁ ଅବସର ପରେ ସେ ନିଜକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ସମାର୍ଥ୍ୟ ଶିବିରକୁ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରୁଛନ୍ତି।

**ବୋଲଗଡ,୧୮।୧୨(ଡି.ଏନ.ଏ.)**

ବୋଲଗଡ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ସାମର୍ଥ୍ୟ ଶିବିର ୨୦୧୯-୨୦ ଅନୁଷ୍ଠିତ ହୋଇଛି। ଏହାକୁ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ବୋଲଗଡ ବିଡିଓ ଏଲିଜା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଶିବିରରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିକାଲ ବୋର୍ଡ ପକ୍ଷରୁ ଡା. ନିର୍ମଳ ଚନ୍ଦ୍ର ପ୍ରଧାନ, ସରୋଜ ରଞ୍ଜନ ନାୟକ, ଆଲୋକ ଜ୍ୟୋତି ସାହୁ ଏବଂ ଅଜୟ କୁମାର ସିଂହ ଯୋଗଦେଇ ଆସିଥିବା ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ। ଏସ୍ଏସ୍ଓ କାମଦେବ ନାୟକଙ୍କଠାରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ, ଉକ୍ତ ଶିବିରେ ମାନସିକ ଅନଗ୍ରସର ୫୯ଜଣ, ଦୃଷ୍ଟିବାଧିତ ୩୦ଜଣ ଶ୍ରବଣବାଧିତ ୬୨ଜଣ ଏବଂ ଶାରୀରିକ ଭିନ୍ନକ୍ଷମ ୧୦୬ଜଣଙ୍କ ପରୀକ୍ଷା କରାଯାଇଛି। ବସ୍, ଟ୍ରେନ୍ ପାସ ପାଇଁ ୧୬ ଜଣ ଆବେଦନ କରିଛନ୍ତି। ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷ ଗୋପାଳ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

### ବ୍ରାଉନସୁଗାର କାରବାର ଅଭିଯୋଗରେ ୩ ଗିରଫ

**ପାତ୍ରପଡା,୧୮।୧୨(ଡି.ଏନ.ଏ.):** ବ୍ରାଉନସୁଗାର କାରବାର ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୩ ଜଣ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଯଦୁପୁର ନୂଆସାହି ଅଞ୍ଚଳର ପିଙ୍କୁ ଖାନ, ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ସେକ୍ ସଲିମ୍ ଓ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ସେକ୍ ଏହସାନ। ପୋଲିସ ସେମାନଙ୍କ ନିକଟରୁ ୬୧ ଗ୍ରାମ ବ୍ରାଉନସୁଗାର, ଗୋଟିଏ ଅଟୋ, ୨ ବାଇକ୍, ୧୦ ହଜାର ଟଙ୍କା ଓ ୩ ମୋବାଇଲ ଫୋନ ଜବତ କରିଛି। ଆଇଗଣିଆ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ବ୍ରାଉନସୁଗାର ବିକ୍ରି ହେଉଥିବା ପୋଲିସ ଖବର ପାଇଥିଲା। ସେକ୍ ଏହସାନ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ବିକ୍ରି କରୁଥିବା ବେଳେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଥାନାରେ ନଂ. ୭୩୦/୧୯ରେ ଏକ ମାମଲା ରୁଜୁ ହୋଇଛି।

## ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ, ୧୮।୧୨(ଡି.ଏନ.ଏ.)**



ହେଲ୍‌ମେଟ୍ ପିନ୍ଧିବା ଲାଗି ବାଇକ୍ ଚାଳକଙ୍କୁ ସଚେତନ କରାଯାଉଛି।

କୃଷ୍ଣପ୍ରସାଦ ବ୍ଲକର ବଡଅଁଳ ଏବଂ କୃଷ୍ଣପ୍ରସାଦ ପଞ୍ଚାୟତ ବିଜୁ ଯୁବ ବାହିନୀ ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ ସଚେତନତା ଅଭିଯାନ ରକ୍ଷକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ଏଏସ୍ଆଇ ଯୁଗଳ କିଶୋର ଜେନା, ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ମାନସ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ମୁଖ୍ୟରାସ୍ତା କୃଷ୍ଣପ୍ରସାଦ ଥାନା ସମ୍ମୁଖରେ ଯାତ୍ରୀମାନଙ୍କୁ ଗାଡି ଚଳାଇବା ଦିଗରେ ସଚେତନ କରାଇବା ସହ ଯେଉଁମାନେ ହେଲମେଟ୍ ପିନ୍ଧି ଗାଡି ଚଳାଉଥିଲେ ସେମାନଙ୍କୁ ପେନ୍ ଏବଂ ମିଠା ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ବିଜୁ ବାହିନୀ ସଭାପତି ବିପିନ କୁମାର ନାୟକ, ସମ୍ପାଦକ ଅନିଲ କୁମାର ସିଂହ, ବଡଅଁଳ ବିଜୁ ବାହିନୀ ସଭାପତି ରତିକାନ୍ତ ଜଗଦେବ, ସମ୍ପାଦିକା ସ୍ମୀତାରାଣୀ ଜେନା, କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ମଲ୍ଲିକ ସମେତ ବାହିନୀର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।



କ୍ଷେତ୍ର ଦିବସ ଅବସରରେ ଯୋଗ ଦେଇଥିବା ଚାଷୀ ଓ ଅନ୍ୟମାନେ।

## ଧାନର କ୍ଷେତ୍ର ଦିବସ

**ଖୋର୍ଦ୍ଧା ଅଫିସ, ୧୮।୧୨:** ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ଅଙ୍ଗାରପଡା ପଞ୍ଚାୟତରେ ଧାନର କ୍ଷେତ୍ର ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୃତ୍ତିକା, ସ୍ୱାସ୍ଥ୍ୟ ଓ ଜୈବକୃଷି ଉପରେ ଆଲୋଚନା ହୋଇଥିଲା। ଭୁବନେଶ୍ୱର ଜିଲା କୃଷି ଅଧିକାରୀ ଦୁର୍ଯ୍ୟୋଧନ ପତଙ୍ଗ, ଯାଁଳାର ସହକାରୀ କୃଷି ଅଧିକାରୀ ରାଧେଶ୍ୟାମ ଦାଶ, ଅଙ୍ଗାରପଡା ସରପଞ୍ଚ ଅମୀୟ ରଞ୍ଜନ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏଥିରେ ଚାଷୀମାନେ ଭାଗ ନେଇଥିଲେ।

## ଭୟରେ ଘରୋଇ କ୍ଲିନିକ କର୍ତ୍ତୃପକ୍ଷ

### ଡାକ୍ତରଙ୍କୁ ଗୁଳି ପରେ

**ଖୋର୍ଦ୍ଧା ଅଫିସ, ୧୮।୧୨:** ରୋଗୀ ଦେଖୁଥିବାବେଳେ ଘରୋଇ କ୍ଲିନିକ୍ ଭିତରେ ପଶି ଡାକ୍ତରଙ୍କୁ ଓ ମେଡିସିନ୍ ଦୋକାନୀଙ୍କୁ ଗୁଳି କରିବା ଘଟଣା ଖୋର୍ଦ୍ଧା ସହରରେ ଭୟର ବାତାବରଣ ସୃଷ୍ଟି କରିଛି। ସହରରେ ଥିବା ଘରୋଇ କ୍ଲିନିକ୍ କର୍ତ୍ତୃପକ୍ଷ ସୁରକ୍ଷାକୁ କଡାକଡି କରିଛନ୍ତି। କିଛି ଲୋକଙ୍କୁ ନିୟୋଜିତ କରି ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି।

### ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟବଲ

## ଫାଇନାଲରେ ମଙ୍ଗଳା କ୍ଲବ କଟକ

**ବୋଲଗଡ,୧୮।୧୨(ଡି.ଏନ.ଏ.)**

ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟର ମିନି ଷ୍ଟାଡିୟମରେ ଚାଲିଥିବା ଜାନକୀ ପାଢୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ୨ୟ ସେମିଫାଇନାଲ ଅଠମଲ୍ଲିକ ଫୁଟବଲ କ୍ଲବ ଏବଂ କଟକ ମଙ୍ଗଳା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମଙ୍ଗଳା ଫୁଟବଲ କ୍ଲବ ୬-୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମଙ୍ଗଳା କ୍ଲବର ଦୀନବନ୍ଧୁ ଦାସ ୩ଟି ଗୋଲ ସ୍କୋର କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ପ୍ରଶାନ୍ତ କୁମାର ପାଲ ଖେଳ ପରିଚାଳନା କରିଥିଲା ବେଳେ ସୁଶାନ୍ତ କୁମାର ବେହେରା ଓ ସୁକାନ୍ତ ପ୍ରଧାନ ଲାଇନ୍ସରେ ସହାୟତା କରିଥିଲେ। ଭଞ୍ଜ କିଶୋର ଯତି ୪ର୍ଥ ରେଫରି କାର୍ଯ୍ୟ ତୁଲାଇଥିଲେ। ସୂର୍ଯ୍ୟରଞ୍ଜନ ବେହୁରା ଏବଂ ପୂର୍ବତନ ବୋଲଗଡ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କଟକ ମଙ୍ଗଳା ଫୁଟବଲ ଓ ଭୁବନେଶ୍ୱରର ଜଗା ୟୁନିଟ୍ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

## ସଜେଇ ହେଉଛି ବରୁଣେଇ







ନୂଆବର୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ବରୁଣେଇଠାରେ ଥିବା ବଙ୍ଗଳା, ଶିଶୁ ଉଦ୍ୟାନ ପ୍ରାଚୀରରେ ବିଭିନ୍ନ କଳାକୃତି ଅଙ୍କାଯାଇଛି।



ଗୋଟିଏ ମାଆ ଲକ୍ଷେ ଧର୍ମ ଉପଦେଷ୍ଟାଙ୍କ ସଙ୍ଗେ ସମାନ।
-ସକ୍ରେଟିସ୍

# ଭକ୍ତ ଦେଖିପାରିବେ ସବୁଜ ବଳୟ

## ଶ୍ରୀମନ୍ଦିର ସୁରକ୍ଷା ଜୋନ୍

**ପୁରୀ ଅଫିସ, ୧୮।୧୨**

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ର ଚିତ୍ର ବଦଳିବ। ଏହାର ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ଉଚ୍ଛେଦ ଅଭିଯାନ ଜାରି ରହିଥିବାବେଳେ କେତେକ କାମ ମଧ୍ୟ ଚାଲିଛି। ନୂତନ ବ୍ୟାରିକେଡ ନିର୍ମାଣ ସହ ଭକ୍ତଙ୍କ ପାଇଁ ସ୍ଥାୟୀ ଜୋତା ଓ ମୋବାଇଲ ଷ୍ଟାଣ୍ଡ ବ୍ୟବସ୍ଥା କରାଯାଉଛି। ସେହିପରି ସୁରକ୍ଷା ଜୋନ୍‌ରେ ପାଦ ଦେବା ପରେ ଭକ୍ତମାନେ ପବିତ୍ର ଜଗନ୍ନାଥ ଧାମକୁ ଆସିଛନ୍ତି ବୋଲି ଯେପରି ଅନୁଭବ କରିବେ ସେଥିପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ ହୋଇଛି। ସୁରକ୍ଷା ଜୋନ୍‌ରେ ବି ଭକ୍ତମାନେ ସବୁଜ ବଳୟ ଦେଖିପାରିବେ। ଏଥିଲାଗି ପ୍ରାୟ ଦେଢ ହଜାର ଗଛ ଅଣାଯାଇଛି। ଏହାକୁ ବିଭିନ୍ନ ସ୍ଥାନରେ ସଜାଇ ରଖାଯାଉଛି। ବୁଧବାର ସନ୍ଧ୍ୟାରେ ସିଂହଦ୍ୱାରରେ ନୂଆକରି ନିର୍ମାଣ କରାଯାଉଥିବା ବ୍ୟାରିକେଡ କଡରେ ଏହି ଗଛଗୁଡ଼ିକୁ ସାଇଜ୍ କରି ରଖାଯାଇଥିବା ଦେଖିବାକୁ ମିଳିଛି। ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ଲାଗି ସମସ୍ତ ପ୍ରକାର ସୁବିଧା ସୁଯୋଗ କରାଯିବ। ଦୂରାଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି କୌଣସି ପ୍ରକାର ତିକ୍ତ ଅନୁଭୂତି ନ ସାଉଣ୍ଟିବେ ତାହା ଉପରେ ଗୁରୁତ୍ୱ ଦେଉଛନ୍ତି ସରକାର। ଅନ୍ୟପଟେ ସୁପ୍ରିମ୍‌କୋର୍ଟ ବି ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ତାଗିଦ୍ କରିଛନ୍ତି । ଭକ୍ତଙ୍କ ପାଇଁ ସବୁ ପ୍ରକାର ସୁବିଧା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ କାମ ଆରମ୍ଭ ହୋଇଯାଇଛି। ସ୍ଥାୟୀ ଜୋତାଷ୍ଟାଣ୍ଡ, ମୋବାଇଲ ଷ୍ଟାଣ୍ଡ, ଟଏଲେଟ୍, ପାନୀୟଜଳ ବ୍ୟବସ୍ଥା ସାଙ୍ଗକୁ ବ୍ୟାରିକେଡରେ କିପରି ଶୃଙ୍ଖଳିତ ଭାବେ ଯାଇ ଦର୍ଶନ କରିବେ ତା'ର ବି ବ୍ୟବସ୍ଥା କରାଯାଉଛି । ବର୍ତ୍ତମାନ ଯେଉଁ ଅସ୍ଥାୟୀ ବ୍ୟାରିକେଡ ରହିଛି ତାହାକୁ ଆହୁରି ପୂର୍ବ ପାର୍ଶ୍ୱକୁ ଘୁଞ୍ଚାଇ ଦିଆଯାଇ ନୂତନ ବ୍ୟାରିକେଡ କାମ ଚାଲିଛି। ଅଳ୍ପଦିନ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହୋଇଯିବ। ନୂଆବର୍ଷରେ ଭକ୍ତମାନେ ନୂଆ ଅନୁଭୂତି ପାଇବେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।



ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟାରିକେଡ୍ କଡ଼ରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଛି।

## ସଂକ୍ଷେପରେ

### ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇଁ ପ୍ରକ୍ରିୟା ଆରମ୍ଭ

**ପୁରୀ ଅଫିସ,୧୮।୧୨:** ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ ନିମନ୍ତେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଜାନୁୟାରୀ ପହିଲା ସୁଦ୍ଧା ୧୮ବର୍ଷ ପୂରଣ ହେଉଥିବା ନାଗରିକମାନେ ଏହି ତାଲିକାରେ ସାମିଲ ହୋଇପାରିବେ। କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ଆସନ୍ତା ୧୫ ତାରିଖ ସୁଦ୍ଧା ସମ୍ପୃକ୍ତ ମତଦାନ କେନ୍ଦ୍ରରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ମାଧମରେ ଦାଖଲ କରିପାରିବେ । ଆସନ୍ତା ମାସ ୨୭ ତାରିଖ ସୁଦ୍ଧା ସମସ୍ତ ଅଭିଯୋଗର ସମାଧାନ କରାଯାଇ ଫେବୃୟାରୀ ୪ ତାରିଖ ସୁଦ୍ଧା ଯୋଗ ତାଲିକା ପ୍ରକାଶ ପାଇବ ଏବଂ ଏହି ମାସ ୭ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ନିମନ୍ତେ ଫର୍ମ ନଂ-୬, ପ୍ରବାସୀ ଭାରତୀୟ ଭାବେ ନାମ ପଞ୍ଜୀକରଣ ନିମନ୍ତେ ଫର୍ମ ନଂ-୬(କ), ତାଲିକାରୁ ନାମ ବାଦ୍ ନିମନ୍ତେ ଫର୍ମ ନଂ-୭, ତ୍ରୁଟି ସଂଶୋଧନ ନିମନ୍ତେ ଫର୍ମ ନଂ-୮ ଏବଂ ଭୋଟରଙ୍କ ନାମ ସ୍ଥାନାନ୍ତରୀକରଣ ନିମନ୍ତେ ଫର୍ମ ନଂ-୮(କ) ଦାଖଲ କରାଯାଇପାରିବ। ଏହି ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ସମସ୍ତ ଜନସାଧାରଣ ଏବଂ ରାଜନୈତିକ ଦଳଗୁଡ଼ିକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

### ବରିଷ୍ଠ ନାଗରିକ ମଞ୍ଚର ବୈଠକ

**କଣାସ,୧୮।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ କଣାସଠାରେ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ୨୮ଟି ପଞ୍ଚାୟତରୁ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇ ନିଜର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ଏହି ସମସ୍ୟାଗୁଡିକ କିପରି ସମାଧାନ ହେବ ସେନେଇ ନାଗରିକ ମଞ୍ଚର ସମ୍ପାଦକ ମହେନ୍ଦ୍ର କୁମାର ରଣସିଂହ ଆଲୋଚନା କରିଥିଲେ। ବିଶେଷକରି ବୟସ୍କ ବ୍ୟକ୍ତିମାନେ ବ୍ୟାଙ୍କ, ଡାକ୍ତରଖାନା ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କିପରି ଅସୁବିଧା ଭୋଗୁଛନ୍ତି ସେ ଉପରେ ପ୍ରଶାନ୍ତ ମିଶ୍ର, ପ୍ରଭାକର ମଙ୍ଗରାଜ, ରମେଶ, ପରିକ୍ଷିତ ବଡଜେନା, ଦୁର୍ଯ୍ୟୋଧନ ଜେନା ଆଲୋଚନା କରିଥିଲେ। ବୟସ୍କବ୍ୟକ୍ତିମାନେ ପରିଚୟପତ୍ର ପାଇଁ ଏକ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିବା ପାଇଁ ସଭାରେ ସ୍ଥିର ହୋଇଥିଲା। ଏହି ଦରଖାସ୍ତ ଆସନ୍ତା ୫ ତାରିଖ ସୁଦ୍ଧା ଅନୁଷ୍ଠାନର ସମ୍ପାଦକଙ୍କ ନିକଟରେ ଦାଖଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

### ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ, ୧୮।୧୨(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକର ବଡଅଁଳ ଏବଂ କୃଷ୍ଣପ୍ରସାଦ ପଞ୍ଚାୟତ ବିଜୁ ଯୁବ ବାହିନୀ ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ ସଚେତନତା ଅଭିଯାନ ରକ୍ଷକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କୃଷ୍ଣପ୍ରସାଦ ଥାନା ଆଇଆଇସି ଅଭିମନ୍ୟୁ ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ଏଏସ୍‌ଆଇ ଯୁଗଳ କିଶୋର ଜେନା, ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ମାନସ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ମୁଖ୍ୟରାସ୍ତା କୃଷ୍ଣପ୍ରସାଦ ଥାନା ସମ୍ମୁଖରେ ଯାତ୍ରୀମାନଙ୍କୁ ଗାଡି ଚଳାଇବା ଦିଗରେ ସଚେତନ କରାଇବା ସହ ଯେଉଁମାନେ ହେଲମେଟ୍ ପିନ୍ଧି ଗାଡି ଚଳାଉଥିଲେ ସେମାନଙ୍କୁ ପେନ୍ ଏବଂ ମିଠା ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ବିଜୁ ବାହିନୀ ସଭାପତି ବିପିନ କୁମାର ନାୟକ, ସମ୍ପାଦକ ଅନିଲ କୁମାର ସିଂହ, ବଡଅଁଳ ବିଜୁ ବାହିନୀ ସଭାପତି ରତିକାନ୍ତ ଜଗଦେବ, ସମ୍ପାଦିକା ସ୍ୱୀତାରାଣୀ ଜେନା, କୋଷାଧକ୍ଷ ଚନ୍ଦ୍ରକାନ୍ତ ମଲ୍ଲିକ ସମେତ ବାହିନୀର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ଟିଆରି ହେବ ବହୁତଳ ମାର୍କେଟ କମ୍ପ୍ଲେକ୍ସ

## ପରୀକ୍ଷା ପାଇଁ ଗଲା ମହୋଦଧି ମାର୍କେଟ କମ୍ପ୍ଲେକ୍ସ ମାଟି

**ପୁରୀ ଅଫିସ, ୧୮।୧୨**

ପୁରୀ ସହରର ମୋଚିସାହି ଛକସ୍ଥିତ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଅସୁରକ୍ଷିତ ହୋଇ ପଡ଼ିଥିବାରୁ ଗତ ଅକ୍ଟୋବର ୨୯ ତାରିଖରେ ପୌରସଂସ୍ଥା ଏହାକୁ ଭାଙ୍ଗି ଦେଇଥିଲା। ଏହି ଜାଗାରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବାର ଯୋଜନା ଥିବାବେଳେ ବୁଧବାର ଏହାର ମାଟିକୁ ପରୀକ୍ଷା ପାଇଁ ଭୁବନେଶ୍ୱର ନିଆଯାଇଛି। ଏହି ସ୍ଥାନରେ ବୋରିଂ କରାଯାଇ ତଳୁ ମାଟି ନିଆଯାଇଛି। ୧୯୬୯ ମସିହାରେ ପ୍ରାୟ ୧ ଏକର ଜାଗାରେ ଏହି ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିଲା। ଏଥିରେ ୫୮ଟି ଦୋକାନ ଘର ସହିତ ସହଯୋଗ ବିପଣନ କେନ୍ଦ୍ର ରହିଥିଲା। ୫୦ ବର୍ଷ ଅତିକ୍ରାନ୍ତ କରିଥିବାରୁ ଏହି ମାର୍କେଟ କମ୍ପ୍ଲେକ୍ସ ଓ ସହଯୋଗ ବିପଣନ କେନ୍ଦ୍ର ଅସୁରକ୍ଷିତ ହୋଇଥିବା ଦର୍ଶାଇ ଏହାକୁ ଉଚ୍ଛେଦ କରିଥିଲା ପୌର ସଂସ୍ଥା। ଭଙ୍ଗାଯାଇଥିବା ସ୍ଥାନରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯାଇ ବିସ୍ଥାପିତ ବ୍ୟବସାୟୀଙ୍କୁ ପ୍ରଥମେ ଦୋକାନ ଘର ଦିଆଯିବ ବୋଲି ପ୍ରଶାସନିକ ନିଷ୍ପତ୍ତି ହୋଇଛି।



ପୁରୀ ସେବା ସମିତି କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଯୋଗ ଶିବିରରେ ଅତିଥିମାନେ।

# ଭଙ୍ଗା ହେଲା ୨ ଲଜ୍, ଘରୋଇ କୋଠା



ଘରୋଇ କୋଠାକୁ ଭଙ୍ଗାଯାଉଛି।

**ପୁରୀ ଅଫିସ,୧୮।୧୨**

ଶ୍ରୀମନ୍ଦିର ଚୌହଦିରେ ଉଚ୍ଛେଦ ଜାରି ରହିଛି। ପ୍ରଥମେ ମଠ ଏହାପରେ ଘରୋଇ କୋଠା ଉଚ୍ଛେଦ ପରେ ବୁଧବାର ୨ଟି ଲଜ୍ ଏବଂ ଗୋଟିଏ ଘରୋଇ କୋଠା ଭଙ୍ଗାଯାଇଛି। ଗଡ଼ନ୍ତି ଛକଠାରେ ଥିବା କାଳୀଚରଣ ଲଜ୍ ଓ ରାୟବାହାଦୁର ଲଜ୍ ସମେତ ଅନ୍ୟ ଏକ ଘରୋଇ କୋଠା ଉଚ୍ଛେଦ ହୋଇଛି। ଫଳରେ ପ୍ରଶାସନ ୪୦ ଡେସିମିଲ ଜାଗାକୁ ନିଜ ଦଖଲକୁ ଆଣିଛି। ସୁରକ୍ଷା ଜୋନ୍ ମଧ୍ୟରେ ୫ଟି ମୌଜା ଥିବାବେଳେ ଚୁଡ଼ଙ୍ଗ ସାହି ମୌଜାରୁ ଏହା ପ୍ରଥମ ଉଚ୍ଛେଦ। ପୂର୍ବରୁ ବାସେଳିସାହି ଓ ମଣିକର୍ଣ୍ଣିକା ସାହି ମୌଜାରୁ ଉଚ୍ଛେଦ କରାଯାଇଥିଲା। ସକାଳେ ୫ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୩ଜଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗଡ଼ନ୍ତି ଛକଠାରେ ଥିବା କାଳୀଚରଣ ଲଜ୍ ପ୍ରଥମେ ଭଙ୍ଗାଯାଇଥିଲା। ପରେ ରାୟବାହାଦୁର ଲଜ୍ ଓ ଗୋଟିଏ ଘରୋଇ କୋଠା ଉଚ୍ଛେଦ କରାଯାଇଛି। ଏଥିପାଇଁ ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱ ଓ ପଶ୍ଚିମ–ଉତ୍ତର କୋଣକୁ ବ୍ୟାରିକେଡିଂ କରାଯାଇଥିଲା। ଭକ୍ତଙ୍କ ଯା'ଆସରେ ଯେପରି କୌଣସି ସମସ୍ୟା ନ ହୁଏ ତାହାକୁ ମଧ୍ୟ ଦୃଷ୍ଟି ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଓ ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ଏହି କୋଠା ଗୁଡ଼ିକର ବଳକା ଅଂଶକୁ ଗୁରୁବାର ଭଙ୍ଗାଯିବ ବୋଲି ସୂଚନା ମିଳିଛି।

## ବାଚସ୍ପତି ସମ୍ମିଳନୀରେ ଯୋଗଦେଲେ ସୂର୍ଯ୍ୟନାରାୟଣ

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ଉତ୍ତରାଖଣ୍ଡ ବିଧାନସଭା ଆନୁକୂଲ୍ୟରେ ଡେରାଡୁନ୍‌ରେ ୭୯ତମ ବିଧାନସଭା ବାଚସ୍ପତିମାନଙ୍କ ସମ୍ମିଳନୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅଧ୍ୟକ୍ଷତା କରିଥିଲେ। ଦୁଇଦିନିଆ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ବିଧାନସଭାର ବାଚସ୍ପତିମାନେ ଭାଗନେଇଛନ୍ତି। ଏଥିରେ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇଛନ୍ତି। ବାଚସ୍ପତିମାନେ ବିଧାନସଭା ପରିଚାଳନା ସମ୍ପର୍କିତ ସେମାନଙ୍କର ପ୍ରତ୍ୟକ୍ଷ ଅନୁଭୂତି ବର୍ଣ୍ଣନା କରିଥିଲେ ।

## ଗୋପରୁ ୪ଜଣଙ୍କୁ ଉଠାଇ ଆଣିଲା ପୋଲିସ

**ପୁରୀ ଅଫିସ, ୧୮।୧୨**

ଗୋପ ଥାନା ଅନ୍ତର୍ଗତ ନିହାଟି ଗ୍ରାମରୁ ମଙ୍ଗଳବାର ବିଳମ୍ବିତ ରାତିରେ ପୁରୀ ସ୍ପେଶାଲ ସ୍କାଡ୍ ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ୪ଜଣ ଅଭିଯୁକ୍ତଙ୍କୁ ଉଠାଇ ଆଣିଛି। ୩ଜଣଙ୍କୁ ପୁରୀ ଅଣାଯାଇଥିବାବେଳେ ଜଣଙ୍କୁ ଗୋପ ଥାନାରେ ଅଟକ ରଖାଯାଇଛି। ସେମାନଙ୍କଠାରୁ ଗୋଟିଏ ବାଇକ, ବନ୍ଧୁକ ଏବଂ ଗୁଳି ଜବତ ହୋଇଥିବା ଜଣାପଡ଼ିଛି। ବୁଧବାର ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା ଗୋପ ଥାନାରେ ଅଟକ ଯୁବକଙ୍କୁ ପଚରାଉଚୁରା କରିବା ସହ ଥାନାର ବିଭିନ୍ନ ଆପରାଧିକ ମାମଲାର ତର୍ଜମା କରିଥିବା ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ଗୋପ ଥାନାଧିକାରୀ ସୁଜିତ କୁମାର ସାହୁଙ୍କୁ ପଚାରିବାରେ କହିଛନ୍ତି, ସେଭଳି କାହାକୁ ଉଠାଯାଇନାହିଁ କି ଥାନାରେ କାହାକୁ ଅଟକ ରଖାଯାଇନାହିଁ। ଅନ୍ୟପକ୍ଷରେ ଏହି ୪ ବ୍ୟକ୍ତି କେଉଁ ମାମଲାରେ ଜଡ଼ିତ, ସେ ନେଇ ଖୋଳତାଡ଼ ଚାଲିଥିବା କୁହାଯାଉଛି।

## ■ ସ୍କୁଲ ସମୟରେ ଶିକ୍ଷକଙ୍କ ବଣଭୋଜି ପ୍ରସଙ୍ଗ

# ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଗୋପ,୧୮।୧୨(ଡି.ଏନ.ଏ.)**

ଗୋପ ଅଞ୍ଚଳର ସ୍ଥାନୀୟ ଏକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଗତ ୬ତାରିଖରେ ସ୍କୁଲ ସମୟରେ ଏକ ବଣଭୋଜି କରିଥିଲେ। ଏହି ଘଟଣା ଜଣାପଡିବା ପରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏକ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଇତିମଧ୍ୟରେ ଉକ୍ତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଉପରେ କୌଣସି କାର୍ଯ୍ୟକାରୀ ହୋଇ ନାହିଁ। ସୂଚନାଯୋଗ୍ୟ, ଗତ ୬ ତାରିଖ ଦିନ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ବ୍ଲକ୍ ଶିକ୍ଷାଧିକାରୀ ପିଲାଙ୍କ ପାଠପଢ଼ା ଛାଡ଼ି ମା' ଭଗବତୀ ପୀଠରେ ଏକ ଭୋଜିରେ ଥିଲେ। ଏହି ଭୋଜିଭାତ ଆସରରେ ବ୍ଲକ୍ ଶିକ୍ଷାଧିକାରୀ, ଦୁଇଜଣ ଅତିରିକ୍ତ ଶିକ୍ଷାଧିକାରୀଙ୍କ ସମେତ ସିଆର୍‌ସିସି (ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ) ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇ ସେଠାରେ କେତେଜଣ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ସ୍କୁଲ ସମୟରେ ଏପରି ଭୋଜିଭାତର ଆସରକୁ ନେଇ ପ୍ରଶ୍ନ କରିବାରେ ଏହାକୁ ଏଡ଼ାଇ ମୁଁ ମନିଟରିଂରେ ଅଛି ବୋଲି ବ୍ଲକ୍ ଶିକ୍ଷାଧିକାରୀ ସଫେଇ ଦେଇଥିଲେ। ପରେ ଏହି କଥା ମନ୍ତ୍ରୀ ଜାଣି ଏଭଳି କଥାକୁ ନିନ୍ଦା କରିବା ସହ ସତ୍ୟତା ଜାଣି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।



ତାଳବଣିଆଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥି ବ୍ୟାଟିଂ କରି ଉଦ୍‌ଘାଟନ କରୁଛନ୍ତି।

## ■ ଶୀତ କାକରରେ ଠିକା କର୍ମଚାରୀଙ୍କ ଧାରଣା ଜାରି

# ୨୦ ଦିନ ବିତିଲାଣି, ସ୍ୱାସ୍ଥ୍ୟ ବିଭାଗ ନୀରବ

**ପୁରୀ ଅଫିସ, ୧୮।୧୨**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଶତାଧିକ ଠିକା କର୍ମଚାରୀ ୫ଦଫା ଦାବି ନେଇ ଦୀର୍ଘ ୨୦ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ଠିକା କର୍ମଚାରୀମାନେ ଶୀତ କାକର ସହି ଧାରଣାରେ ବସିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏପର୍ଯ୍ୟନ୍ତ ଜିଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଲୋଚନା ଲାଗି ଡକାଯାଇ ନ ଥିବା ଠିକା କର୍ମଚାରୀ ସଂଘର ସଭାପତି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି। ସେ କହିଛନ୍ତି, ୨୦୦୩ରୁ ସ୍ୱଳ୍ପ ଦରମାରେ ଡ୍ରାଇଭର, ପ୍ଲମ୍ବର, ଟେକ୍ନିସିଆନ, ଇଲେକ୍ଟ୍ରିସିଆନ୍‌ଙ୍କ ସମେତ ଆଇସିୟୁ, ଓଟି, ଗାଇନିଂ, ଏସ୍‌ଏନ୍‌ସିୟୁ, ଲିଫ୍ଟ, ଇସିଜି, ୱାର୍ଡ ଏବଂ ଟିକେଟ କାଉଣ୍ଟରରେ ବହୁ କର୍ମଚାରୀ ଠିକାଭିତ୍ତିରେ ଦିବାରାତ୍ର କାର୍ଯ୍ୟ କରୁଛନ୍ତି। ଫଳରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି। ଫନୀ ବାତ୍ୟାରେ ମଧ୍ୟ ସେମାନଙ୍କ ଘରଦ୍ୱାର ପ୍ରଭାବିତ ହୋଇଥିଲା। ଏହାସତ୍ତ୍ୱେ ସେମାନେ ସେବା ଯୋଗାଇ ଥିଲେ। ପୂର୍ବରୁ ମଞ୍ଜୁରୀପ୍ରାପ୍ତ ୬୨ ପଦବୀ ଏବଂ ଖାଲି ପଡ଼ିଥିବା ୧୩୭ ପଦବୀ ପୂରଣ ଦିଗରେ କର୍ତ୍ତୃପକ୍ଷ ଅବହେଳା କରି ଆସୁଛନ୍ତି। କର୍ମଚାରୀଙ୍କ ବକେୟା ଦରମା, ଇପିଏଫ୍, ଇଏସ୍‌ଆଇ ଦିଆଯାଇନାହିଁ। ଏ ସମ୍ପର୍କରେ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ର କହିଛନ୍ତି, ଠିକା କର୍ମଚାରୀଙ୍କ ସମସ୍ୟା ନେଇ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରାଯାଇଛି।

# ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କଣାସ,୧୮।୧୨(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ୩ଦିନ ଧରି ଚାଲିଥିବା ଲିଙ୍ଗଗତ ସମ୍ବେଦନଶୀଳତା ଗ୍ରାମପଞ୍ଚାୟତ ବିକାଶ ଯୋଜନା ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତର ବିକାଶ ପାଇଁ ସରପଞ୍ଚ, ୱାର୍ଡମେମ୍ବର, ସମିତି ସଭ୍ୟ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ରଖି ନିଷ୍ଠା ମନରେ କାର୍ଯ୍ୟ କଲେ ପଞ୍ଚାୟତର ବିକାଶ ସମ୍ଭବ ବୋଲି କହିଥିଲେ। ସାମାଜିକ କର୍ମୀ ଜିତେନ୍ଦ୍ର ହରିଚନ୍ଦନ ଅନ୍ୟ ଅତିଥି ଓ ପ୍ରଶିକ୍ଷକ ରାଜବଲ୍ଲଭ ମିଶ୍ର ଓ ଚିତ୍ତରଞ୍ଜନ ରାଉତ ଯୋଗଦେଇଥିଲେ। ଡେଲାଙ୍ଗ ବ୍ଲକର ସାଉରିଆ, ରେଞ୍ଚ, ରେଙ୍ଗଳ, ଧାନକେରା ଏବଂ ସୁଜନପୁର ପଞ୍ଚାୟତର ୫୦ଜଣ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଅନୁଷ୍ଠାନର କର୍ମଚାରୀ ସନ୍ତୋଷ ହରିଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାଗରିକତ୍ୱ ସଂଶୋଧନ ଆଇନକୁ ସ୍ୱାଗତ



ଛାତ୍ରୀଛାତ୍ରମାନେ ପ୍ଲା କାର୍ଡ ପ୍ରଦର୍ଶନ କରି ଆଇନ୍‌କୁ ସ୍ୱାଗତ କରୁଛନ୍ତି।

**ପୁରୀ ଅଫିସ, ୧୮।୧୨**

ନାଗରିକତ୍ୱ ସଂଶୋଧନ ଆଇନକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସ୍ୱାଗତ କରିଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏବିଭିପିର ନଗର ଶାଖା ପକ୍ଷରୁ ଛାତ୍ରୀଛାତ୍ରମାନେ ଏକାଠି ହୋଇ 'ଉଇ ସପୋର୍ଟ ଟୁ ସିଏଏ' ଲେଖାଥିବା ପ୍ଲାକାର୍ଡ ଧରି ଭାରତ ମାତା ସ୍ଲୋଗାନ ଦେଇ ଏହାକୁ ସ୍ୱାଗତ କରିଥିଲେ। ଏହି ନୂତନ ଆଇନ୍ ଫଳରେ ଏକ ନୂତନ ଆଶାର କିରଣ ସୃଷ୍ଟି ହେବ ବୋଲି ସେମାନେ କହିଥିଲେ। ଏବିଭିପିର ନଗର ସମ୍ପାଦକ ତାରାପ୍ରସାଦ ଦାଶ ଓ ନଗର ସଙ୍ଗଠନ ସମ୍ପାଦିକା ବେବିନା ବେହେରାଙ୍କ ନେତୃତ୍ୱରେ ସୌଭାଗ୍ୟ ଦାଶ, ଶିବାନନ୍ଦ ପାଢୀ, ଜ୍ୟୋତିରଞ୍ଜନ ପଣ୍ଡା, ଦୀପକ ସୁବୁଦ୍ଧି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ୮ ଦଫା ଦାବିରେ ଗୋପ ବିକାଶ ପରିଷଦର ଧାରଣା

**ଗୋପ,୧୮।୧୨(ଡି.ଏନ.ଏ.)**




ଗୋପ ବିକାଶ ପରିଷଦର ସଦସ୍ୟମାନେ ବଜାର ଛକରେ ଗଣଧାରଣାରେ ବସିଛନ୍ତି।

ଗୋପ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ବୁଧବାର ଗୋପ ବିକାଶ ପରିଷଦ ପକ୍ଷରୁ ୮ଦଫା ଦାବିରେ ଗୋପ ବଜାର ଛକରେ ଗଣଧାରଣା ଦିଆଯାଇଛି। ଦାବିଗୁଡ଼ିକ ପୂରଣ ହେବାର ପ୍ରତିଶ୍ରୁତି ନ ମିଳିଛି ସେପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ପରିଷଦ ସଭାପତି ସତ୍ୟପ୍ରିୟ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘଦିନ ହେବ ଗୋପରେ ଲାଗିରହିଥିବା ସମସ୍ୟାଗୁଡ଼ିକ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା, ଟୋଲ ଗେଟ ଉଚ୍ଛେଦ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଗୋପକୁ ଏନଏସି ଘୋଷଣା, ପାନୀୟ ଜଳ ଯୋଗାଣ ପାଇଁ ଉଚ୍ଚ ପାଣିଟାଙ୍କି ନିର୍ମାଣ, ଆଦର୍ଶ ବିଦ୍ୟାଳୟ ସ୍ଥାପନ, ବୋଇତିଭଙ୍ଗା ସେତୁର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା, ଗୋପ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗ ଖୋଲିବା ଆଦି ଦାବିଗୁଡ଼ିକ ବିଷୟରେ ଗତ ଦୁଇ ମାସ ପୂର୍ବରୁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟକୁ ପରିଷଦ ପକ୍ଷରୁ ଚିଠି ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଦାବି କଥା ଉଠାଯାଇ ନ ଥିବାରୁ ପରିଷଦ ସଭାପତି ନାୟକଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୦ଟାରୁ ଶତାଧିକ ଜନସାଧାରଣ ଓ ପରିଷଦର କର୍ମକର୍ତ୍ତା ମିଶି ଧାରଣା ଦେଇଥିଲେ। ଦାବି ପୂରଣ ନ ହେଲେ ଆଗକୁ ଏହି ଛକରେ ରାସ୍ତାରୋକୋ କରାଯିବ ବୋଲି ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ଏଥିରେ ପରିଷଦର ସମ୍ପାଦକ ନରେନ୍ଦ୍ର ଦାଶ, ଗୋପ ବ୍ଲକ୍ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି ସମେତ କୁଶଭଦ୍ରା ବ୍ୟବସାୟୀ ସଂଘ, ଗୋପ ସରପଞ୍ଚ ସୁଶାନ୍ତ ସ୍ୱାଇଁ, ସିପିଆଇ ନେତା ପ୍ରଦୀପ୍ତ କୁମାର ମହାନ୍ତି, ସଂଗ୍ରାମ କେଶରୀ ଭୋଳ, ରତ୍ନାକର ବାରିକ, ଜଗନ୍ନାଥ ସାହୁ, ବିଚିତ୍ରାନନ୍ଦ ଗୋଚ୍ଛାୟତ ପ୍ରମୁଖ ସାମିଲ ଥିଲେ।